# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, April 29/2025 | Page 14 | ₹ 7.00

୫୧ଶ ଭାଗ ୧୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 154 | ମୂଲ୍ୟ ₹୭/-





## ସଂକ୍ଷେପରେ

### ନୌସେନା ପାଇଁ କିଣାଯିବ ୨୬ ରାଫାଲ ଯୁଦ୍ଧବିମାନ

**ଭାରତ, ଫ୍ରାନ୍ସ ମଧ୍ୟରେ ୬୪,୦୦୦ କୋଟିର ଚୁକ୍ତି ସ୍ୱାକ୍ଷର**

ନୂଆଦିଲ୍ଲୀ,୨୮ା୪(ପି.ଟି.)

ଭାରତୀୟ ନୌସେନା ପାଇଁ ଫ୍ରାନ୍ସରୁ ରାଫାଲ ଯୁଦ୍ଧବିମାନର ୨୬ଟି ନାଭାଲ ଭାରିଆଣ୍ଟ କିଣାଯିବ। ଏଥିପାଇଁ ସୋମବାର ୨ ଦେଶ ମଧ୍ୟରେ ୬୪,୦୦୦ କୋଟି ଟଙ୍କା ମୂଲ୍ୟର ଆନ୍ତଃ ସରକାରୀ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଚୁକ୍ତି ଅନୁଯାୟୀ, ଭାରତରେ ରାଫାଲ ବିମାନର ମୁଖ୍ୟ ଭାଗ ନିର୍ମାଣ ସମେତ ରକ୍ଷଣାବେକ୍ଷଣ, ମରାମତି ଏବଂ ବିମାନ ଇଞ୍ଜିନଗୁଡ଼ିକର ପରୀକ୍ଷା ଓ ମେଣ୍ଟେନାନ୍ସ ଏବଂ ସେନ୍ସର ଆଦି ତିଆରି ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରକୁ ବିମାନରେ ଖଞ୍ଜିବା ପ୍ରଯୁକ୍ତି ମଧ୍ୟ ଫ୍ରାନ୍ସ ଯୋଗାଇଦେବ। ୨୦୩୦ ସୁଦ୍ଧା ସମସ୍ତ ଯୁଦ୍ଧବିମାନ ମିଳିବାକୁ ଥିବାବେଳେ ଏହାର ପାଇଲଟ୍ ଓ କର୍ମଚାରୀଙ୍କ ତାଲିମ୍ ଫ୍ରାନ୍ସ ଓ ଭାରତରେ ହେବ। ନୌସେନାର ଯୁଦ୍ଧବିମାନବାହୀ ଜାହାଜ ଆଇଏନ୍ଏସ୍ ବିକ୍ରାନ୍ତରେ ରାଫାଲ ଜେଟ୍‌ଗୁଡ଼ିକ ନିୟୋଜିତ ହେବ। ଫ୍ରାନ୍ସର ପ୍ରତିରକ୍ଷା ଶିଳ୍ପସଂସ୍ଥା ଡସଲ୍ଟ ଆଭିଏଶନ ଦ୍ୱାରା ନିର୍ମିତ ରାଫାଲ-ମେରାଇନ୍ ଯୁଦ୍ଧବିମାନ ସାମୁଦ୍ରିକ ପରିବେଶରେ ନିଜର ସାମର୍ଥ୍ୟ ପ୍ରମାଣିତ କରିଛି। ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍‌ରେ ରାଫାଲ ଯୁଦ୍ଧବିମାନ କିଣାକୁ ମଞ୍ଜୁରୀ ପ୍ରଦାନର ୩ ସପ୍ତାହ ପରେ ଡିଲ୍ ସ୍ୱାକ୍ଷର ହୋଇଛି।

### ତହଉର୍ ରଣାଙ୍କ ଏନ୍ଆଇଏ ରିମାଣ୍ଡ ୧୨ ଦିନ ବଢ଼ିଲା

ନୂଆଦିଲ୍ଲୀ,୨୮ା୪

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ତହଉର ରଣାଙ୍କ ଏନ୍ଆଇଏ ହାଜତ ମିଆଦକୁ ବିଭାଗୀୟ ଅଦାଲତ ସୋମମାର ୧୨ ଦିନ ବଢ଼ାଇଛନ୍ତି। ଗତ ୧୦ ତାରିଖରେ ତହଉର ଭାରତ ପ୍ରତ୍ୟର୍ପଣ ହୋଇ ଆସିବା ପରେ ୧୮ଦିନ ପାଇଁ ଏନ୍ଆଇଏ ହାଜତକୁ ପଠାଯାଇଥିଲା। ତଥ୍ୟ ପ୍ରମାଣ ପାଇଁ ତାଙ୍କୁ ଅଧିକ ଜେରା କରାଯିବା ଆବଶ୍ୟକତା ରହିଛି ବୋଲି ତଦନ୍ତକାରୀ ସଂସ୍ଥା ଜଣାଇବା ସହ ରିମାଣ୍ଡ ଅବଧି ବଢ଼ାଇବାକୁ ନିବେଦନ କରିଥିଲା।

# ପିଓକେରୁ ଆତଙ୍କବାଦୀଙ୍କୁ ଖାଲି କଲା ପାକ୍ ସେନା



ନୂଆଦିଲ୍ଲୀ,୨୮ା୪

**ଆକ୍ରମଣ ଭୟ**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଥିବାବେଳେ ନୂଆଦିଲ୍ଲୀ ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ଆଶଙ୍କା ଦେଖାଦେଇଛି। ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନକୁ ଦୃଷ୍ଟିରେ ରଖି ପାକିସ୍ତାନୀ ସେନା ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଖାଲି କରିବାରେ ଲାଗିଛି। ଆତଙ୍କବାଦୀମାନଙ୍କୁ ସେନା ଆଶ୍ରୟସ୍ଥଳ ଏବଂ ବଙ୍କର ମଧ୍ୟକୁ ନିଆଯାଉଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି।

ପିଓକେରେ ଆତଙ୍କବାଦୀଙ୍କର ଅନେକ ସକ୍ରିୟ ଲଞ୍ଚପ୍ୟାଡ୍ ରହିଛି, ଯେଉଁଠୁ ସେମାନେ ନିୟନ୍ତ୍ରଣ ରେଖା ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଥାନ୍ତି। ସେହି ଲଞ୍ଚପ୍ୟାଡ୍‌ଗୁଡ଼ିକ ଭାରତୀୟ ସୁରକ୍ଷା ବଳ ଚିହ୍ନଟ କରିବା ପରେ ପାକ୍ ସେନା ତୁରନ୍ତ ସେମାନଙ୍କୁ ସ୍ଥାନାନ୍ତର କରିଛି। କେଲ୍, ସାର୍ଡି, ଦୁଧନିଆଲ, ଆଥମୁକାମ୍, ଜୁରା, ଲିପା, ପଚ୍ଛିବନ, ଫରୱାର୍ଡ କହୁଟା, କୋଟଲି, ଖୁଇରତ୍ତା, ମାନ୍ଧାର, ନିକାଇଲ, ଚମନକୋଟ୍ ଏବଂ ଜାନ୍‌କୋଟ୍‌ରୁ ଆତଙ୍କବାଦୀଙ୍କୁ ଅନ୍ୟତ୍ର ନିଆଯାଇଛି। ପାକିସ୍ତାନ ଏହାର ଆତଙ୍କବାଦ ଭିତ୍ତିଭୂମିକୁ ଭାରତୀୟ ସର୍ଭିଲାନ୍ସଠାରୁ ଲୁଚାଇ ରଖିବାକୁ ଚାହୁଁଛି।

ସୂତ୍ର ଅନୁଯାୟୀ, ପିଓକେରେ ୪୨ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଏବଂ ପ୍ରଶିକ୍ଷଣ କେନ୍ଦ୍ର ରହିଥିବା ଭାରତୀୟ ସୁରକ୍ଷା ବଳ ଜାଣିବାକୁ ପାଇଥିଲା। ସେଠାରେ ୧୫୦ରୁ ୨୦୦ ତାଲିମପ୍ରାପ୍ତ ଆତଙ୍କବାଦୀ ରହି ଅନୁପ୍ରବେଶ ପାଇଁ ଉଦ୍ୟମ ଚଳାଇଥିଲେ। ଜମ୍ମୁ-କଶ୍ମୀରରେ ହିଜବୁଲ ମୁଜାହିଦ୍ଦିନ, ଲଶ୍କର-ଇ-ତୋଇବା ସମେତ ବିଭିନ୍ନ ସଂଗଠନର ମୋଟ ୬୦ ଜଣ ବିଦେଶୀ ଆତଙ୍କବାଦୀ ଜମ୍ମୁ-କଶ୍ମୀରରେ ସକ୍ରିୟ ରହିଥିବା ପୂର୍ବରୁ ପ୍ରକାଶ ପାଇଥିଲା। ଗତ ୨୨ ତାରିଖ ଆକ୍ରମଣ ସହ ଲଶ୍କର-ଇ-ତୋଇବାର ପ୍ରକ୍ସି ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍ଏଫ୍)ର ୫ରୁ ୬ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିଲେ। ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାବେଳେ ନିକଟ ଅତୀତରେ ଏହା ସାଧାରଣ ନାଗରିକଙ୍କ ଉପରେ ସବୁଠୁ ବଡ଼ ଆକ୍ରମଣ ଥିଲା। ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି ଭାରତ ଏହା ବିରୋଧରେ କେତେକ କୂଟନୈତିକ କଟକଣା ଲଗାଇବା ସହ ଆତଙ୍କବାଦୀଙ୍କୁ ଖୋଜି ଖୋଜି ଦଣ୍ଡଦେବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ।

## ରାଜ୍ୟ ମାନ୍ୟତା ଦାବିରେ ଆକ୍ରମଣକୁ ସୁଯୋଗ ଭାବେ ନେବୁନାହିଁ: ଓମାର

ଜମ୍ମୁ,୨୮ା୪(ପି.ଟି.)


ଓମାର ଅବଦୁଲ୍ଲା

ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଦାବିରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ସୁଯୋଗ ଭାବେ ନେବୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋମବାର କହିଛନ୍ତି। ଜମ୍ମୁ-କଶ୍ମୀରର ସୁରକ୍ଷା କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚିତ ସରକାରଙ୍କ ଦାୟିତ୍ୱ ନୁହେଁ। କିନ୍ତୁ ରାଜ୍ୟ ମାନ୍ୟତା ଫେରିପାଇବା ପାଇଁ ଆମେ ଏହାକୁ ସୁଯୋଗ ଭାବେ ବ୍ୟବହାର କରିବୁ ନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟ ମାନ୍ୟତା ପାଇଁ ମୁଁ କିପରି ଦାବି କରିବି? ମୁଁ ଶସ୍ତା ରାଜନୀତିରେ ବିଶ୍ୱାସ କରେନାହିଁ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓମାର କହିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ବିଧାନସଭାରେ ଅଣାଯାଇଥିବା ସଂକଳ୍ପନାମା ଆଲୋଚନା ଶେଷରେ ଓମାର ଏହା କହିଥିଲେ। ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟଣାକୁ ନେଇ ପ୍ରସ୍ତାବରେ ଉଦ୍‌ବେଗ ପ୍ରକାଶ କରାଯିବା ସହ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବରେ ବ୍ୟାଘାତ ସୃଷ୍ଟି କରୁଥିବା ଅପରାଧୀଙ୍କ ବିରୋଧରେ ଲଢ଼େଇ ଜାରି ରଖିବାକୁ ସଂକଳ୍ପ ନିଆଯାଇଛି।

ଓମାର କହିଥିଲେ, ଜମ୍ମୁ-କଶ୍ମୀରରୁ ଆତଙ୍କବାଦର ବିଲୋପ ନିମନ୍ତେ ଗୃହର କେତେଜଣ ସଦସ୍ୟ ରାଜ୍ୟମାନ୍ୟତା ଫେରିପାଇବା ଦାବି କରୁଛନ୍ତି। ଆମେ ଅତୀତରେ କେନ୍ଦ୍ର ସରକାରଙ୍କ ସହ ଏନେଇ କଥା ହୋଇଛୁ ଏବଂ ଭବିଷ୍ୟତରେ ମଧ୍ୟ ଆଲୋଚନା ଜାରି ରହିବ, କିନ୍ତୁ ବର୍ତ୍ତମାନ ନୁହେଁ। ଆତଙ୍କବାଦୀ ଆକ୍ରମଣକୁ ନେଇ କେତେକ ସୋସିଆଲ ମିଡିଆ ପରିଚାଳକ ମିଥ୍ୟା ଖବର ପ୍ରକାଶ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଚେତାବନୀ ଦେଇଛନ୍ତି।

### ୧୬ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ଲକ୍ କଲା ଭାରତ

ନୂଆଦିଲ୍ଲୀ,୨୮ା୪(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନର ୧୬ଟି ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ଭାରତ ନିଷିଦ୍ଧ କରିଛି। ଏହି ଚ୍ୟାନେଲଗୁଡ଼ିକରେ ଭାରତ ବିରୋଧରେ ମିଥ୍ୟା, ଉତ୍ତେଜନାପୂର୍ଣ୍ଣ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟ ପ୍ରସାରଣ କରାଯାଉଥିବା ଅଭିଯୋଗ ହୋଇଥିଲା। ବ୍ଲକ୍ ହୋଇଥିବା ପାକିସ୍ତାନୀ ଚ୍ୟାନେଲଗୁଡ଼ିକ ମଧ୍ୟରେ ଡନ୍, ସମା ଟିଭି, ଆରି ନ୍ୟୁଜ୍, ଜିଓ ନ୍ୟୁଜ୍, ରାଜି ନାମା, ଜିଏନ୍ଏନ୍ ଏବଂ ଇର୍ଶାଦ ଭଟ୍ଟି ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୁପାରିସକ୍ରମେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

୧୬ ୟୁଟ୍ୟୁବ୍ ଚ୍ୟାନେଲର ମୋଟ ଉପଭୋକ୍ତା ସଂଖ୍ୟା ୬୩.୦୮ ନିୟୁତ। ଏହି ଚ୍ୟାନେଲଗୁଡ଼ିକ ଆଉ ଭାରତୀୟ ଉପଭୋକ୍ତାଙ୍କୁ ଉପଲବ୍ଧ ହେବନାହିଁ। ପହଲଗାମ ଆକ୍ରମଣ ସମ୍ପର୍କିତ ଖବର ପ୍ରସାରଣକୁ ନେଇ ବିବିସି ଭାରତରେ ସମାଲୋଚିତ ହୋଇଛି। କେନ୍ଦ୍ର ସରକାର ବିବିସିର ଭାରତ ମୁଖ୍ୟ ଜାକି ମାର୍ଟିନ୍‌ଙ୍କୁ ପତ୍ର ଲେଖି ଆକ୍ରମଣ ଉପରେ ଦେଶର ଦୃଢ଼ ଭାବନା ସମ୍ପର୍କରେ ଜଣାଇଛନ୍ତି। ଆକ୍ରମଣ ପରେ ପାକିସ୍ତାନ ସରକାର ଭାରତୀୟଙ୍କ ଭିଜା ବାତିଲ କରିଥିବା ବିବିସି ଏକ ବିଭ୍ରାନ୍ତିକର ଲେଖା ପ୍ରକାଶ କରିଥିଲା।

### ମେ'ରେ ୩ ଦିନିଆ ଅସ୍ତ୍ରବିରତି ଘୋଷଣା କଲେ ପୁଟିନ୍

ମସ୍କୋ,୨୮ା୪

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ୟୁକ୍ରେନ୍ ଯୁଦ୍ଧରେ ଅଚାନକ ୩ ଦିନିଆ ଅସ୍ତ୍ରବିରତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଜୟ ଦିବସ ଅବସରରେ ମେ' ୮ରୁ ୧୦ ପର୍ଯ୍ୟନ୍ତ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବ। ଯୁଦ୍ଧ ବନ୍ଦ ଲାଗି ଆମେରିକା ମଧ୍ୟସ୍ଥତାରେ କୂଟନୈତିକ ସ୍ତରରେ ଉଦ୍ୟମ ଚାଲିଥିବାବେଳେ ପୁଟିନ୍‌ଙ୍କ ସାମୟିକ ଅସ୍ତ୍ରବିରତି ଘୋଷଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ୟୁକ୍ରେନ୍ ମଧ୍ୟ ଏହି ସମୟରେ ଆକ୍ରମଣ ବନ୍ଦ ରଖିବ ବୋଲି କ୍ରେମଲିନ୍ ଆଶାବ୍ୟକ୍ତ କରିଛି। ଯୁଦ୍ଧ ବନ୍ଦ ଲାଗି ସିଧାସଳଖ ବୁଝାମଣା ପାଇଁ ଏହା ଏକ ସମ୍ଭାବ୍ୟ ପଦକ୍ଷେପର ସୂଚନା ଦେଉଥିବା କୁହାଯାଉଛି।


ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଫିଲ୍ମ ନିର୍ମାତା ଶେଖର କପୁରଙ୍କୁ ରାଷ୍ଟ୍ରପତି ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରୁଛନ୍ତି।

## ଭୋଜପୁରୀ ଗାୟିକାଙ୍କ ବିରୋଧରେ ଦେଶଦ୍ରୋହ ମାମଲା

ଲକ୍ଷ୍ନୌ, ୨୮ା୪


ନେହା ସିଂ ରାଠୋର

ଭୋଜପୁରୀ ଗାୟିକା ନେହା ସିଂ ରାଠୋରଙ୍କ ବିରୋଧରେ ଲକ୍ଷ୍ନୌର ହଜ୍‌ରତଗଞ୍ଜ ଥାନାରେ ଦେଶଦ୍ରୋହ ସମେତ ବିଭିନ୍ନ ଧାରାରେ ଏଫ୍ଆଇଆର୍ ରୁଜୁ ହୋଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ନେହା ସୋସିଆଲ ମିଡିଆରେ ମୋଦି ସରକାରଙ୍କ ବିରୋଧରେ ଉତ୍ତେଜକ ପୋଷ୍ଟ କରିଥିଲେ। ନେହାଙ୍କ ଏହି ପୋଷ୍ଟ ଭାରତର ଏକତାକୁ କ୍ଷତି ପହଞ୍ଚାଉଥିବା ଦର୍ଶାଇ ତାଙ୍କ ବିରୋଧରେ ସ୍ଥାନୀୟ ନିବାସୀ ଅଭୟ ପ୍ରତାପ ସିଂ ରବିବାର ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ପୋଲିସ ନେହାଙ୍କ ବିରୋଧରେ ମାମଲା ରୁଜୁ କରିଛି। ନେହା କରିଥିବା ପୋଷ୍ଟକୁ ପାକିସ୍ତାନରେ ବ୍ୟାପକ ଶେୟାର କରାଯାଉଥିବାରୁ ନେହାଙ୍କ କାର୍ଯ୍ୟକୁ ଦେଶଦ୍ରୋହ କୁହାଯିବ ବୋଲି ଅଭୟ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

## ଇଡି ମୁମ୍ବାଇ ଅଫିସ୍‌ରେ ନିଆଁ

**ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜଳିଗଲା**

ମୁମ୍ବାଇ,୨୮ା୪

ଦକ୍ଷିଣ ମୁମ୍ବାଇର ବାଲାର୍ଡ ଇଷ୍ଟେଟ୍‌ରେ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜୋନ୍-୧ କାର୍ଯ୍ୟାଳୟରେ ରବିବାର ସକାଳେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜଳିଯାଇଛି। ପାଖାପାଖି ୧୦ ଘଣ୍ଟା ନିଆଁ ଜଳିବା ଫଳରେ ଅନେକ ହାଇପ୍ରୋଫାଇଲ୍ ମାମଲାର ତଦନ୍ତ ରେକର୍ଡକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ନଷ୍ଟ ହୋଇଯାଇଥିବା ଫାଇଲ୍‌ଗୁଡ଼ିକ ମଧ୍ୟରେ ପଳାତକ ବ୍ୟବସାୟୀ ମେହୁଲ ଚୋକ୍‌ସି, ନୀରବ ମୋଦି, ରାଜନେତା ଛଗନ ଭୁଜବେଳ ଏବଂ ଅନିଲ ଦେଶମୁଖଙ୍କ ତଦନ୍ତ ରେକର୍ଡ ରହିଥିବା କୁହାଯାଉଛି। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି।

କମ୍ପ୍ୟୁଟର, ଡକ୍ୟୁମେଣ୍ଟେଶନ ସମେତ କାର୍ଯ୍ୟାଳୟ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ତଦନ୍ତ ପ୍ରକ୍ରିୟାରେ ଏହାର କିଭଳି ପ୍ରଭାବ ପଡ଼ିବ, ତାହା ଅନିଶ୍ଚିତତା ମଧ୍ୟରେ ରହିଛି। କ୍ଷୟକ୍ଷତିର ଆକଳନ ଜାରି ରହିଛି। ଉକ୍ତ କାର୍ଯ୍ୟାଳୟରେ ତଦନ୍ତର କାଗଜପତ୍ର ରେକର୍ଡ ସମେତ ଡିଜିଟାଲ ରେକର୍ଡ ମଧ୍ୟ ରହିଥିଲା। ଅଧିକାଂଶ ଦସ୍ତାବିଜ୍‌କୁ ଡିଜିଟାଇଜ୍ କରାଯାଇଥିବାରୁ ସେଗୁଡ଼ିକ ତଦନ୍ତରେ ସହାୟକ ହୋଇପାରେ ବୋଲି କୁହାଯାଉଛି। ତେବେ ଚାର୍ଜଶିଟ୍ ଦାଖଲ ବେଳେ କୋର୍ଟରେ ମୂଳ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ହୋଇଥାଏ। ସମନ ହୋଇଥିବା ସାକ୍ଷୀମାନଙ୍କୁ ଜେରା ପ୍ରକ୍ରିୟା ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଫାଇଲ୍‌ଗୁଡ଼ିକ ଡିଜିଟାଲି ସଂରକ୍ଷିତ ହୋଇଥିବାରୁ ତଦନ୍ତ ଓ ବିଚାର ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ ବୋଲି ଇଡି କହିଛି।

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ୧୩,୮୫୦ କୋଟି ଟଙ୍କା ଋଣ ଜାଲିଆତିରେ ସମ୍ପୃକ୍ତ ଥାଇ ଦେଶ ଛାଡ଼ି ପଳାଇଥିବା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ଚଳିତ ମାସ ଆରମ୍ଭରେ ବେଲ୍‌ଜିୟମ୍‌ରୁ ଗିରଫ କରାଯାଇଥିଲା। ଏହି ଋଣ ଦୁର୍ନୀତି ମାମଲାରେ ତାଙ୍କ ସହ ବ୍ୟବସାୟୀ ନୀରବ ମୋଦି ମଧ୍ୟ ସମ୍ପୃକ୍ତ। ସେହିପରି ଏନ୍‌ସିପି ନେତା ଅନିଲ ଦେଶମୁଖ ଏବଂ ଛଗନ ଭୁଜବଳଙ୍କ ବିରୋଧରେ ଆର୍ଥିକ ଅନିୟମିତତା ମାମଲାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ ଚଳାଇଥିଲା।

## ସ୍ପେନ୍, ପର୍ତ୍ତୁଗାଲରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ

- ଟ୍ରେନ୍ ସେବା ପ୍ରଭାବିତ
- ଅନ୍ଧାରରେ ପାର୍ଲାମେଣ୍ଟ, ନ୍ୟୁଜ୍‌ରୁମ୍, ମେଟ୍ରୋଷ୍ଟେଶନ

ମାଡ୍ରିଡ୍, ୨୮ା୪


ବିଦ୍ୟୁତ ବିଭ୍ରାଟ ଯୋଗୁ ମାଡ୍ରିଡ୍ ଓପନ ଟେନିସ୍ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯିବା ପରେ ଟେନିସ୍ ପ୍ରଶଂସକମାନେ ଷ୍ଟାଡିୟମରୁ ଫେରୁଛନ୍ତି।

ୟୁରୋପୀୟ ଦେଶ ସ୍ପେନ୍ ଏବଂ ପର୍ତ୍ତୁଗାଲର ଅଧିକାଂଶ ଅଞ୍ଚଳରେ ଶନିବାର ବଡ଼ ଧରଣର ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଉଭୟ ଦେଶର ରାଜଧାନୀରେ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଛି। ଫ୍ରାନ୍ସର କେତେକ ସହରରେ ମଧ୍ୟ ଅନୁରୂପ ସ୍ଥିତି ଉତ୍ପନ୍ନ ହୋଇଛି। ବିଦ୍ୟୁତ୍ ଯୋଗାଣକୁ ପୁନଃ ସ୍ଥାପିତ କରିବା ପାଇଁ କାର୍ଯ୍ୟ ଜାରି ରହିଥିବା ସ୍ପେନ୍‌ର ସରକାରୀ ଗ୍ରୀଡ୍ ଅପରେଟର ରେଡ୍ ଇଲେକ୍ଟ୍ରିକା କହିଛି। ସ୍ଥାନୀୟ ସମୟ ଦିନ ୧୨ଟା ୩୦ରେ ଦେଶର ସମ୍ପୂର୍ଣ୍ଣ ଜାତୀୟ ବିଦ୍ୟୁତ୍ ଗ୍ରୀଡ୍ ବିଚ୍ଛିନ୍ନ ହୋଇଯାଇଥିବା ନେଇ ସ୍ପେନ୍‌ର ରେଳ କମ୍ପାନୀ ରେନ୍‌ଫେ କହିଛି। ଫଳରେ ଦେଶବ୍ୟାପୀ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସ୍ପେନ୍‌ର ସରକାରୀ ବ୍ରଡ୍‌କାଷ୍ଟର ଆର୍‌ଟିଭିଇ କହିଛି, ଦେଶର ଅଧିକାଂଶ ଅଞ୍ଚଳରେ ବ୍ଲାକ୍‌ଆଉଟ ସ୍ଥିତି ଦେଖାଦେଇଛି। ଫଳରେ ମାଡ୍ରିଡ୍‌ରେ ଥିବା ବିଭିନ୍ନ ନ୍ୟୁଜ୍‌ରୁମ୍, ଦେଶର ପାର୍ଲାମେଣ୍ଟ ଏବଂ ମେଟ୍ରୋ ଷ୍ଟେଶନଗୁଡ଼ିକ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଇଛି। ମାଡ୍ରିଡ୍‌ରେ ଚାଲିଥିବା ଓପନ ଟେନିସ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି। ବ୍ଲାକ୍‌ଆଉଟର କାରଣ ଜାଣିବା ପାଇଁ କାର୍ଯ୍ୟ ଜାରି ରହିଥିବା ସ୍ପେନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

ପର୍ତ୍ତୁଗାଲରେ ରାଜଧାନୀ ଲିସ୍‌ବନ୍ ଏବଂ ଏହାର ଆଖପାଖ ଅଞ୍ଚଳ ସମେତ ଦେଶର ଉତ୍ତର ଏବଂ ଦକ୍ଷିଣ ପ୍ରାନ୍ତର କେତେକ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ବ୍ୟାଘାତ ଘଟିଛି। ୟୁରୋପୀୟ ବିଦ୍ୟୁତ ବ୍ୟବସ୍ଥାରେ ସମସ୍ୟା ଯୋଗୁ ଏହି ବିଦ୍ୟୁତ ବିଭ୍ରାଟ ସ୍ଥିତି ଉପୁଜିଛି।

## ଫୁର୍‌ସତ୍

## ୬୫ ବର୍ଷ ହେଲା ଛୁଟି ନେଇନାହାନ୍ତି ଶତାୟୁ ମହିଳା

ରୋମ


ଆନ୍ନା ପୋସି

**କାଫେ ବାର୍‌ରେ କଫି ପରିବେଷଣ କରନ୍ତି**

ଇଟାଲୀର ନେବ୍ବୁନୋ ଗ୍ରାମରେ ରହୁଥିବା ଆନ୍ନା ପୋସି ୧୦୦ ବର୍ଷ ବୟସର ହୋଇଥିଲେ ମଧ୍ୟ ସେ ତାଙ୍କ କଫି ଦୋକାନରେ କାମ କରିବା ସହ ଲୋକଙ୍କୁ କଫି ପରସି ବହୁ ପ୍ରଶଂସା ସାଉଣ୍ଟୁଛନ୍ତି। ଇଟାଲୀର ସବୁଠାରୁ ବୟସ୍କା କଫି ଦୋକାନୀ ଭାବେ ପରିଚିତ ଆନ୍ନାଙ୍କୁ ସ୍ଥାନୀୟ ଅଞ୍ଚଳରେ ଲୋକମାନେ 'ଗ୍ରାଣ୍ଡ ମା' ଆନ୍ନା'ର ନାଁ ଦେଇଛନ୍ତି। ଏତେ ଅଧିକ ବୟସରେ ମଧ୍ୟ ଲୋକଙ୍କୁ କଫି ପରଷିବାକୁ ନେଇ ଆନ୍ନା କହିଛନ୍ତି, ତାଙ୍କ କାଫେ ବାର୍ ତାଙ୍କ ପାଇଁ ସବୁ କିଛି। ସେ ଏହାକୁ କେବେ ମଧ୍ୟ ବନ୍ଦ କରିବେ ନାହିଁ। ଅର୍ଥ ରୋଜଗାର କରିବା ପାଇଁ ସେ ତାଙ୍କ କାଫେକୁ ଚଳାଉନାହାନ୍ତି। ଏହି କାଫେ ବାର୍‌ରେ କାର୍ଯ୍ୟ କରି ସେ ସବୁବେଳେ ଲୋକଙ୍କ ସହ ରହିଥାନ୍ତି, ଯାହା ତାଙ୍କୁ ଭଲ ଲାଗିଥାଏ ବୋଲି ଆନ୍ନା କହିଛନ୍ତି।

ଆନ୍ନା 'ସେଣ୍ଟ୍ରାଲ ଡେଲି' ନାମକ ନିଜର କାଫେ ବାର୍‌କୁ ୧୯୫୮ରେ ଖୋଲିଥିଲେ। ଗତ ୬ ଦଶନ୍ଧିରୁ ଅଧିକ ସମୟ ଧରି ସେ ନିଜର ଏହି କାଫେକୁ ଚଳାଉଛନ୍ତି। ସେ ପ୍ରତିଦିନ ସକାଳ ୭ଟାରେ ଏହି କାଫେ ବାର୍‌କୁ ଖୋଲିଥାନ୍ତି। ଶୀତ ଋତୁରେ ସେ ଏହାକୁ ସନ୍ଧ୍ୟା ୭ଟା ଏବଂ ଗ୍ରୀଷ୍ମରେ ରାତି ୯ଟାରେ ବନ୍ଦ କରିଥାନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ କଫିକୁ ଲୋକମାନେ ଖୁବ୍ ପସନ୍ଦ କରନ୍ତି। ତେଣୁ ତାଙ୍କ କାଫେରେ ସର୍ବଦା ଭିଡ଼ ଲାଗିରହିଥାଏ ବୋଲି ଆନ୍ନା କହିଛନ୍ତି।

ଆନ୍ନା ଆହୁରି କହିଛନ୍ତି, ସେ ଗତ ୬୫ ବର୍ଷ ହେଲା ଛୁଟି ନେଇନାହାନ୍ତି। ଶେଷଥର ପାଇଁ ୧୯୬୦ରେ ସେ ପ୍ୟାରିସ୍‌କୁ ଏକ ୮ ଦିନିଆ ଛୁଟିରେ ଯାଇଥିଲେ। ଏହାପରଠାରୁ ସେ କେବେ ମଧ୍ୟ ତାଙ୍କ କାଫେ ବାର୍‌କୁ ବନ୍ଦ କରିନାହାନ୍ତି। ତାଙ୍କ କଫି ବାର୍ ବର୍ଷକୁ ୩୬୫ ଦିନ ଖୋଲା ରହିଥାଏ। ରବିବାର ଏବଂ ଅନ୍ୟାନ୍ୟ ଛୁଟିଦିନଗୁଡ଼ିକରେ ମଧ୍ୟ ସେ ଛୁଟି ନିଅନ୍ତି ନାହିଁ ବୋଲି ଆନ୍ନା କହିଛନ୍ତି। ଏବେ ମଧ୍ୟ ସେ ତାଙ୍କ କାଫେରେ ସକାଳୁ ରାତି ଯାଏ ଅଧିକାଂଶ କାମ ନିଜେ କରୁଥିବା ଆନ୍ନା କହିଛନ୍ତି।

ତେବେ ପୁରୁଣା ଦିନକୁ ମନେପକାଇ ଆନ୍ନା କହିଛନ୍ତି, ସମୟ ସହ ତାଙ୍କ କାଫେରେ ଗ୍ରାହକଙ୍କ ଚଳଣି ଏବଂ ସଂସ୍କୃତିରେ ପରିବର୍ତ୍ତନ ଘଟିଛି। ପୂର୍ବରୁ ତାଙ୍କ କାଫେରେ ଲୋକମାନେ ପରସ୍ପର ସହ ବସି କଥା ହେବାକୁ ପସନ୍ଦ କରୁଥିଲେ। ଏହାସହ ସେମାନେ ପରସ୍ପର ସହ ତାସ୍ ଖେଳୁଥିଲେ। କିନ୍ତୁ ଏବେ ତାଙ୍କ କାଫେରେ ଗ୍ରାହକମାନେ ଏପରି ନ କରି କେବଳ ନିଜ ମୋବାଇଲ ଫୋନ୍‌ରେ ବ୍ୟସ୍ତ ରହୁଥିବା ଆନ୍ନା କହିଛନ୍ତି। ଗତ ନଭେମ୍ବରରେ ଆନ୍ନା ତାଙ୍କ ୧୦୦ତମ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକେ ତାଙ୍କ କାଫେର ସାଇନବୋର୍ଡରେ 'ସେଣ୍ଟ୍ରାଲ ଡେଲି' ସହ ସେ ଇଟାଲୀର ସବୁଠାରୁ ବୟସ୍କା କାଫେ ମାଲିକ ହୋଇଥିବା ଲେଖି ଆନ୍ନାଙ୍କୁ ସରପ୍ରାଇଜ ଦେଇଥିଲେ। ଏହାଦ୍ୱାରା ଗ୍ରାଣ୍ଡ ମା' ଆନ୍ନାଙ୍କ କାଫେକୁ ଆସୁଥିବା ଗ୍ରାହକମାନେ ତାଙ୍କ ଉପଲବ୍ଧି ସମ୍ପର୍କରେ ଜାଣିପାରିବେ ବୋଲି ସେମାନେ କହିଥିଲେ।

## ବାସ୍କେଟ ବଲ୍ କୋଚ୍ ଭୂମିକାରେ ଆମୀର

ମୁମ୍ବାଇ



୨୦୨୨ରେ ଫିଲ୍ମ 'ଲାଲ୍ ସିଂ ଚଡ୍ଢା' ପରଠାରୁ ଅଭିନେତା ଆମୀର ଖାନ୍ ଅଭିନୟରୁ ଦୂରେଇ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ତାଙ୍କୁ 'ସିତାରେ ଜମିନ ପର' ଫିଲ୍ମରେ ଦେଖିବାକୁ ମିଳିବ। ୨୦୦୭ରେ ରିଲିଜ୍ ହୋଇଥିବା ଆମୀରଙ୍କ 'ତାରେ ଜମିନ ପର' ଫିଲ୍ମର ଏହା ହେଉଛି ସିକ୍ୱେଲ। ସୋମବାର 'ସିତାରେ ଜମିନ ପର' ଫିଲ୍ମକୁ ନେଇ ଏକ ନୂତନ ଅପ୍‌ଡେଟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଫିଲ୍ମର ଟ୍ରେଲର ରିଲିଜ୍ ନେଇ ସେନ୍ସର ବୋର୍ଡ ପକ୍ଷରୁ ମଞ୍ଜୁରୀ ମିଳିଛି। ସେନ୍ସର ବୋର୍ଡ 'ସିତାରେ ଜମିନ ପର' ଫିଲ୍ମର ଟ୍ରେଲରକୁ 'ୟୁଏ ୧୩+' ରେଟିଂ ପ୍ରଦାନ କରିଛି। ମୋଟ ୩ ମିନିଟ ୨୯ ସେକେଣ୍ଡର ଏହି ଟ୍ରେଲରକୁ ଆସନ୍ତା ୧ ତାରିଖରେ ସିନେମାହଲ୍‌ଗୁଡ଼ିକରେ ଅଭିନେତା ଅଜୟ ଦେବଗନ୍‌ଙ୍କ 'ରେଡ୍ ୨' ଫିଲ୍ମର ରିଲିଜ୍ ବେଳେ ଜାରି କରାଯିବ। ତେବେ ଏହି ଫିଲ୍ମର ରିଲିଜ୍ ତାରିଖ ଉପରୁ ବର୍ତ୍ତମାନ ସୁଦ୍ଧା ପରଦା ଉଠିନାହିଁ। ଆର୍.ଏସ୍. ପ୍ରସନ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆମୀରଙ୍କ ବିପକ୍ଷରେ ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ ନଜରକୁ ଆସିବେ। ରିପୋର୍ଟ ଅନୁଯାୟୀ, ଫିଲ୍ମରେ ଆମୀରଙ୍କୁ ଜଣେ ରାଗୀ ଏବଂ ନିଷ୍ଠୁର ବାସ୍କେଟବଲ୍ କୋଚ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିବ। ତେବେ ସମୟ କ୍ରମେ ତାଙ୍କ ଆଚରଣ ଓ ବ୍ୟବହାରରେ କିପରି ପରିବର୍ତ୍ତନ ଘଟୁଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୯/୨୦୨୫ Bhubaneswar, Tuesday, April 29/2025 | ପୃଷ୍ଠା-୧

# ଓଟିଟିରେ ଅଶ୍ଳୀଳତା: ଅଙ୍କୁଶ ଲଗାଯାଉ

ଓଟିଟି (ଓଭର ଦି ଟପ୍) ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ଅଶ୍ଳୀଳ ବିଷୟବସ୍ତୁର ପ୍ରସାରଣ ଚିନ୍ତା ବଢ଼ାଇଛି। ଏହାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ଗ୍ରହଣ କରି କେନ୍ଦ୍ର ସରକାର ଏବଂ କେତେକ ପ୍ଲାଟ୍‌ଫର୍ମକୁ ସୋମବାର ନୋଟିସ୍ ଜାରି କରିଛନ୍ତି। ଏଗୁଡ଼ିକୁ ନିୟନ୍ତ୍ରଣ ପାଇଁ କେତେକ ନିୟମାବଳୀ ଅଣାଯିବା ଆବଶ୍ୟକ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ଆପତ୍ତିଜନକ ଓ ଅଶ୍ଳୀଳ ବିଷୟବସ୍ତୁ ପ୍ରସାରଣ ବନ୍ଦ ଦାବିରେ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଓଟିଟି ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ସାମାଜିକ ଦାୟିତ୍ୱବୋଧ ରହିବା ଆବଶ୍ୟକ। ଅନ୍‌ଲାଇନରେ ଅଶାଳୀନ ବିଷୟବସ୍ତୁ ପ୍ରସାରଣ ଉପରେ ଅଙ୍କୁଶ ଲଗାଇବା ପାଇଁ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ପଦକ୍ଷେପ ନେବାକୁ ହେବ।

## କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ



ନୂଆଦିଲ୍ଲୀ,୨୮।୪(ପି.ଟି.)

ଓଟିଟି ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ଅଶ୍ଳୀଳ ଭିଡିଓ ଆଦି ପ୍ରସାରଣକୁ ନିଷିଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଉଦୟ ମହୁରକର ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଅଶାଳୀନ ବିଷୟବସ୍ତୁଗୁଡ଼ିକର ଅବାଧ ପ୍ରସାର ସ୍ୱାଭାବିକ ଭାବେ ଚିନ୍ତାଜନକ ବୋଲି ମହୁରକରଙ୍କ ତରଫରୁ ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ଅଦାଲତଙ୍କୁ କହିଛନ୍ତି। ଏଭଳି ଯୌନ ଶୋଷଣକାରୀ ଭିଡିଓ ଯୁବବର୍ଗ ଓ ଛୋଟ ପିଲାମାନଙ୍କ ମାନସିକତାକୁ ଦୂଷିତ କରିବା ସହ ବିକୃତ ପ୍ରବୃତ୍ତି ବଢ଼ାଉଛି ଏବଂ ଅପରାଧ ହାର ବୃଦ୍ଧି ପାଉଛି। ଏଭଳି ବିଷୟବସ୍ତୁ ପ୍ରସାରଣକୁ ରୋକା ନ ଗଲେ ସାମାଜିକ ମୂଲ୍ୟବୋଧ, ମାନସିକ ସ୍ୱାସ୍ଥ୍ୟ ଏବଂ ସର୍ବସାଧାରଣ ନିରାପତ୍ତା ଉପରେ ଗମ୍ଭୀର ପ୍ରଭାବ ପଡ଼ିପାରେ ବୋଲି ମହୁରକର ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ଜବାବରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, କେତେକ ନିୟମାବଳୀ କାର୍ଯ୍ୟକାରୀ ହୋଇଥିବାବେଳେ ଅନ୍ୟ କେତେକ ବିଚାରାଧୀନ ରହିଛି। କେତେକ ବିଷୟବସ୍ତୁ ଏତେ ବିକୃତ ଯେ, ୨ ଜଣ ସମ୍ମାନିତ ବ୍ୟକ୍ତି ଏକାଠି ବସି ଏହାକୁ ଦେଖିପାରିବେ ନାହିଁ। ୧୮ ବର୍ଷରୁ ଊର୍ଦ୍ଧ୍ୱ ସତର୍କ ସୂଚନା ସତ୍ତ୍ୱେ ବଳିଷ୍ଠ ପ୍ରତିକାର ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ମେହେଟ୍ଟା ସ୍ୱୀକାର କରିଛନ୍ତି। ଏଭଳିସ୍ଥଳେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ସମେତ ନେଟ୍‌ଫ୍ଲିକ୍ସ, ଆମାଜନ ପ୍ରାଇମ୍, ଉଲ୍ଲୁ, ଏଏଲ୍‌ଟିଟି, ଏକ୍ସ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ପ୍ଲାଟ୍‌ଫର୍ମକୁ ନୋଟିସ ଜାରି କରି ସେମାନଙ୍କୁ ସବିଶେଷ ଜବାବ ମାଗିଛନ୍ତି।

# ଭିସୁଟ୍: ୧୦୦ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଶିକ୍ଷାନୁଷ୍ଠାନକୁ ଭୟମୁକ୍ତ କରିବା ସହ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହାସତ୍ତ୍ୱେ ରାଗିଂ ଏବଂ ନିର୍ଯାତନା ଭଳି ଘଟଣା ଅନେକ ସମୟରେ ଦେଖିବାକୁ ମିଳୁଛି। ଏଭଳି ବିଶୃଙ୍ଖଳା ବିରୋଧରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) କର୍ତ୍ତୃପକ୍ଷ କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଶୃଙ୍ଖଳିତ ଆଚରଣ, ଶାନ୍ତି ଭଙ୍ଗ ଏବଂ କମ୍ ଉପସ୍ଥାପନା କରିଥିବା ୧୦୦ ଛାତ୍ରୀଛାତ୍ରଙ୍କ ବିରୋଧରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏପରି କି ସେମାନଙ୍କ ଉପରେ ଏକ ହଜାରରୁ ୫ହଜାର ପର୍ଯ୍ୟନ୍ତ ଆର୍ଥିକ ଜରିମାନା ଲାଗୁ କରିଛନ୍ତି।

ସମ୍ବଲପୁର,୨୮।୪ (ପ୍ରମୋଦ ବହିଦାର)




**ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା**

ବିଶୃଙ୍ଖଳିତ ଆଚରଣ କରିଥିବା ଅଭିଯୋଗରେ ୧୦୦ଜଣ ଛାତ୍ରୀଛାତ୍ରଙ୍କ ବିରୋଧରେ ଭିସୁଟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କମ୍ ଉପସ୍ଥାନ ଏବଂ ବିଶ୍ୱବିଦ୍ୟାଳୟ ନିୟମ ଉଲ୍ଲଂଘନ ଆଦି ବିଭିନ୍ନ ବିଶୃଙ୍ଖଳିତ ଆଚରଣର ଉପଯୁକ୍ତ ବିଚାରପୂର୍ବକ ବ୍ୟକ୍ତିଗତ ସମୀକ୍ଷା ପରେ ଶୃଙ୍ଖଳା କମିଟିସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ଶହେ ଜଣଙ୍କ ମଧ୍ୟରେ ରହିଛନ୍ତି ୯ଜଣ ଛାତ୍ରୀ।

ଗତ ଏପ୍ରିଲ ୧୦ ତାରିଖରେ ହୀରାକୁଦ ଜଳ ଭଣ୍ଡାରକୁ ଗାଧୋଇବାକୁ ଯାଇ ପିଂଶରି ପଏଣ୍ଟରେ ଗଭୀର ପାଣିରେ ବୁଡ଼ି ଭିସୁଟ୍‌ର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ଶେଷ ବର୍ଷ ଛାତ୍ରୀ ଶାଶ୍ୱତୀ ଭୋଇଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ୬ ଜଣ ଛାତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କୁ ଛାତ୍ରାବାସରୁ ବହିଷ୍କାର କରାଯାଇଛି। ସମ୍ପୃକ୍ତ ଛାତ୍ରୀମାନେ ହେଲେ ସିଦ୍ଧେଶ୍ୱରୀ ମହାରଣା, ଅଦିତି ହାତୀ, ଅନୁଷ୍କା ରାୟ, ପୁରବୀ ମହାପାତ୍ର, ଅଦ୍ୟାଶା ନାୟକ ଓ ରାସେଶ୍ୱରୀ ପରିଡ଼ା। ସେହିପରି ପରୀକ୍ଷା ଫଳାଫଳରେ ସେମାନେ ଅଧ୍ୟୟନ କରୁଥିବା ପାଠ୍ୟକ୍ରମର ଗ୍ରେଡ୍ ପଏଣ୍ଟ ହ୍ରାସ କରି 'ଏଫ୍' ଗ୍ରେଡ୍ ଓ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଶାଶ୍ୱତୀ ଭୋଇଙ୍କ ମୃତ୍ୟୁ ପରେ ଭିସୁଟ୍ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଉପରେ ବିଭିନ୍ନ ପ୍ରକାର ଶୃଙ୍ଖଳାଗତ କଟକଣାକୁ କଡ଼ାକଡ଼ି କରିଥିଲେ। ସେଥିମଧ୍ୟରେ ବିନା ଅନୁମତିରେ ହଷ୍ଟେଲ ବା ଶିକ୍ଷାନୁଷ୍ଠାନ ପରିସରରୁ ବାହାରକୁ ନ ଯିବା, ଠିକ୍ ସମୟରେ ହଷ୍ଟେଲକୁ ଫେରିବା, କୌଣସି ଅନୈତିକ କାର୍ଯ୍ୟରେ ଲିପ୍ତ ନ ହେବା, କନିଷ୍ଠ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ନ କରିବା, ଶିକ୍ଷାନୁଷ୍ଠାନ ସମ୍ପତ୍ତିକୁ କ୍ଷତି ନ ପହଞ୍ଚାଇବା, ନିଶା ସେବନରୁ ଦୂରେଇ ରହିବା ଆଦି ବିଭିନ୍ନ ପ୍ରକାର ଶୃଙ୍ଖଳାଜନିତ କଟକଣା ଲାଗୁ କରା ଯାଇଥିଲା। ତେବେ ଉକ୍ତ ଶୃଙ୍ଖଳା ଭଙ୍ଗ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭିସୁଟ୍ କର୍ତ୍ତୃପକ୍ଷ ସେମାନଙ୍କ ପରୀକ୍ଷାଫଳ 'ଏଫ୍' ଗ୍ରେଡ୍‌କୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୧ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅର୍ଥକୁ ଡିନ୍ ଛାତ୍ର କଲ୍ୟାଣଙ୍କ ନିକଟରେ ଜମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସମ୍ପୃକ୍ତ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଯେକୌଣସି ଶିକ୍ଷାଗତ, ସହପାଠ୍ୟକ୍ରମିକ ଓ ଶୈକ୍ଷିକ ସ୍ୱୀକୃତିରେ ଜଡ଼ିତ ପଦକ, ପ୍ରମାଣପତ୍ର ଓ ପୁରସ୍କାରପ୍ରାପ୍ତି ସହିତ କୌଣସି ପୁରସ୍କାର ବିତରଣ ସମାରୋହରେ ଅଂଶଗ୍ରହଣ ଉପରେ କଟକଣା ଜାରି କରାଯାଇଛି। ଏହାବ୍ୟତୀତ ନିର୍ବାଚନରେ ଅଂଶଗ୍ରହଣ, କୌଣସି ସଙ୍ଗଠନର ସଦସ୍ୟତା ପାଇଁ ମନୋନୀତ କରିବା ବା କୌଣସି କ୍ରୀଡ଼ା ଦଳର ଅଧିନାୟକତ୍ୱ ପଦରେ ଅଳଙ୍କୃତ ହେବାରୁ ମଧ୍ୟ ସେମାନଙ୍କୁ ବାରଣ କରାଯାଇଛି। ସେହିପରି ଦଣ୍ଡିତ ଛାତ୍ରୀଛାତ୍ରଙ୍କୁ ବହିଷ୍କାର ବା ଅନ୍ୟ କୌଣସି କଠୋର ଦଣ୍ଡ ବିଧାନରୁ ବର୍ତ୍ତିବା ପାଇଁ ସମ୍ପୃକ୍ତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ବ୍ୟକ୍ତିଗତ ଭାବେ ସତ୍ୟପାଠ ଦାଖଲ କରିବାକୁ ଭିସୁଟ୍ କର୍ତ୍ତୃପକ୍ଷ ଲିଖିତ ନିର୍ଦ୍ଦେଶନାମା ଜାରି କରି ସେମାନଙ୍କୁ ସୂଚିତ କରିଛନ୍ତି।

# ବିଦେଶୀ ନାଗରିକଙ୍କ ରାଶନ କାର୍ଡ ତୁରନ୍ତ କାଟ: ମନ୍ତ୍ରୀ

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର)

ପିଡିଏସ୍ ବ୍ୟବସ୍ଥା ଭିତରେ ବେଆଇନ ଭାବେ ରାଶନ କାର୍ଡ ହାତେଇଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟ କରାଯିବ। ତୁରନ୍ତ ସେମାନଙ୍କ ରାଶନ କାର୍ଡ କାଟି ଦିଆଯିବ। ପାକିସ୍ତାନ, ବାଂଲାଦେଶ ଏବଂ ମ୍ୟାନ୍‌ମାରରୁ ଆସିଥିବା ବହୁ ବିଦେଶୀ ନାଗରିକ ଓଡ଼ିଶାରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। କେବଳ ରହି ନାହାନ୍ତି ବରଂ ବେଆଇନ ଭାବେ ରାଶନ କାର୍ଡ ହାତେଇଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପାତ୍ର କହିଛନ୍ତି, ବିଦେଶୀ ନାଗରିକଙ୍କ ରାଶନ କାର୍ଡ କଟାଯିବା ସହ ଯେପରି ସେମାନେ ଏହାର ଅପବ୍ୟବହାର ନ କରିପାରନ୍ତି ସେଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ବେଆଇନ ଭାବେ ପାକିସ୍ତାନ, ବାଂଲାଦେଶ ଏବଂ ମ୍ୟାନ୍‌ମାର ଆଦି ଦେଶରୁ ଆସି ଓଡ଼ିଶାରେ ରହିଯାଇଥିବା ନାଗରିକମାନେ ରାଜନୈତିକ ପ୍ରଭାବ ଏବଂ ଅନ୍ୟ କୌଣସି ବାଟରେ ରାଶନ କାର୍ଡ ହାତେଇ ନେଇଛନ୍ତି। ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଏହି କ୍ରମରେ ସବୁ ଜିଲାପାଳଙ୍କୁ ଏନେଇ ସରକାର ଚିଠି ମଧ୍ୟ ଜାରି କରିଛନ୍ତି। ତୁରନ୍ତ ସେହିସବୁ ବେଆଇନ ନାଁ ରାଶନ କାର୍ଡ ତାଲିକା ଏବଂ ଡାଟାବେସ୍‌ରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଅଧିକାରୀମାନଙ୍କ ସହ ମିଳିତ ଭାବେ ତଦନ୍ତ କରି ସଂଶୋଧନ କରିବାକୁ କୁହାଯାଉଛି। କେବଳ ଭାରତୀୟ ନାଗରିକମାନେ ରାଶନ କାର୍ଡ ପାଇବାକୁ ଯୋଗ୍ୟ। ତୃଣମୂଳସ୍ତରରେ ଆଧାରକାର୍ଡ ହିତାଧିକାରୀଙ୍କ ତାଲିକାକୁ ଠିକ୍ ଭାବେ ଜିଲା ପ୍ରଶାସନ ତର୍ଜମା କରିବାକୁ ମନ୍ତ୍ରୀ ପାତ୍ର କହିଛନ୍ତି।

ଆଜିର ସମ୍ପାଦକୀୟ
ଚତୁର ଚୋର

# ବ୍ୟାଙ୍କ ଚାକିରି ଛାଡ଼ି ଅଡି କାର୍‌ରେ କ୍ଷୀର ବିକୁଛନ୍ତି

ଫରିଦାବାଦ, ୨୮।୪






ଅମିତ ଭଡ଼ାନା ଅଡି କାର୍‌ରେ ଯାଇ ଲୋକଙ୍କୁ କ୍ଷୀର ଦେଉଛନ୍ତି।

ହରିୟାଣାର ଫରିଦାବାଦ ନିବାସୀ ଅମିତ ଭଡ଼ାନା (୩୩)ଙ୍କୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗିରହିଛି। ମୋହବତା ଗ୍ରାମର ଅମିତ ନିଜର ବ୍ୟାଙ୍କ ଚାକିରିକୁ ଛାଡ଼ି ବିଳାସପୂର୍ଣ୍ଣ ଅଡି କାର୍‌ରେ ଘରକୁ ଘର ଯାଇ ଲୋକଙ୍କୁ କ୍ଷୀର ପହଞ୍ଚାଉଛନ୍ତି। ଅମିତଙ୍କର ବିଳାସପୂର୍ଣ୍ଣ କାର୍ ଏବଂ ବାଇକ ପ୍ରତି ଆଗ୍ରହ ରହିଥିଲା। ଏବେ ସେ ନିଜର ଏହି ଆଗ୍ରହକୁ ତାଙ୍କ ପୂର୍ଣ୍ଣକାଳୀନ ବୃତ୍ତିରେ ପରିଣତ କରିଛନ୍ତି।

ଗ୍ରାଜୁଏଶନ ଶେଷ ପରେ ଅମିତ ଏକ ଘରୋଇ ବ୍ୟାଙ୍କରେ ନିଯୁକ୍ତି ପାଇଥିଲେ। ସେଠାରେ ସେ ୭ ବର୍ଷ ଧରି କାର୍ଯ୍ୟ କରିଥିଲେ। ବ୍ୟାଙ୍କର କାର୍ଯ୍ୟ ଚାପ ଯୋଗୁ ଗାଡ଼ି ଚଲାଇବା ନେଇ ସେ ତାଙ୍କ ଆଗ୍ରହକୁ ପୂରା କରିପାରୁ ନ ଥିଲେ, ଯାହା ତାଙ୍କୁ ନିରାଶ କରିଥିଲା ବୋଲି ଅମିତ କହିଛନ୍ତି। କ୍ଷୀର ବ୍ୟବସାୟ ସହ ଜଡ଼ିତ ପରିବାରରୁ ଆସୁଥିବାରୁ ଅମିତ ଯାନବାହନ ପ୍ରତି ନିଜ ଆଗ୍ରହକୁ ପାରିବାରିକ ବ୍ୟବସାୟ ସହ ମିଶ୍ରଣ କରିବାକୁ ଠିକ୍ କରିଥିଲେ। ତେଣୁ ୨୦୨୧ରେ ସେ ବ୍ୟାଙ୍କ ଚାକିରିରୁ ଇସ୍ତଫା ଦେଇ ନିଜର ବିଭିନ୍ନ ବିଳାସପୂର୍ଣ୍ଣ ଗାଡ଼ି ଜରିଆରେ ଘରକୁ ଘର ଯାଇ କ୍ଷୀର ପହଞ୍ଚାଇଥିଲେ। ପ୍ରଥମେ ସେ ନିଜ ପାଇଁ ୮ ଲକ୍ଷ ମୂଲ୍ୟର ହାର୍ଲି-ଡାଭିଡସନ୍ ବାଇକ୍ କିଣିଥିଲେ। ପରେ ଧୀରେ ଧୀରେ ଅମିତଙ୍କ ବ୍ୟବସାୟ ବୃଦ୍ଧି ପାଇଥିଲା। ତାଙ୍କ ଗ୍ରାହକଙ୍କ ସଂଖ୍ୟା ମଧ୍ୟ ବଢ଼ିଥିଲା। ଏବେ ସେ ନିଜ ୧ କୋଟି ମୂଲ୍ୟର ଅଡି କାର୍‌ରେ ଗ୍ରାହକଙ୍କୁ କ୍ଷୀର ଦେବା ପାଇଁ ଯାଉଛନ୍ତି। ଅମିତ କହିଛନ୍ତି, ଘରକୁ ଘର ବୁଲି କ୍ଷୀର ଦେଉଥିବା ଯୋଗୁ ସେ ଦୈନିକ ୬୦ କି.ମି. ଗାଡ଼ି ଚଲାଇବାର ସୁଯୋଗ ପାଉଛନ୍ତି। ଏହି କାର୍ଯ୍ୟକୁ ସେ ଛୋଟ ମନେ କରନ୍ତି ନାହିଁ, ବରଂ ଗାଡ଼ି ଚଲାଇ ଲୋକଙ୍କୁ କ୍ଷୀର ଯୋଗାଇବା କାର୍ଯ୍ୟକୁ ସେ ଖୁବ୍ ଉପଭୋଗ କରୁଛନ୍ତି। ଗାଡ଼ି ଚଲାଇବାକୁ ସେ ପସନ୍ଦ କରନ୍ତି ଏବଂ ସେ ଏହାକୁ ଛାଡ଼ି ପାରିବେ ନାହିଁ ବୋଲି ଅମିତ କହିଛନ୍ତି। ନିଜର ଏହି ବ୍ୟବସାୟିକ ସଫଳତା ପାଇଁ ତାଙ୍କୁ ତାଙ୍କ ପରିବାର ଦୃଢ଼ ଭାବେ ସମର୍ଥନ କରିଥିବା ଅମିତ କହିଛନ୍ତି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଦିଗୁରୁ ପଙ୍କଜ ଚରଣ ଦାସ ପ୍ରତିଭା ପ୍ରତିଯୋଗିତା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସାମୂହିକ ବ୍ରତୋପନୟନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖେଳ ପଡ଼ିଆ, ସୁବୁଦ୍ଧିପୁର, କଳିଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶ୍ରୀ ଶ୍ରୀ ରାଧା ମଦନମୋହନ ଜୀଉଙ୍କର ୧୦ମ ବାର୍ଷିକ ବ୍ରହ୍ମୋତ୍ସବ,ସ୍ଥାନ:ରାଧା ମଦନମୋହନ ମନ୍ଦିର ପରିସର, ବାଲିଆପାଳ,ସମୟ:ଦିବସବ୍ୟାପୀ।
- ମତ୍ସ୍ୟ ତାଲିମ ଶିବିର, ସ୍ଥାନ: କୃଷି ବିଭାଗ ପରିସର, ସିମୁଳିଆ, ସମୟ: ସକାଳ ୮ଟା ୩୦।
- ଦକ୍ଷତା ନିର୍ମାଣ ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ,ସ୍ଥାନ: ବିବିସିସି ବ୍ୟାଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା ୩୦।
- ନୃତ୍ୟ ସଙ୍ଗୀତ କଳାମନ୍ଦିର ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ,ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- ପଞ୍ଚମୁଖୀ ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଜଗନ୍ନାଥପ୍ରସାଦ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ସୁରୁବଣ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ସୌରଭ ସମ୍ମାନ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବର ଠାକୁରାଣୀ ଗ୍ରାମ ପରିକ୍ରମଣ ଓ ଗୀତାପାଠ, ସ୍ଥାନ: ଅସିଆ, ଛେନାପଦି, ସମୟ: ସକାଳ ୮ ଟା।
- ଗଡ଼ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ରାଇରଙ୍ଗପୁର ସହ ମୟୂରଭଞ୍ଜ ଗ୍ରୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଅଣଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ଗଞ୍ଜାମ

- ମା' ପଞ୍ଚ ଠାକୁରାଣୀଙ୍କ ନଗର ଭ୍ରମଣ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଶ୍ରୀମଦ ଭାଗବତ ପାରାୟଣ ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ : ସକାଳ ୯ ଓ ସନ୍ଧ୍ୟା ୬ଟା ୩୦।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ଅନନ୍ତ ବଳିଆ ସେବାଶ୍ରମ, କନ୍ଥିଆ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।

## ଯାଜପୁର

- ଜଗନ୍ନାଥ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଯାଜପୁର ରୋଡ୍ ବଳଦିଆ ମଠ, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ମହାଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୋରେଇ ବ୍ଲକ ପଛିକୋଟଗଡ଼ ଗ୍ରାମ, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିବାଲ କାର୍ଯ୍ୟକ୍ରମରେ ବିରଜାଶ୍ରୀ ସମ୍ମାନ ପ୍ରଦାନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୫ଟା।

## ନୟାଗଡ଼

- ହନୁମାନ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର , ସମୟ: ସକାଳ ୭ ଟା।
- ପଞ୍ଚ କୁଣ୍ଡିୟ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭାପୁର ବ୍ଲକ ମାଧପୁର ଯଜ୍ଞ ପଦା, ସମୟ: ଅପରାହ୍ନ ୪ଟା।
- ଗଣିଆ ଲଙ୍କାପୋଡି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ ଟା।
- ପବ୍ଲିକ ସ୍କୁଲର ୨୪ ତମ ବର୍ଷିକ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଣକୁଳ କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ, ସମୟ: ସନ୍ଧ୍ୟା ସାଢେ ୬ଟା।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ରାବଣ ବଧ, ସ୍ଥାନ: ଗଣିଆ ଯାତ୍ରା ପଡିଆ , ସମୟ: ରାତି ୧୦ ଟା।

## ନବରଙ୍ଗପୁର

- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ପୂଜାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୭ଟା।

## କୋରାପୁଟ

- ସର୍ବଦଳୀୟ ପ୍ରତିବାଦ ସଭା, ସ୍ଥାନ: ବୈପାରୀଗୁଡ଼ା, ସମୟ: ସକାଳ ୬ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ : ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ : ବୁଦ୍ଧ ହିଲ ରାମ ମନ୍ଦିର, ସମୟ : ସକାଳ ୮ଟା।
- ଭାରତୀ ସମାଜ ଆୟୋଜନରେ ଶିଶୁ ବିକାଶ କାର୍ଯ୍ୟକ୍ରମ, ସ୍ଥାନ : ଗୁରୁ ପଦ୍ମସମ୍ଭବ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରବି ଧାନକ୍ରୟ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: ନୃସିଂହ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୯ଟା।

## ରାଉରକେଲା

- ନୃତ୍ୟ ମହ୍ଲାର ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟଦିବସ ପାଳନ, ସ୍ଥାନ: ପାନପୋଷ, ସମୟ: ଅପରାହ୍ନ ୫ଟା।
- ମଧୁସୂଦନ ଜୟନ୍ତୀ ପାଳନ,ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ତୃତୀୟ ଦିବସ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।
- ଗଜପତି କୃଷ୍ଣଚନ୍ଦ୍ର ଦେବ ଜୟନ୍ତୀ ଓ ମଧୁଜୟନ୍ତୀ ଉଦ୍‌ଯାପିତ,ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା ୩୦।
- ସାହିତ୍ୟ ଓ କବିତା ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ ସମୟ: ରାତି ୭ଟା।

## ବରଗଡ଼

- ଜଗନ୍ନାଥ ଓ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ସକାଳ ୭ଟା।
- ପର୍ଶୁରାମ ଜୟନ୍ତୀ ଅବସରରେ ପୂଜାର୍ଚ୍ଚନା, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ବାଲାଜୀ ମନ୍ଦିର, ସମୟ: ସକାଳ ୮ଟା।

## ବୌଦ୍ଧ

- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପଞ୍ଚମ ଦିନ, ସ୍ଥାନ: ମା' ଭୈରବୀଙ୍କ ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ସକାଳ ୯ ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ସର୍ବଦଳୀୟ ଆଲୋଚନାଚକ୍ର, ସ୍ଥାନ: ସେଣ୍ଟର୍ ଫର୍ କଲଚର୍, ଦେବଗଡ,ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୧୫।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ବୀର ବିକ୍ରମ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଅଗ୍ରସେନ ଭବନ ଖଡିଆଳ, ସମୟ: ରାତି ୯ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଖରିଆର ରୋଡ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ସୁନ୍ଦରାକାଣ୍ଡ ପଠନ, ସ୍ଥାନ: ତିଳେଇ ରାମ ଓ ହନୁମାନ ମନ୍ଦିର, ସମୟ: ସକାଳ ୯ଟା।
- ଅଂଶୁଘାତ ସଚେତନତା ସଭା, ସ୍ଥାନ: ମଳଦା କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଉଚ୍ଚସ୍ଥ ରବିଙ୍କ ପ୍ରଭାବରେ ସମୟାନୁବର୍ତ୍ତିତା ଏବଂ କର୍ମଦକ୍ଷତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନ ବାହନରେ କ୍ଷତିର ଆଶଙ୍କା ହେତୁ ସତର୍କତା ଅବଲମ୍ବନୀୟ। ଈର୍ଷାପରାୟଣ ପଡ଼ୋଶୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ସନ୍ତାନଙ୍କ କୃତିତ୍ୱରେ ଗୌରବାନ୍ୱିତ ହେବେ।

**ବୃଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ କିନ୍ତୁ ସକାଳୁ ସକାଳୁ ବିତର୍କଜନିତ ମନଟା ବିଗିଡ଼ି ଯାଇପାରେ। ନିର୍ମାଣାଧୀନ ଘର ସାଜସଜ୍ଜାରେ ସମୟ ଅତିବାହିତ କରିପାରନ୍ତି। ମନର କଥା ମନରେ ରଖି ବନ୍ଧୁଙ୍କ ନିକଟରୁ କାର୍ଯ୍ୟ ହାସଲ କରିବେ। କୌଣସି ବନ୍ଧୁଙ୍କ ମନ ଧରିବାକୁ ଯାଇ ହରଡ଼ଘଣାରେ ପଡ଼ିପାରନ୍ତି।

**ମିଥୁନ** ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ଯୋଗୁ ଅନ୍ୟମାନଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କର୍କଟ** ରାତି ଅନିଦ୍ରା ସଙ୍ଗକୁ କର୍ମକ୍ଷେତ୍ରର ଟେନ୍ସନଜନିତ ଅସୁସ୍ଥ ଅନୁଭବ କରିପାରନ୍ତି। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ କାମ, ସଭା ସମିତି ଓ ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିପାରେ। ଆଶା କରୁଥିବା ବନ୍ଧୁଙ୍କ ସହ ଦେଖା ହୋଇ ଆନନ୍ଦ ଅନୁଭବ କରିବେ।

**ସିଂହ** ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିବାରୁ ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗରେ ବିଳମ୍ବ ଘଟିବ। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦୂର ହେବ। ଆର୍ଥିକ ଦୂରବସ୍ଥା ପୂର୍ବପରି ଲାଗି ରହିବା କାରଣରୁ କରଜ କରିବାକୁ ବାଧ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ପାରିବାରିକ ସ୍ଥିତି ବିଶେଷ ଭଲ ରହି ନ ପାରେ।

**କନ୍ୟା** ରାଶିରେ କେତୁଗ୍ରହ ଥିବା କାରଣରୁ ଆପଣଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ଉପରିସ୍ଥଙ୍କ ପରାମର୍ଶରେ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ଆହ୍ୱାନରେ ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେବେ। ନୂତନ ବସ୍ତ୍ର ଓ ଆଳଙ୍କାରିକ ଜିନିଷ କ୍ରୟ ସକାଶେ ମନ ବଳାଇବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ସବୁ କାମ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ଅର୍ଥ ସଂକଟ ଲାଗି ରହିବା ଯୋଗୁ କରଜ କରିବାକୁ ବାଧ ହେବେ।

**ବିଛା** ବାରମ୍ବାର ବିଫଳତାଜନିତ ବିଭିନ୍ନ ଦୁର୍ଭାବନାରେ ମନ ବିଚଳିତ ରହିବ। ଅବଶ୍ୟ ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କାର୍ଯ୍ୟହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ।

**ଧନୁ** ବିଭିନ୍ନ ସମସ୍ୟା ସଙ୍ଗକୁ ଖର୍ଚ୍ଚ ପରିମାଣ ବଢ଼ିଯିବା କାରଣରୁ ମାନସିକ ସ୍ଥିତି ବିଗିଡି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ସାମାଜିକ ସ୍ତରରେ ସଭାସମିତି କିମ୍ବା ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପାରନ୍ତି।

**ମକର** ସକାଳୁ ବନ୍ଧୁଙ୍କ ଜରିଆରେ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। କୌଣସି ମୂଲ୍ୟବାନ୍ ଜିନିଷ କ୍ରୟ କରିବା ହେତୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଚୁପଚାପ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡ଼ିବ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**କୁମ୍ଭ** ଆଜିର ଗ୍ରହସ୍ଥିତି ଆପଣଙ୍କ କର୍ମକ୍ଷେତ୍ର, ପରିବାର, ଯାନ ବାହାନ ଏବଂ ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ପଡ଼ୋଶୀଙ୍କ ପାରିବାରିକ ସମସ୍ୟା ସମାଧାନ କରିବାକୁ ଯାଇ ଅପଦସ୍ଥ ହେବେ। ଅସନ୍ତୁଳିତ ସ୍ୱାସ୍ଥ୍ୟଜନିତ ହାତ ପାଦ କିମ୍ବା ଆଣ୍ଠୁଗଣ୍ଠିରେ ପୀଡ଼ା ଲାଗିପାରେ। ହଠାତ୍ କୌଣସି ସ୍ଥାନକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ପଡ଼ୋଶୀଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଟୁକଥା ପ୍ରୟୋଗଜନିତ ସମ୍ପର୍କହାନି ଘଟିପାରେ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସାମାଜିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର୍ କରିବାରେ ସମର୍ଥ ହେବେ।

ଆଜି ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ବୈଶାଖ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮.୩୩ମି. ଗତେ ଘ.୧୦.୨୭ମି. ମଧ୍ୟେ, ଘ.୦୧.୦୦ମି. ଗତେ ଘ.୦୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୫୪ମି. ଗତେ ଘ.୦୪.୩୦ମି. ମଧ୍ୟେ ରାହୁ କାଳ।

# ପ୍ରସ୍ତାବରେ ଅଟକିଛି ଇକୋ ସେନ୍‌ସିଟିଭ ଜୋନ୍

ବାରିପଦା,୨୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ଚାରିପାଖ ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍(ପରିବେଶ ସମ୍ବେଦନଶୀଳ ଅଞ୍ଚଳ) ଘୋଷଣା କରାଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ବାରମ୍ବାର ବନ ବିଭାଗ ପକ୍ଷରୁ ଆବେଦନ କରାଯାଉଥିଲେ ମଧ୍ୟ ସଂରକ୍ଷିତ ଅଞ୍ଚଳ ଚାରିପାଖ ୦-୫ କି.ମି. ପରିସୀମାକୁ ନିଷିଦ୍ଧାଞ୍ଚଳ ଘୋଷଣା କରିବା ପ୍ରସ୍ତାବ ଅଟକି ରହିଛି। ଶିମିଳିପାଳ ଅଭୟାରଣ୍ୟର ବଫର ଜୋନ୍ ସମ୍ପର୍କରେ ସ୍ପଷ୍ଟ କରିବା ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର କୌଣସି ସୂଚନା ପ୍ରଦାନ କରୁ ନ ଥିବାରୁ ପ୍ରସ୍ତାବରେ ଅଟକି ରହିଥିବା ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ବେଆଇନ କାର୍ଯ୍ୟକଳାପ ବଢ଼ିଚାଲିଛି।

ଶିମିଳିପାଳ ଅଭୟାରଣ୍ୟ ଚାରିପାଖରେ ପରିବେଶକୁ କ୍ଷତି ପହଞ୍ଚାଉଥିବା କାର୍ଯ୍ୟକଳାପକୁ ନିୟନ୍ତ୍ରଣ କିମ୍ବା ନିଷିଦ୍ଧକରି ଅଞ୍ଚଳର ଜୈବ ବିବିଧତାକୁ ସୁରକ୍ଷା ଦେବା ବନ ବିଭାଗର ମୂଳ ଲକ୍ଷ୍ୟ ରହିଛି। ଏହାକୁ ନେଇ ଶିମିଳିପାଳ ଏବଂ ହଦଗଡ଼ ଅଭୟାରଣ୍ୟ ଚାରିପାଖକୁ ଇକୋ ସେନ୍‌ସିଟିଭ୍ ଜୋନ୍ ଘୋଷଣା କରିବା ପାଇଁ ଜାନୁଆରୀ ୨୦୧୯ରେ ଏକ ଡ୍ରାଫ୍ଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଡ୍ରାଫ୍ଟରେ ୧୭୬୫.୨୯ ବର୍ଗ କି.ମି. ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ପାଇଁ ପ୍ରସ୍ତାବିତ ଦିଆଯାଇଥିଲା। ଏହାର ପରିସର ସଂରକ୍ଷିତ ଅଞ୍ଚଳ ଚାରିପାଖରୁ ୦ ରୁ ୧୦ କି.ମି. ମଧ୍ୟରେ ରହିଥିଲା। ଏହାକୁ ବିରୋଧ କରାଯାଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁହେବା ପରେ ଅଞ୍ଚଳକୁ ସୀମିତ କରାଯାଇ ୦ ରୁ ୫ କି.ମି. ରଖାଯାଇଥିଲା । ପୁନର୍ବାର ଏହାକୁ ୦ ରୁ ୧ କି.ମି. ମଧ୍ୟରେ ରଖିବାକୁ ଅଞ୍ଚଳବାସୀ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିଲେ। ଏହାକୁ ନେଇ ପୂର୍ବତନ ରାଜ୍ୟ ସରକାର ଶୂନ କି.ମି. ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରିବାକୁ ସୁପ୍ରିମକୋର୍ଟରେ ଦସ୍ତାବିଜ୍ ଦାଖଲ କରିଥିଲେ। ତେବେ କାହିଁକି ଶୂନ କି.ମି. ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରାଯିବ ସେ ନେଇ ସୁପ୍ରିମକୋର୍ଟ ସ୍ପଷ୍ଟୀକରଣ ମାଗିଥିଲେ। ଅଦ୍ୟାବଧି ଏହି ମାମଲା ବିଚାରାଧୀନ ରହିଥିବାରୁ ଶିମିଳିପାଳ ଅଭୟାରଣ୍ୟର ପ୍ରସ୍ତାବିତ ଇକୋ ସେନ୍‌ସିଟିଭ ଜୋନ୍ ଅଞ୍ଚଳଗୁଡ଼ିକରେ ବେଆଇନ କ୍ରଶର ଓ ପଥର ଖାଦାନ ଚାଲୁରହିଛି। ଏପରିକି ଶିମିଳିପାଳ ପାଦଦେଶ ଠାକୁରମୁଣ୍ଡାଠାରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ କ୍ରଶର ଓ ୧୦୦ରୁ ଅଧିକ ବେଆଇନ ପଥର ଖାଦାନ ଚାଲିଥିବା ଜଣାପଡ଼ିଛି।

ତେବେ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା ପ୍ରସ୍ତାବରେ ଅଧିକ ସମ୍ବେଦନଶୀଳ ଅଞ୍ଚଳ ରଖାଯାଇଥିବାରୁ ଖଣି ଓ ପଥର ଖନନ ଏବଂ ପ୍ରଦୂଷଣକାରୀ ଶିଳ୍ପ ସ୍ଥାପନ ପ୍ରଭାବିତ ହେବା ଭଳି କିଛି ବ୍ୟତିକ୍ରମ ବ୍ୟତୀତ ଅଞ୍ଚଳରେ ବେଆଇନ କାର୍ଯ୍ୟକଳାପ ରୋକିବାରେ ସହାୟକ ହୋଇପାରିବା ବନ ବିଭାଗର ଲକ୍ଷ୍ୟ ଥିଲା। ମାତ୍ର କେତେଜଣ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଏହାକୁ ଦୃଢ଼ ବିରୋଧ କରିବାରେ ଲାଗିଛନ୍ତି। ଏପରିକି ୬ ବର୍ଷ ପରେ ମଧ୍ୟ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇପାରିନାହିଁ। ରାଜ୍ୟ ସରକାରଙ୍କଠାରୁ ଚୂଡ଼ାନ୍ତ ସ୍ପଷ୍ଟୀକରଣର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯାଇଛି। ଏହାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟର ବିସ୍ଥାପନ କିମ୍ବା ସ୍ଥାନାନ୍ତର କରିବା ଅନ୍ତର୍ଭୁକ୍ତ ରହିନାହିଁ। ସେହି ଅଞ୍ଚଳଗୁଡ଼ିକରେ କୃଷି କାର୍ଯ୍ୟ କରିବା ପାଇଁ ମଧ୍ୟ କୌଣସି ପ୍ରତିବନ୍ଧକ ନାହିଁ। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ସୁପ୍ରିମ କୋର୍ଟକୁ ସ୍ପଷ୍ଟୀକରଣ ଦେଇଦେଲେ ଇକୋ ସେନ୍‌ସିଟିଭ ଜୋନ୍ ଶିମିଳିପାଳର ସୁରକ୍ଷା କବଚ ହେବ ବୋଲି ପୂର୍ବତନ ବନ୍ୟପ୍ରାଣୀ ସଂରକ୍ଷକ ତଥା ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

# ୯୫୩୭ ଜମାକାରୀ ପାଇବେ ୨୦ କୋଟି ୯୬ ଲକ୍ଷ

**ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ**

ଭୁବନେଶ୍ୱର,୨୮।୪(ସୁଜିତ୍ ମିଶ୍ର)

ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସୋମବାର ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରତୀକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନକରି ଅର୍ଥ ଫେରସ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତିଖରାପ ହୋଇଯାଇଥିଲା। ୨୦୧୫ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧, ୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୬ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତିମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇପାରି ନ ଥିଲେ। ଭାଜପା ସରକାରରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀଙ୍କ ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ। ଏହାସହ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ଟି ବ୍ୟାଙ୍କର ୧୭, ୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ପାକ୍ସ/ଲ୍ୟାମ୍ପସ୍ ଗଠନ କରାଯିବା ଲକ୍ଷ୍ୟ ରହିଛି। ରାଜ୍ୟରେ ୨୭୧୧ଟି ପାକ୍ସ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ ପାକ୍ସ ଗଠନ କରାଯାଇଛି। ନୂଆ ପାକ୍ସଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏ ସିଡ୍ ମନି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ପ୍ରଥମ ଦିନରେ ୧୧୭ ଜମାକାରୀଙ୍କୁ ୨ କୋଟି ୮୦ ଲକ୍ଷ ପ୍ରଦାନ**

# ଅଧିକାଂଶ ଜିଲାରେ କାଳବୈଶାଖୀ

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

ରାଜ୍ୟର ଅଧିକାଂଶ ଜିଲାରେ ସୋମବାର କାଳବୈଶାଖୀ ହୋଇଛି। ଘଡ଼ଘଡ଼ି ବିଜୁଳି ସହ କୁଆପଥର ବର୍ଷା ଜନଜୀବନକୁ ପ୍ରଭାବିତ କରିଛି। କେତେକ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିଥିବାବେଳେ ଆଉ କିଛି ଜିଲାରେ ଏହା ୬୦ କି.ମି. ଛୁଇଁଛି। ବିଶେଷକରି ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ବରଗଡ଼, କୋରାପୁଟ, ରାୟଗଡ଼ା, କଟକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଦେବଗଡ଼, ଅନୁଗୋଳ ଆଦି ଜିଲାରେ ଅପରାହ୍ନରୁ ଝଡ଼ବର୍ଷା ଆରମ୍ଭ ହୋଇଯାଇଥିଲା। ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ମଧ୍ୟ ବିଜୁଳି, ଘଡ଼ଘଡ଼ି ସହ ଝଟ୍‌କା ପବନ ଲୋକଙ୍କୁ ଭୟଭୀତ କରିଥିଲା। ୬୦ରୁ ୭୦ କିମି ବେଗରେ ପବନ ବହିବା ସହ ପ୍ରବଳ ବର୍ଷିଥିଲା। କେତେକ ସ୍ଥାନରେ କୁଆପଥର ବର୍ଷା ହୋଇଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନାନୁସାରେ, ସୋମବାର ସନ୍ଧ୍ୟା ସୁଦ୍ଧା ନୂଆପଡ଼ାରେ ୮.୦ ମି.ମି., ରାୟଗଡ଼ାରେ ୩.୦ ମିମି, ବାଲେଶ୍ୱରରେ ୨.୬ ମିମି, ପାରଳାଖେମୁଣ୍ଡି ଓ ଅନୁଗୋଳରେ ୨ ମିମି ଏବଂ ଢେଙ୍କାନାଳରେ ୧.୪ ମିମି ବର୍ଷା ରେକର୍ଡ କରାଯାଇଥିଲା। ମଙ୍ଗଳବାର ମଧ୍ୟ ଏହିସବୁ ଜିଲାଗୁଡ଼ିକରେ କାଳବୈଶାଖୀଜନିତ ବର୍ଷା ସମ୍ଭାବନା ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପଟେ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କିଛି ସ୍ଥାନରେ ସୋମବାର ତାପମାତ୍ରା ପ୍ରାୟ ୪ ଡିଗ୍ରୀ ବୃଦ୍ଧି ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ପ୍ରାୟ ୫ରୁ ୧୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇଛି। ଉପକୂଳବର୍ତ୍ତୀ ଓ ଉତ୍ତର ଉପକୂଳବର୍ତ୍ତୀ ଓଡ଼ିଶାର କିଛି ସ୍ଥାନରେ ପ୍ରାୟ ୨ଡିଗ୍ରୀ ସେଲସିୟସ୍ ତାପମାତ୍ରା ବୃଦ୍ଧି ପାଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବଲାଙ୍ଗୀର ଜିଲାରେ ଉଷ୍ମ ରାତି ଅନୁଭୂତ ହୋଇଥିଲା।

**■ ଝଟ୍‌କା ପବନ ସହ କୁଆପଥର ବର୍ଷା**
**■ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାରେ ବଢ଼ିଲା ତାତି**

# ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ୍‌ରେ ଏଲ୍‌ଏଚ୍‌ବି କୋଚ୍



ବାଙ୍ଗିରିପୋଷି ଷ୍ଟେଶନରେ ଏଲ୍‌ଏଚ୍‌ବି କୋଚ୍‌ଯୁକ୍ତ ଟ୍ରେନ୍ ସେବାର ଶୁଭାରମ୍ଭ କରାଯାଉଛି।

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

ପୁରୀ-ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ (୧୨୮୯୨/୧୨୮୯୧)ରେ ଲାଗିଲା ଆଧୁନିକ ଏଲ୍‌ଏଚ୍‌ବି(ଲିଙ୍କେ-ହଫମାନ-ବୁଶ୍) କୋଚ୍। ସୋମବାର ବାଙ୍ଗିରିପୋଷି ରେଳ ଷ୍ଟେଶନରୁ ଏହି ରୂପାନ୍ତରିତ ଟ୍ରେନ୍ ସେବାର ଶୁଭାରମ୍ଭ କରାଯାଇଥିବାବେଳେ ମଙ୍ଗଳବାରଠାରୁ ପୁରୀରୁ ଏବଂ ୩୦ ତାରିଖଠାରୁ ବାଙ୍ଗିରିପୋଷିରୁ ଚଳାଚଳ କରିବ। ପୂର୍ବରୁ ଏହି ଟ୍ରେନ୍ ପାରମ୍ପରିକ ଆଇସିଏଫ୍ କୋଚ୍ ସହିତ ଚଳାଚଳ କରୁଥିଲା। ରୂପାନ୍ତରିତ ଟ୍ରେନ୍‌ରେ ଗୋଟିଏ ଏସି ଚେୟାର କାର୍, ୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ ତଥା ପାୱାର କାର୍ ଏବଂ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ ତଥା ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି। ବାଙ୍ଗିରିପୋଷିଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ ଏବଂ ସାରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏଲ୍‌ଏଚ୍‌ବି କୋଚ ପ୍ରଚଳନ ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରାଜଧାନୀ ଭୁବନେଶ୍ୱର ଦେଇ ଓଡ଼ିଶାର ଉପକୂଳ ଏବଂ ଉତ୍ତର ଓଡ଼ିଶାର ଆଦିବାସୀବହୁଳ ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଥିବାରୁ ଯାତ୍ରୀ ସେବା କ୍ଷେତ୍ରରେ ଏଲ୍‌ଏଚ୍‌ବି କୋଚ୍‌ଯୁକ୍ତ ପୁରୀ-ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ ବେଶ୍ ଗୁରୁତ୍ୱ ବହନ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହଯାଇଛି।




# ପହିଲାରୁ ଏଟିଏମ୍ ବ୍ୟବହାର ନିୟମ ବଦଳିବ

## ଅଧିକ କାରବାର ଉପରେ ୨୩ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ସହ ଟ୍ୟାକ୍ସ

ଭୁବନେଶ୍ୱର,୨୮।୪
(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସାରା ଦେଶରେ ଏଟିଏମ୍ କାରବାର ନେଇ ନୂଆ ନିୟମ ଲାଗୁ କରିଥିବାବେଳେ ମେ' ପହିଲାରୁ ଏହା କାର୍ଯ୍ୟକାରୀ ହେବ। ନିର୍ଦ୍ଧାରିତ ସୀମାରୁ ଅଧିକ ଥର ଟଙ୍କା ଉଠାଇଲେ ଏଣିକି ଉପଭୋକ୍ତାଙ୍କୁ ଅଧିକ ଶୁଳ୍କ ଦେବାକୁ ପଡ଼ିବ। ଆକାଉଣ୍ଟ ଥିବା ବ୍ୟାଙ୍କ୍ ଏଟିଏମ୍ ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବା କ୍ଷେତ୍ରରେ ହୋଇଥିବା ପରିବର୍ତ୍ତିତ ନିୟମ ନେଇ ଆର୍‌ବିଆଇ ସ୍ପଷ୍ଟ କରିଛି। ମେଟ୍ରୋ ସହରଗୁଡ଼ିକରେ ଉପଭୋକ୍ତମାନେ ନିଜ ବ୍ୟାଙ୍କ୍ ଏଟିଏମ୍‌ରୁ ପ୍ରତି ମାସରେ ସର୍ବାଧିକ ୫ଥର ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୩ଟି ନିଃଶୁଳ୍କ କାରବାରର ଲାଭ ନେଇପାରିବେ। ସେହିପରି ଅଣମେଟ୍ରୋ ସହରଗୁଡ଼ିକରେ ଖାତା ଥିବା ବ୍ୟାଙ୍କ ଏଟିଏମ୍‌ରୁ ୫ଥର ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୫ଥର ନିଃଶୁଳ୍କ କାରବାର କରିପାରିବେ। ଏଣିକି ଏହି ସୀମା ଉଭୟ ଟଙ୍କା ଉଠାଣ, ବାଲାନ୍ସ ଚେକ୍ ସହ ସମସ୍ତ କାର୍ଯ୍ୟକଳାପ ପାଇଁ ଲାଗୁ ହେବ। ମାସିକ କାରବାର ସୀମା ଅତିକ୍ରମ କରିବା ପରେ ପ୍ରତି କାରବାରରେ ଗ୍ରାହକଙ୍କଠାରୁ ୨୩ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ସହ ଟ୍ୟାକ୍ସ ଆଦାୟ କରିବାକୁ ବ୍ୟାଙ୍କଗୁଡ଼ିକୁ ଅନୁମତି ଦିଆଯାଇଛି। ପୂର୍ବରୁ ପ୍ରତି ଅତିରିକ୍ତ ଟଙ୍କା ଉଠାଣ ଉପରେ ୨୧ଟଙ୍କା ସହ ଟ୍ୟାକ୍ସ ଦେବାକୁ ପଡୁଥିଲା। ଏହାବ୍ୟତୀତ ଅନ୍ୟାନ୍ୟ ସେବା ବାବଦରେ ମଧ୍ୟ ଉପଭୋକ୍ତାଙ୍କୁ ଶୁଳ୍କ ଦେବାକୁ ପଡ଼ିବ। କ୍ୟାଶ୍ ରିସାଇକଲ୍ ମେଶିନ୍(ସିଆରଏମ୍) ବ୍ୟବହାର କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ ବୋଲି ସୂଚନା ଦିଆଯାଇଛି।

ଇତିମଧ୍ୟରେ ଏଚ୍‌ଡିଏଫ୍‌ସି, ପଞ୍ଜାବ ନ୍ୟାଶନାଲ, କୋଟାକ୍ ମହିନ୍ଦ୍ରା ଆଦି ଘରୋଇ ବ୍ୟାଙ୍କ ଧାର୍ଯ୍ୟ କରିଥିବା ପରିବର୍ତ୍ତିତ ଶୁଳ୍କ ସମ୍ପର୍କରେ ଉପଭୋକ୍ତାଙ୍କୁ ସୂଚନା ଦେଇଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୱେବ୍‌ସାଇଟ୍ ଅନୁଯାୟୀ, ମେ ପହିଲାରୁ ନିର୍ଦ୍ଧାରିତ ସୀମାରୁ ଅଧିକ ହେଲେ ପ୍ରତି କାରବାର ପିଛା ୨୩ଟଙ୍କା ଶୁଳ୍କ ସହ ଟ୍ୟାକ୍ସ ଲାଗିବ। ତେବେ ଏହି ଶୁଳ୍କ କେବଳ ଟଙ୍କା ଉଠାଣ କ୍ଷେତ୍ରରେ ଲାଗୁ କରାଯିବ ଏବଂ ବାଲାନ୍ସ ଇନ୍‌କ୍ୱାରି, ମିନି ଷ୍ଟେଟ୍‌ମେଣ୍ଟ, ପିନ୍ ଚେଞ୍ଜ କ୍ଷେତ୍ରରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି ଏଚ୍‌ଡିଏଫ୍‌ସି ପକ୍ଷରୁ କୁହାଯାଇଛି। ସେହିପରି ପିଏନ୍‌ବିର ସୂଚନାନୁସାରେ, ଟଙ୍କା ଉଠାଣ କ୍ଷେତ୍ରରେ ଉପଭୋକ୍ତାଙ୍କୁ ୨୩ଟଙ୍କା ଓ ନନ୍ କ୍ୟାଶ୍ କାରବାର କ୍ଷେତ୍ରରେ ଜିଏସ୍‌ଟି ବ୍ୟତୀତ ୧୧ ଟଙ୍କାର ଶୁଳ୍କ ଲାଗିବ। ଏହି ନିୟମ ମେ' ୯ରୁ ଲାଗୁ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଇଣ୍ଡସଇଣ୍ଡ ବ୍ୟାଙ୍କର ସୂଚନାନୁସାରେ, ମେ' ପହିଲାରୁ ଜମା ଖାତା, ଦରମା ଖାତା, ଏନ୍‌ଆର୍ ଖାତା, ଚାଲୁ ଖାତା ଗ୍ରାହକଙ୍କୁ ଅଣ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ୍ ଏଟିଏମ୍‌ରେ ନିର୍ଦ୍ଧାରିତ ସୀମାରୁ ଅଧିକ କାରବାର ପିଛା ୨୩ଟଙ୍କା ଶୁଳ୍କ ଦେବାକୁ ହେବ।

# ସରକାରଙ୍କ ଉପରେ ଗଡୁଛି ଖରିଫ୍-୨୦୨୩ ବୀମା ଅଂଶଧନ

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

ଓଡ଼ିଶା ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ପ୍ରତିବର୍ଷ ବିପର୍ଯ୍ୟୟ ବର୍ଷା, ବାତ୍ୟା ଓ ବନ୍ୟା ଆସି ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଉଛି। ଚାଷୀଙ୍କ ବର୍ଷକର ଫସଲ ଉଜୁଡ଼ି ଯାଉଥିବାରୁ ସେମାନେ ଭାଙ୍ଗିପଡୁଛନ୍ତି। ଏହି ସମୟରେ ଚାଷୀଙ୍କୁ ସାହାରା ଦେବା ତଥା ଫସଲଜନିତ କ୍ଷୟକ୍ଷତି ବୀମା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫ୍‌ବିୱାଇ) ଲାଗୁ ହୋଇଛି। ହେଲେ ଏହି ବୀମା କରାଯିବା ବେଳେ ଯେଉଁଳି ସରକାର ତାଙ୍କର ଅଂଶଧନ ଦେବା କଥା ତାହା ହେଉନାହିଁ। ଫଳରେ ବୀମା କମ୍ପାନୀ ବୀମା ବାବଦ ଦେୟ ଦେବାକୁ ଖେଳୁଥିବାବେଳେ ଚାଷୀମାନେ ମଧ୍ୟ ତାଙ୍କ ବୀମା ବାବଦ ପ୍ରାପ୍ୟ ନ ପାଇ ହଇରାଣ ହେଉଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ ବର୍ଷର ଖରିଫ୍ ବାବଦ ଚତୁର୍ଥ ପର୍ଯ୍ୟାୟ ବୀମା ନେଇ ଅଂଶଧନ ଏବେ ବି ସରକାରଙ୍କ ଉପରେ ଗଡୁଛି। ଇତିମଧ୍ୟରେ ୨୦୨୩ ଏବଂ ୨୦୨୪ ଖରିଫ୍ ଯାଇ ୨୦୨୫ ଖରିଫ ପ୍ରକ୍ରିୟା ଆରମ୍ଭ ହେଲାଣି। ଚଳିତବର୍ଷ ଚାଷୀମାନଙ୍କୁ ୧୧ ହଜାର କୋଟି ଟଙ୍କାର ଶସ୍ୟରଣ ଦେବାକୁ ପ୍ରକ୍ରିୟା ଆରମ୍ଭ ହେଲାଣି। ହେଲେ ଏପର୍ଯ୍ୟନ୍ତ ୨୦୨୩ରେ ଚାଷୀଙ୍କ ପାଇଁ ହୋଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ବାବଦ ଅଂଶଧନ ସରକାର ଦେଇନାହାନ୍ତି। ଇତିମଧ୍ୟରେ ତିନୋଟି ପର୍ଯ୍ୟାୟରେ ସରକାର ତାଙ୍କର ଅଂଶଧନ ଦେଇଥିବାବେଳେ ଚତୁର୍ଥ ପର୍ଯ୍ୟାୟରେ ଆଉ ୫.୭୧ କୋଟି ଟଙ୍କା ବକେୟା ରହିଛି। ଏହାକୁ ନେଇ ବୀମା କମ୍ପାନୀଗୁଡ଼ିକ ସରକାରଙ୍କୁ ତାଙ୍କର ଦାବିପତ୍ର ପ୍ରଦାନ କରିଛନ୍ତି।

ଫ୍ୟୁଚର ଜେନେରାଲ ଇଣ୍ଡିଆ ପକ୍ଷରୁ ସମବାୟ ନିବନ୍ଧକଙ୍କୁ ଚତୁର୍ଥ ପର୍ଯ୍ୟାୟ ବାବଦକୁ ୧୧ଲକ୍ଷ ୬୪ହଜାର ଟଙ୍କାର ଦାବି କରାଯାଇଥିବାବେଳେ ରିଲାଏନ୍ସ ଜିଆଇସି ପକ୍ଷରୁ ତିନୋଟି ବର୍ଗରେ ୫କୋଟି ୫୮ଲକ୍ଷ ଟଙ୍କାର ଦାବି ରଖାଯାଇଛି। ଏହାସହିତ ଏସ୍‌ବିଆଇ ଜିଆଇସି ୧.୩୮ଲକ୍ଷ ଟଙ୍କା ଦାବି କରିଛି। ଏହାକୁ ନେଇ ସମବାୟ ବିଭାଗ ପକ୍ଷରୁ ଚତୁର୍ଥ ପର୍ଯ୍ୟାୟ ଅଂଶଧନ ବାବଦ ଦେୟ ଦେବାକୁ ତତ୍ପରତା ପ୍ରକାଶ ପାଇଥିବା ଜଣାଯାଇଛି।

# ଓଡ଼ିଆର ସ୍ୱାଭିମାନ ଥିଲେ ମଧୁବାବୁ: ମୁଖ୍ୟମନ୍ତ୍ରୀ



ବିଧାନସଭା ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଓ ମନ୍ତ୍ରୀ ଏବଂ ଅନ୍ୟମାନେ।

**ମଧୁସୂଦନ ଦାସଙ୍କ ଜୟନ୍ତୀ**

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ସ୍ୱାଭିମାନକୁ ବଞ୍ଚାଇ ରଖିବା ପାଇଁ ସେ ସର୍ବଦା ପ୍ରୟାସ କରୁଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟିକରି ଓଡ଼ିଶା ଏବଂ ଓଡ଼ିଆ ଜାତିର ଉନ୍ନତି ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ, ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି।

ସେ ପୁଣି କହିଥିଲେ, ଚଳିତବର୍ଷ ମଧୁସୂଦନ ଦାସଙ୍କ ସମ୍ମାନ ଉଦ୍ଦେଶ୍ୟରେ କଟକ ଜିଲା ସତ୍ୟଭାମାପୁର ଗ୍ରାମରେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଉଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କ ସ୍ୱପ୍ନ ଓ ସଂକଳ୍ପ ଥିଲା। ଓଡ଼ିଆ ଜାତିର ଉତ୍ଥାନ ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ଓଡ଼ିଆ ଜାତି ପ୍ରତି ତାଙ୍କର ଆତ୍ମୀୟତାର ପଟାନ୍ତର ନାହିଁ। ସେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

**ପାକ୍ସ କମ୍ପ୍ୟୁଟରୀକରଣ**


# ୨୦୧୭ରେ ମୁହଁ ମୋଡ଼ିଲେ, ଏବେ ଖୋଜୁଛନ୍ତି

**ରାଜ୍ୟ ସମବାୟ ବିଭାଗ ପକ୍ଷରୁ ୨୦୧୭ ଅକ୍ଟୋବରରେ କୁହାଯାଇଥିଲା, ୨ ମାସ ଅର୍ଥାତ୍ ଡିସେମ୍ବର ସୁଦ୍ଧା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ଗୁଡ଼ିକର ସବୁ କମ୍ପ୍ୟୁଟରୀକରଣ ହୋଇଯିବ। ତତ୍କାଳୀନ ରାଜ୍ୟ ସମବାୟ ନିବନ୍ଧକ ଶଶିଭୂଷଣ ପାଢ଼ୀ ଓ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଜାତୀୟସ୍ତରୀୟ ବୈଠକରେ ଏହିଭଳି ବାହୁସ୍ଫୋଟ ମାରିଥିଲେ। ହେଲେ ଏହାର ୮ ବର୍ଷ ପରେ ମଧ ବ୍ୟାଙ୍କ ଖାତା ଅପ୍‌ଡେଟ ହୋଇପାରୁନାହିଁ, ଯାହାକୁ ନେଇ ବିଭାଗକୁ ଅଧିକାଂଶ ସମୟରେ ଅପଦସ୍ଥ ହେବାକୁ ପଡୁଛି। ଏଥିରୁ କିଭଳି ମୁକ୍ତି ମିଳିବ, ଏବେ ବିଭାଗୀୟ ଅଧିକାରୀଙ୍କ ମୁଣ୍ଡରେ ଚିନ୍ତା ପଶିଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ଏହାର ସୁଯୋଗ ନେଇ କେନ୍ଦ୍ରୀୟ କମ୍ପ୍ୟୁଟରୀକରଣ ଯୋଜନା(ଫୁଲ ସ୍କିମ୍ ମୋଡ୍)ରେ ସାମିଲ କରାଯିବା ପାଇଁ ଅନୁରୋଧ ପ୍ରକ୍ରିୟା ଆରମ୍ଭ ହୋଇଛି।**

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

୨୦୧୭ ସେପ୍ଟେମ୍ବର ୨୮ରେ ନୂଆଦିଲ୍ଲୀସ୍ଥିତ କୃଷି ଭବନରେ ସବୁ ରାଜ୍ୟର ପାକ୍ସଗୁଡ଼ିକର କମ୍ପ୍ୟୁଟରୀକରଣ ଲାଗି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ସବୁ ରାଜ୍ୟର କୃଷି ତଥା ସମବାୟ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀ ସାମିଲ ଥିଲେ। ନାବାର୍ଡ କର୍ତ୍ତୃପକ୍ଷ ମଧ ସାମିଲ ଥିଲେ। ଉକ୍ତ ବୈଠକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକକ କମ୍ପ୍ୟୁଟରୀକରଣ ନୀତି ପ୍ରୟୋଗ କରାଯିବାକୁ ଯୋଜନା ରହିଥିଲା। ଏହାଦ୍ୱାରା ଦେଶରେ ପାକ୍ସଗୁଡ଼ିକର ଏକକୀ କମ୍ପ୍ୟୁଟରୀକରଣ ହୋଇପାରିଥାନ୍ତା। ଏଥିପାଇଁ ଆବଶ୍ୟକ ତାଲିକା ପ୍ରଦାନ କରିବାକୁ ସମସ୍ତ ରାଜ୍ୟଙ୍କୁ କୁହାଯାଇଥିଲା। ଉକ୍ତ ବୈଠକରେ ପୁଡୁଚେରୀ ଶତପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ଦାବି କରିଥିବାବେଳେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ପକ୍ଷରୁ ୮୦:୨୦% ପାଣ୍ଠି ଦାବି କରାଯାଇଥିଲା। ମାତ୍ର ସେହି ସମୟରେ ଓଡ଼ିଶା ରାଜ୍ୟ ସମବାୟ ବିଭାଗ ପକ୍ଷରୁ କୁହାଯାଇଥିଲା, ସରକାର ଏହା ପାଇଁ ସମ୍ପୂର୍ଣ୍ଣ ପାଣ୍ଠି ଯୋଗାଉଛନ୍ତି। ୨୦୧୭ ଡିସେମ୍ବର ସୁଦ୍ଧା ସମସ୍ତ ପାକ୍ସରେ କମ୍ପ୍ୟୁଟରୀକରଣ ହୋଇଯିବ। ୨,୬୦୩ ପାକ୍ସ ମଧ୍ୟରୁ ୨,୫୧୪ ପାକ୍ସ କୋର୍ ବ୍ୟାଙ୍କିଙ୍ଗ ସିଷ୍ଟମ(ସିବିଏସ୍)ରେ ସଂଲଗ୍ନ ହୋଇ ସାରିଥିବାବେଳେ ଅବଶିଷ୍ଟ ଅନ୍ ଲାଇନ୍ ପ୍ରକ୍ରିୟା ମଧ୍ୟରେ ରହିଥିବା ଅଣ୍ଡରଟେକିଂରେ ଦର୍ଶାଯାଇଥିଲା। ଏହାବାଦ୍ ଓଡ଼ିଶା ଯେଉଁ ସଫ୍ଟୱେର କାର୍ଯ୍ୟକାରୀ କରିଛି, ତାହା କେନ୍ଦ୍ର ସରକାରଙ୍କ ସବୁ ଆବଶ୍ୟକ ମାନଦଣ୍ଡ ପୂରଣ କରୁଛି। କେନ୍ଦ୍ରର ସଫ୍ଟୱେର ସହ ଏହାକୁ ସଂଯୋଗୀକରଣ କରାଯାଇପାରିବ। ତେଣୁ ଆଉ କୌଣସି ପାକ୍ସ ବଳକା ରହିଯିବା ନେଇ ତାଲିକା ଦେବାର ଆବଶ୍ୟକତା ନାହିଁ ବୋଲି ତତ୍କାଳୀନ ନିବନ୍ଧକ ଶଶିଭୂଷଣ ପାଢ଼ୀ ଦର୍ଶାଇଥିଲେ।

ଇତିମଧ୍ୟରେ ୮ବର୍ଷ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପାକ୍ସରେ ସିବିଏସ୍ ଉପଲବ୍ଧ ହୋଇପାରି ନାହିଁ। ଏହାକୁ ନେଇ ବର୍ତ୍ତମାନର ରାଜ୍ୟ ସମବାୟ ନିବନ୍ଧକ ନାବାର୍ଡକୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏନ୍‌ଏଲ୍‌ପିଏସ୍ ପ୍ଲାଟ୍‌ଫର୍ମରେ କିପରି ରାଜ୍ୟର ସମସ୍ତ ୪,୨୫୩ ପାକ୍ସକୁ ଯୋଡ଼ି ହେବ, ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା ପାକ୍ସ କମ୍ପୁଟରୀକରଣ(ସିଏସ୍‌ପିସିପି) ଅନ୍ତର୍ଭୁକ୍ତ ହେବା ପାଇଁ ଏକ ପ୍ରସ୍ତାବ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକଙ୍କୁ ପ୍ରଦାନ କରିଛନ୍ତି। ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ସିବିଏସ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ରାଜ୍ୟ ରାଜସ୍ୱରୁ ଅନେକ କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ କାହିଁକି ତାହା ବିଫଳ ହୋଇଥିଲା। ଏଥିପାଇଁ ଦାୟୀ କିଏ ? ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଦୀର୍ଘବର୍ଷ ଧରି ପାକ୍ସ କମ୍ପୁଟରୀକରଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ପରେ ଏବେ ବିଭାଗ ପୁଣି ସେଥିରେ ସମସ୍ୟା ଥିବା ଦର୍ଶାଇ କେନ୍ଦ୍ର ସରକାର ଏକୀକୃତ ସଫ୍ଟୱେର ପ୍ଲାଟ୍‌ଫର୍ମରେ ଯୋଡ଼ି ହେବା ପାଇଁ ନିଷ୍ପତ୍ତି ନେବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ରାଜ୍ୟ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ନାବାର୍ଡକୁ ପଠାଯାଇଥିବା ପ୍ରସ୍ତାବରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାର ସମସ୍ତ ୪,୨୫୩ ପାକ୍ସକୁ ଭାରତ ସରକାରଙ୍କ ଏନ୍‌ଏଲ୍‌ପିଏସ୍ ପ୍ଲାଟ୍‌ଫର୍ମରେ ଯୋଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ନେବାର କାରଣଗୁଡ଼ିକରେ ଦର୍ଶାଯାଇଛି ଯେ, ପୂର୍ବରୁ ବ୍ୟବହୃତ ସଫ୍ଟୱେର ପ୍ଲାଟ୍‌ଫର୍ମ ୨୦୧୭ରୁ ଆରମ୍ଭ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ସଫଳତାର ସହ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନେକ ସମସ୍ୟା ରହିଛି, ଯାହା କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରଭାବିତ କରୁଛି। ସେହିଭଳି ପୁରୁଣା ସଫ୍ଟୱେର ବହୁତ ପୂର୍ବରୁ ବିକଶିତ ହୋଇଥିବାରୁ ଏହା ସଫଳତାର ସହ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାର ପରିବର୍ତ୍ତନ ଆବଶ୍ୟକ ପଡୁଛି। ଆହୁରି କୁହାଯାଇଛି ଯେ, ନାବାର୍ଡ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ବର୍ତ୍ତମାନ କାର୍ଯ୍ୟକ୍ଷମ ବ୍ୟବସ୍ଥା ଏବଂ ଏନ୍‌ଏଲ୍‌ପିଏସ୍ ପ୍ଲାଟଫର୍ମରୁ ସୃଷ୍ଟି ହୋଇଥିବା ରିପୋର୍ଟ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହୁଥିବା ଜଣାପଡୁଛି। ଏଗୁଡ଼ିକୁ ସମାନ କରିବା ପାଇଁ ପ୍ରମୁଖ ତଥ୍ୟ ପରିବର୍ତ୍ତନର ଆବଶ୍ୟକ ହେବ। କେନ୍ଦ୍ର ସରକାର ଏନ୍‌ଏଲ୍‌ପିଏସ୍ ପ୍ଲାଟଫର୍ମ ଲାଗୁ କରିବା ଦ୍ୱାରା ସମସ୍ତ ପାକ୍ସ ଏକକ ପ୍ଲାଟଫର୍ମରେ କାର୍ଯ୍ୟ କରିପାରିବେ। ଏହି ପଦ୍ଧତି କାର୍ଯ୍ୟରେ ସ୍ଥିରତା ସୁନିଶ୍ଚିତ କରିବ, ତାଲିମ୍‌କୁ ସରଳ କରିବ, ତଥ୍ୟ ଅଖଣ୍ଡତାକୁ ବୃଦ୍ଧି କରିବ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ସହଜ ହେବ। ଏହିସବୁ ବିଷୟକୁ ଦୃଷ୍ଟିରେ ରଖି, ଏହି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସମବାୟ ନିବନ୍ଧକ ଗତ ୨୧ତାରିଖରେ ଅନୁରୋଧ କରିଛନ୍ତି।



OFFICE OF THE REGISTRAR OF COOPERATIVE SOCIETIES, ODISHA
BHUBANESWAR
Letter No. RCSO-EGOV-MISC-0002-2023 (IT CELL-I-II/2022-23) 7423 Date 21/04/2025

To,
The Chief General Manager,
NABARD, Odisha Regional Office,
Bhubaneswar.


Sub: Proposal from Odisha for PACS Computerization under CSPCP
Ref: Your Letter No. ODRO/6363/IDD/PACS Computerization/2025-26

Sir,

With reference to your letter on the subject cited above, I am to intimate you that, at present, **2628 existing PACS** in Odisha are on the State Government's obsolete CBS platform called "ROOTS". Meanwhile, **1542 new PACS** are registered during 2023. The State Government has decided to onboard **all the 4253 PACS of the State onto the Government of India's NLPS platform** under the **Full Scheme Mode.**

The key reasons for this decision are as follows:

1. **Platform Stability Concerns:** The existing software platform has been in use since 2017 but has not yet been fully stabilized. Several functional issues persist, affecting operational efficiency.
2. **Obsolete Technology Stack:** The application was developed way back in 2015. Hence, the technological stack needs complete revamp to match the integration needs and ensure seamless transaction platform.
3. **Disparities in MIS Reporting:** A study conducted by the NABARD Head Office team has highlighted considerable differences between the MIS reports generated from the current system and those of the NLPS platform. Aligning these would require major data transformation efforts.
4. **Operational Inconvenience due to API Integration:** Implementing API-based integration for the existing PACS would result in a **dual-platform environment** across the State. This would create **significant operational challenges** for Cooperative Banks, field offices, and PACS personnel, stemming from inconsistent interfaces, processes, reporting standards, and fragmented technical support.



OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR.

No. 16133 / XX-43/16. Gr.10 / dated 6/10/2017

To
The Principal Secretary to
Government of Odisha,
Cooperation Department.

Sub:- Computerisation of Primary Agriculture Cooperative Societies (PACS)- Minutes of the Meeting dated 28.9.2017- Reg.

Sir,

In inviting a kind reference to the subject cited above, I am to say that as directed by the Government in Cooperation Department, the undersigned has attended the meeting in the Ministry of Agriculture and Farmers Welfare Department, New Delhi on 28.9.2017 and the minutes of the meeting communicated by the Ministry dated 29.9.2017 is enclosed.

It is submitted that in the above meeting the status of computerisation of PACS in Odisha has been vividly explained and it was informed to the Ministry that Odisha will complete the computerisation programme by end of December, 2017. As of now, out of 2603 PACS programmed for computerisation, 2514 PACS have been migrated to the Core Banking Solution (CBS), 714 PACS are ready to go on-line and 386 PACS are undertaking on-line transactions. Since Odisha State has progressed substantially in the programme, we have submitted the following points:

(1) As the State Government has provided funds for the purpose the State funds utilised may be reimbursed. But the Addl. Secretary to Government of India attended the meeting has clearly indicated that there is no question of reimbursement of funds.

(2) Since it was envisaged to run one single robust software for computerisation of all the PACS of the Country, it was intimated that since Odisha has implemented the Software containing all required parameters, integration of this Software with that of National Software and handholding support to PACS as envisaged in the Scheme need to be extended to the State. To this point, the Addl. Secretary has stated that Government of India will consider this case.

୨୦୨୫ ଏପ୍ରିଲ୍ ୨୧ରେ ଓଡ଼ିଶା ସମବାୟ ସମିତି ପକ୍ଷରୁ ନାବାର୍ଡକୁ ଦିଆଯାଇଥିବା ଅନୁରୋଧ ପତ୍ରର ନକଲ(ବାମ) ଏବଂ ୨୦୧୭ ଅକ୍ଟୋବର ୬ରେ ସମବାୟ ବିଭାଗ ପ୍ରମୁଖ ସଚିବଙ୍କୁ ଦିଆଯାଇଥିବା ପତ୍ରର ନକଲ।

# ବିପର୍ଯ୍ୟୟ ମୁକାବିଲା ପାଇଁ ସୃଷ୍ଟିହେବେ ୧୦ ହଜାର ସ୍ୱେଚ୍ଛାସେବୀ

**ଖର୍ଚ୍ଚ ହେବ ୧୦.୭୦କୋଟି**

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

ରାଜ୍ୟରେ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ହେଉଛନ୍ତି। ଯେଉଁସବୁ ପ୍ରଭାବିତ ଅଞ୍ଚଳରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ ସେହି ଅଞ୍ଚଳରେ ନୂତନ ସ୍ୱେଚ୍ଛାସେବୀ ସୃଷ୍ଟି କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର ଗାଁରେ ୧୦ହଜାର ସ୍ୱେଚ୍ଛାସେବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ବିପର୍ଯ୍ୟୟ ବେଳେ ବାତ୍ୟାଶ୍ରୟସ୍ଥଳରେ ଟାସ୍କ ଫୋର୍ସ ସ୍ୱେଚ୍ଛାସେବୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାସ୍ତା ସଫା କରିବାଠାରୁ ଆରମ୍ଭ କରି ଆଶ୍ରୟସ୍ଥଳ ପରିଚାଳନା କରିବା, ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗରେ ତାଙ୍କର ବଡ଼ ଭୂମିକା ରହିଛି। ହେଲେ ଯେଉଁ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳ ନାହିଁ ସେଠାରେ ଲୋକେ ବିପର୍ଯ୍ୟୟ ବେଳେ ଘରୁ ପଦାକୁ ବାହାରିବାରେ ବହୁ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ଦୁର୍ଗମ ଅଞ୍ଚଳରେ ପ୍ରତ୍ୟେକ ଗାଁରୁ ୧୦ଜଣ ଲେଖାଏଁ ସ୍ୱେଚ୍ଛାସେବୀଙ୍କୁ ବିପର୍ଯ୍ୟୟ ମୁକାବିଲା ଲାଗି ପ୍ରସ୍ତୁତ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାକୃତ ଯୁବବର୍ଗଙ୍କ ତାଲିକାକ୍ରମେ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ବାତ୍ୟା, ବନ୍ୟା ବେଳେ କିଭଳି ଉଦ୍ଧାର,ରିଲିଫ, ଚିକିତ୍ସା ସେବା କାର୍ଯ୍ୟ ତ୍ୱରାନ୍ୱିତ ହେବ ସେଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ରାଜ୍ୟ ବିପର୍ଯ୍ୟୟ ପାଣ୍ଠି(ଏସଡିଆରଏଫ୍)ରୁ ୧୦.୭କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ବୈଠକରୁ ଜଣାଯାଇଛି।

## ଅପହୃତା ଛାତ୍ରୀ ବେଙ୍ଗାଲୁରୁରୁ ଉଦ୍ଧାର, ଅଭିଯୁକ୍ତ ଗିରଫ

କଣ୍ଟାପଡ଼ା,୨୮।୪ (ସୁରନାରାୟଣ ସାହୁ)

ଓଲଟପୁର ଥାନା ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନରେ ପଢୁଥିବା ଜଣେ ଅପହୃତା ଛାତ୍ରୀଙ୍କୁ ଓଲଟପୁର ପୋଲିସ ବେଙ୍ଗାଲୁରୁରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ନିକିରେଇ ଥାନା ପୋଲଶିଙ୍ଘାର ଦେବୀପ୍ରସାଦ ଦାସ(୨୯)। ଏ ନେଇ ଓଲଟପୁର ଥାନା ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୩୯/୨୫) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଓଲଟପୁର ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଦୁର୍ବୃତ୍ତ ଗତ ମାସ ୨୭ରେ ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ଓଲଟପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯେଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅପହୃତା ଛାତ୍ରୀ ଓ ଅପହରଣକାରୀ ବେଙ୍ଗାଲୁରୁରେ ରହୁଥିବା ଜାଣିବାକୁ ପାଇଥିଲେ। ଓଲଟପୁର ପୋଲିସ ସେଠାକୁ ଯାଇ ଗତ ୨୬ ତାରିଖରେ ବେଙ୍ଗାଲୁରୁ ଥାନାସ୍ଥିତ ସୂର୍ଯ୍ୟନଗର ଗୋପସୁନ୍ଦ୍ରାରୁ ଉଭୟଙ୍କୁ ଉଦ୍ଧାର କରି ସୋମବାର ସକାଳେ ଏଠାରେ ପହଞ୍ଚିଥିଲେ। ତେବେ ଇନଷ୍ଟାଗ୍ରାମରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା। ମାର୍ଚ୍ଚ ୨୭ରେ ଦେବୀ ପ୍ରସାଦ ଏକ କାର୍ ଭଡାରେ ଆଣି ନାବାଳିକାଙ୍କୁ ବ୍ରହ୍ମପୁର ଷ୍ଟେଶନକୁ ନେଇଯାଇଥିଲେ। ସେଠାରୁ ସେମାନେ ଟ୍ରେନ୍‌ରେ ବେଙ୍ଗାଲୁରୁ ଚାଲି ଯାଇଥିଲେ। ସେଠାରେ ଥିବା ଏକ ଜଗନ୍ନାଥ ମନ୍ଦିରରେ ଅଭିଯୁକ୍ତ ଛାତ୍ରୀଙ୍କୁ ବିବାହ କରିଥିଲେ। ନାବାଳିକାଙ୍କୁ ତାଙ୍କ ମା',ବାପା'ଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



# ଚତୁର ଚୋର

'ବେଙ୍ଗ କହେ ବେଙ୍ଗୁଲୀ ଲୋ ପୁଥୀ କ୍ଷଣ କ୍ଷଣକେ ଆନ' । ଏହି ଓଡ଼ିଆ ଆପ୍ତବାକ୍ୟର ଏବକା ସମୟରେ ପ୍ରାସଙ୍ଗିକତା ଅନୁଭବ ହେଉଛି ଜମ୍ମୁ ଓ କଶ୍ମୀର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଭାଷଣ ଶୁଣି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଯାଇଥିବାରୁ ଏଭଳି ପରିସ୍ଥିତି ଦେଇ ସେ କେନ୍ଦ୍ର ଶାସିତ ଅଞ୍ଚଳରୁ ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ଦେବା ପାଇଁ କେନ୍ଦ୍ର ନିକଟରେ ଆଉ କଦାପି ଦାବି ଉପସ୍ଥାପନ କରିପାରିବେ ନାହିଁ ବୋଲି କହିଛନ୍ତି । ସୂଚନା ଦିଆଯାଇପାରେ ଯେ, ୫ ଅଗଷ୍ଟ ୨୦୧୯ରେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରକୁ ସମ୍ବିଧାନର ଅନୁଚ୍ଛେଦ ୩୭୦ରେ ମିଳୁଥିବା ସୁବିଧାକୁ ହଟେଇ ଦେବା ଲାଗି ଏହାର ଉଚ୍ଛେଦ କରିଥିଲେ । କେବଳ ସେତିକି ନୁହେଁ, ଜମ୍ମୁ ଓ କଶ୍ମୀର ରାଜ୍ୟକୁ ଭାଙ୍ଗି ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟି କରିଥିଲେ । କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ସେତେବେଳେ ଜମ୍ମୁ ଓ କଶ୍ମୀରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପରିକି ଆଜିର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ତାଙ୍କ ପିତା ଫାରୁକ୍ ଅବଦୁଲ୍ଲା, ପିଡିପି ନେତ୍ରୀ ମେହବୁବା ମୁଫ୍ତିଙ୍କଠାରୁ ଆରମ୍ଭ କରି ବହୁ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା । ସେତେବେଳେ ସମସ୍ତେ ଏକସ୍ୱରରେ କହିଥିଲେ ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ । ଏପରି କି ଜମ୍ମୁ ଓ କଶ୍ମୀର ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ରାଜ୍ୟ ମାନ୍ୟତାକୁ ଏକ ପ୍ରସଙ୍ଗ ରଖି ଭୋଟରଙ୍କ ପାଖକୁ ଯାଇଥିବା ଓମାର ଜନସମର୍ଥନ ମଧ୍ୟ ପାଇଥିଲେ । ହେଲେ ପରିବର୍ତ୍ତିତ ପରିସ୍ଥିତିରେ ଓମାର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପିଠି ପଟକୁ ଟେକି ଦେଇ ନିଜେ ସେଥିରୁ ଓହରିଗଲେଣି । ଓମାର ଭୁଲିଯାଉଛନ୍ତି ଯେ ଜମ୍ମୁ ଓ କଶ୍ମୀର ଭୋଟର ତାଙ୍କ ଚାଲାକିକୁ ଅତି ଭଲ ଭାବେ ବୁଝିପାରୁଥିବେ । କେନ୍ଦ୍ର ସହିତ ସାଲିସ କରି ବଳକା ଥିବା ବିଧାନସଭାର ଜୀବନକାଳରେ ସରକାର ଚଳାଇବା ପାଇଁ ସହଜରେ ବାଟ ବାହାର କରିଦେଲେ । ନେତାମାନେ ଯେତେବେଳେ ଭାବପ୍ରବଣତାର 'ବୋଲି' ଶୁଣାନ୍ତି ସେତେବେଳେ ସାଧାରଣ ନାଗରିକ କ୍ଷଣକ ପାଇଁ ବିଚଳିତ ହୋଇଯାଆନ୍ତି, କିନ୍ତୁ ଅତି ଶୀଘ୍ର ଗଭୀର ମରୁଧି ବୁଝିବା ପାଇଁ ଆଜିକାର ପିଢ଼ି କୌଣସି ଭାବେ ଅକ୍ଷମ ନୁହେଁ । ଓମାରଙ୍କ ଏହି ବାଣୀକୁ ସମସ୍ତେ ବୁଝିପାରୁଛନ୍ତି ଯେ, ଦେଶର ରାଜନୀତି ଓ ଶାସନ ଏବେ କେବଳ ପରିଚାଳନା ଓ ଭାବପୂର୍ଣ୍ଣ ସୃଷ୍ଟିକରିବା ଉଦ୍ଦେଶ୍ୟରେ ପରସ୍ପର ପିଠି ଆଉଁଶିବାର ବ୍ୟବସ୍ଥା ଏକମାତ୍ର ଲକ୍ଷ୍ୟ ହୋଇଗଲାଣି । ଦେଶବାସୀ ପୋଖରୀକୁ ଯାଆନ୍ତୁ ଗାଧେଇବାକୁ । ଓମାର ବିଧାନସଭାରେ ଦେଇଥିବା ଭାଷଣରେ କହିଛନ୍ତି ଯେ, ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ଦିଆଯିବା ଲାଗି ଦାବି ଭବିଷ୍ୟତ ପାଇଁ ରହିପାରେ । କିନ୍ତୁ ଦେଶ ଯେତେବେଳେ ୨୬ ଜଣଙ୍କ ମୃତ୍ୟୁରେ ଶୋକ ପାଳନ କରୁଛି ସେତେବେଳେ ଏହି ପ୍ରସଙ୍ଗ ଉଠାଇବା ଠିକ୍ ନୁହେଁ । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ଜମ୍ମୁ ଓ କଶ୍ମୀରରେ ଅନେକ ଆକ୍ରମଣ ଘଟିସାରିଛି । ହେଲେ କେତେବେଳେ ଅବଦୁଲ୍ଲା ପରିବାରଙ୍କ ସମବେଦନା ଆଜିର ଶରଣାପନ୍ନ ହେଲା ଭଳି ସ୍ଥିତି ସୃଷ୍ଟି କରିଥିଲା ବୋଲି କାହାରି ମନେ ନ ଥିବ । ଗୋଟିଏ ବାକ୍ୟରେ କହିଲେ ଚୌକି ରକ୍ଷା କରିବା ଲାଗି ମୁଣ୍ଡ ନୁଆଁଇ ସାଲିସ କରିବା ଏବେ ଯେମିତି ହୋଇଯାଇଛି 'ନ୍ୟୁ ନର୍ମାଲ' ବା ନୂଆ ଧାରା ।

ଭାରତର ସେନାକୁ ଯୁଦ୍ଧ ଲଢ଼ିବା ପାଇଁ ସହଯୋଗ ଦିଅନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ନିବେଦନ କରାଯାଇଥିଲା। ଅର୍ଥ ପଠାଇବା ପାଇଁ ମଧ୍ୟ କୁହାଯାଇଥିଲା। ତେବେ ଏହାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଖଣ୍ଡନ କରିଛି। ଏଥିରୁ ବୁଝିବାକୁ ହେବ ଯେ ଭାରତରେ ଶାସକଙ୍କଠାରୁ ଆରମ୍ଭ କରି ଶାସିତଙ୍କ ମଧ୍ୟରୁ ଅନେକେ ଚତୁର ଚୋର ପାଲଟି ଗଲେଣି।


ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯିବା ନିଶ୍ଚିତ ଭାବେ ଦେଶକୁ ବ୍ୟଥିତ କରିଛି । କିନ୍ତୁ ତାହାକୁ ଆଳ କରି ସବୁ ପ୍ରକାର ଫାଇଦା ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ବା ବର୍ଗ କଦାପି ଉଦାହରଣୀୟ ସ୍ଥାନରେ ନିଜକୁ ନେଇ ଥୋଇପାରିବେ ନାହିଁ । ଓମାରଙ୍କ ରାଜନୈତିକ ସ୍ତରରେ ଏଭଳି ଖେଳ ବୁଝାପଡୁଛି । ଅପରପକ୍ଷରେ ହପଲଗାମ୍‌ର ଏହି ଘଟଣାକୁ ନେଇ ଏବେ ଦେଶବାସୀଙ୍କୁ ବିଭିନ୍ନ ବାଟରେ ଠକିବାର ଉପାୟ ବାହାର କରଲେଣି ଚତୁର ଚୋର । ଉଦାହରଣ ସ୍ୱରୂପ ବାଲେଶ୍ୱର ଜିଲ୍ଲାରୁ କଶ୍ମୀର ବୁଲିବାକୁ ଯାଇଥିବା ପ୍ରଶାନ୍ତ ଶତପଥୀଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ନାମରେ ଏକ ଠକ ପାଣ୍ଠି ସୃଷ୍ଟି କରାଯାଇ ଲୋକଙ୍କୁ ଅର୍ଥଦାନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ନିବେଦନ କରାଯାଇଛି । ଏହି ପାଣ୍ଠିକୁ ମିଥ୍ୟା କହି ପ୍ରଶାନ୍ତଙ୍କ ପରିବାର ସେଥିରୁ ନିଜକୁ ଦୂରେଇ ନେଇଛନ୍ତି । ସେହିଭଳି ଭାରତର ସେନାକୁ ଯୁଦ୍ଧ ଲଢ଼ିବା ପାଇଁ ସହଯୋଗ ଦିଅନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ନିବେଦନ କରାଯାଇଥିଲା । ଅର୍ଥ ପଠାଇବା ପାଇଁ ମଧ୍ୟ କୁହାଯାଇଥିଲା । ତେବେ ଏହାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଖଣ୍ଡନ କରିଛି । ଏଥିରୁ ବୁଝିବାକୁ ହେବ ଯେ ଭାରତରେ ଶାସକଙ୍କଠାରୁ ଆରମ୍ଭ କର ଶାସିତଙ୍କ ମଧ୍ୟରୁ ଅନେକେ ଚତୁର ଚୋର ପାଲଟି ଗଲେଣି । ତେଣୁ ଯେଉଁମାନେ ଏହିସବୁ ଖେଳକୁ ବୁଝିପାରୁଛନ୍ତି ସେମାନେ କଷ୍ଟ ସହୁଛନ୍ତି । ବଳକା ନାଗରିକ ଦେଶପ୍ରେମର ଦ୍ୱାହି ଦେଇ ଅଧିକାଂଶଙ୍କୁ ଠକୁଛନ୍ତି ।

# ଭାଷା ସୁରକ୍ଷାରେ ଶାସକୀୟ ପ୍ରୋତ୍ସାହନ



ସତ୍ୟଜିତ୍ ନାୟକ

ଇଂରାଜୀ ଭାଷା ଭାରତରେ ଏତେ ଲୋକପ୍ରିୟ ଓ ବହୁଳ ଆଦୃତ ହେବାର ପ୍ରମୁଖ କାରଣ ମଧ୍ୟରୁ ଶାସକୀୟ ପ୍ରୋତ୍ସାହନ ସର୍ବାଗ୍ରେ ରହିବ । ଇଂରେଜମାନଙ୍କ ପୂର୍ବରୁ ବହିରାଗତ ମୁସଲମାନ ଶାସକଙ୍କ ଶାସନ କାଳରେ ଆରବୀ ଭାଷା କ୍ୱଚିତ୍ ଲୋକ ଜାଣିଥିଲେ । କିନ୍ତୁ ଶାସକଗଣ ଆରବୀ ଜାଣିଥିବାରୁ ଆରବୀ ଓ ଉର୍ଦ୍ଦୁ ଭାଷା ଶାସକୀୟ ପ୍ରୋତ୍ସାହନ ଲାଭକଲା । ଫଳରେ ସରକାରୀ/ ରାଜକାର୍ଯ୍ୟରେ ଆରବୀ ଭାଷା ବ୍ୟବହାର ହେଲା । ସେଇଥିପାଇଁ ମୁସଲମାନ ଶାସନରୁ ନେଇ ଇଂରେଜ ଶାସନ ଦେଇ ଆଜି ପର୍ଯ୍ୟନ୍ତ ନିଜର ନିରନ୍ତରତା ବଜାୟ ରଖିଥିବା ରାଜସ୍ୱ ବିଭାଗ ଅଧୀନ ଜମିଜମା ସମ୍ବନ୍ଧୀୟ ଭାଷାରେ ତଥା ଆମର ଦୈନନ୍ଦିନ ଭାଷାରେ ଆଜିଯାଏ ଅନେକ ଆରବୀ ଓ ଉର୍ଦ୍ଦୁ ଶବ୍ଦର ପ୍ରଚଳନ ରହିଆସିଛି । ସେହିପରି ଇଂରେଜ ଶାସନ ସମୟରେ ଇଂରେଜମାନେ ନିଜସ୍ୱ ସୁବିଧା ପାଇଁ ତଥା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ ଢଙ୍ଗରେ ପର୍ଯ୍ୟାୟକ୍ରମେ ହତ୍ୟା କରିବା ଉଦ୍ଦେଶ୍ୟରେ ଇଂରାଜୀ ଭାଷାର ପ୍ରଚଳନକଲେ । ଆରବୀ, ପାର୍ସି ଓ ଉର୍ଦ୍ଦୁ ଭାଷା ସର୍ବସାଧାରଣଙ୍କୁ ପଢ଼େଇବାର ବ୍ୟବସ୍ଥା ମୁସଲମାନ ଶାସକମାନେ କରିପାରି ନ ଥିଲେ ତଥା ସରକାରୀ ଚାକିରି ପାଇଁ ଏସବୁ ଭାଷାରେ ଦକ୍ଷତା ଅନିର୍ବାଯ୍ୟ କରାଇ ନ ଥିଲେ । ମାତ୍ର ଇଂରେଜମାନେ ଇଂରାଜୀ ପାଇଁ ଏସବୁ ବ୍ୟବସ୍ଥାକରି ନୀତି ନିୟମମାନ ପ୍ରଣୟନ କଲେ । ଅବଶ୍ୟ ଏଥିପାଇଁ ଇଂରେଜମାନଙ୍କର ଭାରତୀୟ ଭାଷାରେ ପଟୁତାର ଅଭାବ ଥିଲା ଏବଂ ଇଂରାଜୀ ଭାଷା ସଂସ୍କୃତିକୁ ଭାରତୀୟ ଭୂଖଣ୍ଡରେ ପ୍ରଚଳନ କରିବାର ଉଦ୍ଦେଶ୍ୟ ଭଳି ବାଧ୍ୟବାଧକତାରେ ରହିଥିଲା । ମାତ୍ର ଇଂରେଜମାନଙ୍କଠାରୁ ଶାସନ ଦାୟିତ୍ୱ ଗ୍ରହଣ କରିଥିବା ଭାରତୀୟ ଶାସକମାନଙ୍କର ତ ଉକ୍ତ ବାଧ୍ୟବାଧକତା ନାହିଁ । ତେବେ ଆଜି ମଧ୍ୟ ଇଂରାଜୀ ଭାଷାକୁ ମାତ୍ରାଧିକ ପ୍ରାଧାନ୍ୟ ଦେବାର କାରଣ ଓ ମାନସିକତା ବୁଝି ହୁଏନାହିଁ । ଏବେ ଚାକିରି ପାଇବା ପାଇଁ ତଥା ଆଇନ, ପ୍ରବନ୍ଧନ ଓ ଅନ୍ୟାନ୍ୟ ପାଠ ପଢ଼ିବା ପାଇଁ କେବଳ ମାତ୍ର ଇଂରାଜୀ ଭାଷା ଜ୍ଞାନ ଆବଶ୍ୟକ ନୁହେଁ ବରଂ ଇଂରାଜୀରେ ପଟୁତା ଦରକାର ହୋଇଥାଏ । କ୍ୟାଟ୍, ଜ୍ୟାଟ୍, କ୍ଲାଟ୍ ଭଳି ପ୍ରବେଶିକା ପରୀକ୍ଷା ତଥା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନ ଯେକୌଣସି ଭଲ ଚାକିରି ପାଇଁ ଆବଶ୍ୟକ ପରୀକ୍ଷାରେ ଇଂରାଜୀ ଭାଷାଜ୍ଞାନ ପରୀକ୍ଷାର ପ୍ରଶ୍ନପତ୍ର ଦେଖିଲା ମାତ୍ରେ ଯେକେହି ଏକଥା ଅନୁଭବ କରିପାରିବେ । ନିଜର ଜୀବନ ଜୀବିକା ପାଇଁ ଇଂରାଜୀ ଭାଷାରେ ପଟୁତାର ନିତାନ୍ତ ଆବଶ୍ୟକତା ଅନୁଭୂତ ହେଉଥିବାରୁ ଭାରତୀୟମାନେ ପିଲାଦିନରୁ ଇଂରାଜୀ ଶିକ୍ଷା ପାଇଁ ଆଗ୍ରହୀ ହେବା ସ୍ୱାଭାବିକ । ନିଯୁକ୍ତି କ୍ଷେତ୍ରରେ ଇଂରାଜୀ ଭାଷାକୁ



ମିଳୁଥିବା ଶାସକୀୟ ପ୍ରୋତ୍ସାହନ ଓଡ଼ିଆ ସମେତ ଅନ୍ୟ ଭାରତୀୟ ଭାଷା ପାଇଁ ଉପଲବ୍ଧ ନାହିଁ । ଏଠି ଶାସକ ଭାରତୀୟ, ଶାସିତ ମଧ୍ୟ ଭାରତୀୟ ; ତଥାପି ଶାସନର ଭାଷା ବିଦେଶୀ ଆକ୍ରମଣକାରୀଙ୍କ ଭାଷାହେବା ଏବଂ ଉକ୍ତ ବିଦେଶୀ ଭାଷାରେ ପଟୁତାକୁ ସରକାରୀ ଚାକିରି ପାଇଁ ମଧ୍ୟ ଯୋଗ୍ୟତାର ମାପକାଠି କରିବା ଅତ୍ୟନ୍ତ ବିସ୍ମୟଜନକ ।

ସରକାରଙ୍କ ଅଧୀନରେ ଚାକିରି କରିବା ପାଇଁ ୭ମ ଶ୍ରେଣୀରେ ଓଡ଼ିଆ ଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକତା ରହିଥିବା ସ୍ଥଳେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରର ଇଂରାଜୀ ଭାଷା ଜ୍ଞାନର ଆବଶ୍ୟକତା ରହିଥାଏ । ଏଭଳି ମାପକାଠିରେ ମପାହୋଇ ସରକାରୀ ଚାକିରି କରିଥିବା ପିଲାଟି ନିଜ କାର୍ଯ୍ୟକ୍ଷେତ୍ରରେ ଓଡ଼ିଆ ଅପେକ୍ଷା ଇଂରାଜୀରେ କାର୍ଯ୍ୟ କରିବାକୁ ନିଶ୍ଚୟ ପସନ୍ଦ କରିବ । ଏହି ମାପକାଠି ସେତେବେଳେ ନିର୍ଦ୍ଧାରଣ କରାଯାଇଥିଲା ଯେତେବେଳେ ୭ମ ଶ୍ରେଣୀ ବା ମଧ୍ୟଇଂରାଜୀ ବିଦ୍ୟାଳୟ ପରୀକ୍ଷା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଆୟୋଜିତ ହେଉଥିଲା ଏବଂ ଏଥିରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କୁ ବୋର୍ଡ ପକ୍ଷରୁ ପ୍ରମାଣପତ୍ର ମିଳୁଥିଲା ଏବଂ ଯେତେବେଳେ ବିଭିନ୍ନ ସରକାରୀ ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତା ୮ମ, ୧୦ମ ବା ୧୨ଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଥିଲା । ସମୟ ପରିବର୍ତ୍ତନ ହେବା ସହ ଶିକ୍ଷା ବ୍ୟବସ୍ଥାରେ ବର୍ତ୍ତମାନ ଅନେକ ପରିବର୍ତ୍ତନ ହୋଇସାରିଛି । ୭ମ ଶ୍ରେଣୀ ପରୀକ୍ଷା ଆଉ ବୋର୍ଡ ଆୟୋଜନ କରୁନାହିଁ କିମ୍ବା ପରୀକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଦେଉନାହିଁ । ୮ମ ଶ୍ରେଣୀ ଯାଏଁ ପରୀକ୍ଷାରେ କାହାକୁ ଅକୃତକାର୍ଯ୍ୟ ନ କରିବା ବ୍ୟବସ୍ଥା ପ୍ରଚଳନ ହୋଇସାରିଲାଣି । ଏଣୁ ବୋର୍ଡ ପ୍ରମାଣପତ୍ରର ଅନୁପସ୍ଥିତିରେ ଘରୋଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କଠାରୁ ସାଦାକାଗଜରେ ୭ମ ଶ୍ରେଣୀରେ ଓଡ଼ିଆ ଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ଲେଖାଇ ଆଣିଲେ କାମ ଚଳିଯାଉଛି । ଜଣେ ୭ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାର ଅତିକମ୍‌ରେ ୮/୯ ବର୍ଷ ପରେ ଅର୍ଥାତ୍ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ସରକାରୀ ଚାକିରି ପାଇଁ ଆବେଦନ କରିବ । ଏଣେ ୭ମ ଶ୍ରେଣୀ ପରି ଅଣଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ନଥିପତ୍ର ୮/୧୦ ବର୍ଷ ଯାଏ ସାଇତି ରଖିବାର କୌଣସି ଆବଶ୍ୟକତା ମଧ୍ୟ ନାହିଁ । ଫଳରେ ପ୍ରଧାନ ଶିକ୍ଷକଙ୍କ ହାତଲେଖା ପ୍ରମାଣପତ୍ରର ବୈଧତାକୁ ଆହ୍ୱାନ କରିବାର ସୁଯୋଗ ନ ଥାଏ । ଏଣୁ ଓଡ଼ିଆ ପଢ଼ିଥାନ୍ତୁ ବା ନ ଥାନ୍ତୁ, ୭ମ ଶ୍ରେଣୀ ଓଡ଼ିଆ ଭାଷା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେବାର ପ୍ରମାଣପତ୍ର ହାସଲ କରିବାରେ ବସ୍ତୁତଃ କୌଣସି ସମସ୍ୟା ନାହିଁ ।

ଫଳସ୍ୱରୂପ ଓଡ଼ିଆ ପଢ଼ିବାକୁ ଅବା ପଢ଼େଇବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି । ପିଲାଦିନୁ ଅ, ଆ ଶିଖିବା ସ୍ଥାନରେ ଏ, ବି, ସି, ଡି ଶିଖାଯାଉଛି । ଅଭିଭାବକମାନଙ୍କୁ ମଧ୍ୟ ଦୋଷ ଦେବାର କୌଣସି କାରଣ ନାହିଁ । ଓଡ଼ଆ ଭାଷା ମାର୍ଗରେ ଗଲେ ଯଦି ନିଯୁକ୍ତି ସୁଯୋଗ ନିକଟରେ ପହଞ୍ଚିହେବ ନାହିଁ, ତେବେ ଲୋକେ ସେବାଟ ଦେଇ ଯିବେ ନାହିଁ ଏବଂ କାଳକ୍ରମେ ତାହା ଏକ ପରିତ୍ୟକ୍ତ ମାର୍ଗରେ ପରିଣତ ହେବ । ସମୟକ୍ରମେ ଯେଉଁ ଭାଷା ନିଯୁକ୍ତି ତଥା ଅର୍ଥ ଉପାର୍ଜନର ଭାଷା ହେବାର ଶାସକୀୟ ପ୍ରୋତ୍ସାହନ ହରାଇ ବସିଛି, ସେ ଭାଷାର ଅବଲୀଳା କ୍ରମେ ଅବଲୁପ୍ତି ଘଟିଛି ।

ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ସହ ତା'ର ଭବିଷ୍ୟତକୁ ସୁନିଶ୍ଚିତ କରିବା ଲାଗି ଶାସକୀୟ ପ୍ରୋତ୍ସାହନର ନିତାନ୍ତ ତ୍ୱରିତ ଆବଶ୍ୟକତା ରହିଛି ଓ ସରକାରଙ୍କ ଚାକିରି ପାଇଁ ଆବେଦନ କରିବା ଲାଗି ସର୍ବନିମ୍ନ ଭାଷା ଯୋଗ୍ୟତାକୁ ଦ୍ୱାଦଶ/ ଡିପ୍ଲୋମା/ ଆଇଟିଆଇ ପରୀକ୍ଷାରେ ଓଡ଼ିଆ ଭାଷା ସାହିତ୍ୟରେ ଉତ୍ତୀର୍ଣ୍ଣ ଯାଏଁ ବୃଦ୍ଧି କରିବାର ଆବଶ୍ୟକତା ଅନୁଭୂତ ହେଲାଣି । ଡିପ୍ଲୋମା, ଆଇଟିଆଇ, ସିଟି ଭଳି ମାଟ୍ରିକ ପର ବୃତ୍ତିଗତ ପାଠ୍ୟକ୍ରମରେ ମଧ୍ୟ ଓଡ଼ିଆ ଭାଷା ଓ ବ୍ୟାକରଣ ପଢ଼ାଯିବାର ବ୍ୟବସ୍ଥା କରାଯିବା ଆବଶ୍ୟକ । ୧୦ମ ପରବର୍ତ୍ତୀ ଯେତେଗୁଡ଼ିଏ ପାଠ୍ୟକ୍ରମର ବିକଳ୍ପ ରହିଛି, ସେଗୁଡ଼ିକରେ ପ୍ରାୟ ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପଢ଼ାଯାଉଛି । ଏଣୁ ୧୦ମ ପରେ ପିଲାମାନଙ୍କ ଓଡ଼ିଆ ଭାଷାରେ ଲେଖାପଢ଼ା ସହ ସମ୍ପର୍କ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଉଛି । ଏପଟେ କେନ୍ଦ୍ର ସରକାର ଭାରତୀୟ ଭାଷାଗୁଡ଼ିକୁ ଗୁରୁତ୍ୱ ଦେବାକୁ ଯାଇ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)) ଓ ମିଳିତ ପ୍ରବେଶିକା ପରୀକ୍ଷା (ଜେଇଇ) ଆଦିକୁ ଓଡ଼ିଆ ଭାଷା ସମେତ ଅନ୍ୟାନ୍ୟ ଭାରତୀୟ ଭାଷାରେ ଆୟୋଜନ କରିବା ଆରମ୍ଭ କଲେଣି । ଏଣୁ ଦ୍ୱାଦଶ ସମତୁଲ୍ୟ ୧୦ମ ପରବର୍ତ୍ତୀ ସମସ୍ତ ପାଠ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଓ ବ୍ୟାକରଣ ପଢ଼ାଯିବାର ବ୍ୟବସ୍ଥା କରାଯାଇ ପିଲାମାନଙ୍କ ଓଡ଼ିଆ ଭାଷାଜ୍ଞାନର ନିରନ୍ତରତା ବଜାୟ ରଖିବାକୁ ଉଦ୍ୟମ କରିବା ସହ ଓ ସରକାରୀ ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତାକୁ ୭ମ ଶ୍ରେଣୀରୁ ୧୨ଶ ବା ସମତୁଲ୍ୟ ପରୀକ୍ଷାରେ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣତା ଯାଏଁ ବୃଦ୍ଧି କରାଯିବା ବର୍ତ୍ତମାନର ଆବଶ୍ୟକତା ।

ରଗଡ଼ିପଡ଼ା, କାମାକ୍ଷାନଗର
ଢେଙ୍କାନାଳ, ମୋ: ୯୪୩୭୬ ୫୩୨୬୦

# ନିରଙ୍କୁଶ କୈଶୋର



ଚିନ୍ତାମଣି ପଣ୍ଡା

'ଲାଳୟେତ ପଞ୍ଚବର୍ଷାଣି ଦଶବର୍ଷାଣି ତାଡୟେତ/ପ୍ରାପ୍ତେତୁ ଷୋଡ଼ଶ ବର୍ଷେ ପୁତ୍ର ମିତ୍ରବତ୍ ଆଚରେତ' -ଏହି ଆପ୍ତବାକ୍ୟଟିର ପରିଭାଷା ଯୁଗୋପଯୋଗୀ । ଅନ୍ୟଥା ସାମ୍ପ୍ରତିକ ପରିସ୍ଥିତି କିପରି ଲଗାମବିହୀନ କିଶୋର ମନଟିକୁ ଯୌବନର ଉଦ୍ଦାମତାରେ ଉଡ଼ାଇ ଉଡ଼ାଇ ଅପରାଧ ଦୁନିଆରେ ପାଦଥାପିବା ପାଇଁ ଖୋରାକ ଯୋଗାଉଛି, ତାହା ମାତାପିତାଙ୍କର ତାଡନା ବା ଆକଟର ଅଭାବ ବୋଲି ସ୍ପଷ୍ଟ ବାରି ହୋଇପଡ଼େ । ଅଲିଅଳରେ ବଢ଼ି ଉଠିଥିବା ଆଜିର ସନ୍ତାନସନ୍ତତି ଆଧୁନିକ ମାତାପିତାଙ୍କର ଏକମାତ୍ର କିମ୍ବା ଅତିବେଶିରେ ଦ୍ୱିତୀୟ ଉତ୍ପାଦ । ଏପରି ସ୍ଥଳେ ତାଙ୍କ ଦେହରେ ଧୂଳିଟିକେ ପଡ଼ିଗଲେ ଏମାନେ ପଥର ପଡ଼ିବା ପରି ଅନୁଭବ କରିବା ସ୍ୱାଭାବିକ । ସେ ଯୁଗର ଧୂଳିଖେଳ, ଦାଣ୍ଡରେ ପଡ଼ି ଖଣ୍ଡିଆଖାବରା ହେବା ଏହି ଗେଲବସର ଅପତ୍ୟମାନଙ୍କର ଜାତକରେ ନାହିଁ । ତଥାପି ମାତାପିତା ଏମାନଙ୍କର ପାରିବାପଣିଆର ପ୍ରଶଂସାରେ ଶତମୁଖ । ଏପରି ସ୍ଥଳେ ସରକାର ବାହାଦୁର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ କରିଦେଇଛନ୍ତି । ନିଆଁରେ ଘିଅ ଢାଳିବା ପରି ବିଦ୍ୟାଳୟ କାନ୍ଥବାଡ଼ରେ ଦେୟମୁକ୍ତ ଫୋନ୍ ନମ୍ବର ବି ଲେଖାଅଛି । ଏପରି ସ୍ଥଳେ ପିଲାଙ୍କୁ ଆଖି ଦେଖେଇବାକୁ କାହା ଜିଭରେ ହାଡ଼ ଅଛି ? ତେଣୁ ଯେଉଁ ୧୦ ବର୍ଷ ପିଲାଟି ଭଲମନ୍ଦକୁ ଉପଲବ୍ଧି କରିବାକୁ ଆକଟରେ ରହିବା କଥା ତାହା ନା ଘରେ ନା ବିଦ୍ୟାଳୟରେ କେଉଁଠି ମିଳିଲା ?

ଏଥକୁ ବିଦ୍ୟାଳୟରେ ପରୀକ୍ଷାର ବୋଝ ବି ନାହିଁ । ପାଠ ପଢ଼ିବାର ଝିନ୍‌ଝଟ୍ ନାହିଁ । ଅତଏବ କୈଶୋର ଅବସ୍ଥାର ସ୍ପର୍ଶରେ ତା'ର ମନଟି ନୂତନ ଉନ୍ମାଦନାରେ ଆନ୍ଦୋଳିତ ହେଉ ହେଉ କେତେବେଳେ ସମସ୍ତଙ୍କ ଅଲକ୍ଷ୍ୟରେ ଲଗାମଛଡ଼ା ହୋଇଯାଉଛି । ଫଳରେ ସେ ଆଧୁନିକ ଯୁଗର ସାମାଜିକ ଗଣମାଧ୍ୟମ ତଥା ଅନ୍ତର୍ଜାଲ (ଇଣ୍ଟରନେଟ ) ସହାୟତାରେ ଅପରାଧ ଦୁନିଆରେ ପହଞ୍ଚିଯାଉଛି । ଜାତୀୟ ଅପରାଧ ପଞ୍ଜୀକରଣ ସଂସ୍ଥାର ଆକଳନ ଅନୁଯାୟୀ ଆମ ଦେଶରେ ଦିନକୁ ଦିନ ବାଳଅପରାଧ ସଂଖ୍ୟା ବଢ଼ି ବଢ଼ି ବର୍ଷକୁ ୩୦,୫୫୫ ରେ ପହଞ୍ଚି ଗଲାଣି । ଅତି ଜଘନ୍ୟ ବାଳ ଅପରାଧ ଘଟୁଥିବା ରାଜ୍ୟଗୁଡ଼ିକରେ ଓଡ଼ିଶା ଅନ୍ୟତମ । ନିର୍ଭୟା କାଣ୍ଡଠାରୁ ଆରମ୍ଭ କରି ପୁଣେରେ ଗାଡି ମଡେଇ ହତ୍ୟା କରିବା ପର୍ଯ୍ୟନ୍ତ ବାଳ ଅପରାଧ ସମ୍ପୃକ୍ତି ସାମ୍ନାକୁ ଆସିଛି । ତାହା ପୁଣି ନିଶାଗ୍ରସ୍ତ ହୋଇ । ତରୁଣ ବୟସରେ ନିଶା ଅଭ୍ୟାସ କରିବାକୁ ଆଜିର ପରିବେଶ ଯଥେଷ୍ଟ ଖୋରାକ ଯୋଗେଇଦେଉଛି । ହାତପାହାନ୍ତାରେ ନିଶାଦ୍ରବ୍ୟ ତଥା ନିଶା ବ୍ୟକ୍ତିଙ୍କର ଅଭାବ ନାହିଁ । ଏଣେ ବିଦ୍ୟାଳୟଗୁଡ଼ିକରେ ପରୀକ୍ଷାର ଚାପ ନାହିଁ କି ଶିକ୍ଷକମାନଙ୍କର ଆକଟ ହିଁ ନାହିଁ । ତେଣେ କର୍ମଜୀବୀ ମାତାପିତାଙ୍କର ପାଖରେ ସଣ୍ଟଣା ଶିଖେଇବା ପାଇଁ ସମୟ ନାହିଁ । ସଦ୍ୟତମ ଏକ ଘଟଣା ଯାହା ଉପାନ୍ତ ଜିଲାରେ ଘଟିଯାଇଛି ତାହା ଯେତିକି ସମ୍ବେଦନଶୀଳ ତା'ଠାରୁ ଅଧିକ ଉଦ୍‌ବେଗଜନକ । ଆଦିବାସୀ



ଛାତ୍ରାବାସରେ ରହି ପଢୁଥିବା ନବମ ଶ୍ରେଣୀ ପିଲାଏ ରାତିରେ ଛାତ ଉପରେ ମଦ୍ୟପାନ କରି ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଆମ ବିକୃତ ଶିକ୍ଷାବ୍ୟବସ୍ଥାକୁ ଉପହାସ କରୁନାହିଁ କି ? ପୁଣି ଏ ଘଟଣା ଦେଖି ଷଷ୍ଠ ଶ୍ରେଣୀ ଛାତ୍ରଟିଏ ପ୍ରଧାନ ଶିକ୍ଷକଙ୍କୁ ଜଣେଇଦେବାରୁ ତା'ର ଶରୀରକୁ ଧାରୁଆ ବ୍ଲେଡ୍‌ରେ କାଟି କ୍ଷତରେ ଲୁଣ ଲଗାଇବା ଅପରାଧପ୍ରବଣ ମାନସିକତାର ସ୍ତରକୁ ସୂଚିତ କରୁନାହିଁ କି ?

ଦେଶର ଭବିଷ୍ୟତ ନାଗରିକମାନଙ୍କର ନିଜ ଭବିଷ୍ୟତର ଗତି ଯେ କୁଆଡକୁ ତାହା ସ୍ପଷ୍ଟ ଅନୁମେୟ । କି ଉପାନ୍ତ, କି ଉପକୂଳ, କି ଉନ୍ନତ, କି ଅନୁନ୍ନତ, ପ୍ରତିଟି ଅଞ୍ଚଳକୁ ଆଜି ଏ ପ୍ରକାରର ହୀନ ମାନସିକତା ବ୍ୟାପିସାରିଲାଣି । କୋମଳମତି ଛାତ୍ରୀଛାତ୍ରମାନେ ଅନାୟାସରେ ଏହାର କବଳରେ ପଡ଼ି ଅତି ଜଘନ୍ୟ ତଥା ନାରକୀୟ କାଣ୍ଡରେ ସାମିଲ ହେଉଥିବାର ଦୃଷ୍ଟାନ୍ତ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି । ଗାଡ଼ି ଡିକି ଭାଙ୍ଗି ଚୋରି, ଛିନ୍‌ତାଇ କରିବାଠାରୁ ଆରମ୍ଭ କରି ଗଣବଳାତ୍କାର ତଥା ନଗ୍ନ ଚିତ୍ର ଦେଖେଇ ପଇସା ଆଦାୟ କରି ନିଶା ସେବନ ପରି ବିରଳ ଅପରାଧରେ କିଶୋରୀକିଶୋରମାନେ ସାମିଲ ହେବା ସାମାଜିକ ପତନର ପୂର୍ବାଭାସ ମାତ୍ର । ସୁରାସାକୀର ଲାଳସାରେ ନିଶା କାରବାର, ବହି ବସ୍ତାନିରେ ନିଶା ଦ୍ରବ୍ୟ ଚୋରାଚାଲାଣ ପରି ଉଦ୍ୟମ ସର୍ବସାଧାରଣଙ୍କ ଦୃଷ୍ଟି ଏଡାଇ ନିଜ ଅପ୍ରାପ୍ତ ବୟସର ଫାଇଦା ଉଠାଇବାର ପ୍ରଚେଷ୍ଟା ମାତ୍ର । କାରଣ ଧରାପଡ଼ିଗଲେ ଜଘନ୍ୟ ଅପରାଧ ପାଇଁ ମଧ୍ୟ କୋହଳ ଦଣ୍ଡ ବିଧାନ କିମ୍ବା ବାଳ ସୁଧାର ଗୃହ ଭ୍ରମଣ ବ୍ୟବସ୍ଥା କଥା ବୋଧହୁଏ ସେମାନେ ଭଲ ଭାବରେ ଅବଗତ । ପିଲାଟି ଦିନରୁ ମାତାପିତାଙ୍କ ପ୍ରୋତ୍ସାହନରେ କର୍ଣ୍ଣ ପିଶାଚ ଯନ୍ତ୍ର(ମୋବାଇଲ) ବଶବର୍ତ୍ତୀ ହୋଇ ବୟୋପ୍ରାପ୍ତି ଆଗରୁ ତା'ର ଦୁରୁପଯୋଗରେ ବିଭିନ୍ନ ପ୍ରକାର ଜୁଆ ଖେଳି ସର୍ବସ୍ୱାନ୍ତ ହେବା ଏବଂ ପରିଶେଷରେ ଆତ୍ମହତ୍ୟାର ପଥ ବାଛିନେବା କିଶୋର ମାନସିକତାର ଅଧୋଗତିକୁ ହିଁ ଦର୍ଶାଉଛି । ପ୍ରେମ, ପ୍ରତାରଣା, ଅବାଞ୍ଛିତ ଗର୍ଭଧାରଣ, ତରୁଣୀତରୁଣଙ୍କର ସାଧାରଣ ଘଟଣା ପାଲଟିଗଲାଣି । ଏ ପ୍ରକାରର ଉଦ୍‌ବେଗଜନକ ସ୍ଥିତି ପାଇଁ କୌଣସି ବ୍ୟକ୍ତି ବିଶେଷଙ୍କୁ ଦାୟୀ ନ କରି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଚିନ୍ତାନାୟକମାନଙ୍କ ସମ୍ମୁଖରେ ଏକ ଆହ୍ୱାନ ପାଲଟିଛି । ଏବେ ଆତ୍ମସମୀକ୍ଷାର ଉପଯୁକ୍ତ ସମୟ ଆସିଯାଇଛି । ଚପଳମତି କିଶୋରୀକିଶୋରଙ୍କୁ ଭବିଷ୍ୟତର ଭୋଟ ବ୍ୟାଙ୍କ ଭାବି ଯଦି ନୃତ୍ୟ, ଗୀତ ତଥା ନିଶାପାଣିରେ ଆମେ ମସ୍‌ଗୁଲ ରଖିବା ତେବେ ଏ ପ୍ରକାର ଶସ୍ତା ଲୋକପ୍ରିୟତା ପ୍ରକାରାନ୍ତରେ ସେମାନଙ୍କର ଶିକ୍ଷାକୁ କେତେ ମାତ୍ରାରେ ଯେ ପ୍ରଭାବିତ କରୁଛି ତାହା କିଏ ବୁଝିବ ? ଅତଏବ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଘୋଷଣା କରି ପିଲାଙ୍କ ଜୀବନରୁ ପରୀକ୍ଷାର ଚାପ କୋହଳ କରିଦେଇ ଆମେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖିଛେ ତାହା ଦିଅଁ ଗଢୁ ଗଢୁ ବାନର ହୋଇଯିବ ନାହିଁ ତ ?

ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ,
ଭବାନୀପାଟଣା। ମୋ:୮୧୪୪୦୬୬୦୧୬

## ଏଇ ଭାରତରେ

ବର୍ଜ୍ୟରୁ ଅବିକଳ ମୂର୍ତ୍ତି ତିଆରି କରୁଛନ୍ତି ବନ୍ଦନା ଜୈନ । ମହାରାଷ୍ଟ୍ର ବସାଇର ଏକ ଷ୍ଟୁଡିଓରେ ଅଦକାରୀ କାର୍ଡବୋର୍ଡ ବକ୍ସ ବ୍ୟବହାର କରି ସେ ଏହିସବୁ ମୂର୍ତ୍ତି ତିଆରି କରୁଛନ୍ତି । କାର୍ଡବୋର୍ଡ ବକ୍ସଗୁଡ଼ିକୁ ଥରେ ବ୍ୟବହାର କରିବା ପରେ ସେସବୁକୁ ବାହାରେ ପିଙ୍ଗି ଦିଆଯାଉଛି, ଯାହା ଗଦାହୋଇ ପଡ଼ିରହୁଛି । ଏହା ମଧ୍ୟ ପରିବେଶକୁ ପ୍ରଦୂଷଣ କରୁଛି । ଏହି ସମସ୍ୟାର ସମାଧାନ ପାଇଁ ସେଥିରୁ ମୂର୍ତ୍ତି ତିଆରି କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ । ବନ୍ଦନା ପ୍ରଥମେ କାଠରେ ମୂର୍ତ୍ତି କରୁଥିଲେ । ପରେ ୨୦୧୩ରେ କାର୍ଡବୋର୍ଡରୁ ଏହା ତିଆରି କରିବା ଲାଗି ଚେଷ୍ଟା କରି ସଫଳ ହୋଇପାରିଥିଲେ । ଏବେ ତିଆରି କରୁଥିବା କଳାରେ ସେ ମଣିଷର ଜୀବନକୁ ଚିତ୍ରଣ କରୁଛନ୍ତି । ବନ୍ଦନା ବିହାରର ଏକ ଛୋଟ ଗାଁରେ ପଢିଛନ୍ତି ଓ ବଢିଛନ୍ତି । ପ୍ରାରମ୍ଭିକ ଶିକ୍ଷା କାଳରେ ସେ କଳା ପ୍ରତି ଆଗ୍ରହୀ ଥିଲେ । ୨୦୦୨ରେ ଦିଲ୍ଲୀ ଯାଇ ଇଣ୍ଟେରିୟର ଡିଜାଇନରେ ଶିକ୍ଷା ଲାଭ କରିବା ପରେ କଳାକୁ ଆହୁରି ଉତ୍କୃଷ୍ଟମାନର କରିପାରିଛନ୍ତି । ବିବାହ ପରେ ଏବେ ମୁମ୍ବାଇ ଆସି କାର୍ଡବୋର୍ଡରୁ ମୂର୍ତ୍ତି ଗଢିବା କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି ।

## ୫୦ ବର୍ଷ ତଳେ ଧରିତ୍ରୀ

୨୯ ଏପ୍ରିଲ ୧୯୭୬

- ମଇ ଦିବସକୁ ବେତନ ସହ ଛୁଟି ଦିବସ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ସମସ୍ତ ସରକାରୀ ଓ ବେସରକାରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।
- ଲେବାନନ୍‌ର ନୂତନ ରାଷ୍ଟ୍ରପତି ନିର୍ବାଚନ ଦୃଷ୍ଟିରୁ ପାର୍ଲାମେଣ୍ଟ ଅଧିବେଶନକୁ କିଛି ଦିନ ସ୍ଥଗିତ ରଖିବା ପାଇଁ ଉଭୟ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଗୋଷ୍ଠୀ ଆଜି ରାଜି ହୋଇଛନ୍ତି ।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | | | | | 9 | | 8 | |
| | | | | 6 | 8 | | 9 | |
| | | | | | 1 | | | |
| | | 3 | | 5 | | 9 | | |
| 1 | | | 7 | | | 2 | | 3 |
| 5 | | | | | 6 | | 4 | |
| | 8 | | | | | | | 1 |
| | | | | | | 3 | | 5 |
| | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 6 | 3 | 2 | 9 | 1 | 8 |
| 6 | 2 | 9 | 1 | 4 | 8 | 7 | 5 | 3 |
| 1 | 3 | 8 | 5 | 7 | 9 | 2 | 4 | 6 |
| 4 | 1 | 2 | 3 | 9 | 6 | 8 | 7 | 5 |
| 5 | 7 | 3 | 8 | 1 | 4 | 6 | 9 | 2 |
| 9 | 8 | 6 | 2 | 5 | 7 | 4 | 3 | 1 |
| 3 | 6 | 4 | 7 | 2 | 5 | 1 | 8 | 9 |
| 8 | 9 | 1 | 4 | 6 | 3 | 5 | 2 | 7 |
| 2 | 5 | 7 | 9 | 8 | 1 | 3 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାରର ଆବଶ୍ୟକତା

ମହାଶୟ,
ସାଧାରଣତଃ କିଛି ଯାନବାହନକୁ ଅନୁମୋଦିତ ବାଲିଘାଟରୁ ଏକ ନିର୍ଦ୍ଦିଷ୍ଟ ପରିମାଣର ବାଲି ଉତ୍ତୋଳନ କରିବାକୁ ଅନୁମତି ଦିଆଯାଇଥାଏ । କିନ୍ତୁ କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ଦୃଷ୍ଟିଗୋଚର ହୋଇଥାଏ ଯଥା ବାଲିର ଚୋରାଚାଲାଣ ଏବଂ ଅନୁମୋଦିତ ପରିମାଣରୁ ଅଧିକ ବାଲି ଉତ୍ତୋଳନ । ବାଲିର ଚୋରାଚାଲାଣ ବଢୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ବେଳେବେଳେ ରାଜସ୍ୱ ଅଧିକାରୀମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବାର ନଜିର ମଧ୍ୟ ଅଛି । ଅଧିକ ବାଲି ଉଠାଣ ଯୋଗୁ ନଦୀ ନାଳଗୁଡିକର ଗତିପଥ ଅସ୍ୱାଭାବିକ ଭାବରେ ବଦଳିଯିବା ସମ୍ଭାବନା ଉପୁଜୁଛି ଏବଂ ଇକୋସିଷ୍ଟମ ପ୍ରଭାବିତ ହେଉଛି । ଏଥିସହିତ ସରକାରଙ୍କର ରାଜସ୍ୱହାନି ଘଟୁଛି । ଏହି ପରିପ୍ରେକ୍ଷୀରେ, କେବଳ ଅନୁମୋଦିତ ଯାନବାହନଗୁଡ଼ିକ ନିର୍ଦ୍ଦିଷ୍ଟ ବାଲିଘାଟରୁ ଯେପରି ଅନୁମୋଦିତ ପରିମାଣର ବାଲି ଉତ୍ତୋଳନ କରିପାରିବେ ତାହାକୁ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଆବଶ୍ୟକ । ଏଥିପାଇଁ ଆଧୁନିକ ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଯୁକ୍ତିଯୁକ୍ତ ମନେହୁଏ ।

-ନବନୀତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କଣ୍ଠୀ ନୂପୁର କଟୀ ଶୃଙ୍ଖଳ
ହେଉଥିଲେ କେବେ ଆଖିର ଭେଟ
ଆଜି ବା ହୋଇଛି ଜର୍ଜେଟ୍ ଶାଢ଼ି
ବର୍ମା ସ୍ଲିପର ଆପଟୁ-ଡେଟ୍
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜଳବାୟୁ ପରିବର୍ତ୍ତନର ନୀରବ ଅସ୍ତ୍ର

## ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଓଡ଼ିଶା ସରକାରଙ୍କ ପଦକ୍ଷେପ


ଅରବିନ୍ଦ କୁମାର ପାଢ଼ୀ

ଓଡ଼ିଶା ଭଳି କୃଷି ନିର୍ଭରଶୀଳ ଅଞ୍ଚଳ ସଂପ୍ରତି ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ପ୍ରଶମନ ଏବଂ ଅନୁକୂଳନ ସମସ୍ୟାର ସମାଧାନ ସହିତ ବର୍ଦ୍ଧିତ ଜନସଂଖ୍ୟା ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଜଳବାୟୁ ସଚେତନ କୃଷି (CSA)ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛି। ଏହା ଜଳବାୟୁ ପ୍ରଭାବିତ ବିଶ୍ୱରେ ସ୍ଥିରତା ଆଣିବା ସହିତ ସ୍ଥାୟୀ ଭାବରେ କୃଷି ଉତ୍ପାଦନ ବୃଦ୍ଧି କରିବାର ବ୍ୟବସ୍ଥାକୁ ଗୁରୁତ୍ୱ ଦିଏ। ଏ ଦିଗରେ ବ୍ୟାପକ ଧାନ ଅମଳ ପଡ଼ିଆଜମିର ପରିଚାଳନା (CRFM) ଏକ କାର୍ଯ୍ୟକ୍ରମ, ଯାହାର ଏକ ବିସ୍ତାର ପ୍ରଭାବ ଜଳବାୟୁ ଉପରେ ପଡ଼ିପାରେ କିନ୍ତୁ ଏହାର ଯଥାର୍ଥ ସ୍ୱୀକୃତିକୁ ଏ ପର୍ଯ୍ୟନ୍ତ ପରିଚୟ ମିଳିପାରିନି। ଓଡ଼ିଶା ସରକାର ୨୦୨୨ରୁ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଏକ କୃଷି ପଦ୍ଧତି ଭାବରେ ଏହାକୁ ଏକ ପ୍ରମୁଖ କାର୍ଯ୍ୟକ୍ରମ ହିସାବରେ ଅନ୍ତର୍ଭୁକ୍ତ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ସହିତ କାର୍ଯ୍ୟ କରୁଛନ୍ତି।

CRFM ହେଉଛି ଏକ ପ୍ରକୃତ ଜଳବାୟୁ ସଚେତନ କୃଷି ପଦ୍ଧତି, ଯେଉଁଥିରେ ଖରିଫ ଋତୁରେ ଧାନ ଅମଳ ପରେ ସାଧାରଣ ଭାବରେ ପଡ଼ିଆ ପଡ଼ିଥିବା ଜମିରେ ଅନ୍ୟ ଫସଲ, ବିଶେଷକରି ଡାଲି ଏବଂ ତୈଳବୀଜ ଚାଷ କରାଯାଇଥାଏ। CRFM ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ସହିତ ମାଟିର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଏବଂ ପାରମ୍ପରିକ ଭାବରେ ସେହି ଅଞ୍ଚଳରେ ଫସଲ ଘନତାକୁ (Cropping Intensity)କୁ ବୃଦ୍ଧି କରିଥାଏ। ରାଜ୍ୟରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା CRFM ୨୦୨୪-୨୫ରେ ପ୍ରାୟ ୧୧ ଲକ୍ଷ ଏକର ଜମିରେ କାର୍ଯ୍ୟକାରୀ କରାଯାଇଛି। ଏହି ପଦ୍ଧତିକୁ କୃଷି ଉତ୍ପାଦକତା ବୃଦ୍ଧି କରିବା, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଗ୍ରାମୀଣ ଜୀବିକାକୁ ଉନ୍ନତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରୂପେ ବିବେଚନା କରାଯାଇପାରେ।

ପୂର୍ବ ଭାରତର ଅନ୍ୟ ରାଜ୍ୟମାନଙ୍କ ସହ ଓଡ଼ିଶାରେ ଖରିଫ ଋତୁରେ ମୁଖ୍ୟତଃ ଧାନ ଚାଷ କରାଯାଏ ଏବଂ ରବି ଋତୁରେ ବ୍ୟାପକ ଅଞ୍ଚଳ ପଡ଼ିଆ ପଡ଼ିଯାଏ। ଏହି ଅଞ୍ଚଳଗୁଡ଼ିକରେ, ବିଭିନ୍ନ ପରିବେଶଗତ ଏବଂ ସାମାଜିକ-ଅର୍ଥନୈତିକ କାରଣ ଯୋଗୁ ଧାନ ପରେ ଦ୍ୱିତୀୟ ଫସଲ ଚାଷକୁ ସୀମିତ କରିଥାଏ, ଯଥା ସୀମିତ ଜଳସେଚନ ସୁବିଧା, ଅପର୍ଯ୍ୟାପ୍ତ ମୃତ୍ତିକା ଆର୍ଦ୍ରତା ସ୍ତର, ମାଟିର ନିମ୍ନ ଉର୍ବରତା ଏବଂ କ୍ଷୁଦ୍ର ଚାଷୀମାନଙ୍କର ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ସମ୍ମୁଖୀନ ହେବାର କମ୍ କ୍ଷମତା ଇତ୍ୟାଦି ଦ୍ୱାରା ପ୍ରଭାବିତ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ସମସ୍ୟା ମଧ୍ୟରେ, ଫସଲ ଘନତାକୁ ବ୍ୟାପକ କରି ସୀମିତ ଜମିରୁ ବର୍ଦ୍ଧିତ ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଏକ ସ୍ଥାୟୀ ପଦ୍ଧତି ପ୍ରସ୍ତୁତ କରିବା ସହ ପ୍ରାକୃତିକ ପରିସଂସ୍ଥାନ ଉପରେ ଚାପ ହ୍ରାସ କରି ପରିବେଶଗତ ବିପଦକୁ ହ୍ରାସ କରିବାରେ ଏହି ଯୋଜନା ସାହାଯ୍ୟ କରେ। ଏହି ଯୋଜନାରେ ମରୁଡ଼ି-ସହନଶୀଳ ଫସଲ କିସମ ଏବଂ ସ୍ଥାୟୀ ଜଳ ପରିଚାଳନା ଭଳି ଜଳବାୟୁ ଅନୁକୂଳ କୃଷିକୁ ଅବଲମ୍ବନ କରାଯାଏ, ଯାହା ଉକ୍ତ ଜମିରେ ଦୀର୍ଘକାଳୀନ ଉତ୍ପାଦକତା ବଜାୟ ରଖିବାରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ, ଫସଲ ପୁନରାବର୍ତ୍ତନରେ ଡାଲି ଜାତୀୟ ଫସଲକୁ ସାମିଲ କରିବା ଦ୍ୱାରା ଯବକ୍ଷାରଜାନ ସଂଯୁକ୍ତି କରି ମାଟି ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ।

ଅନିୟମିତ କିମ୍ବା କମ୍ ବର୍ଷା, ଅପର୍ଯ୍ୟାପ୍ତ ଅବଶିଷ୍ଟ ଆର୍ଦ୍ରତା ଏବଂ ବିଳମ୍ବ ଧାନ କିସମର ବ୍ୟବହାର ଯୋଗୁ ଧାନ ପରବର୍ତ୍ତୀ ଜମିରେ ରବି ଫସଲ ଚାଷ କରିବାର ସମ୍ଭାବନା ସୀମିତ ହୋଇଥାଏ। ଏହି ପଦ୍ଧତିର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ଏହାର ବହୁଳ ପ୍ରଚଳନ ତଥା କାର୍ଯ୍ୟାନ୍ୱୟନ ପାଇଁ ଏହି ଯୋଜନାର ମୂଲ୍ୟାୟନ କରିବା ଅତ୍ୟନ୍ତ ଜରୁରୀ ଥିଲା।

ଏ ସଂକ୍ରାନ୍ତରେ ଓଡ଼ିଶା ସରକାର ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (IFPRI) ମିଳିତ ଭାବେ ରାଜ୍ୟରେ ଏହି ଯୋଜନାର ଏକ ମହତ୍ତ୍ୱାକାଂକ୍ଷୀ ମୂଲ୍ୟାୟନ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାରେ ପ୍ରଭାବ ମୂଲ୍ୟାୟନ ପଦ୍ଧତି, ସାଟେଲାଇଟ ରିମୋଟ ସେନ୍ସିଂ ତଥ୍ୟ, ଭୂମି ବ୍ୟବହାର ପଦ୍ଧତି, ପୁନଃ ପୁନଃ ପଦ୍ଧତିକୁ ଆପଣେଇବା ଏବଂ ଐତିହାସିକ ତଥ୍ୟ ବିଶ୍ଳେଷଣ ଭଳି ମୂଲ୍ୟାୟନ ଶୈଳୀର ବ୍ୟବହାର କରାଯାଇଛି। ରିମୋଟ ସେନ୍ସିଂ ବିଶ୍ଳେଷଣ ଆଧାରରେ ବର୍ଷତମାମ ଏବଂ କ୍ଷଣସ୍ଥାୟୀ ଧାନ ପଡ଼ିଆ ଜମି ଉଭୟର ବ୍ୟବହାର ବିଶ୍ଳେଷଣ କରାଯାଇଥିଲା। ପୂର୍ବ ଭାରତର ଅନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶାରେ ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଚାଷ କରାଯାଇଥିଲା। ପଡ଼ିଆ ଜମିର ପରିଚାଳନା ପରେ ଦେଖାଯାଇଛି, ଓଡ଼ିଶାରେ ହରଡ, ବିରି, ମୁଗ, ମସୁର, ରାଶି ଏବଂ ସୋରିଷ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

ଏହି ମୂଲ୍ୟାୟନରେ ପଡ଼ିଆ ପଡ଼ି ରହୁଥିବାର ବିଭିନ୍ନ କାରଣଗୁଡ଼ିକ ଯେପରି କି ମାଟିର ଆର୍ଦ୍ରତା ଏବଂ ଭୂମିର ବିଭିନ୍ନ ପ୍ରକାରର ଅନୁଧ୍ୟାନ କରାଯାଇଥିଲା। ଧାନ ପରବର୍ତ୍ତୀ ପଡ଼ିଆ ଜମିର ବ୍ୟବହାର, ଡାଲି ଓ ତୈଳବୀଜ ଉତ୍ପାଦନ ଏବଂ ଅମଳ ଉପରେ ପ୍ରଭାବ ଏ ସବୁ ଦିଗରେ ଏହି ମୂଲ୍ୟାୟନରେ ଧ୍ୟାନ ଦିଆଯାଇଛି। ଡାଲି ଏବଂ ତୈଳବୀଜ ଫସଲର ଚାଷ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ଦୁଇଟି ଫସଲ ଚାଷରେ ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ ଆମ ରାଜ୍ୟ ପଛରେ ଅଛି। ବର୍ତ୍ତମାନ, ରାଜ୍ୟ ଚାଉଳ ଉତ୍ପାଦନରେ ବଳକା କିନ୍ତୁ ଡାଲି ଏବଂ ତୈଳବୀଜ ଫସଲ ଉତ୍ପାଦନରେ ପଛୁଆ ଅଛି।

ଧାନ ଅମଳ ପରବର୍ତ୍ତୀ ଫସଲ ଚାଷର ବ୍ୟାପକତାର ସୂଚକ ପ୍ରମାଣ ଏହା ଯେ, ଓଡ଼ିଶାରେ ହରଡ, ମଟର, ମସୁର ଏବଂ ସୋରିଷ ସମେତ ପ୍ରମୁଖ ଫସଲରେ ଉଲ୍ଲେଖନୀୟ ଅମଳ ବୃଦ୍ଧି ଦେଖାଯାଇଛି। ଏହି ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ, ବିଭିନ୍ନ ଅଞ୍ଚଳ ଓ ଫସଲ ବାଛିବାରେ ସମ୍ବଳ ବଣ୍ଟନକୁ ଆହୁରି ସମୟୋଚିତ କିମ୍ବା ସମ୍ବଳର ପୁନଃବଣ୍ଟନ କରିବାର ଆବଶ୍ୟକତା ପଡ଼ିପାରେ। ଏଥିପାଇଁ ଆଞ୍ଚଳିକ ଆବଶ୍ୟକତାକୁ ବିଶ୍ଳେଷଣ କରି ଅଧିକ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନେବାକୁ ହେବ।

ଏହା ବ୍ୟତୀତ, ଉତ୍ପାଦିତ ଡାଲି ଓ ତୈଳବୀଜ ଫସଲର ଉପଯୁକ୍ତ ବଜାରୀକରଣ ପାଇଁ ଚେଷ୍ଟା କରାଯିବ। ଏକ ବିସ୍ତୃତ ବଜାର ବିଶ୍ଳେଷଣ ଦ୍ୱାରା ନିର୍ଦ୍ଦିଷ୍ଟ ଫସଲର ବହୁଳ ଚାହିଦା ଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ ମିଳିପାରିବ, ଯାହା ଚାଷୀମାନଙ୍କୁ ଏହି ଆଦାୟର ପ୍ରକ୍ରିୟାକରଣ ଦ୍ୱାରା ମୂଲ୍ୟଯୁକ୍ତ ସୁଯୋଗର ଲାଭ ଉଠାଇବାକୁ ସାହାଯ୍ୟ କରିବ। ଏ ସବୁକୁ ଆଖି ଆଗରେ ରଖି ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନାର ଏକ ସମନ୍ୱିତ ପରିବେଶଗତ, ଜୀବିକା ଏବଂ ଆର୍ଥିକ ମୂଲ୍ୟାୟନ ହେବା ଜରୁରୀ।

ଡିଜିଟାଇଜେସନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଏବଂ ଏଭଳି କାର୍ଯ୍ୟକ୍ରମର ମୂଲ୍ୟାୟନ ପ୍ରାପ୍ତ ହୋଇଥିବା ସୂଚନା ଓ ଏହାର ଫଳାଫଳଗୁଡ଼ିକୁ ତଦାରଖ ସହ ଦୃଢ଼ ତଥ୍ୟ ପ୍ରଣାଳୀ ଆଧାରରେ କୃଷି ବିକାଶର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ। କୃଷକ ଓଡ଼ିଶା ଏବଂ ADAPT ପୋର୍ଟାଲର ସମନ୍ୱୟ ଫଳରେ ଟ୍ରାକିଂ ବ୍ୟବସ୍ଥା ଭୂସ୍ଥାନିକ ମ୍ୟାପିଂ ଏବଂ ରିମୋଟ ସେନ୍ସିଂ ଏଭଳି ବୈଷୟିକ ଜ୍ଞାନ କୌଶଳ ଯୋଜନାର ସଠିକତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥାଏ। ଏକ ଦୃଢ଼ ତଦାରଖ ଏବଂ ମୂଲ୍ୟାୟନ ପ୍ରଣାଳୀ ମାଧ୍ୟମରେ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା (CRFM)ର ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ଉଭୟକୁ ମାପିହେବ ନିଶ୍ଚୟ।

**ଲେଖକଙ୍କ ନିଜସ୍ୱ ମତ**


- **ଡ. ଅରବିନ୍ଦ କୁମାର ପାଢୀ, ଆଇ.ଏ.ଏସ, ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ**
- **ଡ. ମମତା ପ୍ରଧାନ ଏବଂ ଡ. ଦେବେଶ ରୟ, ଗବେଷକ, IFPRI**


# ବିନା ଦୋଷରେ ଦେଢ଼ ମାସ ଜେଲ

- ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ଯୁବକ
- ନିଜ ଆଡୁ ବନ୍ଧୁକ ରଖି ଫସାଇଦେଲା ପୋଲିସ

ଉଦଳା,୨୮।୪(ସନ୍ତୋଷ କୁମାର ବାଛିନୀ)


ଅଶ୍ୱିନୀ ଦେ

ମୟୂରଭଞ୍ଜ ଜିଲା ଖୁଣ୍ଟା ପୋଲିସ ନାମରେ ସାଂଘାତିକ ଅଭିଯୋଗ। ଚଢ଼ାଉ କରିବା ବେଳେ ବିନା ଦୋଷରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଫଳରେ ଯୁବକ ଜଣକ ଦେଢ଼ ମାସ ଜେଲ୍‌ରେ ବିତାଇଥିବା ସୋମବାର ପୂର୍ବାହ୍ନରେ ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗ କରିବା ସହ ଏସ୍‌ପିଙ୍କୁ ନ୍ୟାୟ ମାଗିଛନ୍ତି।

ଅଭିଯୋଗକାରୀ ଯୁବକ ହେଲେ ଜଣକ ଖୁଣ୍ଟା ଥାନା ଅଧୀନ ସାଇଁକୁଳା ଗ୍ରାମର ଅଶ୍ୱିନୀ ଦେ। ସେ ଦର୍ଶାଇଛନ୍ତି ଯେ, ୨୦୨୩ ଜୁଲାଇ ୧୮ରେ ଖୁଣ୍ଟା ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସେ ଘରେ ନ ଥିଲେ। ତାଙ୍କ ସ୍ତ୍ରୀଙ୍କ ଉପସ୍ଥିତିରେ ପୋଲିସ ଘର ତଲାସି କରି ୭୯ ହଜାର ଟଙ୍କା ଜବତ କରି ନେଇଥିଲା ଏବଂ ତାଙ୍କୁ ଥାନାକୁ ଯିବାକୁ କହିଥିଲା। ପରଦିନ ସେ ଥାନାକୁ ଯାଇଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଜବତ ଟଙ୍କା ସହ ନିଜ ଆଡୁ ଏକ ଦେଶୀ ବନ୍ଧୁକ ଆଣି ପୋଲିସ ରଖି ଫଟୋ ଉଠାଇବା ସହ ଅଶ୍ୱିନୀଙ୍କ ଘରୁ ଟଙ୍କା ସହ ଦେଶୀ ବନ୍ଧୁକ ଜବତ ହୋଇଥିବା ଦର୍ଶାଇଥିଲା। ଏହି ବନ୍ଧୁକରେ ସେ ଶିକାର କରୁଥିବା ପୋଲିସ ନିଜ ତଦନ୍ତରେ ଦେଖାଇଥିଲା। କୋର୍ଟଚାଲାଣ ପରେ ବିନା ଦୋଷରେ ଜେଲରେ ଦେଢ଼ ମାସ ବିତାଇ ଫେରିବା ପରେ ତାଙ୍କ ପ୍ରତି ଅନ୍ୟାୟ ହୋଇଥିବା କହି ସେ ବାରମ୍ବାର ଏସ୍‌ଡିପିଓଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା ତାଙ୍କୁ ନ୍ୟାୟ ମିଳିନାହିଁ। ଅନ୍ୟପଟେ ପୋଲିସ ତାଙ୍କ ଘର ତଲାସି ସମୟରେ ସାକ୍ଷୀ ପକାଇଥିବା ବ୍ୟକ୍ତି ମଧ୍ୟ ଅଶ୍ୱିନୀଙ୍କ ଘରୁ ବନ୍ଧୁକ ଜବତ ହୋଇ ନ ଥିବା ଏବଂ କିଛି ସାକ୍ଷୀ ଘଟଣା ବାବଦରେ କିଛି ନ ଜାଣି ମଧ୍ୟ ସାକ୍ଷୀ ପଡ଼ିଥିବା ସେ କହିଛନ୍ତି। ଏପରିକି ଏସ୍‌ଡିପିଓ ମଧ୍ୟ ଅଶ୍ୱିନୀଙ୍କ ସ୍ତ୍ରୀଙ୍କ ଅଭିଯୋଗର ତଦନ୍ତ କରି ତାଙ୍କ ଘରୁ ବନ୍ଧୁକ ଜବତ ହୋଇ ନ ଥିବା ସାକ୍ଷୀଙ୍କୁ ପଚରାଉଚରା ପରେ ଜଣାପଡ଼ିଥିବା ସେ ଦର୍ଶାଇଛନ୍ତି। ହେଲେ ଏବେ ସୁଦ୍ଧା ନ୍ୟାୟ ମିଳି ନ ଥିବାରୁ ଶେଷରେ ଅଶ୍ୱିନୀ ଓ ତାଙ୍କ ସ୍ତ୍ରୀ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଭେଟିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି ବୈଜୟନ୍ତ ପଣ୍ଡା

## କେନ୍ଦ୍ରାପଡ଼ାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ହେଲା ଆଲୋଚନା

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର)

କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନଠାରେ ସାକ୍ଷାତକରିବା ସହ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। କେନ୍ଦ୍ରାପଡ଼ାର ତଳି ଅଞ୍ଚଳକୁ ଜଳମଗ୍ନ ହେବାରୁ ମୁକ୍ତ କରିବା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଯିବା ପାଇଁ ସାଂସଦ ପ୍ରସ୍ତାବ ଦେଇଛନ୍ତି। ଜିଲାର ଗରଦପୁର ବ୍ଲକ୍ ଅନ୍ତର୍ଗତ ଗହଗପାଟ ଅଞ୍ଚଳ,



କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବିସିକିଲପାଟ ଅଞ୍ଚଳରେ ବନ୍ୟା ଦ୍ୱାରା ଜଳମଗ୍ନ ହେଉଥିବା ଅଞ୍ଚଳଗୁଡ଼ିକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଛି। ଏହାସହ୍ ଜିଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଏକ ଚାରିଟେବୁଲ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ, ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ରାପଡ଼ାରେ ଏକ ହସ୍ପିଟାଲ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ରହିଛି। ଏହାସହ କେନ୍ଦ୍ରାପଡ଼ା ଜିଲାରେ ଏକ ଲଜିଷ୍ଟିକ୍ସ ପାର୍କ ନିର୍ମାଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଡାଙ୍ଗମାଳ ଅଞ୍ଚଳରେ ଇକୋ ଟୁରିଜମ୍, ଲଳିତଗିରିରେ ବୌଦ୍ଧ ପର୍ଯ୍ୟଟନକୁ ଆହୁରି ବ୍ୟାପକ କରିବା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। କେନ୍ଦ୍ରାପଡ଼ା ଜିଲାରେ ଖାଲିପଡ଼ିଥିବା ସରକାରୀ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଛି। ଜିଲାରେ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ବିଷୟରେ ଉକ୍ତ ବୈଠକରେ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।


MINISTRY OF EDUCATION
Government of India
ସତ୍ୟମେବ ଜୟତେ
WADHWANI FOUNDATION

ବିକଶିତ ଭାରତ @ ୨୦୪୭ ନିମନ୍ତେ ଶିକ୍ଷା, ଶିଳ୍ପଜଗତ ଓ ନବପ୍ରବର୍ତ୍ତକମାନଙ୍କୁ ଏକଜୁଟ କରିବା ପାଇଁ ଆୟୋଜିତ ହେଉଛି

YUGM ଯୁଗ୍ମ
ଇନୋଭେସନ୍ କନ୍‌କ୍ଲେଭ୍
29 April 2025
ଭାରତ ମଣ୍ଡପମ୍, ନୂଆଦିଲ୍ଲୀ
ପୂର୍ବାହ୍ନ ୧୧ ଘଟିକା ପରଠାରୁ



— ମୁଖ୍ୟ ଅତିଥି —
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

₹୧୪୦୦ କୋଟିରୁ ଅଧିକ ମିଳିତ ନିବେଶ ସହ ଗବେଷଣା ଏବଂ ଅଭିନବତାକୁ ସୁଦୃଢ଼ କରିବା ପାଇଁ ଏମ୍‌ଓୟୁ ବିନିମୟ

ମୋଦୀ ସରକାର ନିମ୍ନଲିଖିତ ପଦକ୍ଷେପ ସହ ରାଷ୍ଟ୍ରବ୍ୟାପୀ ଏକ ସୁଦୃଢ଼ ଗବେଷଣା ଏବଂ ଅଭିନବତା ପରିବେଶ ଗଠନ କରିବା ପାଇଁ ପ୍ରୟାସରତ:

- ଏଆଇ ଉତ୍କର୍ଷ କେନ୍ଦ୍ର
- ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେସନ୍ (ଏଏନ୍‌ଆର୍‌ଏଫ୍)
- ପ୍ରଧାନମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ (ପିଏମ୍‌ଆର୍‌ଏଫ୍)
- ରିସର୍ଚ୍ଚ ପାର୍କସ୍
- ୱାନ୍ ନେଶନ୍ ୱାନ୍ ସବ୍‌ସ୍କ୍ରିପ୍‌ସନ୍ (ଓଏନ୍‌ଓଏସ୍)
- ଗବେଷଣା ବିକାଶ ଏବଂ ଅଭିନବତା (ଆର୍‌ଡିଆଇ) ପାଣ୍ଠି ପାଇଁ ୧ ଲକ୍ଷ କୋଟି ଟଙ୍କା

ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ

CBC 21201/13/0005/2526

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଯୁବକ ମୃତ

ଧର୍ମଶାଳା,୨୮।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ହରିଦାସପୁର-ଗଡ଼ମଧୁପୁର ରେଳ ଷ୍ଟେସନ ମଧ୍ୟସ୍ଥଳ ପୁରାରାପୁର ନିକଟରେ ଟ୍ରେନ୍ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଉକ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ । ଟ୍ରେନ୍ ଲାଇନ୍ କଡ଼ରେ ମୃତଦେହ ରବିବାର ସନ୍ଧ୍ୟା ଯାଏ ପଡ଼ିରହିଥିଲା । ସ୍ଥାନୀୟ ଲୋକେ ଦେଖି ଯାଜପୁର ରୋଡ଼ ଜିଆରପିକୁ ଖବର ଦେଇଥିଲେ । ଯାଜପୁର ରୋଡ଼ ଜିଆରପି ଏକ ମାମଲା(ନଂ.୩୨/୨୫)ରୁଜୁ କରି ମୃତଦେହକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି । ମୃତଦେହ ଚିହ୍ନଟ ହୋଇ ନ ଥିବାରୁ ବ୍ୟବଚ୍ଛେଦ ପରେ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ସଂରକ୍ଷିତ ରଖାଯାଇଛି ବୋଲି ଯାଜପୁର ଜିଆରପି ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି ।

### ଚନ୍ଦନେଶ୍ୱର ଶିବମନ୍ଦିରରୁ ଚୋରି

ସିଂହପୁର,୨୮।୪(ଅନଙ୍ଗଭୟ ବେହୁରିଆ): ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବଜାରରେ ଥିବା ଚନ୍ଦନେଶ୍ୱର ମନ୍ଦିରରୁ ରବିବାର ରାତିରେ ଦୁର୍ବୃତ୍ତମାନେ ମନ୍ଦିର ବାଡ଼ ଡେଇଁ ମନ୍ଦିରର ମାଇକ୍‌ମେସିନ ଚୋରି କରିନେଇଛନ୍ତି । ସୋମବାର ସକାଳରେ ଏହି କଥା ଜଣାପଡ଼ିବା ପରେ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଞ୍ଝାରପୁର ବ୍ଲକର ପ୍ରମୁଖ ବ୍ୟବସାୟ କେନ୍ଦ୍ର ସିଂହପୁର ବଜାରରେ ପୋଲିସ ରାତି ପାଟ୍ରୋଲିଂ କରୁ ନ ଥିବା ଅଭିଯୋଗ ହୋଇଛି । ତେବେ ମାଇକ୍ ମେସିନ ଚୋରି ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ।

### ୨ ପିକଅପ୍ ଜବତ, ୧୫ ଗୋରୁ ଉଦ୍ଧାର

ଚଣ୍ଡିଖୋଲ,୨୮।୪(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ପୋଲିସ ଦର୍ପଣୀଠାରେ ଗୋଚାଲାଣକୁ ରୋକିବାରେ ସଫଳ ହୋଇଛି । ରବିବାର ଦର୍ପଣୀ ଗ୍ରାମରେ କେତେଜଣ ଯୁବକ ୨ ପିକଅପରେ ଗୋରୁ ବୋଝେଇ କରି ଭଦ୍ରକ ନେବାକୁ ଉଦ୍ୟମ କରୁଥିଲେ । ଖବର ପାଇ ଥାନାଧିକାରୀ ମଧୁସ୍ମିତା ବେହେରା ଘଟଣାସ୍ଥଳରେ ପହଞ୍ଚିବାରୁ ସେହି ଯୁବକମାନେ ଫେରାର ହୋଇଯାଇଥିଲେ । ପୋଲିସ ସେଠାରୁ ୧୫ ଗୋରୁ ସହିତ ବ୍ୟବହୃତ ୨ଟି ପିକଅପ୍ ଗାଡ଼ିକୁ ଜବତ କରି ଥାନାକୁ ଆଣିଛି । ଜବତ ଗୋରୁଙ୍କୁ ଛତିଆରେ ଥିବା ଜଗନ୍ନାଥ ଗୋଶାଳାରେ ଛଡ଼ା ଯାଇଛି । ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି ।

# ମଧୁବାବୁ ଥିଲେ ଓଡ଼ିଆ ଅସ୍ମିତାର ପ୍ରତୀକ

**ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ପକ୍ଷରୁ ଆଇନଜୀବୀ ଦିବସ ପାଳିତ**



ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ପକ୍ଷରୁ ଆୟୋଜିତ ଆଇନଜୀବୀ ଦିବସ ସଭାରେ ମଞ୍ଚାସୀନ ଅତିଥି ।

ଯାଜପୁର ଟାଉନ,୨୮।୪ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଯାଜପୁର ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ପକ୍ଷରୁ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ତଥା ଓଡ଼ିଶା ଷ୍ଟେଟ୍ ଲ କମିଶନର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଯୋଗଦେଇ ମଧୁବାବୁଙ୍କ କର୍ମମୟ ଜୀବନ, ଯଶ ପ୍ରତ୍ୟେକ ଓଡ଼ିଆ ଉପରେ ପ୍ରଭାବ ପକାଇଛି ବୋଲି କହିଥିଲେ । ମଧୁବାବୁ ଥିଲେ ଓଡ଼ିଆ ଅସ୍ମିତାର ପ୍ରତୀକ । ମଧୁବାବୁଙ୍କ ସ୍ମୃତି ବଞ୍ଚାଇବା ପାଇଁ ଯାଜପୁର ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ଏଭଳି ଉଦ୍ୟମକୁ ମୁଖ୍ୟଅତିଥି ପ୍ରଶଂସା କରିଥିଲେ । ଦୀପ୍ତିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଜିଲା ଓ ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଯୋଗଦେଇ ମଧୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷ ଅତିଥି ଓଡ଼ିଶା ଲୟର୍ସ ଆସୋସିଏସନର ସଭାପତି ବିଭୁ ପ୍ରସାଦ ତ୍ରିପାଠୀ, ଆଇନ ପରିଷଦ ଉପାଧ୍ୟକ୍ଷ ରାଜୀବ ମହାନ୍ତି, ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ସଭାପତି ପ୍ରତାପ ରାୟ, ସମ୍ପାଦକ ମାନଗୋବିନ୍ଦ ଧଳ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଓଡ଼ିଆ ଜାତି ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

ଯାଜପୁର ରୋଡ଼,(ପବିତ୍ର ରଞ୍ଜନ ମହାନ୍ତି): କଳିଙ୍ଗନଗର ଓକିଲ ସଂଘ ପକ୍ଷରୁ ମଧୁ ବାବୁଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ବ୍ୟାସନଗର ତହସିଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସଂଘର ସଭାପତି ମନୀନ୍ଦ୍ର କୁମାର ଧଳ ସଭାପତିତ୍ୱ କରିଥିଲେ । ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବରିଷ୍ଠ ସଭ୍ୟ ବ୍ରଜକିଶୋର ପତି ସ୍ୱାଗତ ଭାଷଣ ଦେଇଥିଲେ । ସଂଘର ସମ୍ପାଦକ ନବକିଶୋର ସାହୁ ବିବରଣୀ ପାଠ କରିଥିବାବେଳେ ଅରୁଣ କୁମାର ବୋଇତାଇ ଅତିଥି ପରିଚୟ ପ୍ରଦାନ ଓ ମହେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଓଡ଼ିଶା ନ୍ୟାୟିକ ସେବାରେ ରାଜ୍ୟରେ ୧୫ତମ ସ୍ଥାନ ଅଧିକାର କରିଥିବା ସୁଶ୍ରୀ ଶାଶ୍ୱତୀ ସାମଲଙ୍କୁ ମଧୁକୃତି ପ୍ରତିଭା ସମ୍ମାନ ସମ୍ମାନିତ କରାଯାଇଥିଲା । ଶାଶ୍ୱତୀ ସାମଲ ଅନୁପସ୍ଥିତ ଥିବାରୁ ତାଙ୍କ ବାପା ପ୍ରସନ କୁମାର ସାମଲ ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ଉତ୍ସବକୁ ଆଇନଜୀବୀ ଉମେଶ ଚନ୍ଦ୍ର ଦାସ ଶୁଭଦର୍ଶୀ ମଲ୍ଲ, ଅଜୟ ସାମଲ, ପ୍ରଣୟ ନାୟକ, ବେଣୁଧର ଖଣ୍ଡାଇ, ଅଜୟ ମଲିକ, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, ସୁଶାନ୍ତ ରାଉତରାୟ, ଅନନ୍ତ କର, ପ୍ରକାଶ ଜେନା, ସୁଶୀଲ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଷ୍ଟେସନ ନିକଟରେ ବାପା ମୃତ, ଝିଅ ଗୁରୁତର

ଧର୍ମଶାଳା,୨୮।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଗଡ଼ମଧୁପୁର ରେଳ ଷ୍ଟେସନ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ସ୍ଥାନୀୟ ପୁରୁଣାବଉଳମାଳ ପଞ୍ଚାୟତ ଠାକୁରା ଗ୍ରାମର ଅମୀୟ ବେହେରା ଓ ତାଙ୍କ ୩ବର୍ଷର ଝିଅକୁ ଷ୍ଟେସନ ପରିସରରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଧର୍ମଶାଳା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଅମୀୟଙ୍କୁ ମୃତ ଘୋଷଣା କରିବା ସହ ଆହତ ଝିଅର ଚିକିତ୍ସା ଜାରି ରହିଛି । ତେବେ ଏହା ଦୁର୍ଘଟଣା ନା ଅନ୍ୟ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଅମୀୟ ପାରିବାରିକ କଳହ ଯୋଗୁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା କେତେଜଣ ଲୋକ କହୁଥିବା ବେଳେ ଅନ୍ୟ କେତେଜଣ ସେ ଲୋକ ଟ୍ରେନ୍‌ରୁ ଖସି ପ୍ରାଣ ହରାଇଥିବା କହୁଛନ୍ତି । ଜିଆରପି ପୋଲିସ ତଦନ୍ତ ଚଳାଇଛି ।

# ପିଏମଶ୍ରୀ ଦଶରଥପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ପୁରସ୍କାର ବିତରଣ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ ।

**ପୁରସ୍କାର ବିତରଣ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଝୁମ୍ପୁରୀ,୨୮।୪(ସରୋଜନ ନାୟକ): ଦଶରଥପୁର ବ୍ଲକ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ଆଗକୁ ନେଇ ଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ରୂପେ ଯାଜପୁର ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଗୁରୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଦଶରଥପୁର ବ୍ଲକ ଅଧ୍ୟକ୍ଷ ବିମଳର ମଲିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶୀକାନ୍ତ ଦାଶ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ମିଶ୍ର, ଦଶରଥପୁର ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀଣୀ ସାବିତ୍ରୀ ସେଠୀ,ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାସ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ କର୍ଣ୍ଣାଟ କେଶରୀ ଦାସ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଗାୟତ୍ରୀ ପ୍ରିୟଦର୍ଶିନୀ ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ନୀଳମଣି ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଶିକ୍ଷକ ସୁବ୍ରତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ପୂର୍ତ୍ତ ବିଭାଗର ପାତରଅନ୍ତର ନୀତିକୁ ବିରୋଧ

- ଛତିଆ ବଟ ସମ୍ମୁଖ ରାସ୍ତା ପ୍ରଶସ୍ତୀକରଣକୁ ନେଇ ଚିନ୍ତା
- ଜେଜେଙ୍କୁ ଘେରିଲେ ଛତିଆ ବ୍ୟବସାୟୀ

ଛତିଆ,୨୮।୪(ସୌମ୍ୟ ରଞ୍ଜନ ସାହୁ): ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ସରକାର ସବୁବେଳେ ତତ୍ପର ଅଛନ୍ତି । ଏଥିପାଇଁ ଅନେକ କୋଟି ଟଙ୍କା ବ୍ୟୟ କରାଯାଉଛି । ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ବଟ ସମ୍ମୁଖ ରାସ୍ତା ପ୍ରଶସ୍ତୀକରଣ ପାଇଁ ଆଁଣ୍ଡ ଭିତ୍ତିରେ ରାଜ୍ୟ ସରକାର ଏଥିପାଇଁ ୧୪ କୋଟି ଟଙ୍କାର ଟେଣ୍ଡର ମଧ୍ୟ ହୋଇ ସାରିଛି । ହେଲେ ନିର୍ମାଣ ହେବାକୁ ଥିବା ଏହି ୪ ଲେନ ବିଶିଷ୍ଟ ରାସ୍ତା ପାଇଁ ପୂର୍ତ୍ତ ବିଭାଗର ଏକ ପାଖିଆ ନିଷ୍ପତ୍ତି ସମସ୍ୟା ସୃଷ୍ଟି କରିଛି । ରାସ୍ତାଟି କେଳିଆ ଛକଠାରୁ ଛତିଆ ଛକ ପର୍ଯ୍ୟନ୍ତ ୨ କିମି ପ୍ରଶସ୍ତ ହେବ । ଏହି ରାସ୍ତା ୩ଟି ପ୍ଲଟଯଥା ୮୨୦, ୮୨୧ ଓ ୮୨୨ରେ ରହିଛି । ଯାହାର ଓସାର ରହିବ ୮୦ ଫୁଟରୁ ଉର୍ଦ୍ଧ୍ୱ । ଏଥିପାଇଁ ପୂର୍ତ୍ତ ବିଭାଗର ଡାକିବାଟିଆ କାର୍ଯ୍ୟାଳୟ ପକ୍ଷରୁ ଏକାଧିକ ଥର ସର୍ଭେ ହୋଇ ମାପଚୁପ କରାଯାଇ ଚିହ୍ନଟ ସରିଛି । ବହୁ ବର୍ଷ ଧରି ଛତିଆ ବଜାରର ଉଭୟ ପାର୍ଶ୍ୱରେ ବ୍ୟବସାୟ କରି ଜୀବିକାନିର୍ବାହ କରୁଥିବା ଛତିଆର ବ୍ୟବସାୟୀମାନେ ଓ ସ୍ଥାନୀୟ ଜନସାଧାରଣ ରାସ୍ତା ପ୍ରଶସ୍ତୀକରଣକୁ ସ୍ୱାଗତ କରୁଛନ୍ତି । ହେଲେ ପୂର୍ତ୍ତ ବିଭାଗର ଏକାଙ୍ଗୀ କାର୍ଯ୍ୟ ଓ ପାତରଅନ୍ତର ନୀତିକୁ ସମସ୍ତେ ନାପସନ୍ଦ କରିଛନ୍ତି । ଏହାକୁ ନେଇ ସୋମବାର ଛତିଆ ରାସ୍ତାର ପୁନଃ ସର୍ଭେ କରିବାକୁ ଆସିଥିବା ପୂର୍ତ୍ତ ବିଭାଗ ଜେଇ ପାର୍ଥସାରଥି ପ୍ରୟାଗରାଜଙ୍କୁ ସ୍ଥାନୀୟ ବ୍ୟବସାୟୀମାନେ ଘେରିଥିଲେ । ଏହି ପ୍ରଶସ୍ତୀକରଣ ନିମନ୍ତେ ଛତିଆ ବଟର ସମ୍ମୁଖ ରାସ୍ତାକୁ ଅଧିକ ପ୍ରଶସ୍ତ କରିବାକୁ ଯୋଜନା ରହିଥିବା ଜେଇ ପ୍ରୟାଗରାଜ କହିବାରୁ ବ୍ୟବସାୟୀମାନେ ନାପସନ୍ଦ କରି ବିରୋଧ କରିଥିଲେ । ଯେଉଁଟି ଆବଶ୍ୟକ ରାସ୍ତାର ଉଭୟ ପାର୍ଶ୍ୱରୁ ସମାନ ଭାବେ ନିଆଯାଇ ରାସ୍ତା କାମ କରାଯାଉ ବୋଲି ବ୍ୟବସାୟୀମାନେ କହିଥିଲେ । ତେବେ ଅନ୍ୟ କାହାରି ପ୍ରରୋଚନାରେ ପଡ଼ି ସରକାରୀ ଅଫିସରମାନେ ଏପରି ଏକାଙ୍ଗୀ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ତେବେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ଏବଂ ଅଞ୍ଚଳବାସୀ ତଥା ବ୍ୟବସାୟୀଙ୍କ ସହ ଆଲୋଚନା କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜେଇ ପ୍ରୟାଗରାଜ କହିଛନ୍ତି ।

### ତରଳ ପିଚୁରେ ପଡ଼ି ବାଇକ୍ ଆରୋହୀ ଆହତ

ପାଣିକୋଇଲି,୨୮।୪(ବିକାଶ କୁମାର ମଲିକ): ପାଣିକୋଇଲି ଥାନା ୧୬ନଂ ଜାତୀୟ ରାଜପଥର ବଜାର ଉପରେ ସୋମବାର ଭୋରରୁ ଏକ ପିଚୁ ଟ୍ୟାଙ୍କରରୁ ପିଚୁ ବୋହି ରାସ୍ତା ଉପରେ ପଡ଼ିବା ଫଳରେ ୬ରୁ ଉର୍ଦ୍ଧ୍ୱ ବାଇକ୍ ଆରୋହୀ ରାସ୍ତାରେ ପଡ଼ି ଆହତ ହୋଇଛନ୍ତି । ସେମାନଙ୍କ ବାଇକ୍ ଭାଙ୍ଗିରୁଜି ଯାଇଛି । କୌଣସି ଏକ ପିଚୁ ପ୍ଲାଣ୍ଟରୁ ସଦ୍ୟ ତରଳାଯାଇଥିବା ପିଚୁ ରାସ୍ତା କାମ ନିମନ୍ତେ ଯାଉଥିଲା । କିନ୍ତୁ ଚାଳକଙ୍କ ଦାୟିତ୍ୱହୀନତା ଯୋଗୁ ଉକ୍ତ ଟ୍ୟାଙ୍କରରୁ କିଛି ତରଳ ପିଚୁ ପାଣିକୋଇଲି ବଜାରର ବାଲେଶ୍ୱର ବହୁଦ୍ରୂତ ନିକଟରେ ପଡ଼ିଥିଲା । ଫଳରେ ଉକ୍ତ ପିଚୁ ଉପରେ ଯାଉଥିବା ବାଇକ ଆରୋହୀମାନେ ଅନ୍ଧାର ଯୋଗୁ ଜାଣି ନ ପାରିବାରୁ ସେମାନଙ୍କ ବାଇକ୍ ତଳ ଖସି ଯାଇଥିଲା । ସ୍ଥାନୀୟ ଦୋକାନୀମାନେ କୋଇଲା ଗୁଣ୍ଡ ଓ ଡ଼ଷ୍ଟ ସଂଗ୍ରହ କରି ଉକ୍ତ ସ୍ଥାନରେ ଢାଳିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ପ୍ରହସନ ପାଲଟିଲା ଜନଶୁଣାଣି ଶିବିର

ଦଶରଥପୁର,୨୮।୪ (ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ବିପିପୁର ପଞ୍ଚାୟତରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି । ଉକ୍ତ ଶିବିରରେ ଦଶରଥପୁର ଏବିଡ଼ିଓ ତ୍ରିଲୋଚନ ସେଠୀ, ସହକାରୀ ଯନ୍ତ୍ରୀ ରାଜବିହାରୀ ଜେନା, ସମାଜମଙ୍ଗଳ ଅଧିକାରିଣୀ ସ୍ୱାଧୀନ କ୍ରିଷ୍ଟାବାଳା,ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ମଲିକଙ୍କ ସମେତ ସରପଞ୍ଚ ଗାୟତ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ । ହେଲେ ବିଡ଼ିଓ, ତହସିଲଦାର, ଥାନା ଅଧିକାରୀ, ସିଡ଼ିପିଓ, ମେଡ଼ିକାଲ ଅଫିସର, ବ୍ଲକ ଶିକ୍ଷା ଅଧିକାରୀଙ୍କ ଦେଖା ମିଳି ନ ଥିଲା । ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଅଭିଯୋଗ ନେଇ ଆସିଥିବା ଲୋକେ ହତାଶ ହୋଇ ଫେରିଥିଲେ । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ।

# ପାଣି ପାଇପ୍ ଖୋଳି ଦେଲେ, ହନ୍ତସନ୍ତ ପଞ୍ଚାୟତବାସୀ

ପାଣିକୋଇଲି,୨୮।୪(ବିକାଶ କୁମାର ମଲିକ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପାଣି ବାଲ୍‌ଟିଏ ପାଇଁ ଲୋକଙ୍କ ସହିତ ଜୀବଜନ୍ତୁ ହନ୍ତସନ୍ତ ହେଉଛନ୍ତି । ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଟ୍ୟାପ ଯୋଗେ ଜଳ ଯୋଗାଣ ଜାରି ରଖିଛନ୍ତି । କିନ୍ତୁ ପାଣିକୋଇଲି ବିଦ୍ୟୁତ ବିଭାଗର ଦାୟିତ୍ୱ ହୀନତାକାରଣରୁ ପାଣିକୋଇଲି ପଞ୍ଚାୟତର ୩ ହଜାରରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ବର୍ତ୍ତମାନ ପାଣି ଟୋପିଏ ପାଇଁ ବ୍ୟାକୁଳିତ ହେଉଛନ୍ତି । ସୂଚନା ଅନୁଯାୟୀ, ପାଣିକୋଇଲି ପଞ୍ଚାୟତ ତରଫରୁ ବସୁଧା ଯୋଜନାରେ ପାଣି ପାଇପ୍ ମାଧ୍ୟମରେ ଜଳ ଯୋଗାଣ ଜାରି ରହିଛି । ତେବେ କିଛି ଦିନ ତଳେ ଟାଟା କର୍ମଚାରୀମାନେ ବିନା କୌଣସି ପରାମର୍ଶରେ ପଞ୍ଚାୟତରେ ୭ନଂ ୱାର୍ଡ଼ର ଜଗଦୀଶ ମଲିକଙ୍କ ଘର ସମ୍ମୁଖରେ ଏକ ବିଦ୍ୟୁତ ଖୁଣ୍ଟ ପୋତିଥିଲେ । ଏନେଇ ମଲିକଙ୍କ ଅଭିଯୋଗ କ୍ରମେ ବିଦ୍ୟୁତ ବିଭାଗ ତରଫରୁ ଉକ୍ତ ଖୁଣ୍ଟକୁ ଅପସାରଣ କରାଯାଉଥିବା ବେଳେ ମାଟି ତଳେ ଥିବା ପାଣି ପାଇପ ଫାଟି ଯାଇଥିଲା । ଫଳରେ ପାଣିକୋଇଲି ପଞ୍ଚାୟତରେ ୨ ଦିନ ଧରି ପାଣି ପାଇପରେ ଜଳ ଯୋଗାଣ ବନ୍ଦ ହୋଇଯାଇଥିଲା । ଏ ନେଇ ରାଜ୍ୟ ସରକାର ତଥା ଜିଲାପାଳ ବିଦ୍ୟୁତ ବିଭାଗ ଉପରେ ଅଙ୍କୁଶ ଲଗାଇବା ଲାଗି ପଞ୍ଚାୟତର ନାଗରିକମାନେ ଦାବି କରିଛନ୍ତି ।

# ୯୪ ଅଭିଯୋଗର ତତ୍କାଳ ସମାଧାନ


ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ରସୁଲପୁର,୨୮।୪(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୧୫୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିରୁ ୯୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ବଳକା ୫୬ ଅଭିଯୋଗକୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରସୁଲପୁର ବିଡ଼ିଓ ସତ୍ୟାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାଇ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ. କାନୁନଗୋ ଯୋଗଦେଇ ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣାଣି କରିଥିଲେ । ତତ୍କାଳ ସମାଧାନ ହୋଇଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ଅଧିକାଂଶ ଅଭିଯୋଗକାରୀଙ୍କୁ ଆଇଆରଏଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ଶିବିରରେ ଅତିରିକ୍ତ ଜିଲାପାଳ (ସାଧାରଣ) ମୃତ୍ୟୁଞ୍ଜୟ ନାୟକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେଉରିଆ ପ୍ରମୁଖ ଯୋଗଦେଇଥିଲେ ।

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ



ବରୀରେ ଆୟୋଜିତ ମଧୁବାବୁଙ୍କ ଜୟନ୍ତୀ ସଭାରେ ବିଧାୟକ, ଜିଲା ଦୌରାଜଜ ଓ ଅନ୍ୟମାନେ ।


ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

ବରୀ,୨୮।୪(ମହେନ୍ଦ୍ର ସ୍ୱାଇଁ): ସୋମବାର ବରୀ ତହସିଲ କାର୍ଯ୍ୟାଳୟ ପରିସରରେ ବରୀ ଓକିଲ ସଂଘ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ମୁଖ୍ୟବକ୍ତା ଜିଲା ଦୌରାଜଜ ଶାନ୍ତିକେଶ ସାମଲ ଯୋଗ ଦେଇ ଆଜିର ଯୁବ ସମାଜ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଓଡ଼ିଶାର ସଂସ୍କୃତି ପରମ୍ପରା ଉଜ୍ଜୀବିତ ରହିବା ସହିତ ଆମ ରାଜ୍ୟର ବିକାଶ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯାଜପୁର ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ଅତିରିକ୍ତ ତହସିଲଦାର କଲ୍ଲୋଳ ମିଶ୍ର ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରୀ ଓକିଲ ସଂଘର ସଭାପତି ରାଜ କିଶୋର ସାମଲ ସଭାପତିତ୍ୱ କରିଥିବା ବେଳେ ଧୀରେନ୍ଦ୍ର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ । ସେହିପରି ସଂଘର ଉପସଭାପତି ହୃଷିକେଶ ଚନ୍ଦ୍ର ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଞ୍ଛାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ରେଡ଼ି,ଉପାଧ୍ୟକ୍ଷ ଅର୍ଚ୍ଚନା ମଲିକ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ଓକିଲ ସଂଘ ପକ୍ଷରୁ ତପନ ଜେନା,ବାବାଜୀ ଚରଣ ଜେନା, ସଂପୂର୍ଣ୍ଣା ସେଠୀ, ପ୍ରଶାନ୍ତ ବେହୁରା, ଗୁଣନିଧି ନାୟକଙ୍କ ସହ ଅନ୍ୟ କର୍ମକର୍ତ୍ତା, ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ ।

ଯାଜପୁରରୋଡ଼,(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ମଲିକ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବିଭିନ୍ନ ବିଭାଗର ଅଧ୍ୟାପିକା,ଅଧ୍ୟାପକମାନେ ଉତ୍କଳ ଗୌରବଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ । ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ମାଲ୍ୟାର୍ପଣ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାଧ୍ୟାପିକା ଡ. ଦିପ୍ତିମୟୀ, ପ୍ରାଧ୍ୟାପକ ଦିଲୀପ କୁମାର ମହାନ୍ତି, ପ୍ରଶାନ୍ତ କୁମାର ସାହୁ,ଅଜୟ କୁମାର ମହାକୁଡ଼, ଏନ୍‌ସିସି ଅଫିସର କ୍ୟାପଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅଧ୍ୟାପକ ବିବେକାନନ୍ଦ ଜେନା ,ସନାତନ ଦାସ, ଜଗବନ୍ଧୁ ସାହୁ, ଶଶିକାନ୍ତ ଲେଙ୍କା, ରାଜେଶ କୁମାର ସାହୁ, କ୍ଷିତିଶ ମହାପାତ୍ର, ଡ.ଦଶରଥ ସାହୁ, ଅଧାପିକା ମମତାମୟୀ ଦାଶ,କ୍ରିଷ୍ଣବିତ୍ ରାଉତ, ଡେମନଷ୍ଟ୍ରେଟର ରତ୍ନାକର ସ୍ୱାଇଁ ଓ ରବିନ୍ଦ୍ର କୁମାର ଦୋଳେଇ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ । ଅଧାପିକା ଡ଼ ପ୍ରଜ୍ଞା ପ୍ରବର୍ଦ୍ଧିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ସ୍ଥାନୀୟ ବ୍ୟାସଶ୍ରୀ କଳା ନିକେତନ, ତୋଲିପୁରଠାରେ ପାଳିତ ହୋଇଯାଇଛି । ସଂଘ କର୍ମକର୍ତ୍ତା ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ବରିଷ୍ଠ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ମହାଳିକ, ମହେଶ୍ୱର ନାୟକ ମଧୁବାବୁଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଶଶାଙ୍କ ବ୍ରହ୍ମ, ତପନ ସିଂ, ପ୍ରଦୀପ୍ତ କୁମାର ସାହୁ, ଭୋଳାନାଥ ଘୋଷ, ମାନସ ରାଉତ,ଦୀପକ ଦାଶ, ଭୋଳାନାଥ ବାସଙ୍କ ସହ କଳାନିକେତନର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ । ସଂଘର ସମ୍ପାଦକ ହେମନ୍ତ କୁମାର ଧର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଭ୍ୟ ପ୍ରମୋଦ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଛତିଆ, (ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପ୍ରଧାନ ଶିକ୍ଷକ ଅଶୋକ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପୁରାତନ ଛାତ୍ର ଅନନ୍ତ କିଶୋର ଶେଷ, ସରପଞ୍ଚ ରମେଶ ପୃଷ୍ଟି, ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ସଙ୍ଗୀତା ରଥ, ସୁପ୍ରଭା ମଞ୍ଜରୀ ନାଥ, ଶିକ୍ଷକ ରସାନନ୍ଦ ନାୟକ, ଗଗନ ବିହାରୀ ପଣ୍ଡା, କମଳାକାନ୍ତ ମହାନ୍ତି, ପୁରୁଷୋତ୍ତମ ନାୟକ, ପ୍ରମୋଦ କୁମାର ନାୟକ ପ୍ରମୁଖ ମଧୁବାବୁଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ । ସରୋଜିନୀ ପଡ଼ିହାରୀ, ବସୁମତୀ ସେଠୀ, ରାନୀ ନାୟକ, ସୀମା ସାହୁ, ତରୁଲତା କର ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଧର୍ମଶାଳା, (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାପ୍ରିତ ଗାର୍ଡ଼ କାର୍ଯ୍ୟାଳୟ ପରିସରରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି କାହ୍ନୁଚରଣ ଦାଶ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ମନୋରଞ୍ଜନ ମହାନ୍ତି ଯୋଗ ଦେଇ ନବ ଓଡ଼ିଶା ଗଠନ ଓ ମଧୁବାବୁଙ୍କ ଓକିଲାତି ଜୀବନ ଉପରେ ଆଲୋକପାତ କରିଥିଲେ । ଅତିଥି ଭାବେ ଅଭୟାନନ୍ଦ ସାରଦା, ବିଭୂତି ଭୂଷଣ ପାଳ, ବେଣୁଧର ନାୟକ ଯୋଗ ଦେଇ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ସ୍ୱାଇଁ, ବିଶ୍ୱନାଥ ସାମଲ, ମହେଶ୍ୱର ପାଢ଼ୀ, ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସାଧାରଣ ସମ୍ପାଦକ ଡ଼. ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିବା ବେଳେ ବିଜୟ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ । ସବିତା ମିଶ୍ର ଓ ସରୋଜିନୀ ପଣ୍ଡା ଜାତୀୟ ସଙ୍ଗୀତ ଗାନ କରିଥିଲେ । ପ୍ରହ୍ଲାଦ ପଣ୍ଡା ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

**ଯୁଗ୍ମ ଜନ ଶୁଣାଣି ଶିବିରରେ ୪୪ ଅଭିଯୋଗ**

କୁଜଙ୍ଗ, (ମନୋଜ ପ୍ରଧାନ): ଜଗତସିଂହପୁର ଜିଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ସୂଚନା କେନ୍ଦ୍ରଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୪୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୩୭ ଓ ଗୋଷ୍ଠୀଗତ ୭ ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଜଗତସିଂହପୁରର ଅତିରିକ୍ତ ଜିଲାପାଳ କୋଟି ଶଙ୍କର ରାୟ, ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର ସ୍ୱରୂପ ନନ୍ଦନ ବେହେରା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



# ମିଳିତ ଜନଶୁଣାଣି ଶିବିର ସମ୍ମୁଖରେ ଭାଜପାର ଧାରଣା

## ବିଡିଓଙ୍କ ମନମାନି, ପିଏଙ୍କ ବଦଳି ଦାବି


ଶିବିର ସମ୍ମୁଖରେ ଧାରଣାରେ ବସିଥିବା ଭାଜପା ନେତୃ ମଣ୍ଡଳୀ।



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ପାଟକୁରା, ୨୮।୪ (ରବୀନ୍ଦ୍ର ନାଥ ବାରିକ )

ଗରଦପୁର ବ୍ଲକ ପରିସରରେ ଆୟୋଜିତ ଜିଲାପାଳ ଓ ଏସ୍‌ପି ମିଳିତ ଜନଶୁଣାଣି ଶିବିରରେ ସୋମବାର ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ରାଜ୍ୟରେ ଭାଜପା ସରକାରରେ ଥାଇ ବ୍ଲକ ପ୍ରଶାସନ ବିରୋଧରେ ନାରାବାଜି କରିବା ସହ ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ଆସି ଶିବିର ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ ଆଲୋକ ସେଠୀଙ୍କ ମନମାନି ଓ ପିଏ ମୃଣ୍ମୟ ରାଉତଙ୍କ ବଦଳି ଦାବି କରିବା ସହ ଶିବିର ଭିତରକୁ ଧସେଇ ପଶିଥିଲେ। ତେବେ ଏଭଳି ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ଶିବିରରେ ଉପସ୍ଥିତ ଥିବା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ପାଟକୁରା ଆଇଆଇସି ମହମ୍ମଦ ଜାମସେଦ, କୁଦାନଗରୀ ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କ ସମେତ ପୋଲିସ କର୍ମଚାରୀମାନେ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ଶିବିରରେ ଉପସ୍ଥିତ ଥିବା ଉପଜିଲାପାଳ ଅରୁଣ ନାୟକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜୟାବ୍ଦ ମହାନ୍ତି ବିଜେପି ନେତାଙ୍କ ସହ ଉଠି ଭାଜପା କର୍ମୀଙ୍କ ଲିଖିତ ଅଭିଯୋଗ ଶୁଣି ଏହାର ତଦନ୍ତ ହେବା ସହ ପିଏ ମୃଣ୍ମୟ ରାଉତଙ୍କୁ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଶାନ୍ତ ପଡ଼ିଥିଲେ। ଏହି ଶୋଭାଯାତ୍ରାରେ କେନ୍ଦ୍ରାପଡ଼ା ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ନାୟକ, ଅଞ୍ଜନ ବେବତା, ଚିତ୍ତରଞ୍ଜନ ଚୌଧୁରୀ, ଭାଜପା କର୍ମୀ ନୟନ ବଲ୍ଲଭ ନାୟକ, ମନ୍ମଥ ସାମନ୍ତରାୟ, ସରପଞ୍ଚ ଅମୀୟ ଜେନା, ସନ୍ତୋଷ ରାଉତରାୟ, ଶ୍ରୀକାନ୍ତ ସେନାପତି, ଚିତ୍ତରଞ୍ଜନ ସେଠୀ, ଅନିଲ ପାଣି, ମୃତ୍ୟୁଞ୍ଜୟ ଲେଙ୍କା, ବିଞ୍ଚାନାଥ ସ୍ୱାଇଁ, ଉମେଶ ମହାରଣା, ଗିରିଶ ଜେନାଙ୍କ ସମେତ ଶତାଧିକ ଭାଜପା କର୍ମୀ ଆସି ଅଭିଯୋଗ ଶୁଣାଣି ଶିବିର ସମ୍ମୁଖରେ ଧାରଣା ଦେଇଥିଲେ। ଏଥିସହ ବିଡିଓଙ୍କ ମନମାନି ନୀତି ନାହିଁ, ପିଏଙ୍କ ବଦଳି ଦାବି କରିବା ସହ ବ୍ଲକକୁ ଆସିଥିବା ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଯୋଗାଇବାରେ ବ୍ୟାପକ ଅନିୟମିତତା ସହ ଲାଞ୍ଚ ଆଦାୟ, ଏମ୍‌ଜିଏନ୍‌ଆରଇଜିଏସ୍ ସହ ବିଭିନ୍ନ ଯୋଜନାରେ ବ୍ୟାପକ ହେରିଲୁଟ ନେଇ ମଧ ଲିଖିତ ଅଭିଯୋଗ ଭାଜପା ନେତା ଓ କର୍ମୀମାନେ କରିଛନ୍ତି।

ଜନ ଶୁଣାଣି ଶିବିର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ହୋଇଥିବା ବେଳେ ୭୧ଟି ଅଭିଯୋଗ ଆସିଥିଲା। ଶୁଣାଣି ପରେ ଅଧିକାରୀମାନେ ୧୦ଟା ପରେ ଶିବିର ବନ୍ଦ କରି ଚାଲି ଯାଇଥିଲେ। ଫଳରେ ସକାଳୁ ଶିବିର ଚାଲିଥିବା ନେଇ ଖବରପାଇ ଦୂର ଦୂରାନ୍ତରୁ ଅଭିଯୋଗକାରୀ ପହଞ୍ଚି ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଥିଲା। ଶିବିରରେ ବିଶେଷ କରି ଅନ୍ତ୍ୟୋଦୟ ଗୃହ, ରାଶନ କାର୍ଡ ଓ ଭତ୍ତାକୁ ନେଇ ବିଶେଷ ଅଭିଯୋଗ ଆସିଥିଲା। ତଳକୁସମା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳା ଗ୍ରାମର ଜଣେ ଅଭିଭାବକ ବାରମ୍ବାର ହଇରାଣ କରିବା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଦେବା ପରି ଅନେକ ଅଭିଯୋଗକୁ ନେଇ ଉକ୍ତ ପଞ୍ଚାୟତ ସମିତି ସଭ୍ୟ ପ୍ରଭାସ ସାହୁ ଓ ପୂର୍ବତନ ସରପଞ୍ଚ ଅଜୟ ଦାସଙ୍କ ନେତୃତ୍ୱରେ ବହୁ ଲୋକ ଆସି ଅଭିଯୋଗ କରିଛନ୍ତି। ସେହିପରି ବଙ୍କାଡ଼ାପୁର ଗ୍ରାମ ବାବୁଲି ମଲ୍ଲିକ କ୍ୟାନସର ଚିକିତ୍ସା ପାଇ ସହାୟତା, ତିକରପଡ଼ ପଞ୍ଚାୟତ ଲତା ମଲ୍ଲିକ ଅନ୍ତ୍ୟୋଦୟ ଗୃହ ନ ପାଇବା, ଜଗନ୍ନାଥପୁର ଗ୍ରାମର ଛଲ୍ଲଇ ସ୍ୱାଇଁ ୭୫ ପ୍ରତିଶତ ଭିନକ୍ଷମ ଥାଇ ଭତ୍ତା ନ ପାଇବା ଭଳି ଅଭିଯୋଗ ହୋଇଥିଲା। ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲାପାଳ ନାୟକ, ଡେପୁଟି କଲେକ୍ଟର ପ୍ରତିମା ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରମୋଦ ପ୍ରହରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲୀ ପ୍ରିୟଦର୍ଶିନୀ, ଏସ୍‌ଡିପିଓ ଗୌଡ, ତହସିଲଦାର ତୃପ୍ତି ଦାସ, ବିଡିଓ ସେଠୀ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରଣା, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ଡ. ମନୋଜ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, କୃଷି ଅଧିକାରୀ ଡ. ଗୌତମ ଦାଶ, ଅତିରିକ୍ତ ଜିଲା ଯୋଜନା ଅଧିକାରୀ ପ୍ରଫୁଲ୍ଲ ଦାଶ, ଡ. ନିରଞ୍ଜନ କର, ବ୍ଲକ ଯୋଗାଣ ନିରୀକ୍ଷକ ଶୁଚିସ୍ମିତା ମହାନ୍ତି ପ୍ରମୁଖ ଅଭିଯୋଗ ଶୁଣାଣି କରିଥିଲେ। ଗ୍ରୀଷ୍ମ ପ୍ରଭାବ ଯୋଗୁ ସକାଳୁ ଅଭିଯୋଗ ଶିବିର ଆୟୋଜନ ହୋଇଥିଲେ ହେଁ ଭିନକ୍ଷମ ସହ ଅଭିଯୋଗକାରୀଙ୍କ ପାଇ ବସିବା ଓ ପାନୀୟଜଳର ବ୍ୟବସ୍ଥା ହୋଇ ନ ଥିବାରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା।

# ବିବାହ ପୂର୍ବରୁ ଯୁବକଙ୍କ ରହସ୍ୟଜନକ ମୃତ୍ୟୁ

ପଟ୍ଟାମୁଣ୍ଡାଇ, ୨୮।୪ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ନସିପୁର ଗାଁର ଜନୈକ ଯୁବକଙ୍କ ବିବାହ ସ୍ଥିର ହୋଇଥିବାବେଳେ ଆସନ୍ତା ମାସରେ ହୋଇଥାନ୍ତା। ମାତ୍ର ସୋମବାର ତାଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଛି। ସେ ହୃଦ୍‌ଘାତରେ ମରିଯାଇଥିବା ଆଶଙ୍କା କରାଯାଉଛି। ନସିପୁର ଗାଁର ସୁରେନ୍ଦ୍ର ସାହୁଙ୍କ ପୁଅ ନରେନ୍ଦ୍ର(୩୨)ଙ୍କ ବିବାହ ସ୍ଥିର ହୋଇଥିଲା। ରବିବାର ରାତିରେ ନରେନ୍ଦ୍ର ଗୁରୁତର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ସୋମବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ପଞ୍ଚାୟତର ବହୁ ଲୋକ ହସ୍ପିଟାଲରେ ପହଞ୍ଚି ଥିଲେ। ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ନରେନ୍ଦ୍ରଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି ବନ୍ଦନା ପାତ୍ର କହିଛନ୍ତି।

# ବଜ୍ରପାତ, ପୋଖରୀରେ ବୁଡ଼ି ୨ ମୃତ

ରାଜନଗର, ୨୮।୪ (ଭାସ୍କର ରାଉତରାୟ)

ପୋଖରୀରେ ବୁଡି ୨ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ବଜ୍ରପାତରେ ୮ମ ଶ୍ରେଣୀ ଛାତ୍ରଙ୍କ ମଧ ମୃତ୍ୟୁ ସୋମବାର ଘଟିଛି। ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ରାଜନଗର ଥାନା ତାଳଚୁଆ ଗାଁର ବିଶ୍ୱଜିତ ମାନ୍ନାଙ୍କ ପୁଅ ସୁକୁମାର (୧୨) ଘର ପାଖ ବିଲରେ ଚରୁଥିବା ଗୋରୁଙ୍କୁ ଆଣିବାକୁ ଯାଇଥିଲେ। ଏହି ସମୟରେ ହଠାତ ବଜ୍ରପାତ ହୋଇଥିଲା। ଘରକୁ ଦୌଡି ଆସିବା ବେଳେ ସୁକୁମାରଙ୍କ ଉପରେ ବଜ୍ରପାତ ପଡ଼ିଥିଲା। ଘଟଣାସ୍ଥଳରେ ସୁକୁମାର ଟଳି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ମହାକାଳପଡ଼ା ଥାନା ଦୋଳିଗାଁର ଜନ୍ମେଜୟ ନାୟକଙ୍କ ଝିଅ ଅନ୍ନପୂର୍ଣ୍ଣା (୨) ଘର ନିକଟ ପୋଖରୀରେ ବୁଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଜନଗର ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କାର୍ଯ୍ୟ ସରିଥିଲେ ବି ହେଉନି ବିଲ: ଆନ୍ଦୋଳନ ଚେତାବନୀ


ବିଡିଓଙ୍କୁ ଭେଟି ଗ୍ରାମବାସୀ ଅଭିଯୋଗପତ୍ର ଦେଉଛନ୍ତି।

## ଧରାଧରପୁର ପଞ୍ଚାୟତ

ରଘୁନାଥପୁର, ୨୮।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତରେ ଦୀର୍ଘଦିନ ତଳୁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ବିଲ ହେଉନାହିଁ। ଉକ୍ତ କାର୍ଯ୍ୟରେ ଅର୍ଥ ବିନିଯୋଗ କରି ଗ୍ରାମବାସୀ କ୍ଷତି ସହୁଛନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅସହଯୋଗକୁ ଦାୟୀ କରି ସୋମବାର ସରପଞ୍ଚ ନଳିନୀପ୍ରଭା ମୁଦୁଲିଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। କୌଣସି ସୁଫଳ ନ ମିଳିଲେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପଞ୍ଚାୟତବାସୀ ପ୍ରଥମେ ବ୍ଲକରେ ପହଞ୍ଚି ବିଡିଓଙ୍କୁ ନ ପାଇ ଏବିଡିଓ ଜ୍ଞାନଦା ନାୟକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ବିଡିଓ ବିରଞ୍ଚି ନାରାୟଣ ବେହେରା ଆସିବା ପରେ ଅଭିଯୋଗକାରୀ ସରପଞ୍ଚ ମୁଦୁଲି ଓ କେତେଜଣ ବ୍ୟକ୍ତି ତାଙ୍କ ନିକଟରେ ଅଭିଯୋଗ ରଖିଥିଲେ। ବିଡିଓ ବେହେରା ଦାୟିତ୍ୱରେ ଥିବା ଯନ୍ତ୍ରୀ ଇନ୍ଦ୍ରତନୟା ସାମଲଙ୍କୁ ଡାକି ପଞ୍ଚାୟତବାସୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ଦୁଇଟି କାର୍ଯ୍ୟର ବିଲ କାମ ଚାଲିଥିବା ଏବଂ ବାକି ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରି ପର୍ଯ୍ୟାୟ କ୍ରମେ ବିଲ କରାଯିବ ବୋଲି ଯନ୍ତ୍ରୀ ସାମଲ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ବିଡିଓଙ୍କ ମିଳିତ ଆଲୋଚନା ପରେ ବଡପୋଖରୀ ଖନନ କାର୍ଯ୍ୟ କରାଯିବ ବୋଲି ବିଡିଓ ବେହେରା ପ୍ରକାଶ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ବ୍ଲକରେ ପ୍ରତ୍ୟେକ ଯନ୍ତ୍ରୀଙ୍କ ଦାୟିତ୍ୱରେ ୩/୪ ପଞ୍ଚାୟତ ରହୁଥିବାରୁ କେତେକ କାର୍ଯ୍ୟ ସମ୍ପାଦନରେ ବିଳମ୍ବ ଘଟୁଛି। ସର୍ବେଶ୍ୱର ଜେନା, ବିଭୂତି ଭୂଷଣ ସ୍ୱାଇଁ, ରୋହିତ କୁମାର ନାୟକ, ଶରତ କୁମାର ପାଣି, ପ୍ରଭାତ ରାଉତ, ବୀଣା ଭୋଇଙ୍କ ସହ ଅନ୍ୟମାନେ ବିଡିଓଙ୍କ ସହ ଆଲୋଚନା ସମୟରେ ଉପସ୍ଥିତ ଥିଲେ।

# ଜିପ୍‌ସମ୍ ଗୁଣ୍ଡ ଧୂଳିରେ ପଥଚାରୀ ଅଣନିଃଶ୍ୱାସୀ

ମହାକାଳପଡ଼ା, ୨୮।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ଜମ୍ବୁ-ମାର୍ଶାଘାଇ ମୁଖ୍ୟ ବ୍ରିଟିଶ କେନାଲ ରାସ୍ତା ନବୀକରଣ
- କେନାଲ ପାର୍ଶ୍ୱ ବାସଗୃହ, ଗଛଲତାରେ ବହଳ ଧଳା ଆସ୍ତରଣ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ-ମାର୍ଶାଘାଇ ମୁଖ୍ୟ ବ୍ରିଟିଶ କେନାଲ ୨୪ କି.ମି. ରାସ୍ତା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୦୪ କୋଟି ଟଙ୍କା ବ୍ୟୟରେ ନବୀକରଣ ହେଉଛି। ନିର୍ମାଣ କାର୍ଯ୍ୟରେ ଜିପ୍‌ସମ୍ ଗୁଣ୍ଡ ବ୍ୟବହାର କରାଯାଉଛି। ଏହା ଉଡ଼ି ପଥଚାରୀ ସମେତ ନିକଟ ବାଡ଼ିବଗିଚା, ଗଛଲତା ଓ ବାସଗୃହରେ ଧଳା ଆସ୍ତରଣ ପଡିଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନା ଅନୁସାରେ, ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା କର୍ମକର୍ତ୍ତାଙ୍କ ଖାମଖିଆଲ ମନୋଭାବ ଯୋଗୁ ଦୈନିକ ପଥଚାରୀ ଯାତାୟାତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେଜଣ ପଥଚାରୀ ଅଭିଯୋଗ କରିଛନ୍ତି, ରାସ୍ତାରେ ଯାତାୟାତ ସମୟରେ ଦକ୍ଷିଣ ଦିଗରୁ ପବନ ବହିବା ଯୋଗୁ ଭୀଷଣ ଭାବେ ଜିପ୍‌ସମ୍ ଧୂଳି ଗୁଣ୍ଡ ଉଡ଼ି ଆଖି, ନାକରେ ପଶୁଛି। ଫଳରେ ନିଃଶ୍ୱାସ ପ୍ରଶ୍ୱାସ ନେବାର କଷ୍ଟ ଅନୁଭବ ହେଉଛି। ଅପରପକ୍ଷରେ ଏହି ରାସାୟନିକ ଧୂଳିଗୁଣ୍ଡ ନାକ, ଆଖିରେ ପଶିବା ଦ୍ୱାରା ଶରୀର ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ଗୁଣ୍ଡ ଉପରେ ପାଣି ପକାଯାଉନାହିଁ ବୋଲି ଅଭିଯୋଗ ହେଉଛି। ରାସ୍ତା ନିର୍ମାଣରେ ବାଲି, ମୋରମ, ମାଟି ମିଶ୍ରିତ ହେବା ନିୟମ ଥିଲେ ମଧ ଏହା ଉଲ୍ଲଂଘନ ହେଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ସେହିପରି ପାରେଶ୍ୱରପୁର, ମଳାଡ଼ି, ଜଅଁରା, ତିଥି, କିଆରବାଙ୍କ ଆଦି କେନାଲ ପାର୍ଶ୍ୱ ଗ୍ରାମର ବାଡ଼ିବଗିଚା ଧୂଳି ଉଡ଼ି ଧଳାରଙ୍ଗ ପାଲଟିଛି। ଏଥିପାଇଁ ସ୍ଥାନୀୟ ଲୋକ ଠିକା ସଂସ୍ଥା କର୍ମକର୍ତ୍ତାଙ୍କୁ କହୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏହି ରାସ୍ତାରେ ବହୁ ଗାଡିମୋଟର ଚଳାଚଳ କରୁଥିବାବେଳେ ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଜମ୍ବୁ, ରାମନଗର, ଖରିନାସୀ, ବଉଳକଣି, ପେଟଛେଲା, ବାରଡ଼ାଙ୍ଗ ଓ ବଟିଘର ପଞ୍ଚାୟତ ଲୋକମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଠିକା ସଂସ୍ଥା କର୍ମକର୍ତ୍ତା ଯତ୍ନବାନ ହେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏହି କେନାଲ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଗଛ କଟା ହେବା ଓ ପ୍ରବଳ ଗରମ ଯୋଗୁ ପଥଚାରୀ, ସାଧାରଣଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରି ଟୁଡୁଙ୍କୁ ପଚାରିବାରେ ସମସ୍ୟା ସମ୍ପର୍କରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଜମ୍ବୁ-ମାର୍ଶାଘାଇ ମୁଖ୍ୟ ବ୍ରିଟିଶ କେନାଲ ନବୀକରଣରେ ଜିପ୍‌ସମ୍ ଗୁଣ୍ଡ ପଡିଛି।

# ମାର୍ଶାଘାଇରେ ମଧୁବାବୁ ଜୟନ୍ତୀ



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଆଇନଜୀବୀମାନେ।

ମାର୍ଶାଘାଇ ୨୮।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇରେ ମଧୁସୂଦନ ଦାସଙ୍କ ଜୟନ୍ତୀ ଏବଂ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ମାର୍ଶାଘାଇ ଏକଜ୍ୟୁକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ କାର୍ଯ୍ୟରତ ଆଇନଜୀବୀମାନଙ୍କ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ଏଥିସହ ଉତ୍କଳ ଗଠନ, ଆଇନ ବୃତ୍ତି ପରିଚାଳନା ନେଇ ଉତ୍କଳ ଗୌରବଙ୍କ ଜୀବନୀ ଉପରେ ଉପସ୍ଥିତ ଆଇନଜୀବୀମାନେ ଆଲୋଚନା କରିଥିଲେ। ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ପ୍ରତାପ କୁମାର ନାୟକ, ଶଙ୍କର୍ଷଣ ରାଉତ, ଦିଲୀପ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ଗାହଣ, ଅତୁଲ୍ୟ କୁମାର ଦାସ, ଯଶୋବନ୍ତ ରାଉତ, ବୁଲୁକିଶୋର ବେହେରା, ଅଭିମନ୍ୟୁ ମଲିକ, ସୁଶାନ୍ତ ମହାପାତ୍ର, ପ୍ରବୀର କୁମାର ଦାସ, ଗଗନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ ମଧୁବାବୁଙ୍କ ଜୀବନାଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନଜୀବୀ ବିଚିତ୍ରାନନ୍ଦ ରାଉତ ଧନ୍ୟବାଦ ଦେଇଥିଲେ।

# ଗଣିତ ପ୍ରତିଭା ପରୀକ୍ଷା: ରାଜ୍ୟରେ ନବମ ସ୍ଥାନରେ ଅଭୀପ୍ସା

ରଘୁନାଥପୁର, ୨୮।୪(ରାଜେନ୍ଦ୍ର ନାରାୟଣ ସିଂହ)



ରଘୁନାଥପୁର ନିକଟ ଖେଣ୍ଟାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀ ଛାତ୍ରୀ ଅଭୀପ୍ସା ଦାଶ ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ସାରା ରାଜ୍ୟରେ ନବମ ସ୍ଥାନ ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଛନ୍ତି। ସେ ସ୍ଥାନୀୟ ଗ୍ରାମର ଆଦିତ୍ୟ ନାରାୟଣ ଦାଶ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ଚୌଧୁରୀଙ୍କ କନ୍ୟା। ଅଭୀପ୍ସାଙ୍କ କୃତିତ୍ୱ ଅନ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବା ସହ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛି ବୋଲି ଅନୁଷ୍ଠାନର ସଭାପତି ସୁମନ୍ତ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, କୋଷାଧକ୍ଷ ଅଶୋକ କୁମାର ବେହେରା ଓ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ସାହୁ କହିଛନ୍ତି। ଏଥିସହ ଅଭୀପ୍ସାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଆତଙ୍କୀ ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କ ପାଇଁ ମହମବତି ଶୋଭାଯାତ୍ରା

ରାଜନଗର, ୨୮।୪ (ଭାସ୍କର ରାଉତରାୟ)

ଜମ୍ମୁ କଶ୍ମୀରର ପହଲଗାମରେ ଭାରତୀୟ ପର୍ଯ୍ୟଟକ ପରିଭ୍ରମଣ କରୁଥିବା ବେଳେ ପାକିସ୍ତାନ ଆତଙ୍କବାଦୀଙ୍କ ଆଖି ବୁଜା ଗୁଳିମାଡ଼ରେ ୨୮ଜଣ ଭାରତୀୟ ପର୍ଯ୍ୟଟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ସମଗ୍ର ଦେଶରେ ପାକିସ୍ତାନ ବିରୋଧରେ ପ୍ରତିଶୋଧ ନିଆଁ ଲୋକମାନଙ୍କ ମଧ୍ୟରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସୋମବାର ରାଜନଗର ଯୁବ ଛାତ୍ରଙ୍କ ପକ୍ଷରୁ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯୁବନେତା ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ଶୋଭାଯାତ୍ରା ଗୋସିଗାଁଠାରୁ ବାହାରି ସାନବଡଗୋପାଳପୁର ବଜାର ପରିକ୍ରମା କରି ତ୍ରିନାଥ ବଜାରରେ ପହଞ୍ଚି ଥିଲା। ଶୋଭାଯାତ୍ରା ସହ ୧ମିନଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବିଦ୍ୟୁଭୂଷଣ ସ୍ୱାଇଁ, ପ୍ରମୋଦ କୁମାର ରାଉତ, ଜୀବନ ସେଠୀ, ଅରୁଣ କୁମାର ରାଉତ, ଦେବବ୍ରତ ରାଉତ ପ୍ରମୁଖଙ୍କ ଯୁବ ଛାତ୍ରମାନେ ଯୋଗଦେଇ ପାକିସ୍ତାନ ବିରୋଧରେ ନାରବାଜି କରିଥିଲେ।



ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ରାଜନଗରରେ ବାହାରିଥିବା ମହମବତି ଶୋଭାଯାତ୍ରା।

# ସହର ମଧ୍ୟରେ ଜବରଦଖଲ ବଢୁଛି

- ପୋତି ହେଉଛି ୨୦ରୁ ଊର୍ଦ୍ଧ୍ୱ ପୁରାଣ ପ୍ରସିଦ୍ଧ ପୋଖରୀ
- ବିଦ୍ୟୁତ୍ ଖୁଣ୍ଟ କରୁଛି ରାସ୍ତା ସଂକୋଚନ
- ବ୍ୟକ୍ତିଗତ ମାଲିକାନାକୁ ଚାଲିଗଲାଣି ଗୋବରୀ ନଦୀ

କେନ୍ଦ୍ରାପଡ଼ା, ୨୮।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିକୁ ଇତିମଧ୍ୟରେ ୧୫୬ ବର୍ଷ ପୂରିଛି। ରାଜ୍ୟର ଏହି ସର୍ବପୁରାତନ ମ୍ୟୁନିସିପାଲିଟି ସମ୍ପ୍ରତି ବିବିଧ ସମସ୍ୟାରେ ବୁଡ଼ି ରହିଛି। ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଠିକ୍ ଧରଣର ଚାଲୁନାହିଁ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପୁରାଣ ପ୍ରସିଦ୍ଧ ପୋଖରୀ ଓ ନାଳ ଆଳିଆ ଆବର୍ଜନାରେ ଭରି ରହିବା ହେତୁ ବର୍ଷ ସାରା ମଶାଙ୍କ ବାସସ୍ଥଳ ପାଲଟିଛି। ଏହି ପୁରାତନ ସହରର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ସହରବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ଅମରବର ବିଶ୍ୱାଳ କହିଛନ୍ତି, ରାଜ୍ୟର ବୃହତ୍ ଜଳପଥ ଏହି ଜିଲାରେ ଅଛି। ଏହି ସହର ସମେତ ଆଖପାଖ ଅଞ୍ଚଳରେ ପୂର୍ବରୁ ନୌପରିବହନ ହେଉଥିଲା। ତେବେ ପୌରାଞ୍ଚଳର ୨୧ଟି ୱାର୍ଡରେ ଏବେ ଗୋଟିଏ ଦୁଇଟି ପୋଖରୀ ନଜରକୁ ଆସୁଛି। ପ୍ରାୟ ୨୦ଟି ପୁରାଣ ପ୍ରସିଦ୍ଧ ପୋଖରୀ, ନିକଟସ୍ଥ ଗୋବରୀ ନଦୀ ଓ କେନାଲ ଏବେ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି। ନାଳ ଓ ପୋଖରୀଗୁଡ଼ିକ ଆବର୍ଜନାରେ ଭର୍ତ୍ତି ହୋଇଛି। ଫଳରେ ମଶା ମାଛିଙ୍କ ଉପଦ୍ରବ ସହ ପରିବେଶ ପ୍ରଦୂଷିତ ହେଉଛି। କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ଏହି ପୋଖରୀ ଓ ନାଳର ପୁନରୁଦ୍ଧାର ହୋଇପାରନ୍ତା। ସ୍ଥାନୀୟ ନେତୃତ୍ୱର ଅଭାବ ସହ ପ୍ରଶାସକଙ୍କ ଏଥିପ୍ରତି ଦୃଷ୍ଟି ପଡୁନାହିଁ। ସେକ ସାବିର କହିଛନ୍ତି, ଜଳ ନିଷ୍କାସନ ସମସ୍ୟା ପାଇଁ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ମହିପାଳ, ବଣିଆମାଳ, ନୂଆ ବସ୍‌ଷ୍ଟାଣ୍ଡ ଆଦି ପୋଖରୀଗୁଡ଼ିକ ପୌରପାଳିକା ଅଧୀନରେ ଥିଲେ ମଧ ସଫା ହୋଇପାରୁନାହିଁ। ସହର ମଧ୍ୟରେ ଟ୍ରାଫିକ ବ୍ୟବସ୍ଥା ଅସମ୍ଭାଳ ହୋଇଛି। ସୁଚିନ୍ତିତ ଯୋଜନା ନ ଥିବାରୁ ରାସ୍ତାଗୁଡ଼ିକ ସଂକୁଚିତ ହୋଇଛି। ପ୍ରଶାସନିକ ଉଚ୍ଛେଦକୁ ସ୍ଥାନୀୟ ଲୋକ ମାନୁ ନ ଥିବାରୁ ଜବରଦଖଲ ସମସ୍ୟା ବଢ଼ିଛି।

ଗୋବରୀ ନଦୀ ପଠା ଓ ଗୋବରୀ କେନାଲର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ ମାଲିକାନାରେ ଅଛି। କେଉଁ ପରିସ୍ଥିତିରେ ଏହି ଜବରଦଖଲକାରୀଙ୍କୁ ଜମି ଦଖଲ ପାଇଁ ମଞ୍ଜୁରୀ ମିଳିଛି ବୋଲି ପ୍ରଶ୍ନ କଲେ ଏହାର ଉତ୍ତର ପ୍ରଶାସନିକ ଅଧିକାରୀ ଦେଇପାରୁନାହାନ୍ତି। ରାସ୍ତା ସମ୍ପ୍ରସାରଣ ସମୟରେ ବିଦ୍ୟୁତ୍ ଖୁଣ୍ଟ ଉଠା ଯାଉ ନ ଥିବାରୁ ଯାତାୟାତ ସମୟରେ ଗାଡିମୋଟର ଅଟକି ରହୁଛି। ସେହିପରି ସହର ପାଇଁ ଦ୍ୱିତୀୟ ବାଇପାସ ରୋଡ ନିର୍ମାଣ କାର୍ଯ୍ୟ ବହୁଦିନରୁ ଅଟକି ରହିଛି। ସେକ୍ ଅମଜାନ କହିଛନ୍ତି, ରାଜ୍ୟର ଏହି ସର୍ବପୁରାତନ ସହରର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଅନୁଦାନ ଯୋଗାଇବା କଥା। ଏକା ଦିନରେ କେନ୍ଦ୍ରାପଡ଼ା ସହିତ ଯାଜପୁର ମ୍ୟୁନିସିପାଲିଟିର ଘୋଷଣା ହୋଇଥିଲା। ଯାଜପୁର ସହରର ଉନ୍ନୟନ କାର୍ଯ୍ୟ ସମ୍ମୁଖରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ବହୁ ପଛରେ ପଡ଼ିଛି। ଏ ସମ୍ପର୍କରେ ପୌରାଧକ୍ଷା ସରିତା ସାହୁଙ୍କୁ ପଚାରିବାରେ ବିଗତ କିଛିବର୍ଷ ମଧ୍ୟରେ ସହରର ରୂପରେଖ ବଦଳିଛି। ଆଲୋକୀକରଣ, ରାସ୍ତାଘାଟର ଉନ୍ନତି ସହ ପାର୍କ ଆଦି ସ୍ଥାପନ ହୋଇଛି। ଏହାବ୍ୟତୀତ ପ୍ରତି ୱାର୍ଡ ମଧ୍ୟରେ ଥିବା ସ୍ଥାନୀୟ ସମସ୍ୟାଗୁଡ଼ିକ ନଜରକୁ ଆସିଛି। ଖୁବ୍‌ଶୀଘ୍ର ଏହି ସହରକୁ ରାଜ୍ୟର ଉନ୍ନତ ସହର ମଧ୍ୟରେ ରଖିବାକୁ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ସେ କହିଛନ୍ତି।


ଗୋବରୀ ନଦୀ ।

## ସଂକ୍ଷେପରେ

### ନୟାଗଡ଼ରେ କାଳବୈଶାଖୀ

ନୟାଗଡ଼,୨୮।୪ (ଲୋକନାଥ ମିଶ୍ର)

ନୟାଗଡ଼ ସହର ସମେତ ଆଖପାଖ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବରେ ବର୍ଷା ଓ ପବନ ହୋଇଯାଇଛି। ନୟାଗଡ଼ ପିଟିଏସ୍ ରୋଡ ସମେତ ଖୁଣ୍ଟବନ୍ଧ, ବିରୁଡ଼ା, ସୀତାରାମପୁର ଅଞ୍ଚଳରେ ଗଛ ଭାଙ୍ଗି ପଡ଼ିବାରୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। ବିଦ୍ୟୁତ କର୍ମଚାରୀଙ୍କ ଚେଷ୍ଟାରେ ବିଭିନ୍ନ ସ୍ଥାନରେ ରାତି ୯ଟା ପରେ ଲାଇନ ଆସି ନ ଥିଲା।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଖଣ୍ଡପଡ଼ା,୨୮।୪(ଅଜୟ କୁମାର ମହାରଣା)

ପରିବାର ପ୍ରତିପୋଷଣ ପାଇଁ ହଂସପାଳ ଠାରେ ଆଇସକ୍ରିମ ବେପାର କରୁଥିବା ମନୋଜ କୁମାର ପ୍ରଧାନଙ୍କ ଏକ ଅଜଣା ଗାଡ଼ି ଧକ୍କାରେ ସୋମବାର ସକାଳେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କଟକ ଜିଲାର ପାହାଳ ଥାନା ଅଧୀନରେ ଏହି ଦୁର୍ଘଟଣାଟି ଘଟିଥିବାବେଳେ ପୋଲିସ ମୃତଦେହ ଜବତ କରିଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାରେ ମୃତ ମନୋଜଙ୍କ ଘର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ଭାପୁର ବ୍ଲକ ଅଧୀନ ବେତଖୋଲି ଗ୍ରାମରେ ବୋଲି ଜଣାପଡିଛି। ଏହି ଦୁଃଖଦ ଘଟଣାକୁ ନେଇ ଗ୍ରାମରେ ଶୋକ ପ୍ରକାଶ ପାଇଛି।

### ଜବରଦଖଲ ହଟାଇବାକୁ ତହସିଲଦାରଙ୍କ ନିର୍ଦ୍ଦେଶ

ଛତ୍ରପୁର,୨୮।୪(ସନ୍ତୋଷ ପାଢ଼ୀ)

ଛତ୍ରପୁର ଉପକଣ୍ଠ ମାଁ ରାମଚଣ୍ଡୀଙ୍କ ପାହାଡ ତଳେ ଥିବା ଆଲିଆବାଦ ମୌଜାର ନୀଳାଦ୍ରିପୁର ଗ୍ରାମରେ ସରକାରୀ ଜମିକୁ ବେଧଡ଼କ ବିକ୍ରି କରାଯାଉଥିବା ଅଭିଯୋଗ ହେଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ସୋମବାର ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ସରକାରୀ ଜମିକୁ ସପ୍ତାହେ ଭିତରେ ଚିହ୍ନଟ କରି ଜବରଦଖଲ ହଟାଇବା ସହ ସେଠାରେ ସାଇନ ବୋର୍ଡ଼ ମାରିବାକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପୁର୍ନବାର ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଓ କମିଟି ତରଫରୁ ପରିଚାଳନା କମିଟି ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ୮ ଜଣିଆ କମିଟି ଗଞ୍ଜାମ ତହସିଲଦାରଙ୍କୁ ଭେଟି ପୀଠର ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। ସରକାରଙ୍କ ତରଫରୁ ଆସିଥିବା ଅନୁଦାନରେ ମନ୍ଦିର ପାଇଁ ନାମ ମଣ୍ଡପ, ବୃଦ୍ଧାଶ୍ରମ, ପରିବା ହାଟ ଓ ଫୁଲ ବଗିଚା କରାଯିବା ପାଇଁ ଆବଶ୍ୟକ ଜମି ଯୋଗାଇଦେବା ପାଇଁ ଲିଖିତ ଭାବେ ଅନୁରୋଧ କରିଥିଲେ । ଆଲୋଚନା ସମୟରେ ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, କୁଞ୍ଜ ନାୟକ, ସୁଧୀର ମହାରଣା, ଶଙ୍କର ଚର୍ଚ୍ଚା, ଶଙ୍କର ନାୟକ, ଦଣ୍ଡପାଣି ମହାରଣା, ମକୁନ୍ଦ ନାୟକ ଉପସ୍ଥିତ ଥିଲେ। ତହସିଲଦାର ଏହାର ତୁରନ୍ତ ସମାଧାନ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ୨ ଭାଇଙ୍କୁ ମାରି ଜାଳିଦେବା ଘଟଣାରେ ୩ ଗିରଫ

ବ୍ରହ୍ମପୁର,୨୮।୪(ସୁବାସ ଚନ୍ଦ୍ର ପାଢ଼ୀ)

ବେଗୁନିଆପଡା ଥାନା ଅଞ୍ଚଳର ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗାଁର ଦୁଇଭାଇ ସଞ୍ଜୟ ବାରିକ ଓ ଅଜୟ ବାରିକଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଶାଳବଣ ଗାଁର ମାନୋଜ ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ ଏବଂ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ମାମଲା ନଂ. ୨୨୦/୨୫ରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ଶାଳବଣ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ ଚାଲିଥିଲା। ଅଜୟ ଓ ସଞ୍ଜୟ ସେହି ଗାଁକୁ ଯାଇଥିଲେ। ଶାଳବଣ ଗାଁର କେତେ ଜଣ ଲୋକଙ୍କ ସହ ସେମାନଙ୍କର କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଗାଁର କେତେଜଣ ମେଳି ହୋଇ ଉଭୟଙ୍କୁ ପିଟି ହତ୍ୟା କରିଥିଲେ। ସେମାନଙ୍କ ମୃତଦେହ ଉପରେ ପାଳ ପକାଇ ଜାଳି ଦେଇଥିଲେ। ସୋମବାର ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

# ରାସ୍ତା ପାର୍ଶ୍ୱ ବୃକ୍ଷ ପାଲଟିଛି ବିଜ୍ଞାପନର ମାଧ୍ୟମ

ଖଣ୍ଡପଡ଼ା,୨୮।୪(ଅଜୟ କୁମାର ମହାରଣା)

ରାଜରାଜୁଡ଼ା ଅମଳରୁ ମୁଖ୍ୟ ରାସ୍ତାର ଉଭୟପାର୍ଶ୍ୱରେ ଶହ ଶହ ଛାୟା ପ୍ରଦାନକାରୀ ବୃକ୍ଷ ରୋପଣ କରାଯାଇଥିଲା। ଏବେ ସେହି ଗଛଗୁଡ଼ିକ ମହାଦ୍ରୁମରେ ପରିଣତ ହୋଇଥିବା ନଜରକୁ ଆସୁଛି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପଥପାର୍ଶ୍ୱ ବନୀକରଣ ଯୋଜନା ଆରମ୍ଭ ହେବା ପରେ ରାସ୍ତାପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଛି। ଏବେ ଏହି ବୃକ୍ଷଗୁଡ଼ିକ ବିଜ୍ଞାପନର ମାଧ୍ୟମ ପାଲଟିଥିବା ଅଭିଯୋଗ ହେଉଛି। ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ



**ପରିବେଶବିତ୍‌ଙ୍କ ଉଦ୍‌ବେଗ**

କରି କମ୍ପାନୀ କର୍ତ୍ତୃପକ୍ଷ, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ପୋଷ୍ଟର ଓ ବ୍ୟାନର ପଥପାର୍ଶ୍ୱ ବୃକ୍ଷରେ ଲଗାଯାଇଥିବା ପରିଲକ୍ଷିତ ହେଉଛି। ବୃକ୍ଷରେ ଲୁହା କଣ୍ଟା ବାଡେଇ ବିଜ୍ଞାପନଗୁଡ଼ିକ ଲଗାଯାଇଥିବାବେଳେ ଏ ନେଇ ପ୍ରକୃତିପ୍ରେମୀ ଓ ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେହିପରି ରାସ୍ତାପାର୍ଶ୍ୱ ବୃକ୍ଷଗୁଡ଼ିକର ସୁରକ୍ଷା ଦିଗରେ କେହି ଧ୍ୟାନ ଦେଉ ନ ଥିବାବେଳେ ପ୍ରତିବର୍ଷ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ବହୁ ଗଛ କଟାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାସ୍ତାପାର୍ଶ୍ୱ ବୃକ୍ଷଗୁଡ଼ିକରେ ଲଗାଯାଇଥିବା ବିଜ୍ଞାପନ ପୋଷ୍ଟର ସବୁ ହଟାଇବାକୁ ଖଣ୍ଡପଡ଼ା ଅଞ୍ଚଳର ସଚେତନ ନାଗରିକମାନେ ଦାବି କରିଛନ୍ତି। ସେହିପରି ବୃକ୍ଷଗୁଡ଼ିକରେ ବିଜ୍ଞାପନ ଲଗାଉଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ନିଖିଳ ଉତ୍କଳ ବାରିକ ସମିତିର ଜିଲା କାର୍ଯ୍ୟକାରିଣୀ ବୈଠକ




ବୈଠକରେ ଯୋଗଦେଇଥିବା ନିଖିଳ ଉତ୍କଳ ବାରିକ ସମିତିର କର୍ମକର୍ତ୍ତାମାନେ।

ଖଣ୍ଡପଡା,୨୮।୪(ଅଜୟ କୁମାର ମହାରଣା)

ନିଖିଳ ଉତ୍କଳ ବାରିକ ସମିତିର ଜିଲା କାର୍ଯ୍ୟକାରିଣୀର ଏକ ବୈଠକ ଭାପୁର ବ୍ଲକ ଅଧୀନ ବାଇପାସ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ କମିଟି ପକ୍ଷରୁ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ବାରିକ ସମାଜ ରାଜ୍ୟ ସଭାପତି ହେମନ୍ତ କୁମା ବାରିକ, ବିଶିଷ୍ଟ ଅତିଥି ଭାବେ ପୁରୀ ଜଡା ମଠରୁ ସମ୍ପାଦକ କଳ୍ପ ପାଣି ପରିଚ୍ଛା ଏବଂ ଅନ୍ୟତମ ଅତିଥି ଭାବେ ଜିଲା ସଭାପତି ଦଣ୍ଡପାଣି ବାରିକ, ସମ୍ପାଦକ କାଶୀନାଥ ବାରିକ, ଭାପୁର ବ୍ଲକ ସଭାପତି ବିରଞ୍ଚି ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ପରିଚ୍ଛା ପୁରୀଜଡାମଠଠାରେ ବାରିକ ସମାଜ ନିମନ୍ତେ ଏକ ଯାତ୍ରୀ ନିବାସ ନିର୍ମାଣ, ବାରିକ ଭାଇମାନଙ୍କୁ କାରିଗରି ପରିଚୟପତ୍ର ପ୍ରଦାନ ସହ ଭତ୍ତା ପ୍ରଦାନ ଏବଂ ପ୍ରତ୍ୟେକ ବାରିକ ସମାଜ ପାଇଁ ସମାଜ ଗୃହ ନିର୍ମାଣ ସହ ବାରିକ କଲ୍ୟାଣ ବୋର୍ଡ ଗଠନ ନିମନ୍ତେ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ପୁଷ୍ପ ଚନ୍ଦନ ଅର୍ପଣ କରାଯାଇ ସ୍ୱାଗତ କରାଯାଇଥିଲା। ଜିଲା ସମ୍ପାଦକ କାଶୀନାଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜ୍ୟ ସଭାପତି ପ୍ରତି ପଞ୍ଚାୟତସ୍ତରରୁ ବାରିକ ଭାଇମାନେ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା,ରଣପୁର, ନୟାଗଡ଼, ନୂଆଗାଁ, ଦଶପଲ୍ଲା ଆଦି ବିଭିନ୍ନ ବ୍ଲକର ବାରିକ ସମାଜର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ।

# ମହମବତି ଶୋଭାଯାତ୍ରାରେ କଶ୍ମୀରରେ ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି




ମା' ଫାଉଣ୍ଡେସନ୍ ପକ୍ଷରୁ ବାହାରିଥିବା ମହମବତି ଶୋଭାଯାତ୍ରା।

ନୟାଗଡ଼,୨୮।୪(ଲୋକନାଥ ମିଶ୍ର)

ଜମ୍ମୁ କଶ୍ମୀର ଆତଙ୍କୀ ଆକ୍ରମଣରେ ୨୮ ପର୍ଯ୍ୟଟକଙ୍କ ଜୀବନ ହରାଇଥିଲେ। ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଦେଶରୁ ଆତଙ୍କବାଦ ଲୋପ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ନୟାଗଡ଼ରେ ମହମବତି ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୟାଗଡ଼ର ମା' ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଟ୍ରାଫିକ ଛକଠାରୁ ଶୋଭାଯାତ୍ରା ବାହାରି ତ୍ରିନାଥ ଛକ ଗାନ୍ଧୀ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା। ଅନୁଷ୍ଠାନର ସଭାପତି ବସନ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଓ ସମ୍ପାଦକ ରଞ୍ଜନ ରଶ୍ମି ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ୧୦୮ଟି ମହମବତି ଜାଳି ମୃତ ପର୍ଯ୍ୟଟକମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଭାରତ ସବୁ ଧର୍ମକୁ ସମ୍ମାନ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କ ଧର୍ମର ପ୍ରମାଣ ଖୋଜିଖୋଜି ଗୁଳି କରି ହତ୍ୟା କରିବା ଏକ ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ ଘଟଣା ବୋଲି ମତ ପ୍ରକାଶ ପାଇଥିଲା। ଏଭଳି ଘଟାଇଥିବା ଆତଙ୍କବାଦୀଙ୍କୁ ମୂଳପୋଛ କରିବାକୁ ଉପସ୍ଥିତ ଥିବା ବ୍ୟକ୍ତିମାନେ ସରକାରଙ୍କ ପାଖରେ ଦୃଢ ଦାବି କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫେସର ଆଶୁତୋଷ ମିଶ୍ର, ପୁରୀ ସାଂସଦଙ୍କ ପିଏସ୍‌ଯୁ ଜ୍ୟୋତିଲାଲ ମାର୍ଥା, ବରିଷ୍ଠ କବି ପ୍ରଭାତ ମିଶ୍ର, ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ, ପ୍ରଫେସର ବାନାମ୍ବର ପୃଷ୍ଟି, ରେଡ଼କ୍ରସ ଫୋରମ ଉପଦେଷ୍ଟା ବିଭୂତି ଭୂଷଣ ପଟ୍ଟନାୟକ, ଅକ୍ସଫୋର୍ଡ ଶିକ୍ଷାନୁଷ୍ଠାନ ମୁଖ୍ୟ ବାପି ପ୍ରଧାନ, ଦେବେନ୍ଦ୍ର ପରାମଗୁରୁ, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ରଥ, ବୁଲବୁଲ, ସତ୍ୟବ୍ରତ ଲେଙ୍କା, ସାଗର ବିଶ୍ୱାଳ, ପ୍ରତାପ ଷଡ଼ଙ୍ଗୀ, ଅଶୋକ ମଲ୍ଲିକ, ଅଭି ମଲ୍ଲିକ, ବାପି ସାହୁ, ସଞ୍ଜୟ ପରିଡା, ସାମାଜିକ କର୍ମୀ ଦିବାକର ମିଶ୍ର, ପ୍ରତାପ ସାହୁ, ସରସ୍ୱତୀ ମହାପାତ୍ର, ସୁଜାତା ତ୍ରିପାଠୀ ଉପସ୍ଥିତ ରହି ଘଟଣାର ସମ୍ପର୍କରେ ନିଜର ଭାବାବେଗ ପ୍ରକାଶ କରିଥିଲେ। ଶେଷରେ ଫାଉଣ୍ଡେଶନର ଉପ ସଭାପତି ଗୋପୀନାଥ ସେଠୀ ଧନ୍ୟବାଦ ଦେଇଥିଲେ।

## ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୩ ଗୁରୁତର

ଧରାକୋଟ,୨୮।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଜଗମୋହନ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଜଗମୋହନ ଗୋଲାସାହିର ଶିବ ପାତ୍ର, ସୁବାସ ପାତ୍ର ଓ ରମେଶ ପାତ୍ର। ଶିବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡକୁ କାତିରେ ଆକ୍ରମଣ ହୋଇଛି। ସେହିପରି ରମେଶ ଧରାକୋଟ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସୁବାସ ଆସିକା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ କମେଣ୍ଟ ମରାକୁ କେନ୍ଦ୍ରକରି ଶିବଙ୍କ ପରିବାର ସହ ରମେଶଙ୍କ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏପରିକି ୨ ପରିବାର ଧରାକୋଟ ଥାନା ଦ୍ୱାରସ୍ଥ ହୋଇଥିଲେ। ଏଭଳି ଅନେକ ଥର ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ରବିବାର ଗଣ୍ଡଗୋଳ ପରେ ରମେଶ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ସୋମବାର ପୁଣି ଥରେ ପୂର୍ବ କଥାକୁ ନେଇ ୨ ପରିବାର ଭିତରେ ଗଣ୍ଡଗୋଳ ହୋଇଥିଲା। ପରସ୍ପରକୁ କାତି ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ ପ୍ରତିଆକ୍ରମଣ କରିବା ଫଳରେ ଗୋଟିଏ ପରିବାରରୁ ଶିବ ଓ ଅନ୍ୟ ପରିବାରରୁ ରମେଶ ଏବଂ ତାଙ୍କ ପିଉସୀ ପୁଅ ଭାଇ ସୁବାସ ଗୁରୁତର ହୋଇଛନ୍ତି । ଘଟଣା ସ୍ଥଳରେ ଧରାକୋଟ ପୋଲିସ ପହଞ୍ଚି ତଦନ୍ତ କରୁଛି । ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଥିବା ବେଳେ ୨ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ପୃଥକ ଭାବେ ୨ଟି ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି।

# ଖଣ୍ଡପଡ଼ାରେ ଆରଏସ୍‌ଏସ୍‌ର ପ୍ରାରମ୍ଭିକ ବର୍ଗ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଆରଏସ୍‌ଏସ୍‌ର କର୍ମକର୍ତ୍ତା ଓ ଅନ୍ୟମାନେ।

ଖଣ୍ଡପଡ଼ା,୨୮।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍‌ଏସ୍)ର ପ୍ରାରମ୍ଭିକ ବର୍ଗ କାର୍ଯ୍ୟକ୍ରମ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଆରଏସ୍‌ଏସ୍ ସଂଘ ଚାଳକ ହେମନ୍ତ ଖୁଣ୍ଟିଆ, ହର ପ୍ରସାଦ ରଣସିଂହ, ଜିତେନ୍ଦ୍ର କୁମାର କାଟିଆ, ଚରଣ ସାହୁ, ଲକ୍ଷ୍ମଣ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ୬୪ ଜଣ ସ୍ୱୟଂ ସେବକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଂଘ ଗଠନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱୟଂ ସେବକମାନଙ୍କୁ ମାର୍ଗ ଦର୍ଶନ କରାଯିବା ସହ ଦେଶ ଗଠନରେ ଆରଏସ୍‌ଏସ୍‌ର ଭୂମିକା ନେଇ କାର୍ଯ୍ୟକର୍ତ୍ତାମାନେ ଆଲୋକପାତ କରିଥିଲେ। ସେହିପରି ଦେଶର ଅଖଣ୍ଡତା, ସଂସ୍କୃତିକୁ ରକ୍ଷା କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରି ୧୦୦ ବର୍ଷରେ ଆରଏସ୍‌ଏସ୍ ପଦାର୍ପଣ କରିଥିବା ନେଇ ସଂଘ ଚାଳକମାନେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନବାଗତ ସ୍ୱୟଂ ସହାୟକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଅସ୍ତ୍ରୋପଚାର ପାଇଁ ୪୩ ପିଲାଙ୍କ ମୁମ୍ବାଇ ଯାତ୍ରା

ବ୍ରହ୍ମପୁର ,୨୮।୪(ସୁବାସ ଚନ୍ଦ୍ର ପାଢ଼ୀ)

ନୂତନ ଜୀବନ ପ୍ରଦାନ କରୁଛି ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ (ଆରବିଏସକେୱାଇ) କାର୍ଯ୍ୟକ୍ରମ। ଜଟିଳ ହୃଦରୋଗ ଅସ୍ତ୍ରୋପଚାର ପାଇଁ ସୋମବାର ଜିଲାରୁ ୪୩ ପିଲା ବ୍ରହ୍ମପୁର ରେଳଷ୍ଟେସନରୁ ବିଶାଖା ଏକ୍ସପ୍ରେସରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲାର ବିଭିନ୍ନ ବ୍ଲକରେ ଅନେକ ଶିଶୁ ହୃଦରୋଗର ଶିକାର ହୋଇଛନ୍ତି। ଦୁଇମାସର ଶିଶୁଙ୍କ ଠାରୁ ଆରମ୍ଭ କରି ୧୫ବର୍ଷ ପର୍ଯ୍ୟନ୍ତ ପିଲା ମାନେ ଏହି ସୂଚୀରେ ରହିଛନ୍ତି। ଆରବିଏସକେୱାଇ କାର୍ଯ୍ୟକ୍ରମ ଜରିଆରେ (୦-୧୮ବର୍ଷ) ଶିଶୁମାନଙ୍କର ଜନ୍ମଗତ ତ୍ରୁଟି ଓ ବିଳମ୍ବିତ ବିକାଶଜନିତ ସମସ୍ୟାର ଉପଚାର ସହ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ସ୍ୱାସ୍ଥ୍ୟ ସମସ୍ୟା, ଅକ୍ଷମତାର ସହଜ ଚିହ୍ନଟକରଣ ଓ ଆବଶ୍ୟକୀୟ ପଦକ୍ଷେପ ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିନରେ କରାଯାଉଛି। ଜିଲ୍ଲାର ବିଭିନ୍ନ ବ୍ଲକ ତଥା ମହାନଗରରୁ ହୃତପିଣ୍ଡ ଜନିତ ସମସ୍ୟାରେ ଆକ୍ରାନ୍ତ ଥିବା ଛୁଆ ମାନଙ୍କୁ ମୁମ୍ବାଇସ୍ଥିତ ଏସଆରସିସି ଶିଶୁ ଡାକ୍ତରଖାନାରେ ଚିକିତ୍ସା କରାଯିବ। ରୋଗୀ ମାନଙ୍କ ସହ ତାଙ୍କର ସମ୍ପର୍କୀୟ ଯାତ୍ରା କରୁଛନ୍ତି। ସେହିପରି ସେମାନଙ୍କ ସହିତ ଡାକ୍ତର କିରେନ କୁମାର ପଣ୍ଡିତ, ଡା. ସତ୍ୟନାରାୟଣ ପୋଲାଇ, ଡା. ମନୋରଞ୍ଜନ ପଣ୍ଡା ଓ ଡା. ଜି. ବିହାରୀ ପାତ୍ର ମଧ ଯାତ୍ରା କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭବାନୀ ମିଶ୍ର, ଡିପିଏମ ବୁଲୁନାଥ ସାହୁ, ଆରବିଏସକେୱାଇ ମ୍ୟାନେଜର ଲୋପାମୁଦ୍ରା ମିଶ୍ର ଆକ୍ରାନ୍ତ ମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



ମୁମ୍ବାଇ ଚିକିତ୍ସିତ ହେବାକୁ ଯାଉଥିବା ଶିଶୁ ଓ ସେମାନଙ୍କ ସମ୍ପର୍କୀୟ।

## ଗାଡି ଧକ୍କାରେ ଜଣେ ମୃତ

ଛତ୍ରପୁର,୨୮।୪(ଦିଲ୍ଲୀପ ସାମଲ)

ଚମାଖଣ୍ଡି ଥାନା ଅଧୀନ ଟିଟାମିୟମ କମ୍ପାନୀ ଗେଟ ସମ୍ମୁଖରେ କୌଣସି ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଚମାଖଣ୍ଡି ଓ ଛତ୍ରପୁର ଥାନା ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହିତ ତଦନ୍ତ ଚଳାଇଛନ୍ତି। ଏନେଇ ଚମାଖଣ୍ଡି ଥାନାରେ ନଂ.୧୮୨/୨୫ରେ ଏକ ମାମଲା ରୁଜ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଯାଇଛି।

## ମା' ତାରିଣୀଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୮।୪(ଅଜୟ କୁମାର ମହାରଣା)

ସୋମବାର କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ସମ୍ମୁଖ ମା'ତାରିଣୀଙ୍କ ୧୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୭ଟାରେ ମହିଳାପୁରୁଷମାନେ କଳସ ଶୋଭାଯାତ୍ରାରେ ମହିମାଶ୍ରମ ନିକଟ ମହାନଦୀ ଘାଟରୁ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା ପରେ ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ପରେ ସୂର୍ଯ୍ୟ ପୂଜା ସହ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ରମାକାନ୍ତ ସାହୁ ଓ କର୍ତ୍ତୀ ଭାବେ ଜ୍ୟୋତ୍ସ୍ନାରାଣୀ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁରୋହିତ ଭାବେ ବସନ୍ତ କୁମାର ମିଶ୍ର ଓ ଲୁନା ମିଶ୍ର କାର୍ଯ୍ୟ ପରିଚାଳନା କରିଥିଲେ। ଅପରାହ୍ନ ସାଢେ ୪ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ମହିଳା ମଣ୍ଡଳ ପକ୍ଷରୁ ସଂକୀର୍ତ୍ତନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠାତା ଧ୍ରୁବ ଚରଣ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଇସ୍କନ ମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ସାଧୁ ବୈଷ୍ଣବ ଏବଂ ଭକ୍ତମାନେ।

ଖଣ୍ଡପଡ଼ା,୨୮।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଇସ୍କନ ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଖପାଖ ଗାଁକୁ ଗାଁ ପରିକ୍ରମା କରି ନଗରକୀର୍ତ୍ତନ କରାଯାଇଥିଲା। ଉତ୍ସବରେ ପରମପୂଜ୍ୟ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜଜୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅବସ୍ଥିତ ଇସ୍କନ ମନ୍ଦିରରୁ ସାଧୁ ବୈଷ୍ଣବ ଏବଂ ବରିଷ୍ଠ ଭକ୍ତମାନେ ଯୋଗଦେଇଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନକ୍ସାରେ ସୀମିତ ପାରଳା ବାଇପାସ୍ ରୋଡ

ପାରଳାଖେମୁଣ୍ଡି, ୨୮।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି ପାଇଁ ନକ୍ସାରେ ସୀମିତ ରହିଛି ବାଇପାସ ରୋଡ଼। ଇତି ମଧ୍ୟରେ ଏଠାରୁ ଅନେକ ଜନ ପ୍ରତିନିଧି ପ୍ରତିନିଧିତ୍ୱ କରିଥିଲେ ମଧ୍ୟ କେହି ପାରଳାବାସୀଙ୍କ ସୁଗମ ଯାତାୟାତ ପାଇଁ ବାଇପାସ ରୋଡ କରିପାରିନାହାନ୍ତି। ପ୍ରଥମେ କଂଗ୍ରେସ ସରକାର ସମୟରେ ପାରଳାଖେମୁଣ୍ଡି ସହରରେ ବାଇପାସ ପାଇଁ ପରିକଳ୍ପନା କରାଯାଇ ସର୍ଭେ ହୋଇଥିଲା। ପରେ ଏହା କେବଳ ସର୍ଭେରେ ସୀମିତ ରହିଥିଲା। ୨୦୦୬ରେ ମିଳିତ ସରକାର ଥିବା ବେଳେ ଦୁଇ ଦଳର ନେତା ମନ୍ତ୍ରୀ ପାରଳାଖେମୁଣ୍ଡି ଆସି ସ୍ଥିତି ଅନୁଧ୍ୟାନ କରି ପୁଣି ଥରେ ସର୍ଭେ କରି ରୋଡ଼ ମ୍ୟାପ ପ୍ରସ୍ତୁତ କରାଯାଇଥିଲା। ଶେଷରେ ଫାଇନାଲ ମ୍ୟାପ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରସ୍ତୁତ କରାଗଲା।




ପାରଳା ବାଇପାସ୍ ରୋଡ୍‌ର ନକ୍ସା।

ହେଲେ କାମ ଆରମ୍ଭ ହେଲାନି। ସବୁ ସର୍ଭେ, ରିପୋର୍ଟ ଫାଇଲରେ ଲୁଚିଗଲା। ୨୦୦୯ରେ ଯେତେବେଳେ ବିଜେଡି ସରକାର ଏକା ସରକାର ଗଢିଲା ସେତେବେବେଳେ ଜିଲାର ସାମୁହିକ ବିକାଶ ଓ ଅପହଞ୍ଚ ଅଞ୍ଚଳକୁ ରାସ୍ତା ନିର୍ମାଣ ପାଇଁ ବିଏସ୍‌କେୱାଇଆଇଏୱାଇରେ ବହୁ କୋଟି ଟଙ୍କା ଅନୁଦାନ ଗଜପତି ଜିଲାକୁ ଆସିଲା, ମାତ୍ର ବାଇପାସ କାମ ହେଲାନାହିଁ। ପରବର୍ତ୍ତୀ ସମୟରେ ବିଭିନ୍ନ ମହଲରୁ ଆନ୍ଦୋଳନର ସ୍ୱର ଉଠିବା ପରେ ୨୦୧୩ରେ ତତ୍କାଳୀନ ଉପ ଜିଲାପାଳ ଅନାମ ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପୂର୍ତ୍ତ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନେଇ ପୁଣି ଏକ ସର୍ଭେ ହେଲା। ପୁତୁଣି ଗ୍ରାମ ନିକଟ ଦେଇ ବାଇପାସ ରୋଡ ବେତାଗୁଡା ଦେଇ ବାହାରିବ ବୋଲି ସ୍ଥିର କରାଗଲା। ବାଇପାସ ରୋଡର ଡ଼ିପିଆର ମଧ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଗଲା। ଇତି ମଧ୍ୟରେ ୨୦୧୪ ନିର୍ବାଚନ ହେଲା। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ କେ.ସୁରିୟା ରାଓ ପାରଳାବାସୀଙ୍କୁ ବାଇପାସ ରାସ୍ତା ପ୍ରତିଶ୍ରୁତି ଦେଇ ଜିତିଲେ, ଅଥଚ ବାଇପାସ କଥା ଲୁଚିଗଲା । ୨୦୧୯ ଓ ୨୦୨୩ ନିର୍ବାଚନ ମଧ ସରିଲା। ୨୦୨୩ରେ ବିଧାୟକ ହେଲେ ବିଜେଡିର ରୂପେଶ କୁମାର ପାଣିଗ୍ରାହୀ। ଇତିମଧ୍ୟରେ ବିଧାନସଭାରେ ବାଇପାସ ରୋଡ ନେଇ ପ୍ରଶ୍ନ ଉଠିଛି। ଟେଣ୍ଡର ଡକାଯାଇଛି। ମାତ୍ର କାମ କାଣିଚାଏ ହୋଇନି।

# ଏମ୍‌ଏଲ୍‌ଆଇୟୁ ତଦନ୍ତରେ ଧରାପଡ଼ିବା ଭୟ

## ୧୦ ପ୍ରକଳ୍ପର ତାଲିକା ଦାଖଲ, ନିମ୍ନମାନର କାର୍ଯ୍ୟକୁ ବାଦ୍

ଯାଜପୁର,୨୮।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ପାଣିକୋଇଲି ରାସ୍ତା ଓ କୋଠାବାଡ଼ି ନିର୍ମାଣ ତଥା ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପଗୁଡ଼ିକର ମାନ ଯାଞ୍ଚ ଏଥର ମୋବାଇଲ ଲାବରେଟୋରି ଇନ୍ସପେକ୍ସନ ୟୁନିଟ୍ (ଏମ୍‌ଏଲ୍‌ଆଇୟୁ)ରେ କରାଯିବ। ୧।୧।୨୦୨୫ରେ ଅନୁଷ୍ଠିତ ବିଭାଗୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକର ନିଷ୍ପତ୍ତି ଅନୁସାରେ ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ଏମ୍‌ଏଲ୍‌ଆଇୟୁରେ ମାନ ଯାଞ୍ଚ କରିବାକୁ ନିଜ ନିଜ ଡିଭିଜନର ରାସ୍ତା ଓ କୋଠାବାଡ଼ି ତାଲିକା ଦାଖଲ କରିଛନ୍ତି। ଏହିକ୍ରମରେ ଯାଜପୁର ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ୩ଟି ରାସ୍ତା, ୪ଟି କୋଠାବାଡ଼ି ଓ ୩ଟି ବ୍ରିଜ୍ ତାଲିକା ଦାଖଲ କରାଯାଇଛି। ହେଲେ ଯେଉଁଠି ନିର୍ମାଣ ସମୟରେ ରାସ୍ତା ଦବି ଯାଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି ସେହି ରାସ୍ତାଗୁଡ଼ିକୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ଏଠାରେ ଷଠିପୁରଠାରୁ ଯାଜପୁର ପଟକୁ ବୁଢ଼ା ନଦୀ ବ୍ରିଜ୍ ନିକଟ ପର୍ଯ୍ୟନ୍ତ ୩.୪୦୦ କିମି ଚାରିଲେନ ରାସ୍ତା ନିର୍ମାଣକୁ ଉଦାହରଣ ଭାବେ ନିଆଯାଇପାରେ। ଏମ୍‌ଏଲ୍‌ଆଇୟୁରେ ମାନ ଯାଞ୍ଚ କରାଗଲେ ତୁରନ୍ତ ନିମ୍ନମାନର କାର୍ଯ୍ୟ ଧରାପଡ଼ିବା ଭୟରେ ଏଭଳି ତାଲିକା ଦାଖଲ କରାଯାଇଥିବା ସାଧାରଣରେ ମତପ୍ରକାଶ ପାଇଛି।



ଧସିଯାଇଥିବା ଷଠିପୁର ପୂର୍ତ୍ତ ବିଭାଗ ରାସ୍ତାର ମରାମତି କରାଯାଇଛି।

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳ ପାଇଁ ଗତ ୫ ବର୍ଷରେ ବିଭିନ୍ନ ପାଣ୍ଠିରୁ ପ୍ରାୟ ୭ ହଜାର କୋଟି ଟଙ୍କା ଅନୁଦାନ ଆସିଥିବା ଜଣାପଡ଼ିଛି। ତେବେ ଏହି ପାଣ୍ଠିରୁ ହାତକୁ ନିଆଯାଇଥିବା ଅନେକ ପ୍ରକଳ୍ପ କାର୍ଯ୍ୟ ଅତି ନିମ୍ନମାନର କରାଯାଇ ମିଳିମିଶି ଅର୍ଥ ହଡ଼ପ କରାଯାଇଥିବା ଚର୍ଚ୍ଚା ହେଉଛି। ସେଥିମଧ୍ୟରୁ ପାଣିକୋଇଲି ପୂର୍ତ୍ତ ଡିଭିଜନ ଅଧୀନରେ ନିର୍ମାଣ ହେଉଥିବା ଷଠିପୁରଠାରୁ ଯାଜପୁର ପଟକୁ ବୁଢ଼ା ନଦୀ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨୪.୯୮ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ୍ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିଃ ଠିକାସଂସ୍ଥାକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ଏହି ରାସ୍ତା ନିର୍ମାଣ ପାଇଁ ୩ ଏକର ୩୦୮ ଡେସିମିଲ ଜମି ଅଧିଗ୍ରହଣ ବାବଦକୁ ୨୨.୪୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ରୁଡ଼ିଆ ଗ୍ରାମ ଅଂଶ ରାସ୍ତା ନିର୍ମାଣକୁ ୧ ମାସ ନ ପୂରୁଣୁ ୨୦୨୪ ଅଗଷ୍ଟରେ ଏକାଧିକ ସ୍ଥାନରେ ରାସ୍ତା ଧସି, ଫାଟି ବିପଦସଙ୍କୁଳ ହୋଇଥିଲା। ଏହି ରାସ୍ତାରେ ବ୍ୟାପକ ପିସି କାରବାର ଓ ଠିକାଦାର-ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଏହାର ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ହେଲେ ଏହି ଅଭିଯୋଗ ସଂକ୍ରାନ୍ତରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଉକ୍ତ ରାସ୍ତା କାର୍ଯ୍ୟ ୩୦।୧୧।୨୦୨୧ରେ ଆରମ୍ଭ କରାଯାଇ ୨୯।୫।୨୦୨୩ରେ ସରିବା କଥା। କିନ୍ତୁ ଏପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ।

ଏଭଳି ଅନେକ ପ୍ରକଳ୍ପ ରହିଛି, ଯାହା ନିମ୍ନମାନର କାର୍ଯ୍ୟ ହୋଇଥିଲେ ବି ଏମ୍‌ଏଲ୍‌ଆଇୟୁରେ ତଦନ୍ତ କରାଯାଉନାହିଁ। ୨୯.୩୩ କୋଟି ଟଙ୍କାର ଦଶରଥପୁର ଆଇବିଠାରୁ ସସୁଆ ଶିବ ତାଣ୍ଡବ ରାସ୍ତା, ୨୬.୭୫ କୋଟି ଟଙ୍କାର କେଲୁଅ ବାମପାର୍ଶ୍ୱ ନଦୀବନ୍ଧଠାରୁ ବେଦପୁର-ଜନକ ଭାୟା ନଳକୂଳ ରାସ୍ତା ଏବଂ ୧୬.୯୯ କୋଟି ଟଙ୍କାର ୧୬ ନମ୍ବର ଜାତୀୟ ରାଜପଥଠାରୁ ୨୦ ନମ୍ବର ଜାତୀୟ ରାଜପଥ ଭାୟା ଦାମୋଦରପୁର ଓ ନରପଦା ରାସ୍ତା, ୩.୬୩ କୋଟି ଟଙ୍କାର ମଲ୍ଲିକାପୁର ଆଦର୍ଶ ବିଦ୍ୟାଳୟଠାରେ ୧୦୦ ବେଡ୍ ବିଶିଷ୍ଟ ବାଳକ ହଷ୍ଟେଲ, ୩.୬୦ କୋଟି ଟଙ୍କାର ଦେଉଳିପାଲ ଆଦର୍ଶ ବିଦ୍ୟାଳୟଠାରେ ବାଳକ ହଷ୍ଟେଲ, ୧୯୩.୪୨ କୋଟି ଟଙ୍କାର ଯାଜପୁର ପ୍ରଶାସନ ଭବନ ଓ ୬୯.୧୭ କୋଟି ଟଙ୍କାର ଯାଜପୁର ଜିଲା କୋର୍ଟ ବିଲ୍ଡିଂ, ୫୩.୪୯ କୋଟି ଟଙ୍କାର ଚଟ୍ଟମାରି-ବନ୍ଧମୁଣ୍ଡା ରାସ୍ତାର ତନ୍ତିଘାଇ ନଦୀରେ ବ୍ରିଜ ନିର୍ମାଣ, ୩୧.୮୯ କୋଟି ଟଙ୍କାର କୁଆଖିଆ-ବରୁଆଁ ରାସ୍ତାର ବ୍ରାହ୍ମଣୀ ନଦୀରେ ବ୍ରିଜ ଓ ୨୬.୨୦ କୋଟି ଟଙ୍କାର ସିଂହପୁର-କଣ୍ଡିଆ ରାସ୍ତାର ଖରସ୍ରୋତା ନଦୀରେ ବ୍ରିଜ ନିର୍ମାଣ ପ୍ରକଳ୍ପଗୁଡ଼ିକୁ ଏମ୍‌ଏଲ୍‌ଆଇୟୁରେ ତଦନ୍ତ କରାଯିବ। ଏହି ପ୍ରକଳ୍ପଗୁଡ଼ିକରେ ବ୍ୟବହାର ହୋଇଥିବା ନିର୍ମାଣ ସାମଗ୍ରୀ, ପରିମାଣ ଇତ୍ୟାଦିର ନମୁନା ସଂଗ୍ରହ କରି ତଦନ୍ତସ୍ଥଳରେ ପରୀକ୍ଷା କରାଯିବ। ଫଳରେ ରାସ୍ତା, କୋଠାବାଡ଼ି ଓ ବ୍ରିଜଗୁଡ଼ିକର ମାନ ପରୀକ୍ଷା ସହଜ ହୋଇପାରିବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଇଛି। ବାସ୍ତବରେ ତଦନ୍ତ ପ୍ରକ୍ରିୟାରେ ବିଭାଗୀୟ ଆନ୍ତରିକତା ଓ ସ୍ୱଚ୍ଛତା ବଜାୟ ରହିଲେ ସମସ୍ତ ପ୍ରକଳ୍ପ ଠିକ ଭାବେ ନିର୍ମାଣ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ପାଣିକୋଇଲି ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କମଳ ସ୍ୱାଇଁଙ୍କୁ ଏ ସଂକ୍ରାନ୍ତରେ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅର୍ଜୁନ



@ ଅଶୋକ



@ ବର୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାସ୍ତରୀୟ ଆଇନଜୀବୀ ଦିବସ ସମାରୋହ

ଯାଜପୁରରୋଡ଼,୨୮।୪ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରସ୍ଥିତ କେଏନ୍‌ଡିଏ ସେଲିବ୍ରେଶନ ସଭାଗୃହ ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ୧୬ତମ ଜିଲାସ୍ତରୀୟ ଆଇନଜୀବୀ ଦିବସ ସୋମବାର ପାଳିତ ହୋଇଯାଇଛି। ଟ୍ୟାକ୍ସ ବାର ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତି ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ଯାଜପୁର ଏମ୍‌ପି ଡ. ରବିନ୍ଦ୍ର ନାରାୟଣ ବେହେରା, ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମୁମ୍ବାଇ ଓଡିଆ ମହାସଂଘର ସଭାପତି ଡ଼. ବିପିନ ବିହାରୀ ମିଶ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ। ବାରର ସମ୍ପାଦକ ଧନେଶ୍ୱର ବାରିକ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ସସ୍ମିତା ସ୍ୱାଇଁ ମଞ୍ଚ ପରିଚାଳନା ସହିତ ଅଜୟ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମଧୁବାବୁଙ୍କ ଭାରତରତ୍ନ ପ୍ରଦାନ ସହିତ ବ୍ୟାସନଗର ସହରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନା କରିବା ପାଇଁ ଆସୋସିଏଶନ ପକ୍ଷରୁ ଦାବି କରାଯାଇଥିଲା। ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଜାତୀୟ ଆଇନଜୀବୀ ପରିଷଦ ସଭ୍ୟ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ କାଶ୍ମୀରର ପହଲଗ୍ରାମରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଲୋକମାନଙ୍କ ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ଓକିଲ ସଂଘର ନବ ନିର୍ବାଚିତ ସଭାପତି ଏବଂ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥି ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଧାନମଣ୍ଡଳ ଝୋଟ ନିଗମ ସମ୍ମୁଖରେ ଚାଷୀଙ୍କ ଧାରଣା



ଚାଷୀମାନେ ଧାନମଣ୍ଡଳ ଝୋଟ ନିଗମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଚଣ୍ଡିଖୋଲ,୨୮।୪(ପ୍ରଦୀପ୍ତ କୁମାର ପୃଷ୍ଟି):

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ସମସ୍ୟା ପ୍ରତି ପ୍ରାଧାନ୍ୟ ଦେଉଥିବା ବେଳେ ଯାଜପୁର ଜିଲା ବଡ଼ଚଣା ବ୍ଲକସ୍ଥିତ ଧାନମଣ୍ଡଳ ଝୋଟ ନିଗମ ନାମରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି କେତେଜଣ ଚାଷୀ। ବାଲେଶ୍ୱର,ଭଦ୍ରକ,କଟକ ଓ ଯାଜପୁର ଜିଲାର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଚାଷୀ ନଳିତା ଚାଷ କରି ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ୯୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଝୋଟ ବାବଦରେ ନିଗମ ଉପରେ ବାକି ରହିଛି। ସେହି ଟଙ୍କା ଚାଷୀଙ୍କୁ ଦେବା ବଦଳରେ,ଚାଷୀଙ୍କୁ ୬ମାସ ହେବ ମିଳୁଛି ମିଛ ପ୍ରତିଶ୍ରୁତି। ସେଥିପାଇଁ ସୋମବାର ଚାଷୀମାନେ ସମ୍ମିଳିତ ଭାବେ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଚଳିତ ବର୍ଷ ଝୋଟ ଚାଷ ହେବାକୁ ସମୟ ହେଲାଣି,ହେଲେ ଆଜି ପର୍ଯ୍ୟନ୍ତ ନଳିତା ମଞ୍ଜି କିଣିବା ପାଇଁ ଚାଷୀଙ୍କ ପାଖରେ ଟଙ୍କା ନାହିଁ। ଦୀର୍ଘ ୧୫ ବର୍ଷ ହେବ ଝୋଟ ନିଗମ ଧାନମଣ୍ଡଳ ଉପରେ ନିର୍ଭର କରୁଥିବା ଝୋଟ ଚାଷୀମାନଙ୍କୁ ପ୍ରଲୋଭନ ଦେଖାଇ ଝୋଟ ନିଗମ କ୍ରୟ କରିଥିବା ବେଳେ, ଆଜି ପର୍ଯ୍ୟନ୍ତ ଚାଷୀମାନଙ୍କ ଉପଯୁକ୍ତ ଅର୍ଥ ଦେଲେ ନାହିଁ। ଚାଷୀମାନେ ପଶ୍ଚିମବଙ୍ଗସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ, ଉପ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ତହସିଲଦାର, ବଡ଼ଚଣା ପୋଲିସ ଓ ଜିଲା ପ୍ରଶାସନକୁ ପୂର୍ବରୁ ଲିଖିତ ଭାବେ ଅଭିଯୋଗ କରି ସାରିଛନ୍ତି। ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ଚାଷୀ ବିଜୟ କୁମାର ବେହେରା, ସୁଶାନ୍ତ କୁମାର ପଣ୍ଡା ଓ ଧିରେନ୍ଦ୍ର ସାମଲ ପ୍ରମୁଖ କହିଛନ୍ତି। ଚାଷୀ ମାନେ ହତାଶ ହୋଇ ସୋମବାର ଧାନମଣ୍ଡଳ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ପ୍ରାପ୍ୟ ଅର୍ଥ ନ ମିଳିଲେ ଆତ୍ମାହୁତି ଦେବାର ଧମକ ଦେଇଛନ୍ତି।

ଏ ସମ୍ପର୍କରେ ନିଗମରେ କାର୍ଯ୍ୟରତ ଜଣେ ମାତ୍ର କର୍ମଚାରୀ ଦିବେନ୍ଦୁ ବିଶ୍ୱାସ କହନ୍ତି କଲିକତାରେ ଆମର ମୁଖ୍ୟ କାର୍ଯ୍ୟାଳୟ। ଚାଷୀମାନଙ୍କ ଟଙ୍କା ବାକି ଅଛି । କିନ୍ତୁ ମୁଖ୍ୟାଳୟରୁ କେହି ଆସୁ ନାହାନ୍ତି କିମ୍ବା ଚାଷୀଙ୍କ ସମସ୍ୟା ବୁଝୁନାହାନ୍ତି। ମୁଁ ଏକମାତ୍ର କର୍ମଚାରୀଭାବେ କାର୍ଯ୍ୟାଳୟ ଜଗି ରହିଛି।

# ବ୍ଲକ୍, ପୌରାଞ୍ଚଳ ବିଜେଡି ସଭାପତି ନିଯୁକ୍ତ

ଯାଜପୁର,୨୮।୪(ହର୍ଷବର୍ଦ୍ଧନ ବେହେରା)

**ଯାଜପୁର ଜିଲା**

ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ସୋମବାର ବ୍ଲକ ଓ ପୌରାଞ୍ଚଳ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ ଯାଜପୁର ପୌରପାଳିକା ସଭାପତି ଭାବେ ସନ୍ତୋଷ କୁମାର ନନ୍ଦ ଓ ବ୍ୟାସନଗର ପୌରାଞ୍ଚଳ ସଭାପତି ଭାବେ ଅମୁଲ୍ୟ କୁମାର ନାୟକଙ୍କୁ ଦାୟିତ୍ୱ ମିଳିଛି। ସେହିପରି ତାପସ ଚନ୍ଦ୍ର ରାୟ ବଡ଼ଚଣା, କେଦାର ଚନ୍ଦ୍ର ସାମଲ ବରୀ, ପ୍ରସନ୍ନ କୁମାର ରାଉତ ଧର୍ମଶାଳା, ଅଜୟ କୁମାର ମହାନ୍ତି ଦଶରଥପୁର, ପରେଶ କୁମାର ବିଶ୍ୱାଳ ଯାଜପୁର, ନନ୍ଦକିଶୋର ସାମଲ ବିଞ୍ଝାରପୁର, ବିବେକାନନ୍ଦ ବୋଷ ସୁକିନ୍ଦା, ସୁରେଶ କୁମାର ଦାଶ ଦାନଗଦି, ସୌଭାଗ୍ୟ ମହାନ୍ତି କୋରେଇ ଓ ବିଜୟ କୁମାର ଘଡ଼େଇ ରସୁଲପୁର ବ୍ଲକ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ନବନିଯୁକ୍ତି ସଭାପତିମାନେ ଜିଲା ସଭାପତି ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଥିବାବେଳେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

# ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅନିୟମିତତା, ଜିଲାପାଳଙ୍କୁ ଅଭିଯୋଗ

ରସୁଲପୁର,୨୮।୪(ରଞ୍ଜିତ ରାଉତ):

ଯାଜପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ଅନିୟମିୟତା ହୋଇଥିବା ଅଭିଯୋଗ ହୋଇଛି। ଶିକ୍ଷା ବର୍ଷ ୨୦୨୧ରୁ ୨୦୨୪ ଯାଏ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଜିଲା ଶିକ୍ଷାକ୍ରୀଡା ଅଧିକାରୀ ଶମ୍ଭୁନାଥ ଦାସ ବ୍ୟୟ କରିଥିବା ଅର୍ଥକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହାକୁ ନେଇ ଅଭିଯୋଗକାରୀ ପ୍ରକାଶ ଚନ୍ଦ୍ର ସାହୁ ଯାଜପୁର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଭିନ୍ନ କ୍ରୀଡାରେ ହୋଇଥିବା ଖର୍ଚ୍ଚ ବିବରଣୀ ପ୍ରଦାନ ସମୟରେ କ୍ରୟ କରାଯାଇଥିବା ଦୋକାନ ନାମକୁ ଗୋପନ ରଖାଯାଇଛି। ଏଥି ସହିତ ହାତ ତିଆରି ଜିଏସ୍‌ଟି ବିଲ ସୂଚନା ଅଧିକାର ତଥ୍ୟରେ ପ୍ରଦାନ କରାଯାଇଛି। ସେଥିରେ ଜିଏସ୍‌ଟି ସଂଖ୍ୟାକୁ ମଧ୍ୟ ଗୋପନ ରଖାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଏସ୍‌ଟି ବିଲରେ ଅର୍ଥ ପ୍ରଦାନ ସମୟରେ ସମସ୍ତ ପ୍ରକ୍ରିୟା ଅନ୍‌ଲାଇନ ମାଧ୍ୟମରେ କରାଯିବା କଥା। ମାତ୍ର ବିଭିନ୍ନ କ୍ରୀଡା ପ୍ରତିଯୋଗିତା କ୍ରୀଡ଼ା ଉପକରଣ କ୍ରୟ ସମୟରେ ସିଧାସଳଖ ଟଙ୍କା ପ୍ରଦାନ ଓ ଜିଏସ୍‌ଟି ପ୍ରଦାନରେ ଅସମାନତା ଦେଖିବାକୁ ମିଳିଛି, ଯାହାକି ୫୦ରୁ ଉର୍ଦ୍ଧ୍ୱ ଜିଏସ୍‌ଟି ବିଲରେ ଦୁର୍ନୀତି ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ଏହି ଘଟଣାରେ ସାହୁ ଜିଲାପାଳଙ୍କୁ ଭେଟି ତଦନ୍ତ ଦାବି କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି ଘଟଣାରେ ଜିଲାପାଳ ଜିଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/Engg.-3/2025/28, ତା.23.04.2025ରିଖ

ଟେଣ୍ଡର ସଂ. 40255409A

ସାମଗ୍ରୀଗୁଡ଼ିକର ବିବରଣୀ : ଜଗଲ୍ଡ (Joggled) ଫିସ୍ ପ୍ଲେଟ୍।

ଟେଣ୍ଡର ମୂଲ୍ୟ : ₹ 1,65,49,075.20, EMD @ 2% : ₹ 3,30,980/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2025ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

PR-74/Q/25-26 — ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ସମ୍ବଲପୁର

# ଶିକ୍ଷାର ବିକାଶ ନବଘନବାବୁଙ୍କ ମୂଳ ଲକ୍ଷ୍ୟ ଥିଲା

## ଶିକ୍ଷାବିତ୍ ସ୍ୱର୍ଗତ ନବଘନ ଜେନାଙ୍କ ଜନ୍ମ ଶତବାର୍ଷିକୀ ପାଳିତ

ବରୀ,୨୮।୪(ମହେନ୍ଦ୍ର ସ୍ୱାଇଁ):

ବରୀ ଅଞ୍ଚଳର ଜଣାଶୁଣା ଶିକ୍ଷାବିତ୍ ସ୍ୱର୍ଗତ ନବଘନ ଜେନା ଶିକ୍ଷାର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ସୋମବାର ଅଭିମନ୍ୟୁ ବାଲିଆଠାରେ ଆୟୋଜିତ ତାଙ୍କ ଜନ୍ମ ଶତବାର୍ଷିକ ସମାରୋହରେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ମତବ୍ୟକ୍ତ କରିଛନ୍ତି। ଏହି ସମାରୋହରେ ସାମାଜିକ କର୍ମୀ କିଶୋର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ ଯୋଗଦେଇ ଆଜିର ସମାଜରେ ମୌଳିକ ଶିକ୍ଷାକୁ ଗୁରୁତ୍ୱ ଦିଆଗଲେ ପ୍ରାଥମିକସ୍ତରରୁ ମେଧାବୀ ଛାତ୍ରୀଛାତ୍ରମାନେ ସୃଷ୍ଟି ହୋଇ ଦେଶର ବିକାଶରେ ସାମିଲ ହୋଇ ପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବଡ଼ଚଣା ପ୍ରାକ୍ତନ ବିଧାୟକ ଅମର ଶତପଥୀ, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ, ପୂର୍ବତନ କୁଳପତି ଡ. ଗୋକୁଳାନନ୍ଦ ଦାସ, ସ୍ଥାନୀୟ ସରପଞ୍ଚ ରେବତୀ ଜେନା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ନବକୃଷ୍ଣ ଜେନା ଧାରପୂର୍ ବାଳିକା ବିଦ୍ୟାଳୟ, ପୁଷ୍ପଗିରି ଉଚ୍ଚ ବିଦ୍ୟାଳୟ, ସାମନ୍ତ ସିଂହାର ଉଚ୍ଚବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ସମସ୍ତଙ୍କୁ ଶିକ୍ଷାର ମହାସ୍ରୋତରେ ସାମିଲ କରିବାକୁ ଉଦ୍ୟମ ଜାରି ରଖିଥିଲେ। ଜନ୍ମବାର୍ଷୀକ ସମାରୋହ ଅବସରରେ ସ୍ୱର୍ଗତ ଜେନାଙ୍କ ନାମରେ ଏକ ପୁସ୍ତିକା ଉନ୍ମୋଚନ ସହିତ ଅଭିମନ୍ୟୁ ସାମନ୍ତସିଂହାର ପୀଠ ଭାବେ ଜଣାଶୁଣା ବାଲିଆଠାରେ ଏକ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚିତ ହୋଇଥିଲା। ସାମାଜିକ କର୍ମୀ ସଞ୍ଜୀବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ଆବାହକ ନିମାଇଁ ଚରଣ ରାୟ, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଉପାଧ୍ୟକ୍ଷ ଅର୍ଚ୍ଚନା ମଲିକ, ଜିଲା ପରିଷଦ ଅଶୋକ ସାମଲ, ଦିଲୀପ ମହାନ୍ତି, କେଦାର ସାମଲ,ଦିଲୀପ ଜେନା, ଗୁରୁଚରଣ ଦାସ, ରତିକାନ୍ତ ଜେନା, ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଜନ୍ମଶତବାର୍ଷିକୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)
ପ୍ରଥମ ମହଲା, ପ୍ଲଟ୍ ନଂ.: ୭୭୮, ମହର୍ଷି କଲେଜ ରୋଡ, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୯୬୬୩ / ୨୫୪୯୬୧୨, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ / ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ତା୦୮.୦୫.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୩.୦୫.୨୦୨୫ ଅପରାହ୍ନ ୪.୦୦ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ପରିଡ଼ା, ପରିଡ଼ା ସାହି, ଅଳତିରି, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପଛପାର୍ଶ୍ୱ, ପୋ.: ପାଣିକୋଇଲି, ଯାଜପୁର, ଓଡ଼ିଶା, ପିନ୍-୭୫୫୦୪୩ / ଆକାଉଣ୍ଟ ନଂ.: ୩୯୭୯୮୯୬୫୬୫୪ | ASHOK LEYLAND LTD., Regd. No.: OD-04-Q-4343, Year Manufacturing : Oct. 2020, Chasis No.: OT42022012025, Engine No.: LYPZ107701 | ୨୮.୦୪.୨୦୨୫ ସୁଦ୍ଧା ଟ.୩୯,୫୬,୬୦୯/- + ୨୯.୦୪.୨୦୨୫, ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୫,୫୦,୦୦୦/- / ଟ.୨,୫୫,୦୦୦/- / ଟ.୨୦,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com.ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡ଼ି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com

ଗାଡିର ପାର୍କିଂ ସ୍ଥାନ: ମା କମଳା ଷ୍ଟକୟାର୍ଡ୍, ଚଣ୍ଡିଖୋଲ, ସୟୀ, ହରିଦାସପୁର, ଧର୍ମଶାଳା, ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୪

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୪୩୭୫୫୨୫୩୫ ଏବଂ ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ (ସିଟି କେସ୍ ଅଫିସର), ମୋ.: ୯୪୩୭୯୫୩୬୪୨

ତାରିଖ : ୨୮.୦୪.୨୦୨୫, ସ୍ଥାନ : ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଭାଜପା ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା: ଅଡୁଆ ବଢ଼ିଲା

■ ଜଗତ୍‌ସିଂହପୁର ପୌର ପରିଷଦରେ ବଦଳୁଛି ରାଜନୈତିକ ସମୀକରଣ

■ ୨୦ରେ ଉପଜିଲାପାଳଙ୍କ ନିକଟରେ ପକ୍ଷ ରଖିବେ କାଉନସିଲର

ଜଗତ୍‌ସିଂହପୁର, ୨୮।୪(ପ୍ରମୋଦ କୁମାର ନାୟକ)

ଦୀର୍ଘ ୩ ବର୍ଷ ପରେ ଜଗତ୍‌ସିଂହପୁର ପୌର ପରିଷଦ ରାଜନୈତିକ ସମୀକରଣ ଭିନ୍ନ ମୋଡ ନେଇଛି। ପରିଷଦ ୧୪ ନମ୍ବର ୱାର୍ଡ ଭାଜପା କାଉନସିଲର ତଥା ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ଜିଲାପାଳ ଗମ୍ଭୀରତାର ସହ ନେଇଛନ୍ତି। ଆସନ୍ତା ମେ' ୨୦ରେ କାଉନ୍‌ସିଲରମାନେ ଉପଜିଲାପାଳଙ୍କ ନିକଟରେ ପକ୍ଷ ରଖିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସମସ୍ତ ୨୧ ଜଣ ପାରିଷଦଙ୍କୁ ଉପଜିଲାପାଳଙ୍କ ନିକଟରେ ଉପସ୍ଥିତ ରହି ସେମାନଙ୍କ ପକ୍ଷ ରଖିବାକୁ ନୋଟିସ୍ ଦର୍ଶାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ସୀମା ଜେନା କହିଛନ୍ତି। ତେବେ ଏହି ଦିନ ସମ୍ଭବତଃ ଉପାଧ୍ୟକ୍ଷ ବିଶୋଇଙ୍କ ଆସ୍ଥାଭାଜନ ପାଇଁ ଶେଷ ସୁଯୋଗ ରହିପାରେ ବୋଲି କୁହାଯାଉଛି। ଅନ୍ୟପଟେ ପରିଷଦର ୧୪ ଜଣ କାଉନସିଲର ବିଶୋଇଙ୍କ ବିରୋଧରେ ମତ ରଖିବାକୁ ଏକପ୍ରକାର ପ୍ରସ୍ତୁତି ସରିଛି ବୋଲି କେତେଜଣ କାଉନସିଲର ନାମ ଗୋପନ ରଖି କହିଛନ୍ତି। ଏହା ଯଦି ସତ ହୁଏ ତେବେ ଉପାଧ୍ୟକ୍ଷଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଅର୍ଥାତ୍ ବିଶୋଇ ପଦ ହରାଇବେ ଏବଂ ଭାଜପା ପାଇଁ ଏହା ଶକ୍ତ ଧକ୍କା ହେବ। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପାର ଲୋକ ପ୍ରତିନିଧି ସଂଖ୍ୟା ନଗଣ୍ୟ। ତେଣୁ ଜଗତ୍‌ସିଂହପୁର ପୌର ଉପାଧ୍ୟକ୍ଷ ପଦବୀଟି ଗୁରୁତ୍ୱ ବହନ କରେ। ଗତ ସାଧାରଣ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସ ପ୍ରଥମ ଥର ବିଧାୟକ ହେବାର ଗୌରବ ହାସଲ କରିଛନ୍ତି। ଅମରେନ୍ଦ୍ର ବିଧାୟକ ହେଲା ପରେ ଦଳୀୟ ସଙ୍ଗଠନ ମଜ୍‌ଭୁତ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଭାଜପା ଉପାଧ୍ୟକ୍ଷ ବିଶୋଇଙ୍କ ପାଇଁ ଅଡୁଆ ବଢ଼ିବା ବିଧାୟକଙ୍କ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବିଜେଡି ଛାଡି ପ୍ରଥମ ଥର ଭାଜପାରେ ଯୋଗଦେବା ପରେ ବିଧାୟକ ହୋଇଥିବା ଅମରେନ୍ଦ୍ର ନିଜ ପତିଆରା ଜାହିର ସହ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଏବେ କି ପଦକ୍ଷେପ ନେଉଛନ୍ତି ତାକୁ ଦେଖିବା ବାକି ରହିଲା।

ଗତ ୧୫ ତାରିଖରେ ପରିଷଦର ମୋଟ ୨୧ କାଉନସିଲରଙ୍କ ମଧ୍ୟରୁ ୧୩ ଜଣ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ସାକ୍ଷାତ କରି ଉପାଧ୍ୟକ୍ଷ ବିଶୋଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। କାଉନସିଲର ମେନକା ବେହେରା (ୱାର୍ଡ ୧), ମିଲି ସେଠୀ (ୱାର୍ଡ ୨), ଜୟନ୍ତୀ ମାହାଲି (ୱାର୍ଡ ୩), ସୋନାଲି ସିଂହ (ୱାର୍ଡ ୪), ରୋଜାଲିନ ଦାଶ (ୱାର୍ଡ ୬), ଗୋଲାମ ଅଲ୍ଲୀ ଖାଁ (ୱାର୍ଡ ୭), କିରଣକାନ୍ତୀ ଦାସ (ୱାର୍ଡ ୮), ସୁମନ୍ତ ସେଠୀ (ୱାର୍ଡ ୧୦), ପ୍ରଭାତି ସାହୁ (ୱାର୍ଡ ୧୨), ମନୋଜ ମହାନ୍ତି (ୱାର୍ଡ ୧୫), ଅନାମ ଚରଣ ସେଠୀ (ୱାର୍ଡ ୧୬), ଦେବାଶୀଷ ସ୍ୱାଇଁ (ୱାର୍ଡ ୧୭) ଓ ଦିପ୍ତି ରଞ୍ଜନ ସାହୁ (ୱାର୍ଡ ୨୦) ପ୍ରମୁଖ ଦର୍ଶାଇଥିଲେ ଉପାଧ୍ୟକ୍ଷ ନିର୍ବାଚିତ ହେବା ପରଠାରୁ ବିଶୋଇ ନିଜ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏପରି କି ବିଭିନ୍ନ ୱାର୍ଡ ପ୍ରତି ପକ୍ଷପାତିତା ମନୋଭାବ ପୋଷଣ କରୁଛନ୍ତି। ତେଣୁ ଗତ ୧୦ ତାରିଖରେ ପରିଷଦର ସଦସ୍ୟା/ସଦସ୍ୟମାନେ ପରିଷଦ ଅନ୍ତର୍ଗତ କାଳିଆବୋରାସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରିଥିଲେ। ୧୫ ନଂ. ୱାର୍ଡ କାଉନସିଲରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଉପରେ ଆଲୋଚନା ହୋଇଥିଲା।

ଏଥିରେ କାଉନ୍‌ସିଲରମାନେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ପରିଷଦର ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନରେ ଉପାଧ୍ୟକ୍ଷଙ୍କ କାର୍ଯ୍ୟ ସନ୍ତୋଷଜନକ କିମ୍ବା ଉତ୍ସାହଜନକ ନ ଥିବା କୁହାଯାଇଥିଲା। ଉନ୍ନତିମୂଳକ କାର୍ଯ୍ୟରେ ଉପାଧ୍ୟକ୍ଷଙ୍କ କୌଣସି ସହଯୋଗିତା କିମ୍ବା ସହଭାଗିତା ରହୁନାହିଁ। ପରିଷଦ ବିଭିନ୍ନ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଏକପାଖିଆ ନିଷ୍ପତ୍ତି ନେଇ କାର୍ଯ୍ୟ କରୁଛନ୍ତି। ବିଶୋଇ ୩ ବର୍ଷ ଧରି ଉପାଧ୍ୟକ୍ଷ ଦାୟିତ୍ୱ ନେଇ ଆସୁଥିଲେ ସୁଦ୍ଧା ସେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଛଡା ପରିଷଦର ଉନ୍ନତି କିମ୍ବା ପ୍ରଗତି ବିଷୟରେ ଦିନେ ହେଲେ ଚିନ୍ତା କରିନାହାନ୍ତି। କୌଣସି ଉନ୍ନତିମୂଳକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ପଦକ୍ଷେପ ନେଇନାହାନ୍ତି। ପାରିଷଦମାନେ ଏଭଳି ପ୍ରତିକ୍ରିୟା ପ୍ରକାଶ କରି ଶେଷରେ ଅନାସ୍ଥା ପ୍ରସ୍ତାବ ଆଣିବା ଉପରେ ସର୍ବସମ୍ମତରେ ନିଷ୍ପତ୍ତି ନେଇଥିଲେ ବୋଲି କହିଥିଲେ। ଏହାପରେ ଜିଲାପାଳ ତାଙ୍କ କ୍ଷମତା ବଳରେ ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ତେବେ ସେମାନଙ୍କ ସହ ଆଉ ଜଣେ କାଉନ୍‌ସିଲର ମଧ୍ୟ ରହିଛନ୍ତି ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ୨୦୨୨ ପୌର ନିର୍ବାଚନ ସମୟରେ ଜଗତ୍‌ସିଂହପୁର ପୌର ପରିଷଦର ମୋଟ ୨୧ଟି ୱାର୍ଡ ମଧ୍ୟରୁ ବିଶୋଇଙ୍କ ସପକ୍ଷରେ ୧୧ଟି ଭୋଟ ଯାଇଥିଲା। ଅର୍ଥାତ୍ କଂଗ୍ରେସର ୭ (ୱାର୍ଡ ୨, ୫, ୯, ୧୧, ୧୮, ୧୯, ୨୧), ଭାଜପା ୨ (୧୩, ୧୪) ଓ ସ୍ୱାଧୀନ ୨ (ୱାର୍ଡ ୭, ୧୭) ଜଣ କାଉନସିଲର ମିଶିବାରୁ ବିଶୋଇ ବିଜୟୀ ହୋଇ ପାରିଥିଲେ। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳିଛି। ୱାର୍ଡ ୭, ୧୭, କଂଗ୍ରେସର ୱାର୍ଡ ୨ ପାରିଷଦ ଉପାଧ୍ୟକ୍ଷଙ୍କ ଉପରୁ ଆସ୍ଥା ହରାଇଛନ୍ତି। ସେମାନେ ବିଜେଡିର ୧୦ ଜଣ ପାରିଷଦଙ୍କ ସହ ହାତ ମିଳାଇ ଉପାଧ୍ୟକ୍ଷ ବିଶୋଇଙ୍କୁ ଗାଦିଚ୍ୟୁତ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାବାଦ୍ କଂଗ୍ରେସର ଆଉ ଜଣେ ପାରିଷଦ ନିର୍ଦ୍ଦିଷ୍ଟ ଜଣେ ସ୍ୱାଧୀନ କାଉନସିଲରଙ୍କୁ ଉପାଧ୍ୟକ୍ଷ କରାଗଲେ ସେ ବିଶୋଇଙ୍କ ବିରୋଧରେ ପକ୍ଷ ରଖିବେ ବୋଲି ସର୍ତ୍ତ ରଖିଥିବା ନାମ ଗୋପନ ରଖି କହିଛନ୍ତି। ଅନ୍ୟପଟେ ଅନାସ୍ଥାକୁ ମୁକାବିଲା ପାଇଁ ସେ ପ୍ରସ୍ତୁତ ବୋଲି ବିଶୋଇ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅର୍ଜୁନ



@ ଅଶୋକ



@ ବର୍ଷା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମା' ପୁଅଙ୍କ ଧାରଣା

■ ବସୁନ୍ଧରା ଯୋଜନାରେ ମିଳୁନି ଜମି

■ ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ନାଉଗାଁ, ୨୮।୪(ସୁଧା ବେହୁରା)

ନାଉଗାଁ ତହସିଲର ରାସ୍ତା ପାର୍ଶ୍ୱରେ (ଖାତା ନଂ.୧୦୨୫) ବାସନ୍ତୀ ମହାରଣା ଦୀର୍ଘ ୩୦ ବର୍ଷ ହେବ ବସବାସ କରି ଆସୁଛନ୍ତି। କିନ୍ତୁ ସରକାରଙ୍କ ବସୁନ୍ଧରା ଯୋଜନାରେ ସ୍ଥାନୀୟ ତହସିଲଦାର ତାଙ୍କୁ ଜମି ପଟ୍ଟା ନ ଦେବାରୁ ବାସନ୍ତୀ ଓ ତାଙ୍କ ପୁଅ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି। ଏହାପରେ ଧାରଣାସ୍ଥଳରେ ଭାରପ୍ରାପ୍ତ ତହସିଲଦାର ଅଜୟ ମହାନ୍ତି ପହଞ୍ଚି ଯଥାଶୀଘ୍ର ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଅଭିଯୋଗ ମୁତାବକ, ବାସନ୍ତୀଙ୍କ ବାପଘର ଗଞ୍ଜାମ ଜିଲାରେ। ତାଙ୍କୁ ୧୮ ବର୍ଷ ବୟସ ହୋଇଥିବା ବେଳେ ସେ ଯାଜପୁର ଜିଲା ଯାଜପୁର ରୋଡସ୍ଥିତ ପଲାସିଆ ଗ୍ରାମର ସୁରେନ୍ଦ୍ର ମହାରଣାଙ୍କୁ ଭଲପାଇ ବିବାହ କରିଥିଲେ। ବିବାହ ପରେ ଶାଶୁ ଘର କିମ୍ବା ବାପଘର ଲୋକ ତାଙ୍କୁ ଘରେ ରଖି ନ ଥିଲେ। ତେଣୁ ସେ ସ୍ୱାମୀଙ୍କ ସହ ନାଉଗାଁ ଆସିଥିଲେ। ସ୍ୱାମୀ ଏଠାରେ କାମ, ଧନ୍ଦା କରି ପରିବାର ପ୍ରତିପୋଷଣ କରୁଥିଲେ। ଏହାପରେ ବାସନ୍ତୀଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଝିଅ ଜନ୍ମ ହୋଇଥିଲେ। କିଛି ବର୍ଷ ରହିବା ପରେ ବାସନ୍ତୀଙ୍କୁ ଛାଡ଼ି ସୁରେନ୍ଦ୍ର କେଉଁଆଡେ ଚାଲିଯାଇଥିଲେ। ଖୋଜାଖୋଜି କରିବା ପରେ ବି ସୁରେନ୍ଦ୍ରଙ୍କ ପତ୍ତା ମିଳି ନ ଥିଲା। ବାଧ୍ୟ ହୋଇ ବାସନ୍ତୀ ମୂଲମଜୁରୀ ଲାଗି ଉକ୍ତ ରାସ୍ତା ପାର୍ଶ୍ୱରେ ରହୁଛନ୍ତି। ଉକ୍ତ ବ୍ଲକରେ ତାଙ୍କର ରାଶନକାର୍ଡ, ଭୋଟର ପରିଚୟପତ୍ର, ଆଧାରକାର୍ଡ ଆଦି ରହିଛି। ଏନେଇ ସରକାରଙ୍କ ବସୁଧା ଯୋଜନାରେ ବାରମ୍ବାର ଆବେଦନ କଲେ ମଧ୍ୟ ତାଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଉ ନାହିଁ। ଏ ସଂକ୍ରାନ୍ତରେ ବାସନ୍ତୀ ଜିଲାପାଳଙ୍କ ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଶାଶୁ ଘରକୁ ଆଦୌ ଯାଇ ନ ଥିବାରୁ ଶାଶୁଘର କେଉଁଠି ସେ ଦେଖିନାହାନ୍ତି। ଏଭଳିସ୍ଥିତିରେ ପୁଅ,ଝିଅ ବଡ ହେବା ପରେ ସେମାନଙ୍କୁ କେଉଁଠାରେ ରଖିବେ ସେନେଇ ବାସନ୍ତୀ ଚିନ୍ତିତ ହୋଇପଡ଼ିଛନ୍ତି। ଏଥିଯୋଗୁ ୨ ମାର୍ଚ୍ଚ ୨୦୨୫ ରେ ଜମିପଟ୍ଟାର ସମାଧାନ ନହେଲେ ୨ ଏପ୍ରିଲ ୨୦୨୫ରେ ଅନଶନ କରିବାକୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର କୌଣସି ସମାଧାନ ନ ହେବାରୁ ୨ ଏପ୍ରିଲ ୨୦୨୫ରେ ସେ ତହସିଲ ସମ୍ମୁଖରେ ଧାରଣା ଦେଇଛନ୍ତି। ଏସଂକ୍ରାନ୍ତରେ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ତହସିଲଦାର, ଜିଲାପାଳ, ଏସ୍‌ପି, ନାଉଗାଁ ଥାନାଧିକାରୀ, ବିଡିଓ ଏବଂ ମାନବାଧିକାର କମିଶନଙ୍କୁ ଜଣାଇଛନ୍ତି।

# ତୈଳବିଶୋଧନାଗାର ପାଇପ୍ ଜଳିଗଲା



ତୈଳ ବିଶୋଧନାଗାର ପାଇପ୍‌ରେ ନିଆଁ ଲାଗି ଚାରିଆଡ଼ ଧୂଆଁମୟ ହୋଇଯାଇଛି।

ପାରାଦୀପ, ୨୮।୪(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପସ୍ଥିତ ତୈଳବିଶୋଧନାଗାର ପ୍ରବେଶ ପଥ ଦୋଛକିରେ ସୋମବାର ଖରାବେଳେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ତୈଳ ବିଶୋଧନାଗାର ପରିସରରେ କାମ କରୁଥିବା ଘରୋଇ କମ୍ପାନୀ ଟେକ୍ନୋମାଉଣ୍ଟର ମାଟି ତଳେ ବିଛା ଯିବାକୁ ଥିବା ପାଇପ୍‌ଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଲୁହା ପାଇପ୍‌ର ଉପରି ଭାଗରେ ଏକ ପ୍ଲାଷ୍ଟିକ କୋଟେଡ ରହିଥାଏ। ଦୋଛକି ପାଖ ତଥା ଗୋଆ କାର୍ବନ କମ୍ପାନୀ ପଛପଟେ ଶତାଧିକ ପାଇପ୍ ଗୋଟିଏ ଜାଗାରେ ଗଚ୍ଛିତ ଥିଲା। ସେହି ପାଇପ୍‌ରେ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ତାହା ୨ କିମି ପର୍ଯ୍ୟନ୍ତ ଦୃଶ୍ୟମାନ ହେଉଥିଲା। ନିଆଁ ଓ କଳା ଧୂଆଁ ସମଗ୍ର ଅଞ୍ଚଳରେ ବ୍ୟାପି ଯାଇଥିଲା। ଖବରପାଇ ତୈଳ ବିଶୋଧନାଗାର ଅଗ୍ନିଶମ ଗାଡି, କୁଜଙ୍ଗ ଅଗ୍ନିଶମ ଗାଡ଼ି ଓ ଅନ୍ୟ କମ୍ପାନୀ ଗାଡ଼ିଗୁଡିକ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ଶେଷ ଖବର ଅନୁଯାୟୀ ସନ୍ଧ୍ୟା ୭ଟା ସୁଦ୍ଧା ନିଆଁ ଆୟତ୍ତ ହୋଇଛି। ଜଗତ୍‌ସିଂହପୁର ଜିଲାର ବିଭିନ୍ନ ପ୍ରାନ୍ତରୁ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥାର ୧୩ଟି ନିଆଁ ଲିଭା ଗାଡି ଏଥିରେ ମୁତୟନ ହୋଇଥିଲା। ଘଟଣା ପରେ ତୈଳ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି।

ଏ ସମ୍ପର୍କରେ ଆଇଓସିଏଲ୍ ପାଇପଲାଇନ ଅଧିକାରୀ ଆର.କେ.ସାହୁ କହିଛନ୍ତି ଯେ, ଉକ୍ତ ଜାଗା ହେଉଛି ତୈଳବିଶୋଧନାଗାର ଡମ୍ପିଂ ୟାର୍ଡ। ସେଥିରେ ହଜାରରୁ ଅଧିକ ଲୁହା ଓ ରବର କୋଟେଡ ପାଇପ୍ ଥିଲା। ତେବେ ନିଆଁ କେମିତି ଲାଗିଲା ତାହା ଜଣାପଡିନାହିଁ। ଉକ୍ତ ପାଇପ୍‌ଲାଇନ ସମୁଦ୍ର ପାଣି ତଳେ ଏବଂ ମାଟି ତଳେ ବିଛା ଯାଇଥାଏ। ପାଇପ୍ ପୁରୁଣା ହେବା ପରେ ତାକୁ ବଦଳାଯାଇ ଏହି ଜାଗାରେ ରଖାଯାଇଥିଲା।

# ମୋବାଇଲ, ଟଙ୍କା ଲୁଟ୍ : ୩ ଗିରଫ

## ଘରେ ପଶି ଭଡ଼ାଟିଆଙ୍କୁ ଆକ୍ରମଣ

ପାରାଦୀପ, ୨୮।୪(ଶରତ ରାଉତ)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନିମିଡ଼ି ଗ୍ରାମରେ ଗତ ରବିବାର ବିଳମ୍ବିତ ରାତିରେ ଘରେ ପଶି ଭଡ଼ାଟିଆଙ୍କୁ ଆକ୍ରମଣ ପରେ ଲୁଟ୍ ହୋଇଛି। ଉକ୍ତ ଘଟଣାରେ ପୋଲିସ ୧୨୪/୨୫ରେ ମାମଲା ରୁଜୁ କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସମ୍ପଦ ପ୍ରଧାନ, ସୁବ୍ରତ ମାଇତି ଓ ଜଟିଆ ଲେଙ୍କା। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଘର ମାଲିକ ଅରକ୍ଷିତ ସ୍ୱାଇଁ ଅଭିଯୋଗ ଅନୁଯାୟୀ, ତାଙ୍କ ଘରେ କେତେଜଣ ଭଡ଼ାଟିଆ ରହୁଛନ୍ତି। କୋଲ୍‌କାତାର ଏକ କମ୍ପାନୀରେ କାର୍ଯ୍ୟରତ ସୁବ୍ରତ ମାଇତି ତାଙ୍କ ଘରେ ଭଡ଼ାରେ ରୁହନ୍ତି। ରାତି ପ୍ରାୟ ୨ଟା ବେଳେ ଅଭିଯୁକ୍ତମାନେ ଘରେ ପଶି ୪ଟି ମୋବାଇଲ ଓ ଟଙ୍କା ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ସେ ଉଠିପଡ଼ିଥିଲେ। ଏନେଇ ସୁବ୍ରତ ଓ ୪ ଅଭିଯୁକ୍ତଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଅଭିଯୁକ୍ତମାନେ ଏକ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରି ଖସି ପଳାଉଥିବାବେଳେ ପାଟି ଶୁଣି ଅନ୍ୟ ଭଡ଼ାଟିଆ ଓ ଘର ମାଲିକ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଆକ୍ରମଣରେ ସୁବ୍ରତଙ୍କ ଶରୀରର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଏବେ ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପରେ ପୋଲିସ ଉକ୍ତ ଘଟଣାର ୩ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/Engg.-3/2025/28, ତା.23.04.2025ରିଖ

ଟେଣ୍ଡର ସଂ. 40255409A

ସାମଗ୍ରୀଗୁଡ଼ିକର ବିବରଣୀ : ଜଗଲ୍ଡ (Joggled) ଫିସ୍ ପ୍ଲେଟ୍।

ଟେଣ୍ଡର ମୂଲ୍ୟ : ₹ 1,65,49,075.20, EMD @ 2% : ₹ 3,30,980/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2025ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।

କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ସମ୍ବଲପୁର

PR-74/Q/25-26

# ଯାତ୍ରା ପାର୍ଟି ଅର୍ଥ ନ ଫେରାଇବାରୁ ବିବାଦ

ଥାନାରେ ଅଭିଯୋଗ
୨୦୨୩ ର ଘଟଣା

ପାରାଦୀପ, ୨୮।୪(ଶରତ ରାଉତ)

ପାରାଦୀପରେ ଯାତ୍ରା ପାର୍ଟି ମାଲିକ ୨ବର୍ଷ ହେବ ଅର୍ଥ ଫେରାଉ ନ ଥିବାରୁ ଅନ୍ୟ କୌଣସି ସ୍ଥାନରେ ଯାତ୍ରା ପରିବେଷଣ କଲେ ତାର ଗାଡ଼ି ଅଟକାଯିବ। ଏନେଇ ସେତେବେଳେ ଯାତ୍ରା ଆୟୋଜନ କରି କ୍ଷତି ସହିଥିବା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଏକ ଅଭିଯୋଗପତ୍ର ସୋମବାର ଆଦର୍ଶ ଥାନାରେ ଦିଆଯାଇଛି। ପାରାଦୀପ ମଧୁବନର ମା' ତାରିଣୀ ଯାତ୍ରା କମିଟିର ଜିତେନ୍ଦ୍ର ଦାସ, ବିକାଶ ସାହୁଙ୍କ ସମେତ ୫୦ଜଣ ସଦସ୍ୟ ଏନେଇ ସୂଚନା ଦେଇଛନ୍ତି। ପୋଲିସ ଉକ୍ତ ଘଟଣା ଉପରେ ତଦନ୍ତ ଆରମ୍ଭ କରିଥିଲେ ହେଁ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ଗତ ୧୭ ସେପ୍ଟେମ୍ବର ୨୦୨୩ରେ ଯାଜପୁର ଜିଲାର ଏକ ଅପେରା ପାର୍ଟି ମାଲିକଙ୍କ ସହ ଯାତ୍ରା ପାଇଁ ଚୁକ୍ତି ହୋଇଥିଲା। ସେତେବେଳେ ପାରାଦୀପର ବିଶ୍ୱକର୍ମା ପୂଜା ମହୋତ୍ସବ ଚାଲିଥିଲା। ଏଥିପାଇଁ ଅଗ୍ରୀମ ଦେବା ଏବଂ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା। ଉକ୍ତ ଯାତ୍ରା ପାର୍ଟି ପାରାଦୀପ ସବ୍‌ଷ୍ଟେଶନ ଛକରେ ୫ ରାତି ଯାତ୍ରା ପରିବେଷଣ କରିବା କଥା। କିନ୍ତୁ ୪ ରାତି ଯାତ୍ରା ପରିବେଷଣ କରିବା ପରେ ଉକ୍ତ ପାର୍ଟି ପଳାଇଯାଇଥିଲା। ସେତେବେଳେ କମିଟିର ସଦସ୍ୟମାନେ ଆଦର୍ଶଥାନା ଓ ଜଗତ୍‌ସିଂହପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ହସ୍ତକ୍ଷେପ ଫଳରେ ଅପେରା ମାଲିକ ୪ ଲକ୍ଷ ୬୨ ହଜାର ଟଙ୍କା ଫେରାଇବା ପାଇଁ କହିଥିଲେ। କିନ୍ତୁ ଉକ୍ତ ଅର୍ଥ ଏପର୍ଯ୍ୟନ୍ତ ମିଳିନାହିଁ। ଏବେ ସେହି ଅପେରା ଲକ୍‌ଥାନା ଅନ୍ତର୍ଗତ ଭୂତମୁଣ୍ଡାଇଠାରେ ହେବ ବୋଲି ଜଣାପଡିଛି। ଉକ୍ତ ଅର୍ଥ ନ ଦେଲେ ଅପେରା ଗାଡ଼ି ଅଟକାଇ ରଖିବେ ବୋଲି କମିଟି ସଦସ୍ୟମାନେ ପାରାଦୀପ ଆଦର୍ଶଥାନାରେ ଜଣାଇଛନ୍ତି। ଥାନାଧିକାରୀ କାବୁଲି ବାରିକଙ୍କୁ ପଚାରିଲେ କୁହନ୍ତି, ସେତେବେଳେ କ'ଣ ଘଟଣା ଘଟିଥିଲା ସେ ଜାଣିନାହାନ୍ତି। ଏବେ ଅଭିଯୋଗ ହୋଇଛି। ଅପେରା ପାର୍ଟି ମାଲିକଙ୍କୁ ଡାକି ଆଲୋଚନା କଲେ ସତ୍ୟାସତ୍ୟ ଜଣାପଡିବ।

# ମଧୁବାବୁଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଜଗତ୍‌ସିଂହପୁର, ୨୮।୪( ପ୍ରମୋଦ ନାୟକ)




ଜିଲା କୋର୍ଟ ପରିସରରେ ମଧୁବାବୁଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥିମାନେ।

ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ଜିଲା କୋର୍ଟ ପରିସରରେ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘର ସଭାପତି ଆଇନଜୀବୀ ସୁବାସ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଓ ଦୌରାଜଜ ହରପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଧୁସୂଦନ ଦାସଙ୍କ ଜୀବନୀ, ତାଙ୍କ ଓକିଲାତି ପେଶା ଓ ସମାଜସେବା ବିଷୟରେ ଆଲୋକପାତ କରିଥିଲେ। ଏଥିସହ ଓକିଲାତି ପେଶାର ଉଜ୍ଜ୍ୱଳ ଭବିଷ୍ୟତ ସମ୍ବନ୍ଧରେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଆଇନଜୀବି ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଦୀନେଶ ଚନ୍ଦ୍ର ରାୟ ମଧୁବାବୁଙ୍କ ଜୀବନଶୈଳୀ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି ଓ ଗୋରାଚାନ୍ଦ କାନୁନଗୋ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଦୋଳଗୋବିନ୍ଦ ଦାଶ ଓ ପୀତାମ୍ବର ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଭୂୟାଁ ଓ ଭଜହରି କରଙ୍କୁ ମଧୁସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଆଇନଜୀବୀ ମହେଶ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ମଧୁବାବୁଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ଅଧିବକ୍ତା ପରିଷଦ ଜଗତ୍‌ସିଂହପୁର ଜିଲା ପକ୍ଷରୁ ମଧ୍ୟ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)

ପ୍ରଥମ ମହଲା, ପ୍ଲଟ୍ ନଂ.: ୭୭୮, ମହର୍ଷି କଲେଜ ରୋଡ, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୯୬୬୩ / ୨୫୪୯୬୧୨, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ / ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: **ତା୦୮.୦୫.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

ଗାଡି ଗୁଡ଼ିକ ତନଖି କରିବାର ତାରିଖ ଓ **ସମୟ: ୦୩.୦୫.୨୦୨୫ ଅପରାହ୍ନ ୪.୦୦ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ପରିଡ଼ା, ପରିଡ଼ା ସାହି, ଅଳତିରି, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପଛପାର୍ଶ୍ୱ, ପୋ.: ପାଣିକୋଇଲି, ଯାଜପୁର, ଓଡ଼ିଶା, ପିନ୍-୭୫୫୦୪୩ / ଆକାଉଣ୍ଟ ନଂ.: ୩୯୭୯୮୯୬୫୬୫୪ | ASHOK LEYLAND LTD., Regd. No.: OD-04-Q-4343, Year Manufacturing : Oct. 2020, Chasis No.: OT42022012025, Engine No.: LYPZ107701 | ୨୮.୦୪.୨୦୨୫ ସୁଦ୍ଧା ଟ.୩୯,୫୬,୬୦୯/- + ୨୯.୦୪.୨୦୨୫, ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୫,୫୦,୦୦୦/- / ଟ.୨,୫୫,୦୦୦/- / ଟ.୨୦,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **https://baanknet.com.**ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡ଼ି ସ୍ଥିତି ପାଇଁ **support.BAANKNET@psballiance.com**କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ **https://baanknet.com** ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **https://baanknet.com** କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ **https://baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd,** ଯୋଗାଯୋଗ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

**https://baanknet.com** ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : **www.sbi.co.in & https://baanknet.com**

ଗାଡିର ପାର୍କିଂ ସ୍ଥାନ: ମା କମଳା ଷ୍ଟକୟାର୍ଡ୍, ଚଣ୍ଡିଖୋଲ, ସୟୀ, ହରିଦାସପୁର, ଧର୍ମଶାଳା, ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୪

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୪୩୭୫୫୨୫୩୫ ଏବଂ ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ (ସିଟି କେସ୍ ଅଫିସର), ମୋ.: ୯୪୩୭୯୫୩୬୪୨

ତାରିଖ : ୨୮.୦୪.୨୦୨୫, ସ୍ଥାନ : ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଠିକାଦାରଙ୍କ ରାଶନ କାର୍ଡ କଟିଲା

ଓଡ଼ଗାଁ, ୨୮।୪
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ସର୍ବଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ପାଇଥିବା କୁରାଳରେ ରାଶନ କାର୍ଡ ଦୁର୍ନୀତି ସାଙ୍ଗକୁ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଜଣେ ଠିକାଦାର ବେଆଇନ ଭାବେ ଚିକିତ୍ସା କରିବା ସହ ଅତିରିକ୍ତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଅନୁଦାନ ହାତେଇବା ଘଟଣାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କ ତଦନ୍ତ ଓ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଠିକାଦାରଙ୍କ ରାଶନ କାର୍ଡକୁ ସୋମବାର ରଦ୍ଦ କରାଯାଇଥିବା ବ୍ଲକ ଯୋଗାଣ ଅଧିକାରୀ ମଳୟ କୁମାର ମେହେର ସୂଚନା ଦେଇଛନ୍ତି।



CMRF AMOUNT SANCTIONED ON 17.03.2025

| Sl. No. | Name of the Patient | District | Amount (in Rupees) |
|---|---|---|---|
| 12 | Badrinath Patra, S/o Bhagaban Patra | Nayagarh | 75,000 |
| 13 | Akshya Kumar Behera, S/o Late Giridhari Behera | Cuttack | 2,70,000 |
| 14 | Late Chiranjib Maharana, S/o Madhusudan Maharana | Nayagarh | 75,000 |
| 15 | Pramila Khuntia, W/o Late Rajendra Khuntia | Jagatsinghpur | 1,05,000 |
| 16 | Taslima Akhtar, W/o Late Sayed Mohammad Mozakir | Cuttack | 2,40,000 |
| 17 | Mochiram Muduli, S/o Jutia Muduli | Ganjam | 1,15,000 |
| 18 | Soumya Ranjan Sahu, S/o Bhabagrahi Sahu | Angul | 45,000 |
| 19 | Late Shantilata Dash, W/o Ramakanta Dash | Nayagarh | 55,000 |

ସୂଚନା ଅନୁସାରେ, କୁରାଳ ଗ୍ରାମର ବଦ୍ରିନାଥ ପାତ୍ର ନାମକ ଜଣେ ଠିକାଦାରଙ୍କ ଠିକାଦାରୀ ଲାଇସେନ୍ସ ସହ ୪ ଚକିଆ ଗାଡ଼ି, ଜେସିବି ରହିଥିବା ବେଳେ ୨ ମହଲା ବିଶିଷ୍ଟ କୋଠାଘର ରହିଛି। ଏପରିସ୍ଥଳେ ସେ ଦୀର୍ଘଦିନ ଧରି ବେଆଇନ ଭାବେ ରାଶନ କାର୍ଡ ହାତେଇ ସାମଗ୍ରୀର ସୁବିଧା ପାଉଥିଲେ। ସମସ୍ତ

## ମିଥ୍ୟା ତଥ୍ୟ ଦେଇ ରାଶନ କାର୍ଡ, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ହାତେଇବା ଘଟଣା

ସରକାରୀ ନିୟମକୁ ଦଳି ମକଚି ସେ ସରକାରୀ କଳକୁ କରାୟତ କରି ବର୍ଷ ବର୍ଷ ଧରି ନିଜ ପରିବାରର ୩ ସଦସ୍ୟଙ୍କ ପାଇଁ ଲକ୍ଷାଧିକ ଟଙ୍କାର ରାଶନ ହାତେଇଥିବା ଜଣାଯାଇଛି। ଏହାସହ ସେ ଏହି କାର୍ଡ ସହାୟତାରେ ନିଜକୁ ଗରିବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨୦୨୫ ମାର୍ଚ୍ଚ ୧୭ରେ ୭୫ ହଜାର ଟଙ୍କା ଅନୁଦାନ ହାତେଇଥିବା ଜଣାପଡ଼ିଥିଲା। ଏହାପରେ ଛାତ୍ର କଂଗ୍ରେସ ବ୍ଲକ ସଭାପତି ଦିଲୀପ୍ କୁମାର ବିଶୋଇ ଓଡ଼ଗାଁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି ଉକ୍ତ ରାଶନ କାର୍ଡକୁ ରଦ୍ଦ କରିବା ସହ ବେଆଇନ ଭାବେ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଟଙ୍କା ଆଦାୟ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କିତ ତଥ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିଥିଲା। ଛାତ୍ରନେତାଙ୍କ ଅଭିଯୋଗ ଶୁଣିବା ପରେ ବିଡିଓ ନାୟକ ଉକ୍ତ ଘଟଣାକୁ ଗୁରୁତର ଭାବେ ନେଇ ତଦନ୍ତ କରିବା ପରେ ବଦ୍ରିନାଥଙ୍କ ନଂ. ୨୪୦୭୧୫୧୩୨୯୬ ବିଶିଷ୍ଟ ରାଶନ କାର୍ଡକୁ ରଦ୍ଦ କରାଯାଇଛି।

# ୨୪ ଅଭିଯୋଗରୁ ୧୭ ତତ୍କାଳ ସମାଧାନ

## ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି

ଗଣିଆ ୨୮।୪
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକରେ ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁଣାଣିରେ ୨୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଡ. ଅକ୍ଷୟ ସୁନୀଲ ଅଗ୍ରୱାଲ ଏହି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୮, ରାଶନ କାର୍ଡ ପାଇଁ ୪, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ୩, ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ପାଇଁ ୧, ଶିକ୍ଷା, ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା ପରି ୨୩ଟି ବ୍ୟକ୍ତିଗତ ଅଭିଯୋଗ ଓ ଗୋଟିଏ ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ଜଣଙ୍କୁ ପ୍ରଦାନ କରାଯାଇଥିଲା। ୨୪ଟି ଅଭିଯୋଗ ମଧ୍ୟରୁ ୧୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଏହି ଶିବିରରେ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ,, ବ୍ଲକ ଅଧ୍ୟା ଝୁନା ଜେନା, ଗଣିଆ ବିଡିଓ ସାଗର କୁମାର ନନ୍ଦ, ତହସିଲଦାର ପ୍ରୀତିବାଳା ରଣା, ଏବିଡିଓ ରତନଲାଲ ଲୋହରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀ ସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।




ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଭାଗୀରଥି ସଭାପତି, ଲକ୍ଷ୍ମୀଧର ସମ୍ପାଦକ



ନିର୍ବାଚନରେ ଉପସ୍ଥିତ ଜିଲା ଚେସ ଆସୋସିଏଶନର କର୍ମକର୍ତ୍ତା।

## ଜିଲା ଚେସ୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ

ନୟାଗଡ଼,୨୮।୪(ଲୋକନାଥ ମିଶ୍ର)

ରାଜ୍ୟ ଚେସ ଆସୋସିଏଶନର ଅନୁମୋଦନକ୍ରମେ ନୟାଗଡ଼ ଜିଲା ଚେସ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ନୟାଗଡ଼ କେସି କ୍ଲବଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଭାଗୀରଥି ଦାସ ଏବଂ ସାଧାରଣ ସମ୍ପାଦକ ଭାବେ ଲକ୍ଷ୍ମୀଧର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରିଉପସଭାପତିଭାବେବାଲାରସେନ ପାତ୍ର, ସହସମ୍ପାଦକ ଉମାକାନ୍ତ ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବେ ତାରୁନ ଖାଁ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟିକୁ ଅଜିତ କୁମାର ମିଶ୍ର, ସଂଗ୍ରାମ କେଶରୀ ଗୁମାନସିଂ, ପ୍ରକାଶ ମହାପାତ୍ର, ସଞ୍ଜୟ କୁମାର ସ୍ୱାଇଁ, ଭିକାରୀ ଚରଣ ଦାସ, ଧୀରେନ କୁମାର ପ୍ରଧାନ ଏବଂ ଶିଶିର କୁମାର ନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତ। ଉପଦେଷ୍ଟା ଭାବେ ବରିଷ୍ଠ ସଦସ୍ୟ ଚିତ୍ତ ରଞ୍ଜନ ତ୍ରିପାଠୀ ଏବଂ ଚିତେଶ କୁମାର ରଥ ମନୋନୀତ ହୋଇଛନ୍ତି। ଜିଲା ଚେସ ଆସୋସିଏଶନ ସାଧାରଣ ପରିଷଦ ବୈଠକରେ ଅନୁଷ୍ଠିତ ନିର୍ବାଚନ ପ୍ରକ୍ରିୟାରେ ରିଟର୍ଣ୍ଣିଂ ଅଫିସର ଭାବେ ସଂଗ୍ରାମ ଗୁମାନସିଂ ଯୋଗଦାନ କରି ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ। ଜିଲାର ପ୍ରତ୍ୟେକ ବ୍ଲକରେ ସଙ୍ଗଠନ ଗଠନ କରାଯାଇ ଚେସ ଖେଳକୁ ଲୋକାଭିମୁଖୀ କରିବାକୁ ନୂତନ କର୍ମକର୍ତ୍ତାମାନେ ଘୋଷଣା କରିବା ସହିତ ଆଗାମୀଦିନରେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଜିଲାସ୍ତରୀୟ ଓପନ ଚେସ ଟୁର୍ଣ୍ଣାମେଣ୍ଟ ଏବଂ ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅର୍ଜୁନ



@ ଅଶୋକ



@ ବର୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲକ୍ଷ୍ମଣ ଶକ୍ତିଭେଦ, ବୀରବାହୁ ବଧ

## ଗଣିଆ ଲଙ୍କାପୋଡ଼ି

ଗଣିଆ,୨୮।୪(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଲଙ୍କାପୋଡ଼ି ଯାତ୍ରାର ଦ୍ୱାଦଶ ଦିବସ ସୋମବାର ରାମଲୀଳା ମୁକ୍ତାକାଶ ରଙ୍ଗମଞ୍ଚରେ ଲକ୍ଷ୍ମଣଙ୍କ ଶକ୍ତିଭେଦ ଓ ବୀରବାହୁ ବଧ ନାଟକ ପରିବେଷିତ ହୋଇଥିଲା। ନିଜର ପୁତ୍ରମାନଙ୍କର ମୃତ୍ୟୁରେ ରାବଣ କ୍ରୋଧାନ୍ୱିତ ହୋଇ ବାଣ ପ୍ରୟୋଗ କରି ଲକ୍ଷ୍ମଣଙ୍କୁ ଶକ୍ତିଭେଦ କରିଥିଲେ। ବାନର ସେନାର ପ୍ରମୁଖ ଯୋଦ୍ଧା ସୁଷେଣ ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟ କରଣୀ ଆଣିବାକୁ ହନୁମାନଙ୍କୁ ଉପଦେଶ ଦେଇଥିଲେ। ହନୁମାନ ବିଶଲ୍ୟକରଣୀ ଚିହ୍ନି ନ ପାରି ଗନ୍ଧମାର୍ଦ୍ଦନ ପର୍ବତର କିଛି ଅଂଶ ଟେକି ଆଣିବା ବାଟରେ ଭରତଙ୍କ ବାଟୁଳି ମାଡ଼ରେ ତଳକୁ ଖସି ପଡିଥିଲେ। ହନୁମାନ ଶ୍ରୀରାମଙ୍କ ଭକ୍ତ ରୂପେ ପରିଚୟ ଦେବା ପରେ ଭରତ ତାଙ୍କୁ ଯଥାଶୀଘ୍ର ପହଞ୍ଚିବାକୁ ପରାମର୍ଶ ଦେଇଥିଲେ।



ଗଣିଆ ଲଙ୍କାପୋଡ଼ିରେ ନିର୍ମିତ ରାବଣ ମୂର୍ତ୍ତି।

ହନୁମାନ ଶ୍ରୀରାମଙ୍କ ପାଖରେ ପହଞ୍ଚିବା ପରେ ବିଶଲ୍ୟକରଣୀ ବଟାଯାଇ ଲକ୍ଷ୍ମଣଙ୍କ କ୍ଷତ ସ୍ଥାନରେ ଦିଆଯାଇଥିଲା। କିଛି ସମୟ ପରେ ଲକ୍ଷ୍ମଣ ଜୀବିତ ହୋଇ ଉଠିଥିଲେ। ନିଜର ସମସ୍ତ ପୁତ୍ରଙ୍କ ମୃତ୍ୟୁ ପରେ ରାବଣ ମନରେ ଭାଳେଣୀ ପଡ଼ିଥିଲା। ସେ କ'ଣ କରିବ କିଛି ଚିନ୍ତା କରିପାରିଲାନାହିଁ। ଶେଷରେ ତା'ର ଶେଷପୁତ୍ର ଯାହାର ନାମ ବୀରବାହୁ ତାକୁ ଡକାଇ ଶ୍ରୀରାମଙ୍କୁ ମାରିବା ନିମନ୍ତେ ପଠାଇବାକୁ ଚିନ୍ତା କଲା। ବୀରବାହୁ ହିମାଳୟରେ ଈଶ୍ୱରଙ୍କ ନିମନ୍ତେ ତପସ୍ୟାରେ ମଗ୍ନ ଥିଲା। ତାକୁ ଡକାଇବା ନମନ୍ତେ ଦୁତ ଶାର୍ଦ୍ଦୁଳକୁ ପଠା ଯାଇଥିଲା। କିନ୍ତୁ ଶାର୍ଦ୍ଦୁଳ ବୀରବାହୁର ତପସ୍ୟାକୁ ଭଗ୍ନ କରି ନ ପାରି ଫେରି ଆସିଥିଲା। ପରେ ରାବଣ ତାର ମନ୍ତ୍ରୀ ଶୁକ ଓ ସାରଣକୁ ପଠାଇ ଥିଲେ। ସେମାନେ ହିମାଳୟ ଯାଇ ବୀରବାହୁକୁ ତପସ୍ୟାରୁ ଉଠାଇ ରାବଣର ସନ୍ଦେସ ପ୍ରଦାନ କରିଥିଲେ। ବୀରବାହୁ ପିତାଙ୍କ ଡାକିବା ଖବାର ପାଇ ଆସି ଲଙ୍କାରେ ପହଞ୍ଚିଥିଲା। ରାବଣଙ୍କ ଆଦେଶରେ ଶ୍ରୀରାମଙ୍କୁ ଯୁଦ୍ଧରେ ମାରିବା ନିମନ୍ତେ ଯୁଦ୍ଧକ୍ଷେତ୍ରକୁ ବାହାରିଥିଲା। ସେ ଜାଣେ ଶ୍ରୀରାମ ହେଉଛନ୍ତି ସ୍ୱୟଂ ଭଗବାନଙ୍କ ଅବତାର। ଏଣୁ ସେ ଶ୍ରୀରାମଙ୍କ ଆଗରେ ଆସି ଯୁଦ୍ଧ ପରିବର୍ତ୍ତେ ପ୍ରାର୍ଥନା କରି ବସିଲା। ଫଳରେ ଶ୍ରୀରାମ କହିଲେ, ତୁମେ ମୋର ଭକ୍ତ ମୋର ପ୍ରାର୍ଥନା କରୁଛ, ମୁଁ କିପରି ତୁମକୁ ମାରିବି। ବୀରବାହୁକୁ ଶ୍ରୀରାମ ନ ମାରିବାରୁ ସେ ଅତ୍ୟନ୍ତ ରାଗରେ ଜର୍ଜରିତ ହୋଇ ଶ୍ରୀରାମଙ୍କ ସହ ଭୀଷଣ ଯୁଦ୍ଧ କରିବାକୁ ଲାଗିଥିଲା। ଶେଷରେ ଶ୍ରୀରାମଙ୍କ ଦ୍ୱାରା ବୀରବାହୁ ମୃତ୍ୟୁ ଘଟିଥିଲା। ରାମଲୀଳା ପରିଷଦର କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକ ଦେଖିବାକୁ ନାଟ୍ୟ ମଣ୍ଡପର ଚର୍ତୁଃପାର୍ଶ୍ୱରେ ଦର୍ଶକଙ୍କ ଭିଡ଼ ହୋଇଥିଲା।

# ଉଦ୍ଧାର କୁଟୁରାକୁ ବନ ବିଭାଗକୁ ହସ୍ତାନ୍ତର



ଗ୍ରାମବାସୀଙ୍କ ନିକଟରୁ ଉଦ୍ଧାର କୁଟୁରାକୁ ବନ ବିଭାଗ ନେଉଛି।

ଖଣ୍ଡପଡ଼ା, ୨୮।୪(ଅଜୟ କୁମାର ମହାରଣା)

ସୋମବାର ସକାଳେ ଏକ କୁଟୁରା ଖାଦ୍ୟ ଅବା ପାଣି ଅନ୍ୱେଷଣରେ ନିକଟସ୍ଥ ଶୁଳିଆ ବାରଖୋଲା ସଂରକ୍ଷଣ ଜଙ୍ଗଲରୁ କଣ୍ଟିଲୋ ପଞ୍ଚାୟତ ଅଧିନ ପାଣୁସାହୁପାଟଣା ଗ୍ରାମକୁ ଚାଲି ଆସିଥିଲା। କୁଟୁରାକୁ ଦେଖି ସ୍ଥାନୀୟ ଲୋକେ ମିଳିତ ଭାବେ ଧରିବାକୁ ଉଦ୍ୟମ କରିବା ସମୟରେ ଉକ୍ତ କୁଟୁରାଟି ଗ୍ରାମ ମୁଣ୍ଡରେ ଥିବା ଏକ ସ୍କୁଲ ମଧ୍ୟକୁ ପଶି ଯାଇଥିଲା। ପରେ ଗ୍ରାମବାସୀ କୁଟୁରାକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ।ଉଦ୍ଧାର ସମୟରେ କୁଟୁରା ଦେହର ବିଭିନ୍ନ ଜଗାରେ ଖଣ୍ଡିଆ ଖାବରା ହୋଇଥିବା ପରିଲକ୍ଷିତ ହୋଇଥିଲା। ଖବର ପାଇ କଣ୍ଟିଲୋ ବନପାଳ ବିଜୟ କୁମାର ପ୍ରଧାନ, ଅନ୍ୟ କର୍ମଚାରୀ ରମେଶ କୁମାର ଦାସ, ପ୍ରମୋଦ କୁମାର କୋଠାଳ, ସାରଥ ଦାସ ଓ ବିପିନ ପରିଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ କୁଟୁରାଟିକୁ ସେମାନଙ୍କୁ ହସ୍ତାନ୍ତର କରିଥିଲେ। ଗ୍ରାମବାସୀ କୁଟୁରା ଶରୀରରେ ଖଣ୍ଡିଆ ଖାବରା ହୋଇଥିବାରୁ ତାକୁ ଉଦ୍ଧାର କରିବା ପରେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ତାର ପ୍ରାଥମିକ ଚିକିତ୍ସା କରାଇଥିଲେ। କୁଟୁରାଟି ସୁସ୍ଥ ହେବା ପରେ ତାକୁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ସୂଚନାଯୋଗ୍ୟ, କୁଟୁରାର ଓଜନ ୭ କିଲୋ, ବୟସ ଦେଢ ବର୍ଷ ଓ ଉଚ୍ଚତା ୨.୫ ଫୁଟ ବୋଲି ବନପାଳ ପ୍ରଧାନଙ୍କଠାରୁ ପ୍ରକାଶ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/Engg.-3/2025/28, ତା.23.04.2025ରିଖ
ଟେଣ୍ଡର ସଂ. 40255409A
ସାମଗ୍ରୀଗୁଡ଼ିକର ବିବରଣୀ : ଜଗଲ୍ଡ (Joggled) ଫିସ୍ ପ୍ଲେଟ୍।
ଟେଣ୍ଡର ମୂଲ୍ୟ : ₹ 1,65,49,075.20, EMD @ 2% : ₹ 3,30,980/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2025ରିଖ 1500 ଘଟିକାରେ।
ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ସମ୍ବଲପୁର
PR-74/Q/25-26

# ମଧୁବାବୁ ଓଡ଼ିଆ ଅସ୍ମିତାର ପ୍ରତୀକ

ନୟାଗଡ଼,୨୮।୪(ଲୋକନାଥ ମିଶ୍ର)

ଓଡ଼ିଆ ଅସ୍ମିତାର ପ୍ରତୀକ ତଥା ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ଆଇନଜୀବୀ ଦିବସ ନୟାଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ଜିଲା କୋର୍ଟ ସମ୍ମିଳନୀ କକ୍ଷରେ ଜିଲା ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ଆନନ୍ଦ ନାରାୟଣ ମହାରଣା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ବକ୍ତା ଭାବେ ପୂର୍ବତନ ଓଡ଼ିଆ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ବାଣ୍ଟ, ଅର୍ଥନୀତି ପ୍ରାଧ୍ୟାପକ ଅଶୋକ କୁମାର ନାୟକ ଏବଂ ଯୁବ ଅଧ୍ୟାପକ ଆଶୁତୋଷ ମିଶ୍ର, ସଂଘର ସମ୍ପାଦକ ସ୍ୱଦେଶ ମିଶ୍ର ପ୍ରମୁଖ ମଧୁବାବୁଙ୍କୁ ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ଅଭିହିତ କରିଥିଲେ। ଦେଶ ସ୍ୱାଧୀନତା ପୂର୍ବରୁ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ପ୍ରଦାନ କରିବା, ଭାଷା ଭିତ୍ତିରେ ଉତ୍କଳ ପ୍ରଦେଶ ଗଠନ କରି ଓଡ଼ିଆ ଜାତିର ନିଜସ୍ୱ ପରିଚୟ ସୃଷ୍ଟି କରିବା ଓ ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରିଥିବା ସ୍ୱାଭିମାନୀ ଓଡ଼ିଆଙ୍କୁ ଏ ଜାତି ସବୁଦିନ ମନେ ରଖିବ ବୋଲି ଦର୍ଶାଇ ବକ୍ତାମାନେ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ମଧୁବାବୁଙ୍କ ବିଚାରଧାରା ଉପରେ ଆୟୋଜିତ ଓଡ଼ିଆ, ଇଂରାଜୀ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଜିଲା ଜଜ୍ ମହାରଣା ପୁରସ୍କୃତ କରିଥିଲେ। ସ୍ୱତନ୍ତ୍ର ବକ୍ତା ଥିବା ଅଧ୍ୟାପକଙ୍କ ସମେତ ରୋଟାରୀ କ୍ଲବ ସମ୍ପାଦକ ଅବିନାଶ ସାହୁଙ୍କୁ ଜିଲା ଜଜ୍ ମହାରଣା ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଆଇନଜୀବୀ ଦଣ୍ଡପାଣି ନାୟକ ଜିଲା ଜଜ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବାହ୍ନରେ ପୁରୁଣା ସିଭିଲ କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲା ଜଜ ଏବଂ ବାର କାର୍ଯ୍ୟକର୍ତ୍ତା ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଚାରପତିମାନଙ୍କ ସମେତ ସମସ୍ତ ଆଇନଜୀବୀ ଯୋଗଦେଇଥିଲେ। ସଂଘର ଉପସଭାପତି ସନ୍ତୋଷ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।




ନୟାଗଡ଼ରେ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସରେ ମଞ୍ଚାସୀନ ଅତିଥି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)
ପ୍ରଥମ ମହଲା, ପ୍ଲଟ୍ ନଂ.: ୭୭୮, ମହର୍ଷି କଲେଜ ରୋଡ, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୯୬୬୩ / ୨୫୪୯୬୧୨, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ / ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ତା୦୮.୦୫.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୩.୦୫.୨୦୨୫ ଅପରାହ୍ନ ୪.୦୦ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ପରିଡ଼ା, ପରିଡ଼ା ସାହି, ଅଳତିରି, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପଛପାର୍ଶ୍ୱ, ପୋ.: ପାଣିକୋଇଲି, ଯାଜପୁର, ଓଡ଼ିଶା, ପିନ୍-୭୫୫୦୪୩ / ଆକାଉଣ୍ଟ ନଂ.: ୩୯୭୯୮୯୬୫୬୫୪ | ASHOK LEYLAND LTD., Regd. No.: OD-04-Q-4343, Year Manufacturing : Oct. 2020, Chasis No.: OT42022012025, Engine No.: LYPZ107701 | ୨୮.୦୪.୨୦୨୫ ସୁଦ୍ଧା ଟ.୩୯,୫୬,୬୦୯/- + ୨୯.୦୪.୨୦୨୫, ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୫,୫୦,୦୦୦/- ଟ.୨,୫୫,୦୦୦/- ଟ.୨୦,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com.ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡ଼ି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।
https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।
ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com
ଗାଡିର ପାର୍କିଂ ସ୍ଥାନ: ମା କମଳା ଷ୍ଟକୟାର୍ଡ୍, ଚଣ୍ଡିଖୋଲ, ସୟୀ, ହରିଦାସପୁର, ଧର୍ମଶାଳା, ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୪
ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୪୩୭୫୫୨୫୩୫ ଏବଂ ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ (ସିଟି କେସ୍ ଅଫିସର), ମୋ.: ୯୪୩୭୯୫୩୬୪୨
ତାରିଖ : ୨୮.୦୪.୨୦୨୫, ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ପ୍ରଦେଶ କଂଗ୍ରେସ ପକ୍ଷରୁ ସୋମବାର ଭୁବନେଶ୍ୱରର ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଉଥିବା ସମ୍ବିଧାନ ବଞ୍ଚାଅ ଶୋଭାଯାତ୍ରା।

# ୩୦୦ ଦିନରେ ସରକାର କରିପାରିନି ଆଖିଦୃଶିଆ କାର୍ଯ୍ୟ: ବିଜେଡି

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

ସରକାରକୁ ଆସିବାର ଶହେ ଦିନ ଭିତରେ ରାଜ୍ୟରେ ଆଖିଦୃଶିଆ କାର୍ଯ୍ୟ କରି ଦେଖାଇବେ ବୋଲି କହିଥିବା ଭାଜପା ସରକାରକୁ ୩ ଶହ ଦିନ ବିତିଯାଇଛି। ହେଲେ ଏଯାଏଁ କୌଣସି ଆଖି ଦୃଶିଆ କାର୍ଯ୍ୟ ହୋଇପାରିନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଓ ବିଧାୟକ ଅରୁଣ ସାହୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାଜପା ସରକାରର ବିଫଳତାକୁ ନେଇ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ଦେବୀ ମିଶ୍ର କହିଛନ୍ତି, ସରକାରକୁ ଆସିବା ପରେ ରାଜ୍ୟ ସରକାର ୩୦୦ ଦିନର ଉପଲବ୍ଧି କ'ଣ ? ସ୍ୱତନ୍ତ୍ର ଓଡ଼ିଶା ଗଠନର ଶହେବର୍ଷ ପୂର୍ତ୍ତି ବେଳକୁ ଓଡ଼ିଶାକୁ ଏକ ବିକଶିତ ରାଜ୍ୟଭାବେ ଗଢ଼ି ତୋଳିବା ପାଇଁ ଆସନ୍ତା ବର୍ଷର ରୋଡ୍‌ମ୍ୟାପ୍ ପ୍ରକାଶ କରିବେ କି ? ଓଡ଼ିଶା ଲଗାତର କେନ୍ଦ୍ର ଅବହେଳାର ଶିକାର ହୋଇ ଆସୁଥିବା ବେଳେ ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ବା ଫୋକସ ଷ୍ଟେଟ୍‌ର ମାନ୍ୟତା ପାଇଁ ବିଜେଡି ଦାବି କରିଆସୁଛି। ପରବର୍ତ୍ତୀ ସମୟରେ ନବୀନବାବୁଙ୍କ ନେତୃତ୍ୱରେ ଦିଲ୍ଲୀର ରାମଲୀଳା ମଇଦାନରେ ଏକ ବିଶାଳ ସମାବେଶ ଆୟୋଜିତ ହେବା ସହ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ୨୦୧୪ ନିର୍ବାଚନ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅରୁଣ ସାହୁ କହିଛନ୍ତି, ଡବଲ ଇଞ୍ଜିନ ଡବଲ ବିକାଶ ସ୍ଲୋଗାନ ଦେଇ ସରକାରକୁ ଆସିଥିବା ଭାଜପାଠାରୁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ପାଇଁ ଆଶା କରାଯାଉଥିଲା। କିନ୍ତୁ କେନ୍ଦ୍ର ସରକାର ଓଡ଼ିଶାକୁ ମିଳୁଥିବା ଅନୁଦାନରେ ଟଙ୍କାଟିଏ ମଧ୍ୟ ବୃଦ୍ଧି କରିନାହାନ୍ତି ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।

# ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ପୁଣି ମାରପିଟ୍

ବାସୁଦେବପୁର,୨୮।୪(ନାରାୟଣ ପ୍ରସାଦ ବାରିକ୍)

**ରଣକ୍ଷେତ୍ର ପାଲଟିଲା ବ୍ଲକ କାର୍ଯ୍ୟାଳୟ ପରିସର**

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସର ସୋମବାର ପୂର୍ବାହ୍ନରେ ରଣକ୍ଷେତ୍ର ପାଲଟିଛି। ଭାଜପାର ଦୁଇଗୋଷ୍ଠୀ ମୁହାଁମୁହିଁ ହେବା ପରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ପରସ୍ପର ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖି ଭୟରେ ସାଧାରଣ ଲୋକେ ବ୍ଲକ କାର୍ଯ୍ୟାଳୟ ପରିସରରୁ ପଳାଇ ଯାଇଥିଲେ। ବ୍ଲକ କର୍ମଚାରୀମାନେ ମଧ୍ୟ ଗଣ୍ଡଗୋଳ ଦେଖି ଛାନିଆ ହୋଇପଡ଼ିଥିଲେ। ତୀବ୍ର ଉତ୍ତେଜନା ସହ ମାରପିଟ୍ ବଢ଼ିବାରୁ ବାସୁଦେବପୁର ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ଭାଜପାର ବିଧାନସଭା ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି କୌଣସି କାର୍ଯ୍ୟ ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା ସାରି ନିଜ ଗାଡ଼ିରେ ବ୍ଲକ ଅଫିସ୍‌ରୁ ବାହାରିଥିଲେ। ଏହି ସମୟରେ ଅନ୍ୟ ଗୋଷ୍ଠୀର କେତେଜଣ ଯୁବକ ତାଙ୍କୁ ଇଙ୍ଗିତ କରି କିଛି କଥା କହିଥିଲେ। ଏହି ଘଟଣାରୁ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଦୁଇ ଗୋଷ୍ଠୀର ଲୋକଙ୍କ ସଂଖ୍ୟା କିଛି ସମୟ ମଧ୍ୟରେ ବଢ଼ିଯିବା ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଗଣ୍ଡଗୋଳ ବଢ଼ିଯାଇଥିଲା। ପ୍ରକାଶଥାଉ କି, ନିକଟରେ ପଞ୍ଚାୟତିରାଜ ଦିବସ ପାଳନ ବେଳେ ମଧ୍ୟ ଭାଜପାର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ବିବାଦ ପ୍ରାୟତଃ ତୁଟି ନ ଥିବାବେଳେ ପୁଣି ବ୍ଲକ ଅଫିସ୍ ପରିସରରେ ଏପରି ଗଣ୍ଡଗୋଳ ଘଟିବା ଭାଜପାର ତୀବ୍ର ଗୋଷ୍ଠୀ ବିବାଦକୁ ପଦାରେ ପକାଇବା ସହ ଜିଲା ଓ ରାଜ୍ୟ ସଭାପତିଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାବେଳେ ବ୍ଲକ କାର୍ଯ୍ୟାଳୟ ପରିସର ଅଶାନ୍ତ ହୋଇପଡ଼ିଛି। ସୋମବାର ମଧ୍ୟ ଜଣେ ମଣ୍ଡଳ ସଭାପତିଙ୍କୁ ମାଡ଼ ମରାଯାଇଥିବା ଜଣାପଡ଼ିଛି।


ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଦେଖାଦେଇଥିବା ଉତ୍ତେଜନା।

# ଭାଜପା ସରକାର ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡ଼େଇ ନେଇଛି: ଭକ୍ତ

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

**■କଂଗ୍ରେସର ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ**
**■ସମ୍ବିଧାନ ଆମ ରକ୍ଷାକବଚ**

ଦେଶର ସମ୍ବିଧାନ ସଙ୍କଟରେ। ସମ୍ବିଧାନର ସୁରକ୍ଷା ପାଇଁ ଲଢ଼େଇ କରିବା ପ୍ରତ୍ୟେକ ରାଜନୈତିକ ଦଳ ଓ ସାଧାରଣ ଜନତାଙ୍କର କର୍ତ୍ତବ୍ୟ। ମୋଦି ସରକାର ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।


ସୋମବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ପକ୍ଷରୁ ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ କରାଯାଇଥିବା 'ସମ୍ବିଧାନ ବଞ୍ଚାଅ' ଶୋଭାଯାତ୍ରା ଅବସରରେ ଭକ୍ତ କହିଛନ୍ତି, ସମ୍ବିଧାନ ସଶକ୍ତ ହେଲେ ଆମ ଗଣତନ୍ତ୍ର ସଶକ୍ତ ହେବ ଏବଂ ଆମ ଅଧିକାର ସୁରକ୍ଷିତ ରହିବ। ଭାରତ ବର୍ଷର ଭାଜପା ସରକାର ସମ୍ବିଧାନକୁ ବିକୃତ କରିଚାଲିଛନ୍ତି। ଭାଜପା ଓ ଆର୍‌ଏସ୍‌ଏସ୍‌ର ବିଚାରଧାରାରେ ସମ୍ବିଧାନକୁ ବଦଳାଇବା ପାଇଁ ନିଷ୍ପତ୍ତି ନିଆଯାଉଛି। ଘୃଣା, ହିଂସା, ଭେଦଭାବ ସୃଷ୍ଟିକରି ଭାଇଚାରାକୁ ନଷ୍ଟ କରାଯାଉଛି। ଏହାଦ୍ୱାରା ଦେଶରେ ଥିବା ବିବିଧତା ଭିତରେ ଐକ୍ୟତା ଓ ଜାତୀୟ ସଂହତି ନଷ୍ଟ ହେଉଛି। ଏଥିପାଇଁ ଆମ ସମସ୍ତଙ୍କୁ ସତର୍କ ରହିବା ସହିତ ଭାରତବର୍ଷର ସାଧାରଣ ଜନତାଙ୍କୁ ଏଭଳି ପରିସ୍ଥିତି ପାଇଁ ସଚେତନ କରିବାକୁ ପଡ଼ିବ। କେନ୍ଦ୍ରର ଭାଜପା ସରକାର ଶାସନକାଳରେ ନିର୍ବାଚନ ଆୟୋଗ ନିଜର ଗରିମା ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇସାରିଛି। ନିର୍ବାଚନ ଆୟୋଗ ଏବେ ଭାଜପାର ଖେଳନା ସାଜିଛି। ଗଣଙ୍କ ନିଷ୍ପତ୍ତିକୁ ଗୌଣ କରିଦିଆଯାଉଛି। ନ୍ୟାୟାଳୟ ଆଉ ନିରପେକ୍ଷ ନାହିଁ। ବିରୋଧୀ ଦଳର ନେତୃବର୍ଗଙ୍କୁ ଇଡି, ସିବିଆଇ, ଆଇଟି ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ମିଛ ମାମଲା ଦାଏର କରି ଭୟଭୀତ କରାଯାଉଛି। ଫଳସ୍ୱରୂପ ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ମୁହଁ ଖୋଲିବାକୁ ନିର୍ବାଚିତ ପ୍ରତିନିଧିମାନେ ଭୟ କରୁଛନ୍ତି। ସରକାରୀ ଚାପ, ଭୟ ଓ ବିଭିନ୍ନ ଆର୍ଥିକ ପ୍ରଲୋଭନରେ ଆଜି ଚତୁର୍ଥସ୍ତମ୍ଭ ସମ୍ପୂର୍ଣ୍ଣ ରୂପେ କବଳିତ। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ସତ୍ୟ ଓ ନ୍ୟାୟର ଲଢ଼େଇ ପାଇଁ ଚତୁର୍ଥ ସ୍ତମ୍ଭ ସୃଷ୍ଟି କରାଯାଇଥିଲା, ତାହା ଆଜି ଲକ୍ଷ୍ୟଠାରୁ ବହୁଦୂରରେ। ଏଥିପାଇଁ ଆମ ସମ୍ବିଧାନ ସୁରକ୍ଷାର ଆବଶ୍ୟକତା ରହିଛି। ସମ୍ବିଧାନ ବଞ୍ଚିଲେ ଗଣତନ୍ତ୍ର ବଞ୍ଚିବ ଓ ଦେଶ ମଧ୍ୟ ବଞ୍ଚିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ଦେଶରେ ଭାଜପା ସରକାର ଏକ ନୂଆ ସମ୍ବିଧାନ ପ୍ରଣୟନ ପାଇଁ ଅପଚେଷ୍ଟା କରୁଛି। ଦୁର୍ନୀତି ଭାଜପାର ନୀତି ହୋଇଯାଇଛି। ଆଜି ଭାରତ ବର୍ଷର ଖଣିଜ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦକୁ ମୋଦିଙ୍କ ବନ୍ଧୁ ବ୍ୟବସାୟୀଙ୍କ ମଧ୍ୟରେ ବଣ୍ଟନ କରାଯାଉଛି। ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରହାର କରାଯାଉଛି। ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରାଯାଉଛି। ଚାଷୀ, ଯୁବକ, ଛାତ୍ର ଓ ମହିଳା ସମ୍ପୂର୍ଣ୍ଣରୂପେ ସରକାରୀ ଷଡ଼ଯନ୍ତ୍ରର ଶିକାର। ସମସ୍ତଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ କଂଗ୍ରେସ ସଂଗ୍ରାମ ଜାରି ରଖିବ ଏବଂ ଏଥିପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ନେତାମାନେ ସାମିଲ ଥିଲେ।

## Business

# ୮୦,୦୦୦ ଉପରେ ସେନ୍‌ସେକ୍ସ

ମୁମ୍ବାଇ,୨୮।୪



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟ କାରବାର ୮୦,୦୦୦ ଅଙ୍କ ପାର କରିଛି। ଏପରିକି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାରରେ ସୁଧାର ଆସିଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସରେ ବିଏସ୍‌ଇ ସେନ୍‌ସେକ୍ସ ୧୦୦୬ ପଏଣ୍ଟ ବଢ଼ି ୮୦,୨୧୮ ଅଙ୍କରେ ବନ୍ଦ ହୋଇଥିଲାବେଳେ ନିଫ୍ଟି-୫୦ର କାରବାର ୧.୨୦% ବୃଦ୍ଧି ଘଟି ୨୪,୩୨୮.୫୦ ଅଙ୍କରେ କାରବାର ଶେଷ କରିଥିଲା। ବିଶେଷକରି ୨୦୨୪-୨୫ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଫଳାଫଳ ଏବଂ ଅକ୍ଷୟ ତୃତୀୟା ଉପଲକ୍ଷେ ବଜାର କାରବାର ବେଶ ଉତ୍ସାହଜନକ ରହିଛି। ଅପରପକ୍ଷରେ ରିଲାଏନ୍ସ ଗ୍ରୁପ୍‌ର ନିବେଶ ବୃଦ୍ଧି ସହ କମ୍ପାନୀ ବିଶ୍ୱର ଶ୍ରେଷ୍ଠ ୨୫ କମ୍ପାନୀ ମଧ୍ୟରେ ସ୍ଥାନ ପାଇବାର ପ୍ରଭାବ ପୁଞ୍ଜି ବଜାରରେ ଉତ୍ସାହକୁ ବୃଦ୍ଧି କରାଇଛି। ସେହିପରି

## ଶେୟାର ବଜାରରେ ଉତ୍ସାହ

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୦୬ (୧୦୦୫.୮୪) ପଏଣ୍ଟ ବୃଦ୍ଧି ଘଟି ୮୦,୨୧୮ (୮୦,୨୧୮.୩୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୮୯ (୨୮୯.୧୫) ପଏଣ୍ଟ ବଢ଼ି ୨୪,୩୨୮ (୨୪,୩୨୮.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ସେକ୍ଟରାଲ କ୍ଷେତ୍ରରେ ବ୍ୟାଙ୍କ, ଅଟୋ, ଅଏଲ ଆଣ୍ଡ ଗ୍ୟାସ୍, ଆଇଟି, ଫାର୍ମା ଏବଂ ମେଟାଲ ଭଳି କ୍ଷେତ୍ରର ନିବେଶକମାନେ ୨ରୁ ୩% ନିବେଶ ବୃଦ୍ଧି କରିଛନ୍ତି।

# ୩୦ରୁ ସ୍ମାର୍ଟ ବଜାରରେ ଫୁଲ୍ ପଇସା ଅସୁଲ ସେଲ୍

ଭୁବନେଶ୍ୱର,୨୮।୪




ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ୍ ତଥା ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ଅଫର 'ଫୁଲ୍ ପଇସା ଅସୁଲ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ବା ସେଲ୍ ୨୦୨୫ ଏପ୍ରିଲ ୩୦ରୁ ଆରମ୍ଭ ହେଉଛି। ଉକ୍ତ ସେଲ୍ ଏପ୍ରିଲ ୩୦ ରୁ ମେ ୪ ପର୍ଯ୍ୟନ୍ତ ସମସ୍ତ ସ୍ମାର୍ଟ ବଜାରରେ ଉପଲବ୍ଧ ରହିବ। ସେହିଭଳି ୯୩୦ରୁ ଅଧିକ ସ୍ମାର୍ଟ ବଜାରରୁ ଗ୍ରାହକମାନେ ଗ୍ରୋସେରି, ଫ୍ୟାଶନ, ହୋମ୍‌କେୟାର, ଆପ୍ଲାଏନ୍ସ ଭଳି ଅନେକ କିଛି ସାମଗ୍ରୀ ସୁଲଭ ମୂଲ୍ୟରେ କ୍ରୟ କରିପାରିବେ। ସେହିପରି ମାଧୁରୀ ଦୀକ୍ଷିତ ଏବଂ ଗୋପଳ ଦତ୍ତଙ୍କୁ ନେଇ ଏକ ସୁନ୍ଦର ଟିଭିସି ପରିବେଷଣ କରାଯାଉଛି। ଗ୍ରାହକଙ୍କୁ ସଚେତନ କରିବା ସହ ସୁଲଭ ମୂଲ୍ୟରେ କିପରି ଅତ୍ୟାବଶ୍ୟକ ସାମଗ୍ରୀ ଗୋଟିଏ ସ୍ଥାନରୁ କ୍ରୟ କରିପାରିବେ ସେନେଇ ମଧ୍ୟ ସମସ୍ତ ସୂଚନା ଟିଭିସି ଜରିଆରେ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲର ସିଇଓ (ଭିଏଫ୍) ଦାମୋଦର ମଲ କହିଛନ୍ତି, ଆମେ ଆମର ବହୁ ପ୍ରତୀକ୍ଷିତ ଅଫର (ସେଲ୍)କୁ ଆନୁଷ୍ଠାନିକ ଭାବେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକମାନେ ମଧ୍ୟ ଏହି ସମୟରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ସୁଲଭ ମୂଲ୍ୟରେ କ୍ରୟ କରିପାରିବେ ବୋଲି ବିସ୍ତୃତ ଭାବେ ସେ ମତପ୍ରକାଶ କରିଛନ୍ତି।

# ସ୍କ୍ରାପିଙ୍ଗ୍ ଗାଡ଼ି ଉପରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୨୮।୪

ଟାଟା ମୋଟର୍ସ ଆର୍‌ଇ-ଡବ୍ଲ୍ୟୁଆଇ-ଆର୍‌ଇରେ ସ୍କ୍ରାପିଙ୍ଗ୍ ଗାଡ଼ି ଉପରେ ଆକର୍ଷଣୀୟ ରିହାତି ଅଫର ପ୍ରଦାନ କରାଯାଉଛି। ଏପରିକି ଏଠାରେ ଯାନର ସ୍କ୍ରାପିଙ୍ଗ୍ ଅତ୍ୟନ୍ତ ସରଳ ଏବଂ ସ୍ୱଚ୍ଛ ହୋଇଥାଏ। ଗ୍ରାହକମାନେ ଯେକୌଣସି ବ୍ୟବସାୟିକ କିମ୍ବା ବ୍ୟକ୍ତିଗତ ବ୍ରାଣ୍ଡର ଯାନକୁ ଏଠାରେ ସ୍କ୍ରାପ୍ କରିପାରିବେ। ଟାଟା ମୋଟର୍ସର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧାଠାରେ ଏକ ଆର୍‌ଭିଏସ୍‌ଏଫ୍ ରହିଛି। ଯାନର ସ୍କ୍ରାପିଙ୍ଗ୍ ପଦ୍ଧତି ଆରମ୍ଭ ପୂର୍ବରୁ ଗ୍ରାହକମାନେ ଆର୍‌ଇ-ଡବ୍ଲ୍ୟୁଆଇ-ଆର୍‌ଇ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିବା ସହ ଆମକୁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୯ ୭୯୭୯ ଜରିଆରେ ସମ୍ପର୍କ କରିପାରିବେ କିମ୍ବା ବ୍ୟକ୍ତିଗତ ଭାବେ ନିକଟସ୍ଥ ଟାଟା ମୋଟର୍ସର ଯେ କୌଣସି ଅଧିକୃତ ବିକ୍ରୟ କେନ୍ଦ୍ରକୁ ପରିଦର୍ଶନ କରିପାରିବେ। ଅପରପକ୍ଷରେ ପୁରୁଣା ଯାନର ସ୍କ୍ରାପିଙ୍ଗ୍‌ରେ ଅନେକ ସୁବିଧା ମିଳିଥାଏ। ଗ୍ରାହକମାନେ ସେମାନଙ୍କ ଯାନ ଉପରେ ଉଚିତ ମୂଲ୍ୟ ପ୍ରାପ୍ତ ହୋଇଥାନ୍ତି, ଯାହାକି ଏକ୍ସଶୋ'ରୁମ୍ ମୂଲ୍ୟର ସାଧାରଣତଃ ୪ରୁ୬% ରହିଥାଏ। ଅତିରିକ୍ତ ଭାବେ ଅନେକ ରାଜ୍ୟ ସରକାର ଏହା ଉପରେ ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା ରଖିଛନ୍ତି, ଯାହା ମଧ୍ୟରେ ପରିବହନ ଯାନ ଉପରେ ୧୫%ର ରୋଡ୍ ଟ୍ୟାକ୍ସ ରିହାତି ତଥା ଅଣପରିବହନ ଯାନ ଉପରେ ୨୫% ର ରିହାତି ସାମିଲ ରହିଛି। ଏଥିସହସ୍ ମୁକ୍ତ ପଞ୍ଜୀକରଣ ଓ ଗ୍ରାହକମାନଙ୍କ ଦ୍ୱାରା ସାର୍ଟିଫିକେଟ୍ ଅଫ୍ ଡିପୋଜିଟ (ସିଓଡି) ଭଳି କାର୍ଯ୍ୟ ରହିଛି, ଯେତେବେଳେ ସମସ୍ତ କାର୍ଯ୍ୟ ଉପସ୍ଥାପିତ ହୋଇଥାଏ। ସେତେବେଳେ ନୂତନ ଯାନ କ୍ରୟ ଉପରେ ଯାନର ଉତ୍ପାଦକଙ୍କ ପକ୍ଷରୁ ୩ %ର ରିହାତି ବ୍ୟବସ୍ଥା ପ୍ରଦାନ କରାଯାଏ। ଏ ସବୁକୁ ମିଶାଇ ନୂଆ ଯାନ ମୂଲ୍ୟ ଉପରେ ୮ରୁ ୧୦ % ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇ ସ୍କ୍ରାପିଙ୍ଗ୍‌ର ଏଭଳି ଏକ ବ୍ୟବସ୍ଥାକୁ ଆହୁରି ଅଧିକ ଆର୍ଥିକ ପସନ୍ଦଯୋଗ୍ୟ କରିବା ଦିଗରେ ପ୍ରଣାଳୀଟିକୁ ଆକର୍ଷଣ କରାଯାଏ। ଯାନର ପରିସ୍ଥିତିକୁ ନେଇ ଗ୍ରାହକଙ୍କ ଦ୍ୱାରଦେଶରେ ଏହାର ମୂଲ୍ୟାୟନ କରାଯିବ। ପଞ୍ଜୀକରଣ ରଦ୍ଦ, ସିଓଡି ପ୍ରସ୍ତୁତ, ମାଗଣା ଯାନକୁ ସ୍ଥାନାନ୍ତରୀକରଣ ପାଇଁ ଆଣିବା ତଥା ମୂଲ୍ୟାୟନ ଆଧାରରେ ଏହାର ମୂଲ୍ୟକୁ ଅନ୍‌ଲାଇନ ମାଧ୍ୟମରେ ସୁନିଶ୍ଚିତ କରାଯାଇଥାଏ।

# କାର୍ଯ୍ୟକ୍ଷେତ୍ରରେ ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗ

ଭୁବନେଶ୍ୱର,୨୮।୪ (ଅଭୟ ଦାଶ)

ଚଳିତ ବର୍ଷ ମଧ୍ୟ ବେଦାନ୍ତ ଲିମିଟେଡ୍‌ରେ ୱାର୍ଲଡ ଡେ ଫର୍ ସେଫ୍ଟି ଆଣ୍ଡ ହେଲ୍‌ଥ ଆଟ୍ ୱର୍କ (କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ) ପାଳିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଲିମିଟେଡ୍ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମର୍ଥିତ ଭବିଷ୍ୟବାଣୀ ଏବଂ ଅନ୍ତର୍ଭୁକ୍ତିମୂଳକ ସୁରକ୍ଷାରେ ମୂଳ ଥିବା ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗ କରିଛି। ଏପରିକି ଏକ ବ୍ୟାପକ ପଦକ୍ଷେପ ମାଧ୍ୟମରେ କମ୍ପାନୀ ସୁରକ୍ଷା-ପ୍ରଥମ ସଂସ୍କୃତି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦିଷ୍ଟ କରିଛି, କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ନେତୃତ୍ୱାଧୀନ ମନିଟରିଂ ସିଷ୍ଟମ, ଡ୍ରୋନ୍, ଫାଟିଗ ଡିଟେକ୍ସନ ସିଷ୍ଟମ, ସ୍ମାର୍ଟ ହେଲ୍‌ମେଟ୍ ଏବଂ ଟେଲି-ରିମୋଟ୍ ଅପରେଶନ୍ସ ସମେତ ଅନେକ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାକୁ କାର୍ଯ୍ୟ କ୍ଷେତ୍ରରେ ନିୟୋଜିତ କରିଛି, ଯାହା ଏହାର କାର୍ଯ୍ୟକ୍ଷେତ୍ରରେ ଶିଳ୍ପ ସୁରକ୍ଷାକୁ ରୂପାନ୍ତରିତ କରୁଛି ବୋଲି କୁହାଯାଉଛି।

ସେହିଭଳି କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ-୨୦୨୫ର ବିଷୟବସ୍ତୁ କାର୍ଯ୍ୟସ୍ଥଳ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଡିଜିଟାଲାଇଜେଶନ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏପରିକି କାର୍ଯ୍ୟସ୍ଥଳଗୁଡ଼ିକ ଏଆଇ, ରୋବୋଟିକ୍ସ, ଏକ୍ସୋସ୍କେଲେଟନ୍ ଏବଂ ଦୂରବର୍ତ୍ତୀ କାର୍ଯ୍ୟ ସହ ବିକଶିତ ହେଉଥିବାରୁ ଏହି ପ୍ରଯୁକ୍ତିବିଦ୍ୟାଗୁଡ଼ିକ ସୁଯୋଗ ଏବଂ ଚ୍ୟାଲେଞ୍ଜ ଉଭୟ ଆଣିଥାଏ। ଭାରତରେ ବେଦାନ୍ତର ଜିଙ୍କ୍ ବ୍ୟବସାୟ ଦେଶରେ ପ୍ରଥମ ଯାହା ଭର୍ଚୁଆଲ୍ ରିଆଲିଟି (ଭିଆର)-ଆଧାରିତ ୱିଣ୍ଡର ଟ୍ରେନିଂ ସିମୁଲେଟର ସିଷ୍ଟମକୁ ନିୟୋଜିତ କରିଛି, ଯାହା ସାମଗ୍ରୀ ଏବଂ ମାନବ ଶକ୍ତି ଚଳାଚଳ ପାଇଁ ବ୍ୟବହୃତ ଅଫଶାଫ୍ଟ (ଲିଫ୍ଟ)ର କାର୍ଯ୍ୟକୁ ଅନୁକରଣ କରିଥାଏ। କମ୍ପାନୀ ଭାରତରେ ମଧ୍ୟ ପ୍ରଥମ ଯିଏ ଭିଆର୍-ଆଧାରିତ ଭୂତଳ ଯାନ ସିମୁଲେଟର ପ୍ରଚଳନ କରିଛି, ଯାହା କର୍ମଚାରୀମାନଙ୍କୁ ଖଣିରେ ଯାନ ଚଳାଇବାରେ ତାଲିମ ଦେଇଥାଏ। ବେଦାନ୍ତର ଆଲୁମିନିୟମ ବ୍ୟବସାୟ ଏହାର କାର୍ଯ୍ୟରେ ସାମଗ୍ରୀ ନିଷ୍କାସନ ପୂର୍ବରୁ ଯାଞ୍ଚ କରିବା ପାଇଁ ଡ୍ରୋନ୍ ମଧ୍ୟ ନିୟୋଜିତ କରିଛି।


ବେଦାନ୍ତ କାର୍ଯ୍ୟ ପରିସରରେ କର୍ମଚାରୀମାନେ ଡ୍ରୋନ୍ ଉଡାଉଛନ୍ତି।

# ବଜାରରେ ବାଗିର ନୂତନ ଉତ୍ପାଦ

ଭୁବନେଶ୍ୱର,୨୮।୪

ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସ(ବାଗି)ର ନୂତନ ଉତ୍ପାଦ ତଥା ଅଭିନବ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ 'କ୍ଲାଇମେଟ୍‌ସେଫ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଜଳବାୟୁ ସମ୍ବନ୍ଧିତ ବିପଦର ବର୍ଦ୍ଧିତ ମାତ୍ରାକୁ ଦେଖି କମ୍ପାନୀ ଏହି ପ୍ରଡକ୍ଟ ଆରମ୍ଭକରିବା ସହ ସେହିମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯେଉଁମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରତି ଅଧିକ ସମ୍ବେଦନଶୀଳ । ସେହିଭଳି ଏହି ଉଦ୍ୟୋଗରେ ପ୍ରଥମ ଭାବେ ଆରମ୍ଭ ହୋଇଥିବା କ୍ଲାଇମେଟ୍ ରିସ୍କ ଇନ୍‌ସ୍ୟୁରାନ୍ସ ବିଶେଷଭାବେ ରିଟେଲ କଷ୍ଟମର, ଅଫିସ୍ ଯାଉଥିବା ବ୍ୟକ୍ତି, ଅଟୋ/ଟ୍ୟାକ୍ସି ଡ୍ରାଇଭର, ରିଟେଲ ଶପ୍‌ର ମାଲିକ, ଡେଲିଭରି ଏଜେଣ୍ଟ, ହୋମ୍ ସର୍ଭିସ୍ ପ୍ରଫେସନାଲ୍, ଗିଗ୍ ୱାର୍କ ହୋମ୍ ରେସିଡେଣ୍ଟ ଏବଂ ଇଭେଣ୍ଟରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କର ଆବଶ୍ୟକତା ପୂରଣକରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଅତ୍ୟଧିକ ଗରମ, ଶୀତ ଲହରି ଏବଂ ଅତ୍ୟଧିକ ବର୍ଷା ସହ ଜଳବାୟୁ ସମ୍ବନ୍ଧିତ ବିପଦ କାରଣରୁ ଜଳବାୟୁ ସମ୍ବନ୍ଧିତ ଆୟ ହାନି କିମ୍ବା ବର୍ଦ୍ଧିତ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଡ. ତପନ ସିଂଘେଲ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଏକ ଦୂରର ବିପଦ ହୋଇରହିନାହିଁ। ଏହା ହେଉଛି ଏକ ବାସ୍ତବିକତା, ଯାହା ଆମର ଦୈନନ୍ଦିନ ଜୀବନକୁ ଦୃଶ୍ୟମାନ ଓ ପ୍ରାୟତଃ ବିଭ୍ରାନ୍ତକାରୀ ଉପାୟରେ ପ୍ରଭାବିତ କରିଥାଏ। ପ୍ରତିକୂଳ ପାଣିପାଗ କାରଣରୁ ଫ୍ଲାଇଟ୍ କ୍ୟାନ୍‌ସେଲେସନଠାରୁ ଆରମ୍ଭକରି ଲଜିଷ୍ଟିକ୍ସ, ସପ୍ଲାଏ ଚେନ୍ ଓ ଦୈନିକ ଯାତ୍ରାରେ ବିଳମ୍ବ ପର୍ଯ୍ୟନ୍ତ ଜଳବାୟୁ ସମ୍ବନ୍ଧିତ ଘଟଣାର ଆର୍ଥିକ ଓ ଭାବପ୍ରବଣଗତ ହାନି କ୍ରମାଗତ ଭାବେ ବୃଦ୍ଧି ପାଉଛି। ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସରେ ଆମେ ବିଶ୍ୱାସ କରୁ ଯେ ଏବେ ନିର୍ଣ୍ଣାୟକ ପଦକ୍ଷେପ ନେବାର ସମୟ ଆସିଯାଇଛି।

# ଶ୍ରୀମନ୍ଦିର ଭକ୍ତ ନିବାସ ନାମରେ ଜାଲ୍ ୱେବ୍‌ସାଇଟ୍



ଗିରଫ ଅଭିଯୁକ୍ତମାନେ

- ୫ ମାମଲାରେ ଗିରଫ ହେଲେ ୭ ଅଭିଯୁକ୍ତ
- କ୍ରାଇମବ୍ରାଞ୍ଚ ଟିମ୍‌ର ରାଜ୍ୟ ବାହାରେ ଚଢ଼ାଉ

କଟକ,୨୮।୪(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିରର ନୀଳାଦ୍ରି ଭକ୍ତନିବାସରେ ରହିବା ନିମନ୍ତେ ଜାଲ୍ ୱେବସାଇଟ୍ ଖୋଲି ଭକ୍ତଙ୍କୁ ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଆଗ୍ରା ଜିଲା ତାଜଗଞ୍ଜ ଥାନା ଅନ୍ତର୍ଗତ କହରାଇ ବାସିନ୍ଦା ଅଂଶୁମାନ ଶର୍ମା (୨୪) ଓ କୁଣ୍ଡୁ ଥାନା ଅନ୍ତର୍ଗତ ମନର୍ଥ ବାସିନ୍ଦା ଅରବିନ୍ଦ କୁମାର (୩୫)। ସେମାନଙ୍କ ନିକଟରୁ ଏକ ଲାପଟପ୍, ମୋବାଇଲ ଫୋନ୍, ସିମ୍ କାର୍ଡ, ଜାଲ ୱେବସାଇଟ୍‌ର ସମ୍ପୂର୍ଣ୍ଣ ବିବରଣୀ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ ହୋଇଛି ବୋଲି କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଏହି ସୂଚନା ଦେଇଛନ୍ତି। ଏ ନେଇ କ୍ରାଇମବ୍ରାଞ୍ଚରେ ଏକ ମାମଲା (ନଂ.୦୯/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ, ଭକ୍ତମାନଙ୍କ ନିକଟରୁ ଅଭିଯୋଗ ପାଇବା ପରେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଏ ନେଇ କ୍ରାଇମବ୍ରାଞ୍ଚରେ ଲିଖିତ ଅଭିଯୋଗ କରିଥିଲେ। ଭକ୍ତନିବାସର ପ୍ରଶାସନିକ କାର୍ଯ୍ୟାଳୟରୁ ବହୁ ଅଭିଯୋଗ ଆସିଥିଲା ଯେ, ତୀର୍ଥଯାତ୍ରୀମାନେ ଅନ୍‌ଲାଇନ ଜରିଆରେ ଭକ୍ତନିବାସରେ ରହିବା ପାଇଁ ବୁକିଂ କରିବା ବେଳେ ତାହା ଏକ ଜାଲ୍ ୱେବସାଇଟ୍‌କୁ ଚାଲିଯାଉଛି। ଉକ୍ତ ଜାଲ୍ ୱେବସାଇଟ୍‌ରେ ଏକ ନକଲି ହ୍ୱାଟ୍ସଆପ ମୋବାଇଲ ନମ୍ବର ରହୁଛି। ସେହି ମୋବାଇଲ ନମ୍ବରରେ କଥା ହେଉଥିବା ବ୍ୟକ୍ତି ପୁରୀସ୍ଥିତ ନୀଳାଦ୍ରି ଭକ୍ତନିବାସରେ ରହିବା ବ୍ୟବସ୍ଥା କରାଇବାର ପ୍ରତିଶ୍ରୁତି ଦେଇ ଅନ୍‌ଲାଇନ ଯୋଗେ ଟଙ୍କା ଜମା କରିବାକୁ କହୁଛନ୍ତି। ସେମାନେ କାନାରା ବ୍ୟାଙ୍କର ଏକ ଜମାଖାତା ନମ୍ବର ମଧ୍ୟ ଏଥିପାଇଁ ତୀର୍ଥଯାତ୍ରୀମାନଙ୍କୁ ଦେଉଛନ୍ତି। କ୍ରାଇମବ୍ରାଞ୍ଚ ଏହି ଅଭିଯୋଗର ତଦନ୍ତ କରି ଉକ୍ତ ଜାଲ୍ ୱେବସାଇଟ୍ ୨୦୨୪ ମେ ୨୨ରେ ଅଭିଯୁକ୍ତ ଅଂଶୁମାନ ତିଆରି କରିଥିବା ଜାଣିବାକୁ ପାଇଥିଲେ। ସେହିପରି ଅର୍ଥ ଜମା ପାଇଁ ବ୍ୟବହାର କରାଯାଉଥିବା ବ୍ୟାଙ୍କ ଆକାଉଣ୍ଟ ଅନ୍ୟତମ ଅଭିଯୁକ୍ତ ଅରବିନ୍ଦଙ୍କ ଥିଲା।

ଏହାବାଦ୍ କ୍ରାଇମବ୍ରାଞ୍ଚ ଟିମ୍ ଅନ୍ୟ ଠକେଇ ମାମଲା (ନଂ.୫୦/୨୦୨୪, ୬୦/୨୦୨୪, ୫୭/୨୦୨୪ ଓ ୦୩/୨୦୨୫ରେ ଗୁଜରାଟ ଓ ଉତ୍ତରପ୍ରଦେଶରେ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ମାମଲା ନଂ. ୫୦/୨୦୨୪ରେ ୧.୨୮ କୋଟି ଟଙ୍କାର ଠକେଇ ହୋଇଥିଲା। ଏହି ମାମଲା ସହ ଜଡ଼ିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ସୁରଟରେ ରହୁଥିବା ବାଲେଶ୍ୱର ଅଞ୍ଚଳର ହିତେଶଭାଇ ପାତ୍ର(୩୯)। ସେ ଜଣେ ୱେବସାଇଟ୍ ଡେଭଲପର। ହିତେଶଙ୍କ ଆକାଉଣ୍ଟକୁ ଠକେଇ ଅର୍ଥରୁ ୨୭ ଲକ୍ଷ ଟଙ୍କା ସିଧା ଯାଇଥିଲା। ତାଙ୍କ ନିକଟରୁ ୬ଟି ବ୍ୟାଙ୍କ ଚେକ୍ ବୁକ୍, ୩୧ଟି ଡେବିଟ/କ୍ରେଡିଟ୍ କାର୍ଡ ଆଦି ଜବତ କରାଯାଇଛି। ମାମଲା ନଂ. ୬୦/୨୦୨୪ରେ ୭.୫ କୋଟି ଟଙ୍କାର ଠକେଇ ହୋଇଥିଲା। ଏହି ମାମଲାରେ ଅହମଦାବାଦର ପାର୍ଥ ପରମର (୨୫)ଙ୍କୁ ଗିରଫ କରାଯାଇଛି। ଠକେଇ ଅର୍ଥରୁ ୨୫ ଲକ୍ଷ ଟଙ୍କା ପାର୍ଥଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଅଭିଯୁକ୍ତଙ୍କ ମୋବାଇଲ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ ହୋଇଛି। ମାମଲା ନଂ. ୫୭/୨୦୨୪ରେ ୮୭.୮ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଏହି ମାମଲାର ୨ ଅଭିଯୁକ୍ତ ଗୁଜୁରାଟର ଠାକ୍କର କାରସାଞ୍ଜି ସୋଭାଜୀ(୪୮)ଙ୍କ ଆକାଉଣ୍ଟରେ ୯.୩ ଲକ୍ଷ ଜମା ହୋଇଥିଲା। ଅନ୍ୟ ଅଭିଯୁକ୍ତ ଗୁଜରାଟର କୁରେଶୀ ମହମ୍ମଦ ଅସଲମ (୩୧)ଙ୍କ ଆକାଉଣ୍ଟରେ ୬ ଲକ୍ଷ ଟଙ୍କା ଜମା ହୋଇଥିଲା। ଉଭୟଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ, ଆଧାର କାର୍ଡ ଓ ପାନ କାର୍ଡ ବତ କରାଯାଇଛି। ମାମଲା ନଂ.୦୩/୨୦୨୫ରେ ୧.୪ କୋଟି ଟଙ୍କା ଠକେଇ ହୋଇଥିଲା। ଏହି ମାମଲାର ଅଭିଯୁକ୍ତ ଆକାଶ କେଶରୱାନି(୩୩)ଙ୍କ ଆକାଉଣ୍ଟରେ ୩.୭ ଲକ୍ଷ ଟଙ୍କା ଜମା ହୋଇଥିଲା। ଉତ୍ତରପ୍ରଦେଶ ପ୍ରୟାଗରାଜରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କଠାରୁ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଏହି ମାମଲାଗୁଡ଼ିକର ତଦନ୍ତ ଚାଲିଛି। ତେବେ ଲୋକମାନେ ସାଇବର ଠକେଇ ପ୍ରତି ସଚେତନ ରହିବା ସହ ଠକେଇର ଶିକାର ହେଲେ ତୁରନ୍ତ ପୋଲିସକୁ ଜଣାଇବା ନିମନ୍ତେ କ୍ରାଇମବ୍ରାଞ୍ଚ ପକ୍ଷରୁ ନିବେଦନ କରାଯାଇଛି। କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଏବଂ ଡିଆଇଜି ବି. ଗଙ୍ଗାଧର ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପ୍ରୟାଗରାଜରୁ ୯ମ ଅଭିଯୁକ୍ତ ଗିରଫ

**ବିଧାୟକଙ୍କଠାରୁ ୧.୪ କୋଟି ଟଙ୍କା ସାଇବର ଠକେଇ ଘଟଣା**

- ଆକାଉଣ୍ଟକୁ ଯାଇଥିଲା ୩.୭ ଲକ୍ଷ ଟଙ୍କା
- ପୂର୍ବରୁ ଗିରଫ ହୋଇଥିଲେ ୮ ଅଭିଯୁକ୍ତ

ଭୁବନେଶ୍ୱର,୨୮।୪ (ସତ୍ୟଜିତ୍ ରାଉତ)

ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ତୁଷାରକାନ୍ତି ବେହେରାଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ସାଇବର ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶ ପ୍ରୟାଗରାଜରୁ ଗିରଫ କରିଛି। ସେ ହେଲେ ଆକାଶ କେଶରୱାନି (୩୩)। ତାଙ୍କଠାରୁ ମୋବାଇଲ, ଆଧାର, ପାନ କାର୍ଡ ଜବତ ହୋଇଛି। ଆକାଶଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ସୋମବାର ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ମାର୍ଚ୍ଚ ଶେଷ ସପ୍ତାହରେ ୭ଜଣଙ୍କୁ କର୍ନାଟକ ଓ ତାମିଲନାଡୁରୁ ଏବଂ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ହାଇଦ୍ରାବାଦରୁ ଅଷ୍ଟମ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସମସ୍ତେ ଜେଲରେ ଅଛନ୍ତି। ୯ମ ଅଭିଯୁକ୍ତ ଆକାଶ ଏହି ଠକେଇ ଘଟଣାରେ ସେକେଣ୍ଡ ଲେୟର ଆକାଉଣ୍ଟ ହୋଲ୍ଡର ବୋଲି କ୍ରାଇମବ୍ରାଞ୍ଚ କହିଛି। ଠକେଇ ଟଙ୍କାରୁ ତାଙ୍କ ଆକାଉଣ୍ଟକୁ ୩.୭ ଲକ୍ଷ ଟଙ୍କା ଟ୍ରାନ୍ସଫର୍ ହୋଇଛି। ପଚରାଉଚରା ବେଳେ ସେ ଆଉ ୪ଟି କରେଣ୍ଟ ବ୍ୟାଙ୍କ ଆକାଉଣ୍ଟକୁ ଏହି ଠକେଇ ପାଇଁ ଦେଇଥିବା କହିଛନ୍ତି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଚେଷ୍ଟା ଚାଲିଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି।



ଆକାଶ କେସରୱାନି

ସୂଚନାଯୋଗ୍ୟ, ବିଧାୟକଙ୍କୁ କିଛିମାସ ତଳେ ଠକମାନେ ହ୍ୱାଟ୍ସଆପ୍‌ରେ ମେସେଜ୍ କରି ଟ୍ରେଡିଂରେ ନିବେଶ କରି ଅଧିକ ଲାଭ ପାଇବାକୁ ଫସାଇଥିଲେ। ବିଧାୟକ ଓଟିସି (ଓଭର୍-ଦି-କାଉଣ୍ଟର) ଓ ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫରିଙ୍ଗ୍) ଟ୍ରେଡିଂରେ ୨୦୨୪ ନଭେମ୍ବର ୧୩ରୁ ୨୦୨୫ ଜାନୁଆରୀ ୧ ମଧ୍ୟରେ ୧ କୋଟି ୪୦ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରି ଠକେଇର ଶିକାର ହୋଇଥିଲେ। ଅଭିଯୋଗ ପରେ ଜାନୁଆରୀ ୧୩ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ଏକ ମାମଲା (ନଂ.୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବାଇକ୍ ଚୋରି ଅଭିଯୋଗରେ ଯୁବକଙ୍କୁ ରାତିସାରା ବାନ୍ଧି ପିଟିଲେ

- ମାଡ଼ର ଭିଡିଓ ଭାଇରାଲ
- ଆହତ ଯୁବକଙ୍କ ଡାକ୍ତରଖାନାରେ ଭର୍ତ୍ତି

ପାଣିକୋଇଲି,୨୮।୪(ବିକାଶ କୁମାର ମଲିକ)

ଜଣେ ଯୁବକଙ୍କ ବିରୋଧରେ କେତେଜଣ ବ୍ୟକ୍ତି ବାଇକ୍ ଚୋରି ଅଭିଯୋଗ ଆଣିଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତିମାନେ ସେହି ଯୁବକଙ୍କୁ ଆମାନୁଷିକ ଭାବେ ରାତିସାରା ହାତଗୋଡ ବାନ୍ଧି ମରଣାନ୍ତକ ଆକ୍ରମଣ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ସୋମବାର ସକାଳୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ପରିସ୍ଥିତି ଏମିତି ହୋଇଛି ଯେ, ସମ୍ପୃକ୍ତ ଯୁବକ ଏବେ ଗାଁକୁ ଯିବାକୁ ଭୟ କରୁଛନ୍ତି। ଅନ୍ୟପକ୍ଷେ ଏହି ମାଡ଼ର ଭିଡିଓ ଭାଇରାଲ ପରେ ଆହତ ଯୁବକଙ୍କ ସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହତ ଯୁବକଙ୍କ ପରିବାର ଲୋକମାନେ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତ ଖଇରାବଦ ଗ୍ରାମର ଗୋପୀନାଥ ନାୟକଙ୍କ ସ୍ତ୍ରୀ କୁନି ନାୟକଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ରାତିରେ ତାଙ୍କ ପୁଅ ସିପୁନା ଘରକୁ ଫେରୁଥିଲେ। ଖଇରାବାଦ ଗ୍ରାମର କେତେଜଣ ବ୍ୟକ୍ତି ମିଳିତ ହୋଇ ତାକୁ ଅଟକାଇ ତୁ ବାଇକ୍ ଚୋରି କରିଛୁ କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ତାଙ୍କ ହାତଗୋଡ଼କୁ ବାନ୍ଧି ଏକ ବାରଣ୍ଡାରେ ପକାଇ ମନଇଚ୍ଛା ମାଡ଼ ମାରିବା ସହ ତାଙ୍କ ତଣ୍ଟି ଉପରେ ଚଢ଼ି ଯାଇଥିଲେ। ଖଇରାବାଦ ଗ୍ରାମର କାଳିନ୍ଦୀ ମଲିକ, ଅଭିନ୍ନ ମଲିକ ଓ କୁରୁପଦା ଗ୍ରାମର ଗଣେଶ୍ୱର ମଲିକ ପ୍ରମୁଖ ଲୁହାରଡ଼ ଓ ଠେଙ୍ଗାରେ ମାଡ଼ ମାରି ଲହୁ ଲୁହାଣ କରିବା ସହ ଘଟଣାର ଭିଡିଓ ଭାଇରାଲ କରିଥିଲେ। ଚୋରି କରିଛୁ ବୋଲି କହିବାକୁ ବାଧ କରି ସେମାନେ ନିସ୍ତୁକ ମାଡ଼ ମାରି ପକାଇ ଦେଇଥିଲେ। ଖବର ପାଇ ସକାଳୁ ଶଙ୍ଖଚିଲା ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ସିପୁନାଙ୍କୁ ଉଦ୍ଧାର କରି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରି ଘରେ ଛାଡିଥିଲେ। ହେଲେ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଭିଡିଓ ଭାଇରାଲ ପରେ ଏବେ ସିପୁନାଙ୍କ ସ୍ତ୍ରୀ ଅପମାନିତ ହୋଇ ଆତ୍ମହତ୍ୟା କରିବା ଉଦ୍ୟମ କରିଛନ୍ତି। ସୋମବାର ସିପୁନାଙ୍କ ପରିବାର ପାଣିକୋଇଲି ଥାନାରେ ପହଞ୍ଚି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ସିପୁନାଙ୍କୁ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ସ୍ୱାମୀ ଅନ୍ୟତ୍ର ବିବାହ କରିଥିବା ଅଭିଯୋଗ କଲେ ସ୍ତ୍ରୀ

ଅନୁଗୋଳ,୨୮।୪(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁର ଗ୍ରାମର ସୁନୀତା ସାହୁ ସୋମବାର ତାଙ୍କ ସ୍ୱାମୀ ବଳରାମ ସାହୁଙ୍କ ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଳରାମ ଅନ୍ୟତ୍ର ବିବାହ କରିଥିବା ସୁନୀତା ଅଭିଯୋଗ କରିଛନ୍ତି। ସୁନୀତା କହିଛନ୍ତି, ବଳରାମ ଓ ସେ ୭ ବର୍ଷ ତଳେ ଭଲପାଇ ବିବାହ କରିଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ବୁଢ଼ୀ ଠାକୁରାଣୀ ମନ୍ଦିରରେ ବିବାହ ସମ୍ପନ୍ନ ହୋଇଥିଲା। କିଛି ବର୍ଷ ପରେ ମନୋମାଳିନ୍ୟ ହେବାରୁ ବଳରାମ ନିର୍ଯାତନା ଦେଇଥିଲେ। ହଇରାଣ ହରକତ କରିବାରୁ ସେ ବାଧ ହୋଇ ୩ ବର୍ଷ ହେଲା ବାପଘରେ ପଡ଼ି ରହିଛନ୍ତି। ଏହାର ସୁଯୋଗ ନେଇ ସ୍ୱାମୀ ଡେରଜାଙ୍ଗ ଗ୍ରାମର ଜଣଙ୍କୁ ବିବାହ କରିଛନ୍ତି। ଏ ନେଇ ସେ ଜରପଡ଼ା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।

# ବାପାଙ୍କୁ ପିଟି ମାରିଦେଲେ ୨ ପୁଅ

**ପାରିବାରିକ ଅଶାନ୍ତି କାଳ ହେଲା**

ପୁରୁଷୋତ୍ତମପୁର,୨୮।୪ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କୁଶପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ୨ ପୁଅ ନିଜ ବାପାଙ୍କୁ ରଡ୍‌ରେ ପିଟି ମାରି ଦେଇଛନ୍ତି। ମୃତକ ହେଲେ ଗୋପାଳକୃଷ୍ଣ ସାହୁ। ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଅଭିଯୁକ୍ତ ଦୁଇ ପୁଅ ପିଣ୍ଟୁ ସାହୁ ଓ ରଞ୍ଜନ ସାହୁଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

ବାଘଳା ପଞ୍ଚାୟତ କୁଶପୁର ଗ୍ରାମର ଗୋପାଳଙ୍କ ପରିବାର ଗରିବ ଶ୍ରେଣୀର। ପ୍ରାୟ ୧୦ ବର୍ଷ ତଳେ ସେ ବଡ଼ ଝିଅର ବିବାହ କରାଇଥିଲେ। ଆର୍ଥିକ ଅନଟନ ମଧ୍ୟରେ ୨ ମାସ ତଳେ ସାନଝିଅକୁ ବାହା କରିଥିଲେ। ଦୁଇ ପୁଅ ପିଣ୍ଟୁ ଓ ରଞ୍ଜନ ଅବିବାହିତ ଅଛନ୍ତି। ଋଣ ଓ ଧାର କରଜକୁ ନେଇ ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା। ଋଣ ଶୁଝିବା ଚିନ୍ତାରେ ଥିବା ଗୋପାଳ ଅଧିକାଂଶ ସମୟରେ ବିରକ୍ତି ପ୍ରକାଶ କରି ସ୍ତ୍ରୀ ସୀତାଙ୍କୁ ମାଡ଼ ମାରୁଥିଲେ। ସୋମବାର କୌଣସି କଥାକୁ ନେଇ ସେ ଏକ ରଡ୍‌ରେ ସୀତାଙ୍କୁ ପିଟିବାକୁ ଉଦ୍ୟମ କରିବା ବେଳେ ଦୁଇ ପୁଅ ଏହାର ପ୍ରତିବାଦ କରିଥିଲେ। ହେଲେ ସେ କାହା କଥା ନ ଶୁଣି ସୀତାଙ୍କୁ ମାଡ଼ ମାରିବାକୁ ଗୋଡାଇଥିଲେ। ଘରେ ସବୁବେଳେ ଏପରି ଚାଲିଥିବାରୁ ପିଣ୍ଟୁ ଓ ରଞ୍ଜନ ଆଉ ସହ୍ୟ କରିପାରି ନ ଥିଲେ। ଉଭୟେ ଉତ୍ତ୍ୟକ୍ତ ହୋଇ ବାପାଙ୍କ ହାତରୁ ରଡ୍ ଛଡ଼ାଇ ନେଇ ସେଥିରେ ତାଙ୍କୁ ପିଟି ପିଟି ମାରି ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଥାନା ଆଇଆଇସି ରାଜେଶ କୁମାର ନାୟକ ଓ ପୁରୁଷୋତ୍ତମପୁର ଏସ୍‌ଡିପିଓ ଡ. ଦୀପକ କୁମାର ମିଶ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ବାପା ସବୁବେଳେ ମା'ଙ୍କୁ ମାଡ଼ ମାରୁଥିବାରୁ ସହ୍ୟ କରି ପାରିଲୁନି ବୋଲି ପିତୃହନ୍ତା ପୁଅଦ୍ୱୟ ପୋଲିସ ଆଗରେ କହିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ନାୟକ କହିଛନ୍ତି।



ଗିରଫ ପିଣ୍ଟୁ ସାହୁ ଓ ରଞ୍ଜନ ସାହୁ।

# ୬୦ ଲକ୍ଷରୁ ଅଧିକ ଋଣ ଟଙ୍କା ନେଇ ଦମ୍ପତି ଫେରାର

**ଏସ୍‌ପିଙ୍କୁ ଅଭିଯୋଗ କଲା ମହିଳା ସଂଘ**

ଅନୁଗୋଳ,୨୮।୪(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ବଆଁରପାଳ ଥାନା ଅନ୍ତର୍ଗତ ଭୋଗବେରଣୀ ପଞ୍ଚାୟତ କୁସୁପଙ୍ଗି ଗ୍ରାମର ପ୍ରାୟ ୩୫ ମହିଳାଙ୍କ ଠାରୁ ସେହି ଗ୍ରାମର ସୁମନ୍ତ ନାଏକ ଏବଂ ତାଙ୍କ ସ୍ତ୍ରୀ ଧରିତ୍ରୀ ନାଏକ ପାଖାପାଖି ୬୦ ଲକ୍ଷରୁ ଅଧିକ ଋଣ ଟଙ୍କା ନେଇ ଫେରାର ହୋଇଯାଇଥିବା ମହିଳା ସଂଘ ଅଭିଯୋଗ କରିଛି। ସୋମବାର ସଂଘ କର୍ମକର୍ତ୍ତାମାନେ ଅନୁଗୋଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି।

ଅଭିଯୋଗ ଅନୁଯାୟୀ, କୁସୁପଙ୍ଗି ଗ୍ରାମର କେତୋଟି ମହିଳା ସଂଘର ସଦସ୍ୟା ଘରୋଇ ସଂସ୍ଥାରୁ ଲୋନ୍ ଉଠାଇ ସେହି ଗ୍ରାମର ସୁମନ୍ତ ନାଏକ ଏବଂ ତାଙ୍କ ସ୍ତ୍ରୀ ଧରିତ୍ରୀ ନାଏକଙ୍କୁ ଦେଇଥିଲେ। ଉକ୍ତ ଟଙ୍କା ଶୁଝିଦେବେ ବୋଲି ସମ୍ପୃକ୍ତ ଦମ୍ପତି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗତ ବୁଧବାର ଅଭିଯୁକ୍ତ ଦମ୍ପତି ଘରେ ତାଲା ପକାଇ ଫେରାର ହୋଇଯାଇଥିବା ଗ୍ରାମର ମହିଳାମାନେ ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ଗତ ଗୁରୁବାର ସନ୍ଧ୍ୟାରେ ବଆଁରପାଳ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଥାନାରୁ ସୁଫଳ ନ ପାଇବାରୁ ବାଧ ହୋଇ ସେମାନେ ଜିଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଘଟଣା ବିଷୟରେ ବଆଁରପାଳ ଥାନା ଅଧିକାରୀ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଚାଲିଛି।




# ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭୋକ କି ଜାଣଇ କଞ୍ଚା ଓଦା
ନିଦ କି ଜାଣଇ ଲଟାବୁଦା।**

କଥାରେ ଅଛି ଭୋକ ଲାଗୁଥିବାବେଳେ ଆମ୍ବିଳା ଆମ୍ବ ମଧ୍ୟ ପାଟିକୁ ସୁଆଦିଆ ଲାଗିଥାଏ। ତେଣୁ ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରିଥାଏ। ସେହିପରି ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, ପାତ୍ର ଓ କାଳର କୌଣସି ଜ୍ଞାନ ରହେ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଙ୍ଗା ଢିଙ୍କିଶାଳ ରୁଅ,
ହେଲା ଚାଉଳକୁ କେତେ ଭଣ୍ଡାଉଛୁ
ପାଇଛୁ କି ପୋଲା ଦେହ?**

ସମ୍ପୂର୍ଣ୍ଣ ହୋଇଯାଇଥିବା କାମଟିକୁ ପୁନଶ୍ଚ କଷ୍ଟକରି କରିବାରେ କିଛି ଯଥାର୍ଥତା ନ ଥାଏ। ଏପରି ଲୋକଦେଖାଣିଆ କାମରେ କିଛି ମୂଲ୍ୟ ନ ଥାଏ ବା କିଛି ଲାଭ ମିଳି ନ ଥାଏ। ହୋଇସାରିଥିବା କାମରେ ହାତଦେଇ ମିଛ ବାହାଦୁରି ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଇଇଡି ବିସ୍ଫୋରଣରେ ଯବାନ ଆହତ

**ବହୁ ମାଓବାଦୀ ମୃତ ଆଶଙ୍କା**

ମାଲକାନଗିରି,୨୮।୪ (ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ବିଜାପୁରରେ କରିଗେଟା ଜଙ୍ଗଲରେ ମାଓବାଦୀ ଦମନ ନିମନ୍ତେ ଗତ ୭ ଦିନ ଧରି ବଡ ଧରଣର ଅପରେଶନ ଜାରି ରହିଛି। ଏଥିରେ ସୋମବାର ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଗୁରୁତର ହୋଇଛନ୍ତି। ଅନେକ ମାଓବାଦୀ ନିହତ ହୋଇଥିବା ସନ୍ଦେହ କରାଯାଉଛି। ଆହତ ଯବାନଙ୍କୁ ହେଲିକପ୍ଟର ଯୋଗେ ଚିକିତ୍ସା ପାଇଁ ରାୟପୁର ନିଆଯାଇଥିବା ବେଳେ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ଏହାସହ ଅଞ୍ଚଳରୁ ଯବାନମାନେ କେତେକ ବୋତଲ ବୋମା ଜବତ କରିଥିବା ଜଣାପଡ଼ିଛି।

# ୨୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୮।୪(ନୃସିଂହଚରଣମହାନ୍ତି)

ଛତିଶଗଡ଼ ବିଜାପୁରରେ ୨୪ ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ରେ ମାଓବାଦୀ ଦମନ ଅଭିଯାନ ଜୋର୍‌ଦାରରେ ଚାଲିଥିବା ବେଳେ ଅନେକ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ଏହି କ୍ରମରେ ୨୪ ମାଓବାଦୀ ସଙ୍ଗଠନ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୪ ଜଣଙ୍କ ନାମରେ ୨୮.୫୦ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ବେଳେ ଏମାନେ ଅନେକ ହିଂସାରେ ଜଡ଼ିତ ଥିଲେ। ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେଉଥିବା ବେଳେ ଏମାନେ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା କହିଛନ୍ତି।

# ନାବାଳିକା ଶାଳୀଙ୍କୁ ଗର୍ଭବତୀ କରି ଭିଣୋଇ ଫେରାର

ଦିଗପହଣ୍ଡି,୨୮।୪ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁରେ ନାବାଳିକା ଶାଳୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଖବର ଜଣାପଡିବା ପରେ ସମ୍ପୃକ୍ତ ଭିଣୋଇ ଫେରାର ହୋଇଯାଇଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା ଏହି ନାବାଳିକା (୧୫) ଏବେ ଗର୍ଭବତୀ ଅଛନ୍ତି। ପୀଡ଼ିତାଙ୍କ ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୧୫୫/୨୫ରେ ସମ୍ପୃକ୍ତ ଭିଣୋଇଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। ଏସ୍‌ଆଇ ସୋଫିଆ ମିଶ୍ର ଅଭିଯୋଗର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଗିରଫ ଭୟରେ ଅଭିଯୁକ୍ତ ଭିଣୋଇ ଫେରାର ଅଛନ୍ତି। ପୀଡ଼ିତାଙ୍କ ବଡ଼ ଭଉଣୀଙ୍କୁ ବିବାହ କରିଥିବା ସମ୍ପୃକ୍ତ ବ୍ୟକ୍ତି ପ୍ରାୟ ସମୟ ଶ୍ୱଶୁର ଘରକୁ ଯାଉଥିଲେ। ନାବାଳିକାଙ୍କ ମା'ବାପା କାମ ପାଇଁ ବାହାରକୁ ପଳାଉଥିବା ବେଳେ ଘରେ କେହି ରହୁ ନ ଥିଲେ। ଏହି ସୁଯୋଗର ଫାଇଦା ଉଠାଉଥିଲେ ଭିଣୋଇ। ନାବାଳିକା ଶାଳୀଙ୍କୁ ପ୍ରଲୋଭିତ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ବାରମ୍ବାର ତାଙ୍କ ସହ ସମ୍ପର୍କ ରଖିବା ପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଏହା ଜଣାପଡିବା ପରେ ସେ ଭିଣୋଇଙ୍କୁ ଜଣାଇଥିଲେ। ଭିଣୋଇ ତାଙ୍କୁ ବ୍ରହ୍ମପୁର ନେଇ ଗର୍ଭନଷ୍ଟ କରିବାକୁ ବାଧ କରିଥିଲେ। ଏଥିରେ ନାବାଳିକା ରାଜି ହୋଇ ନ ଥିଲେ। ପରେ ତାଙ୍କୁ ଭିଣୋଇ ହତ୍ୟା ଧମକ ଦେଉଥିବା ପୀଡ଼ିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି।

# ବ୍ୟବସାୟୀଙ୍କୁ ଆକ୍ରମଣକରି ୫ ଲକ୍ଷର ଅଳଙ୍କାର ଲୁଟ୍

କେନ୍ଦୁଝର,୨୮।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ବ୍ଲକ୍ ଅନ୍ତର୍ଗତ ନରଣପୁରରେ ଥିବା ସାହୁ ଜୁଏଲେରି ୱାର୍କଶପ ମାଲିକ ଦୀପକ ସାହୁ ରବିବାର ରାତି ୮ଟାରେ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତ ତାଙ୍କୁ ଆକ୍ରମଣକରି ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା, ରୁପା ଅଳଙ୍କାର ଥିବା ବ୍ୟାଗ୍‌କୁ ଝାମ୍ପି ନେଇଛନ୍ତି। ଏ ନେଇ ମାଲିକ ଦୀପକ ସାହୁ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଦୀପକ ରାତି ୮ଟାରେ ଦୋକାନ ବନ୍ଦକରି ବାଇକ୍ (ଜେଏଚ୍ ୦୫ ଏଜେଡ୍ ୯୯୧୧) ଯୋଗେ ସ୍ଥାନୀୟ ନରଣପୁର ଘରକୁ ଫେରୁଥିଲେ। ଏହି ସମୟରେ ୨ ବାଇକ୍‌ରେ ୫ ଜଣ ପିଛା କରିଥିଲେ। ସେମାନଙ୍କୁ ଦେଖି ଭୟରେ ଅନ୍ୟ ରାସ୍ତାରେ ପଳାଇ ଯିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ଠେଙ୍ଗାରେ ତାଙ୍କ ମୁଣ୍ଡ ଓ ହାତକୁ ଆକ୍ରମଣ ଫଳରେ ସେ ତଳେ ପଡ଼ିଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ବାଇକ୍ ଡିକି ଭାଙ୍ଗି ସୁନା, ରୁପା ଭର୍ତ୍ତି ବ୍ୟାଗ୍ ଧରି ଆଖି ପିଛୁଳା ଚମ୍ପଟ ମାରିଥିଲେ। ସୋମବାର ସକାଳେ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୪୬/୨୫)ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ଘର ନିକଟ ତାରିଣୀ ଗେଷ୍ଟ ହାଉସ୍‌ରେ ଲାଗିଥିବା ସିସି ଟିଭି ଫୁଟେଜ ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

- ଟ୍ରକ୍‌ରେ ତିଆରି ହୋଇଥିଲା ସିକ୍ରେଟ୍ ଚାମ୍ବର
- ଗନ୍ଧ ନ ହେବା ପାଇଁ ବ୍ୟବହାର କରିଥିଲେ ଗନ୍ଧକର୍ପୂର

ଭୁବନେଶ୍ୱର,୨୮।୪ (ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱର ଦେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିଲା ଗଞ୍ଜେଇ। ଧରା ନ ପଡ଼ିବା ପାଇଁ ଟ୍ରକ୍‌ରେ ତିଆରି ହୋଇଥିଲା ସିକ୍ରେଟ୍ ଚାମ୍ବର ଓ ଗଞ୍ଜେଇ ଗନ୍ଧ ବାହାରକୁ ନ ଆସିବା ଲାଗି ବ୍ୟବହାର ହୋଇଥିଲା ଗନ୍ଧକର୍ପୂର। ତେବେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ (ଏସ୍‌ସିୟୁ) ଏବଂ ଖଣ୍ଡଗିରି ଥାନା ପୋଲିସର ମିଳିତ ଟିମ୍ ସୋମବାର ଚଢ଼ାଉ କରି ଟ୍ରକ୍ (ଏପି୩୦ଏକ୍ସ୩୪୯୯) ସହ ସେଥିରୁ ପ୍ରାୟ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ପଞ୍ଜାବ ଅମୃତସରର ମନଦୀପ ସିଂ ଓ କନ୍ଧମାଳ ଜିଲା ଫିରିଙ୍ଗିଆର ମହେଶ୍ୱର ମଲ୍ଲିକ। ତେବେ ଏହି ଗଞ୍ଜେଇ ଫୁଲବାଣୀରୁ ପଶ୍ଚିମବଙ୍ଗ କିମ୍ବା ହିମାଚଳପ୍ରଦେଶ ଚାଲାଣ ହେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନେଇ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ଟ୍ରକ୍‌ରେ ଡ୍ରାଇଭର ବସୁଥିବା ଚାମ୍ବରର ପଛପଟ ଡାଲା ସହ ସଂଲଗ୍ନ କରି ଏକ ସିକ୍ରେଟ୍ ଚାମ୍ବର କରାଯାଇଥିଲା ବୋଲି ଜୋନ୍-୩ ଏସିପି ତାପସ ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ୧୬ ନଂ ଜାତୀୟ ରାଜପଥ ଦେଇ ଏକ ଟ୍ରକ୍‌ରେ ବିପୁଳ ଗଞ୍ଜେଇ ଚାଲାଣ ହେଉଥିବା ସ୍ପେଶାଲ କ୍ରାଇମ ୟୁନିଟ୍ ଖବର ପାଇଥିଲା। ସକାଳେ ମିଳିତ ପୋଲିସ ଟିମ୍ ଖଣ୍ଡଗିରି ଛକ ନିକଟରେ ଛକି ରହିଥିଲା। ଟ୍ରକ୍ ଆସିବା ପରେ ଭୁବନେଶ୍ୱର ଖଣ୍ଡଗିରି ଛକ ପୂର୍ବରୁ ଗାଡ଼ିକୁ ଅଟକାଇବା ପାଇଁ ପୋଲିସ ଚେଷ୍ଟା କରିଥିଲା। ହେଲେ ଟ୍ରକ୍ ଡ୍ରାଇଭର ହଠାତ୍ କୋଳଥିଆ ଛକ ଆଡକୁ ଟ୍ରକ୍ ମୁହାଁଇଥିଲେ। ହେଲେ ଅନ୍ୟ ଏକ ପୋଲିସ ଟିମ୍ ସାମ୍ନା ପାର୍ଶ୍ୱକୁ ଘେରି ଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଖଣ୍ଡଗିରି-କୋଳଥିଆ ରାସ୍ତା ଖାରବେଳ ପାର୍କ ପାଖରେ ପୋଲିସ ଟିମ୍ ଘେରି ଯାଇ ଟ୍ରକକୁ କାବୁ କରିବାରେ ସକ୍ଷମ ହୋଇଥିଲା। ତେବେ ଏହି ଗଞ୍ଜେଇ କେଉଁ ସ୍ଥାନକୁ ଏବଂ କାହା ପାଖକୁ ଚାଲାଣ ହେଉଥିଲା ସେନେଇ ପୋଲିସ ଜାଣିବାକୁ ତଦନ୍ତ କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ଶ୍ରୀଜେଶଙ୍କୁ ପଦ୍ମ ଭୂଷଣ, ଅଶ୍ୱିନଙ୍କୁ ପଦ୍ମଶ୍ରୀ

**ନୂଆଦିଲ୍ଲୀ, ୨୮।୪**

ଭାରତୀୟ ହକି ଦଳର ପୂର୍ବତନ ଗୋଲକିପର ତଥା ବର୍ତ୍ତମାନର ଜୁନିୟର ହକି କୋଚ୍ ପି.ଆର. ଶ୍ରୀଜେଶ ସୋମବାର ସମ୍ମାନଜନକ ପଦ୍ମ ଭୂଷଣ ପୁରସ୍କାର ଲାଭ କରିଛନ୍ତି। ସେହିପରି ଅବସରପ୍ରାପ୍ତ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ପରେ ଭାରତର ଦ୍ୱିତୀୟ ହକି ଖେଳାଳିଭାବେ ଶ୍ରୀଜେଶ ଏହି ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି। ଧ୍ୟାନ ଚାନ୍ଦ ୧୯୫୬ରେ ଏହି ପୁରସ୍କାର ଲାଭ କରିଥିଲେ। ଏହାର ୭ ଦଶନ୍ଧି ପରେ ଶ୍ରୀଜେଶ ଭାରତୀୟ ହକିକୁ ଏହି ସମ୍ମାନ ମିଳିଛି।

ଦୀର୍ଘ ୧୮ ବର୍ଷ ଭାରତୀୟ ହକିର ସେବା କରିଥିବା ଶ୍ରୀଜେଶ ଦେଶ ପାଇଁ ୩୩୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପରେ ସେ ହକିକୁ ଅଲ୍‌ବିଦା ଜଣାଇଥିଲେ। ତାଙ୍କର ଚମତ୍କାରୀ ଗୋଲକିପିଂ ଦକ୍ଷତା ବଳରେ ଭାରତ କ୍ରମାଗତ ୨ଟି ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ନିଜ କ୍ୟାରିୟର ମଧ୍ୟରେ ଶ୍ରୀଜେଶ ଅନେକ ପୁରସ୍କାର ହାସଲ କରିଥିଲେ। ଏହା ମଧ୍ୟରେ ଏଫ୍‌ଆଇଏଚ୍ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ୩ ଥର (୨୦୨୧, ୨୦୨୨ ଓ ୨୦୨୪), ଅର୍ଜୁନ ପୁରସ୍କାର (୨୦୧୫), ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର (୨୦୨୧), ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର (୨୦୨୧) ଆଦି ଅନ୍ୟତମ। ୨୦୧୦ରେ ଅନ୍ତର୍ଜାତୀୟ ହକିରେ ପଦାର୍ପଣ କରିବାପରେ ସେ ଭାରତୀୟ ରକ୍ଷଣଭାଗର ମେରୁଦଣ୍ଡ ପାଲଟି ଯାଇଥିଲେ। ଚାପ ସ୍ଥିତିରେ ସେ ଭଲ ପ୍ରଦର୍ଶନ କରି ପାରୁଥିଲେ।

ଖେଳାଳି ଜୀବନରେ ଶ୍ରୀଜେଶ ୪ଟି ଅଲିମ୍ପିକ୍ସ (ଲଣ୍ଡନ-୨୦୧୨, ରିଓ-୨୦୧୬, ଟୋକିଓ-୨୦୨୦, ପ୍ୟାରିସ-୨୦୨୪) ଖେଳିଥିବାବେଳେ ୨ଟି ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ (୨୦୧୪ ଓ ୨୦୨୨), ଥରେ ଏସିଆନ ଗେମ୍ସରେ ବ୍ରୋଞ୍ଜ (୨୦୧୮), ୨ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ (୨୦୧୪, ୨୦୨୨) ହାସଲ କରିଥିଲେ। ଏହା ବ୍ୟତୀତ ଭାରତ ୪ ଥର ଏସିଆନ ଚାମ୍ପିୟନ୍ସ ଟ୍ରଫି ଚାମ୍ପିୟନ (୨୦୧୧, ୨୦୧୬, ୨୦୧୮ ଓ ୨୦୧୩) ହେବାରେ





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପଦ୍ମ ଭୂଷଣ ପୁରସ୍କାର ଗ୍ରହଣ ଅବସରରେ ପି.ଆର. ଶ୍ରୀଜେଶ। ପଦ୍ମଶ୍ରୀ ସମ୍ମାନ ସହ ରବିଚନ୍ଦ୍ରନ ଅଶ୍ୱିନ।

### ଧ୍ୟାନ ଚାନ୍ଦଙ୍କ ପରେ ଦ୍ୱିତୀୟ ହକି ଖେଳାଳି

ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଖେଳାଳିରୁ କୋଚ୍ ହୋଇଥିବା ଶ୍ରୀଜେଶଙ୍କ ତତ୍ତ୍ୱାବଧାନରେ ଭାରତୀୟ ଜୁନିୟର ଦଳ ୨୦୨୪ ନଭେମ୍ବରରେ ଜୁନିୟର ଏସିଆ କପ୍ ଟାଇଟଲ ହାସଲ କରିଥିଲା।

ଶ୍ରୀଜେଶଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି। "ପୂର୍ବରୁ ଖେଳାଳି ଓ ଏବେ କୋଚ୍‌ଭାବେ ଭାରତୀୟ ହକିକୁ ଶ୍ରୀଜେଶଙ୍କ ଅବଦାନ ଅସାଧାରଣ। ତ୍ୟାଗ, ଉତ୍କର୍ଷ ଓ ନେତୃତ୍ୱର ସେ ଉଦାହରଣ ପାଲଟି ଯାଇଛନ୍ତି। ପଦ୍ମ ଭୂଷଣ ହେଉଛି ତାଙ୍କ ଅବଦାନ ପ୍ରତି ଉପଯୁକ୍ତ ପୁରସ୍କାର। ଭାରତର ଯୁବପୀଢ଼ି ଏହାଦ୍ୱାରା ଉତ୍ସାହିତ ହେବେ। ହକି ଇଣ୍ଡିଆ ପକ୍ଷରୁ ମୁଁ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଉଛି" ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ସମ୍ପାଦକ ଭୋଲାନାଥ ସିଂ ମଧ୍ୟ ଶ୍ରୀଜେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅଶ୍ୱିନ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ଅବସରରେ ରାଷ୍ଟ୍ରପତି ଭବନରେ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ପାଇଥିବାରୁ ଅଶ୍ୱିନଙ୍କୁ ଅଭିନନ୍ଦନ ବୋଲି ବିସିସିଆଇ ପକ୍ଷରୁ ଟୁଇଟ୍ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ଅବସର ଘୋଷଣା କରିଥିବା ଅଶ୍ୱିନ ସର୍ବାଧିକ ଟେଷ୍ଟ ଉଇକେଟ ନେଇଥିବା ଭାରତୀୟ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦୬ ଟେଷ୍ଟ ଖେଳିଥିବା ଅଶ୍ୱିନଙ୍କ ନାମରେ ୫୩୭ ଟେଷ୍ଟ ଉଇକେଟ ରହିଛି। ଏହି ୩୮ ବର୍ଷୀୟ କ୍ରିକେଟର ଭାରତ ପାଇଁ ୧୧୬ ଦିନିକିଆ ଖେଳି ୧୫୬ ଉଇକେଟ ନେଇଥିବା ବେଳେ ୬୫ଗୋଟି ଟି୨୦ ମ୍ୟାଚ୍‌ରେ ୭୨ ଉଇକେଟ ନେଇଛନ୍ତି। ଚଳିତ ଆଇପିଏଲ୍‌ରେ ସେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

# କିଟ୍‌ରେ ଭାରତୀୟ ଆଥଲେଟିକ୍ସ, ଟେବୁଲ ଟେନିସ ଦଳ ପାଇଁ ଚୟନ ଟ୍ରାଏଲ୍ସ ଆରମ୍ଭ



ଟେବୁଲ ଟେନିସ କୋର୍ଟ।

**ଭୁବନେଶ୍ୱର, ୨୮।୪ (ତପନ ସ୍ୱାଇଁ)**

ଜର୍ମାନୀରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍ ପରିସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ(ଆଥ୍‌ଲେଟିକ୍ସ ଓ ଟେବୁଲ ଟେନିସ୍)ର ଚୟନ ଟ୍ରାଏଲ୍ସ ସୋମବାର ଆରମ୍ଭ ହୋଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ଆଥ୍‌ଲେଟିକ୍ସ ଟ୍ରାଏଲ୍ସ ଦୂତୀ ଚାନ୍ଦ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଏବଂ ଟେବୁଲ ଟେନିସ୍ ଟ୍ରାଏଲ୍ସ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଟ୍ରାଏଲ୍ସରେ ପାଖାପାଖି ୪୦୦ ଖେଳାଳି ଓ ଆଫିସିଆଲ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଥ୍‌ଲେଟିକ୍ସରେ ୩୨୦ ଓ ଟେବୁଲ ଟେନିସ୍‌ରେ ୬୦ ଆଥଲେଟ୍ ସାମିଲ ଅଛନ୍ତି। ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଅନେକ ଆଥଲେଟ୍ ଏଠାରେ ଏକତ୍ରିତ ହୋଇଛନ୍ତି। ଟ୍ରାଏଲ୍ସ ପରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତରୁ ୫ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଏବଂ ୪ ଅଫିସିଆଲ ପ୍ରତିନିଧିତ୍ୱ କରିବେ। ସେହିପରି ଆଥ୍‌ଲେଟିକ୍ସରେ ୫୪ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଏବଂ ୨୨ ଅଫିସିଆଲ୍ ମନୋନୀତ ହେବେ। ଅଂଶଗ୍ରହଣକାରୀ ସମସ୍ତ ଖେଳାଳି, ଅଫିସିଆଲଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ କିଟ୍ ପରିସରରେ ଆର୍ଚେରୀ, ଭଲିବଲ, ଲନ୍ ଟେନିସ୍ ଓ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟର ଚୟନ ଟ୍ରାଏଲ୍ସ ଓ କୋଚିଂ କ୍ୟାମ୍ପ୍ ହୋଇସାରିଛି।


## ବିବାହ ବାର୍ଷିକୀ ଶୁଭେଚ୍ଛା



ଭଗବାନ ପ୍ରିୟଙ୍କା
ଧଉଳି, ଭୁବନେଶ୍ୱର
Happy 10th Anniversary wishing you both a lifetime of happiness and love.
ଆଜି ଆପଣ ନିଜର ବିବାହବାର୍ଷିକୀକୁ ରକ୍ତଦାନ ଭଳି ମହତ ରକ୍ତଦାନ ଶିବିର କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଆନ୍ତରିକ ଶୁଭେଚ୍ଛା।
Well wisher: Friends & Family
ଧ-୩୧୮

## ନବମ ବିବାହ ବାର୍ଷିକୀ ଶୁଭେଚ୍ଛା



ବାପିନା ରାଉତ ଓ ରୀତାଞ୍ଜଳି ରାଉତ
ଆଠଗଡ଼, କଦଳୀବାଡ଼ି
ତୁମ ଦୁହିଁଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ। ଏହା ହିଁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
ଧ-୩୧୭


# ଜାତୀୟ ମହିଳା ହ୍ୟାଣ୍ଡବଲ ପାଇଁ ଚୟନ ଟ୍ରାଏଲ୍ସ

**ଭୁବନେଶ୍ୱର, ୨୮।୪ (ତପନ ସ୍ୱାଇଁ)**

ଗୁଜରାଟର ଭୁଜ୍‌ଠାରେ ମେ' ୨୦ରୁ ୨୫ ପର୍ଯ୍ୟନ୍ତ ୫୪ତମ ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଖେଳାଳି ମନୋନୟନ ଲାଗି ଏକ ଚୟନ ଟ୍ରାଏଲ୍ସ ଚଳିତ ମାସ ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୦ ଖେଳାଳିଙ୍କୁ କ୍ୟାମ୍ପ ପାଇଁ ମନୋନୟନ କରାଯାଇଛି। ମେ'୧ରୁ ଏହି କ୍ୟାମ୍ପ ୧୫ ଦିନଧରି ଚାଲିବ। ଏଥିରେ ଏନଆଇଏସ୍ କୋଚ୍ ପ୍ରସାଦ ରଥ ଓ ବରିଷ୍ଠ କୋଚ୍ ଅର୍ଣ୍ଣବ କୁମାର ସିହ୍ନା କୋଚିଂ ଦେବେ। ଏହାପରେ ପ୍ରଦର୍ଶନ ଭିତ୍ତିରେ ୧୮ ଜଣିଆ ଓଡ଼ିଶା ଦଳ ଚୟନ ହେବ ବୋଲି ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା ଜଣାଇଛନ୍ତି।

# ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଟେନିସ୍ ମ୍ୟାଚ୍ ସ୍ଥଗିତ

**ମାଡ୍ରିଡ୍, ୨୮।୪(ଏପି)**

ସ୍ପେନ୍ ଓ ପର୍ତ୍ତୁଗାଲ୍‌ରେ ଏକ ବଡ଼ଧରଣର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସୋମବାର ମାଡ୍ରିଡ୍ ଓପନ୍ ଟେନିସ ଟୁର୍ନାମେଣ୍ଟର ଖେଳକୁ ସ୍ଥଗିତ ରଖାଯାଇଛି। ସ୍ଥାନୀୟ ସମୟ ଅପରାହ୍ନ ୧୨ଟା ୩୪ ମିନିଟ୍ ସମୟରେ ଦୁଇଟି ସିଙ୍ଗଲ୍ସ ଓ ଗୋଟିଏ ଡବଲ୍ସ ମ୍ୟାଚ ଖେଳାଯାଉଥିବା ବେଳେ ବିଦ୍ୟୁତ୍ ଚାଲିଯାଇଥିଲା। ଫଳରେ ମାନୋଲୋ ସାନ୍ତାନା ଷ୍ଟାଡିୟମ କୋର୍ଟ ଭିତରେ ଲାଗିଥିବା ସ୍ପାଇଡର କ୍ୟାମେରା ଓ କଲିଂ ସିଷ୍ଟମ ଅଚଳ ହୋଇପଡ଼ିଥିଲା। ସେତେବେଳେ ମୁଖ୍ୟ ଷ୍ଟାଡିୟମରେ ଜାକବ ପିଅର୍ନଲିଙ୍କ ବିପକ୍ଷ ଏକ ମ୍ୟାଚ୍‌ରେ ଗ୍ରିଗୋର ଦିମିତ୍ରି ଆଗୁଆ ରହିଥିଲେ। ମହିଳା ମ୍ୟାଚ୍ ମଧ ହେବାର ଥିଲା।


# Classified Everyday
0674-2580101, 9692975378



REAL ESTATE
SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

Gharabari plot with compound wall 52x40 2080sft. at lowest price 7 KM from Nakhara 12 KM from Bhubaneswar also instalment basis (middle of CTC & BBSR) no interest. 7809525452. D-76445

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262





Ground Floor Single Room with attached Toilet available at VSS Nagar for office space- 7873657633. D-314





Newly opened SPA in Bhubaneswar (ଖରାଦିନର ମଜା) good massage. Contact- 9853155914. D-75845

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Magdali Ekka, aged about 25 years, W/o- Budha Tirkey, resident of Vill- Malipada, P.O.- Khatkurbahal, P.S.- Kutra, Dist.- Sundargarh, Odisha do hereby solemnly affirm and declare as under I have Aadhaar Card vide No.- xxxx xxxx 7896 in which my name has been wrongly mentioned as Magdali Tirkey. That Magdali Ekka and Magdali Tirkey denotes to one and same person i.e. myself.
Magdali Ekka
D-321

I, Sri Sudhansu Sekhar Patro, S/o- Sri Khali Patro, residing at New Udhura, near Bellaguntha, P.O.- Udhura, Via-Bellaguntha, P.S.-Bellaguntha, Dist.-Ganjam, Odisha, PIN-761119 have changed my name to Sri Sudhansu Sekhar Mahapatra. This change has been made through an affidavit bearing No.- 1107, dated 28.04.2025 sworn before Sri Prashant Kumar Padhi, Hon'ble Notary, Aska. Henceforth, I shall be known as Sri Sudhansu Sekhar Mahapatra for all purposes. D-320

I, Liza Rani Sahoo, W/o- Nadir Hossen, age-27, residing at Motijharan, Sadar Sambalpur, Odisha-768001 have changed my name to Neha Naaz vide affidavit dated 18.02.2025 at Sambalpur. D-319

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

I.R. No.- 625
Date- 23.04.2025

ନୋଟିସ

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀ ପ୍ରଦୀପ କୁମାର ନାୟକ)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ.- ୨ନମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. ମୋକଦମା ନମ୍ବର- ୭୫୬/୨୦୨୩ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

(ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ)

ଡୁମନୀ ମାର୍ଣ୍ଡି, ପିତା- ସମାଇ ମାଝୀ, ଠିକଣା- ସା/ପୋଷ୍ଟ- ମହୁଲଡିହ, ଥାନା- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ ....ବାଦିନୀ

ବନାମ

ତହସିଲଦାର, ଭୁବନେଶ୍ୱର ଓଗେର ....ପ୍ରତିବାଦୀମାନେ

ପ୍ରାପ୍ତେଷୁ-

ପ୍ରତିବାଦୀ ନମ୍ବର ୫ ପ୍ରଦୀପ୍ତ କୁମାର ଦାସ, ପିତା- ୰ବୀର କିଶୋର ଦାସ, ସା- ଜଜାରସିଂହ, ପୋଷ୍ଟ/ଥାନା/ଜିଲ୍ଲା/- ଖୋର୍ଦ୍ଧା, ଓଡ଼ିଶା

୬) ରାଜକିଶୋର ଦାସ, ପିତା- ବୀର କିଶୋର ଦାସ, ୭) ପ୍ରତିଭା ଦାସ, ସ୍ୱାମୀ- ପ୍ରମୋଦ କୁମାର ଦାସ, ପିତା- ବୀର କିଶୋର ଦାସ

ଏ ଦୁଇ ଜଣଙ୍କ ଠିକଣା:- ସା- ଗୁଡ଼ିଆନାଳି, ପୋଷ୍ଟ/ଥାନା/ଜିଲ୍ଲା- ଢେଙ୍କାନାଳ, ଓଡ଼ିଶା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀ ନମ୍ବର ୫, ୬ ଓ ୭ଙ୍କୁ ନୋଟିସ ଜାରି ନ ହୋଇ ଫେରିଆସିଅଛି। ଇତ୍ୟବସରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:

ଜମିର ବିବରଣୀ


ମୌଜା: ଭୋଳା, ଥାନା- ଚନ୍ଦକା, ଥାନା ନଂ.- ୨୭ନମ୍ବର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.- ୨୮୫ନମ୍ବର, ହାଲ୍ ପ୍ଲଟ୍ ନଂ.- ୭୧୧ନମ୍ବର, ରକବା ଏ୧.୦୫୦ ଡିସିମିଲ ସ୍ୱଧରୁ ଏ୦.୦୬୭.୯ ଡିସିମିଲ, ସ୍ୱତ୍ୱ- ସ୍ଥିତିବାନ, ସାବିକ ଖାତା ନମ୍ବର ୧୧୪, ସାବିକ ପ୍ଲଟ୍ ନମ୍ବର- ୨୧୪, ଏରିଆ ଏ୦.୦୬୭.୯ ଡିସିମିଲ।

ଏଣୁ ଉପରୋକ୍ତ ପ୍ରତିବାଦୀ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ.୨ନମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିର ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୨୨


## ମନେ ପଡ଼ନ୍ତି

### ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ହାଡୁବନ୍ଧୁ ପ୍ରଧାନ
(ମାଣିତରା, ବୁଗୁଡ଼ା)
ଆବିର୍ଭାବ : ୩୦.୦୧.୧୯୪୫
ତିରୋଧାନ : ୨୯.୦୪.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଆମମାନଙ୍କ ପାଇଁ ଚିରପାଥେୟ ହେଉ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଶ୍ୱଜିତ୍ ପାଢୀ
ଆବିର୍ଭାବ: ୦୬.୦୯.୧୯୬୫ ~ ତିରୋଧାନ: ୧୪.୦୫.୨୦୦୨
(ତିଥି- ବୈଶାଖ ଶୁକ୍ଳ ଦ୍ୱିତୀୟା)
ତୁମେ ଯିବାର ଚାହୁଁ ଚାହୁଁ ୨୩ ବର୍ଷ ବିତିଗଲେ ମଧ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭାସ୍ମୃତି ହୋଇ ହୋଇ ରହିଛ ଓ ଆଉ ରହିଥିବ ମଧ। ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପତ୍ନୀ- ସୁନନ୍ଦା, ପୁତ୍ର- ରାଜନ୍, ରୋଷନ୍ ପୁତ୍ରବଧୂ- ଶେଫାଳି ଓ ପରିବାରବର୍ଗ।
ଧ-୭୬୮୧୫


**ପାଠକଙ୍କ ପାଇଁ ସୂଚନା :** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫିଟ୍‌ନେସ୍ ଫର୍ମୁଲା

ଅଧିକାଂଶ ମହିଳା କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜକୁ ଅବହେଳା କରି ବସନ୍ତି, ଯାହାର ଫଳସ୍ୱରୂପ ସେମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ହେଲେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ମାତ୍ର କେତୋଟି ଫିଟ୍‌ନେସ୍ ଫର୍ମୁଲା ମାନି ଚଳିଲେ ନିଜକୁ ସୁସ୍ଥ ରଖିବା ସହଜ ହୋଇପାରିବ...



**ଠିକ୍ ସମୟରେ ଏବଂ ସନ୍ତୁଳିତ ଖାଦ୍ୟ ଖାଇବା:** ଅଧିକାଂଶ ମହିଳା କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ଖାଇ ନ ଥାନ୍ତି ଏବଂ ଅନ୍ୟ ସମୟରେ ବି ସମସ୍ତେ ଖାଇବା ପରେ ବିଳମ୍ବରେ ଖାଇଥାନ୍ତି। ଏମିତି କି ଖାଦ୍ୟ ନିଅଣ୍ଟ ହେଲେ ବାସି ଖାଦ୍ୟ କିମ୍ବା ସାମାନ୍ୟ ବଳକା ଖାଦ୍ୟରେ ଚଳାଇ ଦିଅନ୍ତି। ଏହାଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ନିଜକୁ ଫିଟ୍ ରଖିବାକୁ ହେଲେ ଖାଇବା ସମୟ ଠିକ୍ ରଖିବା ସହ ସନ୍ତୁଳିତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ।

**ବହୁତ ଜରୁରୀ ଆରାମ:** ଅନେକ ମହିଳାଙ୍କଠାରେ ଗ୍ୟାସ୍, ଏସିଡିଟି, ବଦହଜମି, ମେଦବହୁଳତା ଆଦି ସମସ୍ୟା ଦେଖା ଦେଇଥାଏ। ଏଥିପାଇଁ ଖାଦ୍ୟପେୟରେ ଅବହେଳା ସହ ଶୋଇବା ଅଭାବ ବା ପ୍ରତିଦିନ ଠିକ୍ ଭାବେ ନ ଶୋଇବା ମୁଖ୍ୟତଃ ଦାୟୀ। କାରଣ ଏସବୁ ନିଦ୍ରାହୀନତାଜନିତ ବିଭିନ୍ନ ସମସ୍ୟା ହୋଇଥିବା ବେଳେ ଏହା କେବେ କେବେ ହୃଦ୍‌ରୋଗ ଆଶଙ୍କା ବି ବୃଦ୍ଧି କରିଥାଏ। ତେଣୁ ଜୀବନଶୈଳୀ ଯେତେ ବ୍ୟସ୍ତବହୁଳ ହୋଇଥାଉ ନା କାହିଁକି ଶୋଇବା ପାଇଁ ସମୟ ବାହାର କରିବା ନିହାତି ଜରୁରୀ। କାରଣ ଠିକ୍ ଭାବେ ଶୋଇବା ଦ୍ୱାରା ଉଭୟ ଶରୀର ଏବଂ ମନ ଷ୍ଟ୍ରେସ୍ ଫ୍ରି ରହିବା ସହିତ ରୋଗ ପ୍ରତିରୋଧକ ଶକ୍ତି ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ।

**ଦୀର୍ଘ ସମୟ ବସିବା କିମ୍ବା ଠିଆହେବା:** ରୋଷେଇ ଘରେ ଦୀର୍ଘ ସମୟ ଠିଆ ହେବା ଦ୍ୱାରା ଅଧିକାଂଶ ମହିଳାଙ୍କ ଆଣ୍ଠୁ, ଅଣ୍ଟା ଆଦିରେ ପ୍ରେସର ପଡ଼ିଥାଏ ଏବଂ ଯନ୍ତ୍ରଣା ହୋଇଥାଏ। ସେହିପରି ଅଧିକାଂଶ କର୍ମଜୀବୀ ମହିଳାଙ୍କୁ ଦୀର୍ଘ ସମୟ ବସିବାକୁ ପଡୁଛି। ତା'ଛଡ଼ା ମୋବାଇଲ୍ ବ୍ୟବହାର ଏତେ ମାତ୍ରାରେ ବଢ଼ିଯାଇଛି ଯେ, ସମସ୍ତଙ୍କର ବସିବାଶୈଳୀ ବଦଳିଯାଇଛି। ଆରାମ ଲାଗିବା ଆଳରେ ଦୀର୍ଘ ସମୟ ଜାକି ହୋଇ ବା ବଙ୍କା ହୋଇ ବସିବା ଦ୍ୱାରା ମେରୁଦଣ୍ଡ ସହ ବେକ, ଅଣ୍ଟା ଆଦିରେ ଚାପ ପଡ଼ିଥାଏ। ସେହିପରି ଜାକି ହୋଇ ବସିବା ଦ୍ୱାରା ପେଟ ଚାପି ହୋଇ ରହିବା କାରଣରୁ ହଜମ କ୍ରିୟା, ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ଅଧିକ ସମୟ ଠିଆ ହେବା କିମ୍ବା ବସିରହିବା ଅଭ୍ୟାସ ବଦଳାନ୍ତୁ। ଘରେ ହେଉ କିମ୍ବା ଅଫିସ୍‌ରେ କାମ କରିବା ବେଳେ କିଛି କିଛି ସମୟ ଅନ୍ତରାଳରେ ଅଳ୍ପ ସମୟ ଚାଲନ୍ତୁ କିମ୍ବା ଅଳ୍ପ ସମୟ ଷ୍ଟ୍ରେଚିଂ କରନ୍ତୁ।



**ଯୋଗ ବ୍ୟାୟାମ ହେବ ଉପକାରୀ:** ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀରେ ସୁସ୍ଥ ରହିବାର ସବୁଠୁ ଉତ୍ତମ ଉପାୟ ହେଉଛି ଯୋଗ। କାରଣ ଶାରୀରିକ ପରିଶ୍ରମ ଅଭାବରୁ ଅନେକଙ୍କଠାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି, ଯାହାକୁ ଦୂର କରିବା ଲାଗି ପ୍ରତିଦିନ ଅତି କମ୍‌ରେ ଅଧଘଣ୍ଟା ଯୋଗ, ବ୍ୟାୟାମ କରନ୍ତୁ।

# ସମର କ୍ୟାମ୍ପ

ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କୁ ପାଠପଢ଼ା ସହ ନାଚ, ଗୀତ, ବକ୍ତୃତା, ଅଭିନୟ, ଚିତ୍ରାଙ୍କନ ଓ କ୍ରୀଡ଼ା ଭଳି ବିଭିନ୍ନ କ୍ଷେତ୍ରରେ ଦକ୍ଷ କରିବାକୁ ସ୍ୱପ୍ନ ଦେଖନ୍ତି। ହେଲେ ମାତ୍ର କେତେଜଣ ଅଭିଭାବକ ଏନେଇ ପିଲାଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇ ପାରୁଥିବା ବେଳେ ଆଉ କେତେଜଣ ଆଖପାଖରେ ଏସବୁ ଶିଖାଇବାର ସୁବିଧା ନ ଥିବାରୁ ହେଉ କିମ୍ବା ପାଠ ପଢ଼ାରେ ଅବହେଳା ହେବା ଭୟରେ ପିଲାଙ୍କୁ ଏସବୁ କ୍ଷେତ୍ରରେ ଆଗକୁ ବଢ଼ିବାର ସୁଯୋଗ ଦେଇପାରନ୍ତି ନାହିଁ। ଫଳରେ ଅନେକ ପିଲା ନିଜ କଳା ବିକାଶ କରିବା ସହ ଏହାକୁ ଲୋକଲୋଚନକୁ ଆଣିବାର ସୁଯୋଗରୁ ବଞ୍ଚିତ ହୋଇଥାନ୍ତି। ହେଲେ ବର୍ତ୍ତମାନ ଏସବୁ ସମସ୍ୟା ସମାଧାନର ଭଲ ଉପାୟ ପାଲଟିଛି ସ୍କୁଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସମର୍ କ୍ୟାମ୍ପ୍...



ଅନେକ ପିଲାଙ୍କ ବିଭିନ୍ନ କ୍ଷେତ୍ରରେ ରୁଚି ଥାଏ। କିଏ ଭଲ ଗୀତ ଗାଏ ତ କିଏ ଭଲ ନୃତ୍ୟ, ଅଭିନୟ କିମ୍ବା ଚିତ୍ରାଙ୍କନ କରେ। ଆଉ ପୁଣି କାହାର କ୍ରୀଡ଼ା କ୍ଷେତ୍ରରେ ଥାଏ ବିଶେଷ ରୁଚି। ହେଲେ କେବେ ପାଖରେ ଶିଖିବାର ସୁବିଧା ନ ଥିବାରୁ ହେଉ କିମ୍ବା କେବେ ପାଠପଢ଼ା ଚାପରେ ଅନେକ ପିଲା ନିଜ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରିବାରୁ ବଞ୍ଚିତ ହୁଅନ୍ତି। ଏମିତିରେ ନିଜ ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ମାର୍ଜିତ କରିବା ସହ ଲୋକଲୋଚନକୁ ଆଣିବା ଲାଗି ଅଭିଭାବକଙ୍କ ପାଇଁ ବେଷ୍ଟ ଅପ୍ସନ ପାଲଟିଛି ସମର କ୍ୟାମ୍ପ୍। ଏବେ ଅନେକ ସ୍କୁଲ୍ ଏବଂ ବିଭିନ୍ନ ସଂସ୍ଥା ପକ୍ଷରୁ ସମର କ୍ୟାମ୍ପ୍ ଆୟୋଜନ କରାଯାଇ ପିଲାମାନଙ୍କୁ ଛୁଟି ସମୟରେ ବିଭିନ୍ନ କ୍ଷେତ୍ରରେ ସ୍ପେଶାଲ୍ ତାଲିମ ଦିଆଯାଉଛି। ଫଳରେ ପିଲାମନେ ଖୁବ୍ ଉପକୃତ ହେଉଛନ୍ତି। ଯଥା:

- ଏଠାରେ ସେମାନେ ଯୋଗ, ଡାନ୍ସ, ଆକ୍ଟିଂ, ଆର୍ଟ ଆଣ୍ଡ କ୍ରାଫ୍ଟ, ସ୍ପୋର୍ଟ୍ସ, ସୁଇମିଂ, ସ୍ପୋକନ୍ ଇଂଲିଶ୍, ମ୍ୟାଥ୍, ସ୍କେଟିଂ, ହର୍ସ ରାଇଡିଂ, ଯୁଡୋ ଏବଂ ଆତ୍ମସୁରକ୍ଷା କୌଶଳ ଶିକ୍ଷା ଭଳି ରୁଚି ଥିବା ବିଭିନ୍ନ କ୍ଷେତ୍ରରେ ଦକ୍ଷ ଟ୍ରେନରମାନଙ୍କଠାରୁ ଶିକ୍ଷାଗ୍ରହଣ କରି ନିଜ ପ୍ରତିଭାକୁ ପରିପ୍ରକାଶ କରିବାର ସୁଯୋଗ ପାଇପାରୁଛନ୍ତି।
- ଏକାଠି ଶିଖିବା ଦ୍ୱାରା ପିଲାଙ୍କର ଆତ୍ମବିଶ୍ୱାସ ବଢ଼ିବା ସହ ପ୍ରତିଯୋଗିତା ମନୋଭାବ ବୃଦ୍ଧି ପାଉଛି। ତା'ଛଡ଼ା ଏଠାରେ ସମସ୍ତଙ୍କ ଆଗରେ କହିବା ଦ୍ୱାରା ପବ୍ଲିକ୍ ସ୍ପିକିଂ ଡର ଛାଡ଼ିଯାଉଥିବାରୁ ସମାନେ ଅଧିକ ଦକ୍ଷ ହୋଇପାରୁଛନ୍ତି।
- ପାଠପଢ଼ା ବ୍ୟତୀତ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ଶିଖିବା ଦ୍ୱାରା ପିଲା ଅଧିକ ସ୍ମାର୍ଟ ହୋଇପାରୁଛନ୍ତି। ଏଠାରେ ନିଜ କ୍ଲାସ୍‌ମେଟ୍‌ଙ୍କ ବ୍ୟତୀତ ଅନ୍ୟ ପିଲାଙ୍କ ସହ ବନ୍ଧୁତା କରିବାର ସୁଯୋଗ ମିଳୁଛି।
- ଏହାଦ୍ୱାରା ସେମାନେ ନିଜେ ବିଭିନ୍ନ କାର୍ଯ୍ୟ କରିବା ସହ ଟାଇମ୍ ମ୍ୟାନେଜ୍‌ମେଣ୍ଟ ଶିଖିବାର ସୁଯୋଗ ପାଉଛନ୍ତି। ତା'ଛଡ଼ା ଛୁଟି ସମୟରେ ସେମାନଙ୍କ ଫିଜିକାଲ୍ ଫିଟ୍‌ନେସ୍ ଠିକ୍ ରଖିବା ଲାଗି ଏହା ବହୁତ କାମରେ ଆସୁଛି।

ପିଲାଙ୍କୁ ସମର କ୍ୟାମ୍ପ ଛାଡୁଥିଲେ କେତେକ କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ...

– ପ୍ରତ୍ୟେକ ସମରକ୍ୟାମ୍ପରେ ଏକାପ୍ରକାରର ଆକ୍ଟିଭିଟି ଶିଖିବାର ବ୍ୟବସ୍ଥା ନ ଥାଏ। କେତେକ କ୍ୟାମ୍ପରେ ଏକାଧିକ କ୍ଷେତ୍ରରେ ତାଲିମ ଦିଆଯାଉଥିବା ବେଳେ ଆଉ କେତେକ କ୍ୟାମ୍ପ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତାଲିମ ଦେବା ଲାଗି ଆୟୋଜନ କରାଯାଇଥାଏ। ତେଣୁ ନିଜ ପିଲାର କେଉଁଥିରେ ରୁଚି ଅଛି ଜାଣିବା ପରେ ଉକ୍ତ କ୍ୟାମ୍ପକୁ ପଠାନ୍ତୁ।

- ପିଲାଙ୍କୁ ସମର କ୍ୟାମ୍ପ୍ ଛାଡୁଥିଲେ ପ୍ରଥମେ କ'ଣ ଶିଖେଇବାକୁ ଛାଡୁଛନ୍ତି ଏବଂ ସେଥିପାଇଁ କେଉଁ ସବୁ ସାମଗ୍ରୀ ଆବଶ୍ୟକ ଭଲ ଭାବେ ବୁଝିବା ପରେ ସମସ୍ତ ସାମଗ୍ରୀ କିଣି ପିଲାଙ୍କୁ ଦିଅନ୍ତୁ। ଯେପରି ପେଣ୍ଟିଂ ପାଇଁ ଡ୍ରଇଂବୁକ୍, କଲର, ସ୍ୱିମିଂ ପାଇଁ ସ୍ୱିମିଂ ସୁଟ୍, କ୍ୟାପ୍, ଚଷମା ଆଦି, ଯୋଗ ପାଇଁ ମ୍ୟାଟ୍, କ୍ରାଫ୍ଟ ପାଇଁ କଲରପେପର୍, ଗ୍ଲୁ ଏବଂ ଅନ୍ୟ ଆବଶ୍ୟକ ସାମଗ୍ରୀ ଆଦି ଭଲ ଭାବେ ବୁଝି ପିଲା ସହ ପଠାନ୍ତୁ ଯେପରି ତା'ର ଶିଖିବାରେ କୌଣସି ଅସୁବିଧା ନ ହୁଏ।
- ସବୁବେଳେ ଘରଠାରୁ ଅଳ୍ପ ଦୂରରେ ଆୟୋଜିତ କ୍ୟାମ୍ପକୁ ପିଲାଙ୍କୁ ଛାଡ଼ିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ପିଲାଙ୍କ ନେବା ଆଣିବା କରିବା ସହିତ ହଠାତ୍ ଆବଶ୍ୟକ ହେଲେ କୌଣସି ସାମଗ୍ରୀ ଯୋଗାଇ ଦେବା ସହଜ ହୋଇପାରିବ।
- ଯଦି ରହିବାର ବ୍ୟବସ୍ଥା ଥିବା କୌଣସି କ୍ୟାମ୍ପକୁ ପିଲାଙ୍କୁ ଛାଡୁଥାନ୍ତି ତେବେ ସେଠାରେ ରହିବା, ଖାଇବା ବ୍ୟବସ୍ଥା କିପରି ଭଲ ଭାବେ ବୁଝିନିଅନ୍ତୁ। ପିଲାଙ୍କ ବ୍ୟାଗ୍‌ରେ ଆବଶ୍ୟକ ପରିମାଣର ଶୁଖିଲା ଖାଦ୍ୟ ଏବଂ ଏକ୍ସଟ୍ରା ପୋଷାକ ଦିଅନ୍ତୁ। ଯଦି ପିଲା କୌଣସି ଔଷଧ ଖାଉଥାଏ ତେବେ ଏହାକୁ ଦେବା ସହ କ୍ୟାମ୍ପ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏସମ୍ପର୍କରେ ଜଣାନ୍ତୁ। ବିଶେଷକରି ପିଲାଙ୍କ ସହ ଯୋଗାଯୋଗ ପାଇଁ ଠିକ୍ ବ୍ୟବସ୍ଥା ଅଛି ନା ନାହିଁ ଦେଖିବାକୁ ଭୁଲନ୍ତୁ ନାହିଁ।

## ଏମାନେ କ'ଣ କରନ୍ତି



**ପ୍ରଜ୍ଞା ପାରମିତା ବାରିକ**(ଭୁବନେଶ୍ୱର)– ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କେବଳ ପାଠପଢ଼ା ଯଥେଷ୍ଟ ନୁହେଁ, ତେଣୁ ସେମାନଙ୍କ ରୁଚିକୁ ଆଖିଆଗରେ ରଖି ଆମେ ଡାନ୍ସ, ଆକ୍ଟିଙ୍ଗ୍ ଏବଂ ମଡେଲିଂ ଶିକ୍ଷା ମଧ୍ୟ ଯୋଗାଇ ଦେଉଛୁ। ତଥାପି ସମୟ ଅଭାବରୁ ଆଉ କିଛି ରୁଚିକୁ ବାଧ୍ୟରେ ଅଣଦେଖା କରିବାକୁ ପଡୁଛି। କିନ୍ତୁ, ଏହି ଖରାଛୁଟିରେ ସେମାନେ ଯେପରି ବିଭିନ୍ନ ଗେମ୍ ଆକ୍ଟିଭିଟି, ସୁଇମିଂ, ଯୋଗ, ଆର୍ଟ ଆଣ୍ଡ କ୍ରାଫ୍ଟ ଶିଖିବାର ମଜା ନେଇପାରିବେ ସେଥିପାଇଁ ବିଭିନ୍ନ ସ୍ଥାନରେ ଆୟୋଜିତ ସମର କ୍ୟାମ୍ପ୍‌ରେ ଆଡ୍‌ମିଶନ୍ ପାଇଁ ଯୋଜନା ରଖିଛୁ। ଏହା ପିଲାଙ୍କର ଦକ୍ଷତା ବୃଦ୍ଧିରେ ବହୁତ ସାହାଯ୍ୟ କରେ ବୋଲି ପୂର୍ବ ବର୍ଷ ଅନୁଭୂତିରୁ କହିପାରିବି। ତେଣୁ ମୋ ମତରେ ପାଖରେ ସୁବିଧା ଥିଲେ ଏଭଳି ପିଲାଙ୍କୁ ସମର୍ କ୍ୟାମ୍ପ୍ ପଠାଇବାରେ ଆଦୌ ଅବହେଳା କରିବା କଥା ନୁହେଁ।




**ସ୍ମିତିରୂପା ମହାନ୍ତି**(ଭୁବନେଶ୍ୱର)– ମୋ ଝିଅର ଡାନ୍ସରେ ଖୁବ୍ ଆଗ୍ରହ ରହିଛି। ତା'ଛଡ଼ା ଆର୍ଟ, କ୍ରାଫ୍ଟରେ ବି ରୁଚି ରହିଛି। ତେଣୁ ସ୍କୁଲ୍ ଛୁଟିରେ ସମର କ୍ୟାମ୍ପ୍‌ରେ ଏସବୁ ଶିଖିବାର ଭଲ ସୁଯୋଗ ଥିବାରୁ ଏବର୍ଷ ନିଶ୍ଚୟ ପଠାଇବି। ସେଠାକୁ ଗଲେ ଏସବୁ ଶିଖିବା ବଦଳରେ କମ୍ୟୁନିକେଶନ ସ୍କିଲ୍ ସହ ଟିମ୍ ୱାର୍କ, ପରସ୍ପର ମଧ୍ୟରେ ସାହାଯ୍ୟ ସହଯୋଗ ମନବୃତ୍ତି ମଧ୍ୟ ବଢ଼ିବ ବୋଲି ମୋର ବିଶ୍ୱାସ। ତା'ଛଡ଼ା ସମର ଭ୍ୟାକେଶନ୍‌ରେ ପିଲାଙ୍କୁ ମୋବାଇଲ୍‌ଠୁ ଦୂରେଇ ରଖି କିଛି ଭଲ ଶିକ୍ଷା ଦେବା ଲାଗି ଏହାଠାରୁ ଆଉ ଭଲ ଅପ୍ସନ କ'ଣ ବା ହୋଇପାରେ।





## ସୌନ୍ଦର୍ଯ୍ୟ

# ଖରାରେ ବି ଚମକିବ ତ୍ୱଚା



ଦିନକୁ ଦିନ ଖରା ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସବୁଠୁ ଅଧିକ ପଡୁଛି ତ୍ୱଚା ଉପରେ। ଏମିତିରେ କେତୋଟି ଉପାୟ ଆପଣେଇ ତ୍ୱଚାକୁ ଟ୍ୟାନିଂ ଏବଂ ଡଲ୍‌ନେସ୍‌ରୁ ରକ୍ଷା କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ...

- ଯେଉଁମାନଙ୍କୁ ପ୍ରତିଦିନ ବାହାରକୁ ଯିବାକୁ ପଡୁଛି ସେମାନେ ଖରା ପ୍ରଭାବରୁ ତ୍ୱଚାକୁ ସୁରକ୍ଷିତ ରଖିବାଲାଗି ପ୍ରତି ୨ରୁ ୩ ଘଣ୍ଟା ବ୍ୟବଧାନରେ ଥରେ ସନ୍‌ସ୍କ୍ରିନ୍ ଲଗାଇବା ନିହାତି ଆବଶ୍ୟକ। ତେବେ ସନ୍‌ସ୍କ୍ରିନ୍ ଏସ୍‌ପିଏଫ୍ ୫୦ଯୁକ୍ତ ହୋଇଥିଲେ ତାହା ତ୍ୱଚାକୁ ସୂର୍ଯ୍ୟ ହାନିକାରକ କିରଣରୁ ସୁରକ୍ଷା ପ୍ରଦାନ କରିଥାଏ। ଯେଉଁମାନେ ଘରେ ରହୁଛନ୍ତି ସେମାନେ ବି ଦିନ ବେଳା ସନ୍‌ସ୍କ୍ରିନ୍ ଲଗାଇବା ଦରକାର।
- ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ପାଇଁ ସନ୍‌ସ୍କ୍ରିନ୍ ସମ୍ପୂର୍ଣ୍ଣ ସମାଧାନର ବାଟ ନୁହେଁ। ତେଣୁ ଖରାଦିନେ ବାହାରକୁ ଯିବାବେଳେ ଏହାକୁ ଲଗାଇବା ସହିତ କଟନ୍ କପଡ଼ାରେ ମୁହଁକୁ ଘୋଡ଼ାଇବାକୁ ଆଦୌ ଭୁଲନ୍ତୁ ନାହିଁ। ଏହା ବ୍ୟତୀତ ମୁଣ୍ଡରେ କ୍ୟାପ୍ ଲଗାନ୍ତୁ ଏବଂ ଚାଲିବା ବେଳେ ଛତା ଧରନ୍ତୁ।
- ମୁହଁରେ ଆଲୋଭେରା ଜେଲ୍, ଗୋଲାପ ଜଳ ଏବଂ କାକୁଡ଼ି ଲଗାଇଲେ ଟ୍ୟାନିଂ ସମସ୍ୟା ଦୂର ହୋଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ଗ୍ଲୋ ମଧ୍ୟ ବଢ଼ାଇଥାଏ।
- ଦହି, ବେସନ ପ୍ୟାକ୍ ଲଗାଇଲେ ମଧ୍ୟ ଖରାଦିନେ ସ୍କିନ୍ ଡଲ୍‌ନେସ୍ ଦୂର ହୋଇଥାଏ। ଏହା ତ୍ୱଚାକୁ ସୁନ୍ଦର ଏବଂ ଅଏଲ୍‌ଫ୍ରି ରଖିବାରେ ସାହାଯ୍ୟ କରେ।
- ଯଦି ପ୍ରତିଦିନ ଖରାରେ ବାହାରକୁ ଯିବା ଫଳରେ ସ୍କିନ୍ କଲର ଡଲ୍ ଲାଗୁଛି ତେବେ ବେସନ, ଦହି ପ୍ୟାକ୍ ଲଗାବା ଦ୍ୱାରା ସ୍କିନ୍ ଟୋନ୍ ବ୍ରାଇଟ୍ ହେବ।
- ଖରାଦିନେ ସ୍କିନ୍‌କୁ ଠିକ୍ ରଖିବା ଲାଗି ନାଇଟ୍ କେୟାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ରାତିରେ ମୁହଁ ଧୁଅନ୍ତୁ, କେମିକାଲ୍‌ଯୁକ୍ତ କୌଣସି ଫେସ୍‌ୱାଶ୍ କିମ୍ବା କ୍ରିମ୍ ଆଦି ବ୍ୟବହାର କରନ୍ତୁ ନାହିଁ। ମୁହଁ ଧୋଇବା ପରେ ଟୋନର୍ ଲଗାନ୍ତୁ।



## ଖାଦ୍ୟରୁଚି // ଜହ୍ନି ଚୋପା ଚଟଣି



**ଆବଶ୍ୟକ ସାମଗ୍ରୀ:** ଏକ କପ୍ ଜହ୍ନି ଚୋପା, ମଧ୍ୟମ ଆକାରର ଟମାଟୋ ୨ଟି, ରାଶି ୧୦୦ଗ୍ରାମ, ତେଲ ଏକ ବଡ଼ ଚାମଚ, ଚିନି ୨ ଛୋଟ ଚାମଚ, ରସୁଣ କୋଳା ୫ଟି, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଜହ୍ନିକୁ ଭଲ ଭାବେ ଧୋଇ ଗ୍ରେଟର ସାହାଯ୍ୟରେ ଏହାର ଚୋପା ଛଡ଼ାନ୍ତୁ। ଏହାକୁ ଭଲ ଭାବେ ଧୋଇ ପାଣିରେ ଅଧଘଣ୍ଟା ଭିଜେଇ ଦିଅନ୍ତୁ। ଏହାକୁ ଛାଣି ସେଥିରେ ଟମାଟୋକୁ ଛୋଟ ଛୋଟ କାଟି ମିଶାନ୍ତୁ। ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରି ସେଥିରେ ଏସବୁ ପକାଇ କିଛି ସମୟ ଭାଜନ୍ତୁ। ଭାଜି ହୋଇଗଲେ ସେଥିରେ ଛୋଟ ଛୋଟ କଟା ରସୁଣ, ଲଙ୍କା ଗୁଣ୍ଡ ଏବଂ ଲୁଣ ପକାଇ ଅଳ୍ପ ଭାଜି ଚୁଲା ବନ୍ଦ କରିଦିଅନ୍ତୁ। ଗରମ କମିଯିବା ପରେ ସେଥିରେ ଅଳ୍ପ ପାଣି ମିଶାଇ ଗ୍ରାଇଣ୍ଡ କରି ଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢ଼ି ତା' ଉପରେ ଅଳ୍ପ ରାଶି ପକାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଜହ୍ନି ଚୋପା ଚଟଣି।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୯/୨୦୨୫ Bhubaneswar, Tuesday, April 29/ 2025

# ଟି୨୦ରେ ବୈଭବଙ୍କ ରେକର୍ଡ

**ଜୟପୁର,୨୮।୪**

ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ ବଳରେ ଏକ ହାଇସ୍କୋରିଂ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ୮ ଉଇକେଟରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ଗୁଜରାଟ ଦ୍ୱାରା ପ୍ରଦତ୍ତ ୨୧୦ ରନର ଟାର୍ଗେଟକୁ ରାଜସ୍ଥାନ ୧୫.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ରାଜସ୍ଥାନର ତୃତୀୟ ବିଜୟ ଏବଂ ଏହି ବିଜୟ ସହ ଦଳ ତା'ର ପ୍ଲେଅଫ୍ ଆଶା ଉଜ୍ଜୀବିତ ରଖିଛି।

## ଗୁଜରାଟକୁ ହରାଇଲା ରାଜସ୍ଥାନ

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୯ ରନ କରିଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ୩୦ ବଲରେ ୩୯ ଏବଂ ଅଧିନାୟକ ଶୁବମନଗିଲ ୫୦ ବଲରେ ୫ ଚୌକା ଓ ୪ ଛକା ବଳରେ ୮୪ ରନ କରିଥିଲେ। ଶେଷ ଆଡ଼କୁ ବଟଲର ୨୬ ବଲରେ ୩ ଚୌକା ଓ ୪ ଛକା ସହିତ ୫୦ ରନ କରି ଅପରାଜିତ ରହିଥିଲେ। ଫଳରେ ଗୁଜରାଟ ରାଜସ୍ଥାନ ପକ୍ଷରୁ ମହିଶ ଥିକସାନା ଦୁଇ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନକୁ ୧୪ ବର୍ଷୀୟ ବୈଭବ ଓ ଯଶସ୍ୱୀ ଜୟସ୍ୱାଲ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଗ୍ରାଉଣ୍ଡର ଚାରିଆଡ଼େ ଛକା ଓ ଚୌକା ବର୍ଷା କରି ୧୧.୫ ଓଭରରେ ୧୬୬ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ୩୫ ବଲରେ ଶତକ ପୂରଣ କରିଥିବା ସୂର୍ଯ୍ୟବଂଶୀ ମୋଟ ଉପରେ ୩୮ ବଲରେ ୧୦୧ ରନ କରି ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୧୧ ଛକା ସାମିଲ ଥିଲା। ନଂ-୩ରେ ଆସିଥିବା ନୀତିଶ ରାଣା (୪) ବିଫଳ ହୋଇଥିଲେ। ଏହାପରେ ଜୟସ୍ୱାଲ ଓ ଅଧିନାୟକ ରିୟାନ ପରାଗ ଅବିଭାଜିତ ତୃତୀୟ ଉଇକେଟରେ ୪୧ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଜୟସ୍ୱାଲ ୪୦ ବଲରେ ୭୦ (୯ ଚୌକା ଓ ୨ ଛକା) ଓ ପରାଗ ୧୫ ବଲରେ ୩୨ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୦୯/୪( ଶୁବମନ ଗିଲ-୮୪, ସାଇ ଜୋଶ ବଟଲର-୫୦*, ସୁଦର୍ଶନ-୩୯, ମହିଶ ଥିକସାନା-୨/୩୫, ସନ୍ଦୀପ ଶର୍ମା-୧/୩୩, ଜୋଫ୍ରା ଆର୍ଚ୍ଚର-୧/୪୯)। ରାଜସ୍ଥାନ ରୟାଲ୍ସ: ୧୫.୫ ଓଭରରେ ୨୧୨/୨ (ବୈଭବ ସୂର୍ଯ୍ୟବଂଶୀ-୧୦୧, ଯଶସ୍ୱୀ ଜୟସ୍ୱାଲ-୭୦*, ରିୟାନ ପରାଗ-୩୨*, ରଶିଦ ଖାନ-୧/୨୪)।

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**
**ଦିଲ୍ଲୀ ବନାମ କୋଲକାତା**
**ସ୍ଥାନ: ଦିଲ୍ଲୀ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ଶତକ ହାସଲ ପରେ ବୈଭବ ସୂର୍ଯ୍ୟବଂଶୀ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୦ | ୬ | -୦.୩୪୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |

### ଟି୨୦ରେ ସର୍ବକନିଷ୍ଠ ସେଞ୍ଚୁରିଆନ

୧୪ ବର୍ଷ ୩୨ ଦିନ: ବୈଭବ ସୂର୍ଯ୍ୟବଂଶୀ, ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ
୧୮ ବର୍ଷ ୧୧୮ ଦିନ: ବିଜୟ ଜୋଲ୍: ମହାରାଷ୍ଟ୍ର ବନାମ ମୁମ୍ବାଇ
୧୮ ବର୍ଷ ୧୭୯ ଦିନ: ପରଭେଜ ହୋସେନ, ଇମନ ବରିଶଲ ବନାମ ରାଜଶାହି
୧୮ ବର୍ଷ ୨୮୦ ଦିନ: ଗୁସ୍ତାଭ ମ୍ୟାକକେଓନ, ଫ୍ରାନ୍ସ ବନାମ ସ୍ୱିଜରଲାଣ୍ଡ

### ଆଇପିଏଲ୍‌ରେ ଦ୍ରୁତତମ ଶତକ

୩୦ ବଲ: କ୍ରିସ୍ ଗେଲ୍, ଆରସିବି ବନାମ ପିଡବ୍ଲ୍ୟୁଆଇ, ବେଙ୍ଗାଲୁରୁ, ୨୦୧୩
୩୫ ବଲ: ବୈଭବ ସୂର୍ଯ୍ୟବଂଶୀ, ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ, ଜୟପୁର, ୨୦୨୫
୩୭ ବଲ୍: ୟୁସୁଫ ପଠାନ, ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ୨୦୧୦

# ୨୦୨୮ ସୁଦ୍ଧା ଆଇପିଏଲ୍ ସିଜନରେ ୯୪ ମ୍ୟାଚ୍

**ନୂଆଦିଲ୍ଲୀ,୨୮।୪**

ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ୍)ରେ ୮୪ ମ୍ୟାଚ୍ ଖେଳାଯିବାର ଯୋଜନା ଥିଲା। କିନ୍ତୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଓ ବ୍ରଡ୍‌କାଷ୍ଟରମାନେ ଅତ୍ୟଧିକ ଡବଲ ହେଡର ମ୍ୟାଚ୍ ଚାହୁଁ ନ ଥିବାରୁ ଚଳିତ ଆଇପିଏଲ୍‌ରେ ମ୍ୟାଚ୍ ସଂଖ୍ୟାକୁ ବୃଦ୍ଧି କରାଯାଇ ନ ଥିଲା। ହେଲେ ଟୁର୍ନାମେଣ୍ଟର ମ୍ୟାଚ୍ ସଂଖ୍ୟାକୁ ଭବିଷ୍ୟତରେ ବୃଦ୍ଧି କରିବାକୁ ଯୋଜନା ରଖାଯାଇଛି। ଫ୍ୟୁଚର ଟୁର୍ସ ପ୍ରୋଗ୍ରାମ(ଏଫ୍‌ଟିପି)ରେ ଆଇପିଏଲ୍ ଲାଗି ମାର୍ଚ୍ଚ ମଧ୍ୟରୁ ମେ' ଶେଷପର୍ଯ୍ୟନ୍ତ ସ୍ଲଟ୍ ଧାର୍ଯ୍ୟ କରାଯାଇଛି।

ଆଇପିଏଲ୍ ଚେୟାରମ୍ୟାନ ଅରୁଣ ଧୁମାଲ କହିଛନ୍ତି, ୨୦୨୮ରୁ ଆରମ୍ଭ ହେବାକୁ ଥିବା ପରବର୍ତ୍ତୀ ମିଡିଆ ରାଇଟ୍ସ ସାଇକେଲରେ ବିସିସିଆଇ ଗୁରୁତର ସହ ଟୁର୍ନାମେଣ୍ଟକୁ ବିସ୍ତାର କରିବା ସମ୍ପର୍କରେ ଚିନ୍ତା କରିବ। ଆମେ ଏ ସମ୍ପର୍କରେ ଆଇସିସି ସହ ଆଲୋଚନା କରୁଛୁ। ଦ୍ୱିପାକ୍ଷିକ ସିରିଜ ଓ ଆଇସିସି ଇଭେଣ୍ଟ ପ୍ରତି ପ୍ରଶଂସକଙ୍କ ଆଗ୍ରହ ହ୍ରାସ ପାଉଥିବାରୁ ଆମକୁ ଏ ସମ୍ପର୍କରେ ଅଧିକ ଗୁରୁତ୍ୱର ସହ ବିଚାର କରିବାର ଆବଶ୍ୟକତା ରହିଛି। ଆମକୁ ବର୍ତ୍ତମାନ ମିଳୁଥିବା ସ୍ଲଟ୍‌ଠାରୁ ବଡ଼ ସ୍ଲଟ୍‌ର ଆବଶ୍ୟକତା ପଡ଼ିପାରେ। ଟୁର୍ନାମେଣ୍ଟର ମ୍ୟାଚ୍ ସଂଖ୍ୟା ୭୪ରୁ ୯୪କୁ ବୃଦ୍ଧି କରାଯାଇପାରେ। ଯାହାଫଳରେ ପ୍ରତ୍ୟେକ ଦଳ ବିପକ୍ଷରେ ହୋମ୍ ଆଣ୍ଡ ଆୱେ ଫର୍ମାଟ୍‌ରେ ଖେଳିପାରିବେ। ଚଳିତବର୍ଷ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରାଯିବାର ଯୋଜନା ଥିଲା। କିନ୍ତୁ ଜାନୁଆରୀରୁ ଭାରତୀୟ ଖେଳାଳିଙ୍କ କାର୍ଯ୍ୟସୂଚୀ ଖୁବ୍ ବ୍ୟସ୍ତବହୁଳ ରହିଥିଲା। ଦଳ ଅଷ୍ଟ୍ରେଲିଆରୁ ଆସିବା ପରେ ଚାମ୍ପିୟନ୍ସ ଟ୍ରଫି ଲାଗି ଦୁବାଇ ଯାଇଥିଲା। ଏଥିଯୋଗୁ ପୂର୍ବ ବର୍ଷ ଭଳି ଚଳିତଥର ୭୪ ମ୍ୟାଚ୍ ଖେଳାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଯେତେବେଳେ ସମୟ ଉଚିତ ଅନୁଭବ ହେବ, ଆମେ ନିଶ୍ଚିତ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରିବୁ।

# ଶୋଏବ ଅଖ୍ତରଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଭାରତରେ ନିଷିଦ୍ଧ

**ନୂଆଦିଲ୍ଲୀ,୨୮।୪(ପି.ଟି.)**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଜାତୀୟ ସୁରକ୍ଷା ସମ୍ପର୍କିତ ସରକାରୀ ନିର୍ଦ୍ଦେଶ ପ୍ରକାଶ ପାଇବା ପରେ ପାକିସ୍ତାନର ପୂର୍ବତନ କ୍ରିକେଟର ଶୋଏବ ଅଖ୍ତର ଓ ବସିତ ଅଲୀଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ଭାରତରେ ନିଷିଦ୍ଧ କରି ଦିଆଯାଇଛି। ଏପ୍ରିଲ ୨୨ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ଅନେକ ପାକିସ୍ତାନୀ ଚ୍ୟାନେଲ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପରାମର୍ଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।

# ଓଡ଼ିଶାର ରାକେଶ ଜାତୀୟ ଜିମ୍ନାଷ୍ଟିକ୍ସ କୋଚ୍

**ଭୁବନେଶ୍ୱର, ୨୮।୪ (ତପନ ସ୍ୱାଇଁ)**

ଓଡ଼ିଶା ଜିମ୍ନାଷ୍ଟିକ୍ସ ଇତିହାସରେ ଏକ ନୂତନ ଫର୍ଦ୍ଦ ସଂଯୋଗ କରିଛନ୍ତି ତାରକା ଜିମ୍ନାଷ୍ଟ ରାକେଶ କୁମାର ପାତ୍ର। ଓଡ଼ିଶାର ପ୍ରଥମ ଜିମ୍ନାଷ୍ଟ ଭାବେ ସେ ଭାରତୀୟ ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଦଳର କୋଚ୍ ନିଯୁକ୍ତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ନିଯୁକ୍ତ ହୋଇଥିବା କୋଚ୍‌ଙ୍କ ମଧ୍ୟରେ ରାକେଶ ସର୍ବକନିଷ୍ଠ। ଏପରି କୃତିତ୍ୱ ପାଇଁ ରାକେଶଙ୍କୁ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ତଥା ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଅଶୋକ କୁମାର ସାହୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି, ସମ୍ପାଦକ ଅଭିଜିତ ପାଲ, କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ରାକେଶଙ୍କୁ ଅଭିନନ୍ଦନଜ ଜଣାଇଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ